

୫ରେ ବୁଡ଼ ପକାଇବେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସିଲଭର୍ ସ୍କ୍ରିନ୍‌ରେ ପରବିନ୍ ହେବେ ତୃପ୍ତି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୬ Vol. 21 No-306 4 FEBRUARY 2025 TUESDAY BHUBANESWAR ମଙ୍ଗଳବାର, ୪ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୧୩ରେ ଟ୍ରମ୍ପଙ୍କୁ ଭେଟିବେ ମୋଦୀ

ନୂଆଦିଲ୍ଲୀ,୩।୨: ଆସନ୍ତା ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ସୂଚନା ମିଳିଛି। ୧୨ ତାରିଖରେ ମୋଦୀ ୱାଶିଂଟନ ଡିସିରେ ପହଞ୍ଚି ୧୩ରେ ଟ୍ରମ୍ପଙ୍କୁ ଭେଟିବେ। ଏଥିସହ ଆମେରିକାର କର୍ପୋରେଟ ଲିଡର ଓ ସେଠାରେ ଥିବା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଶ୍ରୀ ମୋଦୀ ଭେଟିବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖରେ ସେ ଦିଲ୍ଲୀ ଫେରିବେ ।

### ସୋନିଆଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

ନୂଆଦିଲ୍ଲୀ,୩।୨: ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପୁଅର ଲେଡି କହିବା ପ୍ରସଙ୍ଗରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ ଲୋକସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯାଇଛି। ବିଜେପିର ଜଣେ ସାଂସଦ ଏହି ନୋଟିସ ଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସାଂସଦ ପପୁ ଯାଦବଙ୍କ ବିରୋଧରେ ମଧ୍ୟ ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯାଇଥିବା ଜଣାପଡ଼ିଛି।

### ପୂର୍ବତନ ଜିଲ୍ଲାପାଳଙ୍କ ନାମରେ ଏନବିଡବ୍ଲୁ

ମାଲକାନଗିରି,୩।୨(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ମାଲକାନଗିରି ଜିଲ୍ଲାର ପୂର୍ବତନ ଜିଲ୍ଲାପାଳଙ୍କ ସହଯୋଗୀ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ଏସଡିଜେଏମ୍ ଅଦାଲତ ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। କୋର୍ଟରେ ହାଜର ନ ହେବାରୁ ଏହା ଜାରି କରାଯାଇଛି। ୨୦୧୯ ଡିସେମ୍ବରରେ ଦେବନାରାୟଣଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା।

ସେନ୍‌ସେକ୍ସ: ୭୭,୧୮୬.୭୪
ସର୍ବାଧିକ: ୩୨.୦ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ

**୩।୨।୨୦୨୫ ର ମତାମତ**

ବିକଶିତ ଗାଁ, ବିକଶିତ ଓଡ଼ିଶା ଗାଁ ଗୁଡ଼ିକର ବିକାଶରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ରେଳ ବଜେଟ୍‌ରେ ଓଡ଼ିଶାକୁ ଦିଆଯାଇଥିବା ଅର୍ଥ ବିକାଶ ଦିଗରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ଲୋକଙ୍କ ସହ ଅଛନ୍ତି ସରକାର



- ତ୍ୱରିତ ସମାଧାନ ପାଇଁ ପଦକ୍ଷେପ
- ୮୧% ମାମଲାର ସମାଧାନ
- ଦିବ୍ୟାଙ୍ଗ କିଶୋରକୁ ପଠାଇଲେ ହସ୍ପିଟାଲ
- ବିରଳ ରୋଗର ଚିକିତ୍ସା ପାଇଁ ନାବାଳିକାକୁ ରିଲିଫ ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର,୩।୨(ଭାସ୍କର ନ୍ୟୁଜ): ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ଅଷ୍ଟମ ପାଳି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକ କ୍ରିୟାଶୀଳ ହୋଇଛି । ମୁଖ୍ୟମନ୍ତ୍ରୀ, ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି । ସୋମବାର ବୌଦ୍ଧ ଜିଲ୍ଲାର ହେରମ୍ବ ଗିରି ତାଙ୍କ ୭ ବର୍ଷର ଝିଅ ପ୍ରତ୍ୟୁଷା ଗିରିଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ । ଝିଅଟି ଜେରୋଡର୍ମା ନାମକ ଏକ ଜଟିଳ ରୋଗରେ ପୀଡ଼ିତ । ଏହି ରୋଗର ଚିକିତ୍ସା ମଧ ବହୁ ବ୍ୟୟସାପେକ୍ଷ । ଗତ ଡିସେମ୍ବର ୩୦ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସି ଦେଖା କରିଥିଲେ । ମୁଖ୍ୟମନ୍ତ୍ରୀ ପିଲାଟିର ଅବସ୍ଥା ଦେଖି ତାକୁ ତୁରନ୍ତ କ୍ୟାପିଟାଲ ହସପିଟାଲ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କଟକ ବଡ଼ ମେଡିକାଲକୁ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା କରିଥିଲେ । ଏକମାସ ଚିକିତ୍ସା ହୋଇ ଫେରିବା ପରେ ସେ ସୋମବାର ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଆସି ସହାୟତା ପାଇଁ ଦେଖା କଲେ । ମୁଖ୍ୟମନ୍ତ୍ରୀ ଗୋଟିଏ ପିଲାର କଷ୍ଟ ଓ ତା ବାପା ମା'ଙ୍କ ଅସହାୟତାକୁ ହୃଦୟଙ୍ଗମ କରି ଅଭିଯୋଗ ପ୍ରକୋଷ୍ଠରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ତ୍ୱରିତ ସହାୟତା ଅନୁମୋଦନ କରି ତୁରନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ । ଏଥି ସହିତ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଘର ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ହେରମ୍ବ ଗିରି ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ମୁଁ ଯେଉଁ ଆଶା ନେଇ ଆସିଥିଲି ସେହି ଆଶା ପୂରଣ ● ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ରେଳମନ୍ତ୍ରୀଙ୍କ ସୂଚନା

# ଓଡ଼ିଶା ପାଇଁ ୧୦,୫୯୯ କୋଟି ବ୍ୟୟବରାଦ

- ୧୦୦ ଅମୃତ ଭାରତ, ୨୦୦ ବନ୍ଦେ ଭାରତକୁ ମଞ୍ଜୁରି
- ଅମୃତ ଷ୍ଟେସନ ପାଇଁ ୨୩୭୯ କୋଟି
- ୭୮ହଜାର କୋଟିର ପ୍ରକଳ୍ପ ନିର୍ମାଣ ଜାରି
- ୧୦ବର୍ଷରେ ୨୦୪୬ କିମି ଟ୍ରାକ୍ ନିର୍ମାଣ



ନୂଆଦିଲ୍ଲୀ,୩।୨: ୨୦୨୫-୨୬ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ୍‌ରେ ଓଡ଼ିଶାର ରେଳବାଇ କ୍ଷେତ୍ରପାଇଁ ୧୦,୫୯୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି, ଗତବର୍ଷ ଏହି ବଜେଟ୍ ପରିମାଣ ୧୦,୫୮୬ କୋଟି ଥିଲା। ବିଗତ ୩ଟି ଆର୍ଥିକ ବର୍ଷରେ ଓଡ଼ିଶାର ରେଳବାଇ କ୍ଷେତ୍ରକୁ ବଜେଟ୍‌ରେ ୧୦ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରାଯାଇଛି । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସ୍ୱତନ୍ତ୍ର ଫୋକସ ରହିଥିବା ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଥିଲେ, ଅମୃତ ଭାରତ ଯୋଜନାରେ ଓଡ଼ିଶାର ୫୯ଟି ନୂଆ ରେଳଷ୍ଟେସନ କାର୍ଯ୍ୟ ଜାରି ରହିଛି। ୧୦୦ ଅମୃତ ଭାରତ ଟ୍ରେନ୍ ଓ ୨୦୦ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ନେଇ ମଞ୍ଜୁରି ମିଳିଛି। ଏବେ ରାଜ୍ୟରେ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲିଥିବାବେଳେ ଆଗାମୀ ଦିନରେ ଅର୍ଥାତ୍ ଖୁବ୍‌ଶୀଘ୍ର ଆଉ ନୂଆ ଟ୍ରେନ୍ ଚାଲିବ। ଓଡ଼ିଶାରେ ରେଳବାଇର ୧୦୦ ପ୍ରତିଶତ ବିଦ୍ୟୁତକରଣ କାର୍ଯ୍ୟ ଶେଷ ହୋଇଛି। ବିଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ୨୦୪୬ କିମିର ନୂଆ ଟ୍ରାକ୍ ନିର୍ମାଣ କରାଯାଉଛି, ଯାହାକି ମାଲେସିଆ ଭଳି ଦେଶର ସଂପୂର୍ଣ୍ଣ ରେଳଲାଇନଠାରୁ ଯଥେଷ୍ଟ ଅଧିକ । ଆଗାମୀ ୬ ବର୍ଷ ମଧ୍ୟରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ କବଚ ସୁରକ୍ଷା କାର୍ଯ୍ୟ ଶେଷ ହେବ। ୨୦୨୪ ଜୁଲାଇରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୮୯୮ କିମି ରେଳ ଲାଇନରେ କବଚ କାର୍ଯ୍ୟ ଚାଲୁ ରହିଛି। ସେହିଭଳି ରେଳବାଇ ସୁରକ୍ଷା ପାଇଁ ମାର୍ଚ୍ଚ ସୁଦ୍ଧା ୧ଲକ୍ଷ ୫୪ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୩୪ଟି ଷ୍ଟେସନରେ ୱାଇଫାଇ କାର୍ଯ୍ୟ ଶେଷ ହୋଇଛି। ତେବେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଓଡ଼ିଶାରେ ରେଳବାଇ କ୍ଷେତ୍ରର ବିକାଶ ପାଇଁ କେଉଁ ବାବଦରେ କେତେ ବ୍ୟୟବରାଦ ରହିଛି ସେ ନେଇ ବିସ୍ତୃତ ତଥ୍ୟ ଦିଆଯିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ।

## ଅମୃତ ସ୍ନାନ ପାଇଁ ପ୍ରୟାଗରାଜରେ କଡ଼ା ସୁରକ୍ଷା

# ବୁଡ଼ ପକାଇଲେ ୨ କୋଟି ଶ୍ରଦ୍ଧାଳୁ



ପ୍ରୟାଗରାଜ,୩।୨: ପ୍ରୟାଗରାଜର ସଙ୍ଗମରେ ଚାଲିଥିବା ମହାକୁମ୍ଭରେ ସୋମବାର ବସନ୍ତ ପଞ୍ଚମୀ ଅମୃତ ସ୍ନାନ ପାଇଁ ୨କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ରବିବାର ସୁଦ୍ଧା ମହାକୁମ୍ଭରେ ୩୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ସ୍ନାନ କରିଥିବାବେଳେ ସୋମବାରର ଅମୃତ ସ୍ନାନ ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତୀର୍ଥଯାତ୍ରୀଙ୍କୁ ସୁରୁଖୁରୁରେ ସ୍ନାନ କରାଇବା ସହ ● ପୃଷ୍ଠା ୫ ଦେଖନ୍ତୁ

### ଦଳାଚକଟା ଘଟଣା ଦୁର୍ଭାଗ୍ୟଜନକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୨: ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟା ଘଟଣାରେ ଦାଏର ହୋଇଥିବା ଏକ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି। କିନ୍ତୁ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ବିଚାରପତି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଦଳାଚକଟା ଘଟଣାକୁ ଦୁର୍ଭାଗ୍ୟଜନକ ଓ ଚିନ୍ତାଜନକ ବୋଲି କହିଛନ୍ତି। ଖଣ୍ଡପୀଠ ଏହି ମାମଲାରେ ଆବେଦନକାରୀଙ୍କୁ ଆହ୍ଲାବାଦ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଛନ୍ତି। ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରାଯାଇଛି। ସୂଚନାଯୋଗ୍ୟ ଯେ ଗତମାସ ୨୯ ତାରିଖରେ ମହାକୁମ୍ଭରେ ଦଳାଚକଟାରେ ୩୦ଜଣଙ୍କ ଜୀବନ ଯାଇଥିଲା।

## ଚନ୍ଦ୍ରଭାଗାରେ ମେଳା ପଡ଼ିଆ ଲୋକାରଣ୍ୟ

# ବୁଡ଼ ପାଇଁ ସୁରକ୍ଷା କଡ଼ାକଡ଼ି

ପୁରୀ /କୋଣାର୍କ,୩।୨(ଭାସ୍କର ନ୍ୟୁଜ): ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ଷଷ୍ଠୀ ଅବସରରେ ପବିତ୍ର ମାଘସପ୍ତମୀ ବୁଡ ପକାଇବା ନିମନ୍ତେ ଭାରତ ବର୍ଷର ବିଭିନ୍ନ କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ ଯେ ମାଧିପୁର ଗ୍ରାମର ଆରାଧ ଦେବତା ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁର ଗ୍ରାମର ବାବା ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ମହାଦେବ ମାଘ ଷଷ୍ଠୀ ରାତି ୯ଘ ୪୫ ମିନିଟ ଠାରୁ ୧୦ଟା ୧୫ ମିନିଟ ସମୟ ମଧ୍ୟରେ ସୁସଜ୍ଜିତ ବିମାନରେ ବିଜେ କରିବା ପରେ ଧାର୍ମିକ ରୀତିନୀତି ଅନୁଯାୟୀ ପୀଠରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନ କରାଯିବାର ନୀତି ନିର୍ଘଣ୍ଟ ହୋଇଛି। ତ୍ରିଶମ୍ଭୁଙ୍କ ନିଜ ନିଜର ପୀଠରୁ ବାହାରି ରାତ୍ର ୧ଘ ୩୦ ମିନିଟ ସମୟରେ କୋଣାର୍କ ଏନଏସି ସ୍ଥିତ ଭୋଗ ମଣ୍ଡପ ଠାରେ ପହଞ୍ଚିବା ପରେ ସୁସଜ୍ଜିତ ବେଦୀରେ ବିରାଜମାନ କରିବା ପରେ ତିନି ଠାକୁରଙ୍କ



ନିକଟରେ ଭୋଗ ଲାଗି ସହ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟ କରାଯିବ। ପରେ ପରେ ତ୍ରିଶମ୍ଭୁଙ୍କ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ କୋଣାର୍କ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ଠାରେ ଭୋଗ ଲାଗି କରାଯିବା ପରେ ଉଜ୍ଜଳ ଆଲୋକ ଓ ବର୍ଣ୍ଣାଢ୍ୟ ସାଜସଜା ମଧ୍ୟରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ଆରମ୍ଭ କରିବାର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ରାତ୍ର ୪ଟା ସମୟରେ ତ୍ରିଶମ୍ଭୁ ଚନ୍ଦ୍ରଭାଗା ସ୍ଥିତ ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ଅବସ୍ଥାନ କରିବା ପରେ ପବିତ୍ର ତୀର୍ଥ ପୁଷ୍କରିଣୀରୁ ବରିଷ୍ଠ ସେବାୟତ ମାନେ ପୁଣ୍ୟ ଜଳ ଆଣି ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ତିନି ଠାକୁରଙ୍କ ମହାସ୍ନାନ ବିଧି ସମ୍ପନ୍ନ ପରେ ଭୋର ୪ଟା ୩୭ ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନେ ପବିତ୍ର ମାଘସପ୍ତମୀ ବୁଡ ପକାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ ଚନ୍ଦ୍ରଭାଗା ମେଳା ହୋଇଛି ଲୋକାରଣ୍ୟ। ମେଳା ପଡ଼ିଆରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ବାଉଁଶ କଣି ଓ ବରଡାରେ ନିର୍ମିତ ଚାଂଚରେ କୁଡିଆ ତିଆରି କରି ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ଏହି ବ୍ୟଞ୍ଜନ ପ୍ରସ୍ତୁତି ହେବା ପରେ ଅର୍କାଦିତ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ପରେ ଶ୍ରଦ୍ଧାଳୁ ଭକ୍ତମାନେ ପ୍ରସ୍ତୁତ କରିଥିବା ଖାଦ୍ୟ ଭୋଜନ କରି ନିକଟସ୍ଥ ହାଣ୍ଡି ଭଙ୍ଗା ପୁଷ୍କରିଣୀ ଠାରେ ମାଟି ହାଣ୍ଡି ବାଡେଇବା ପରମ୍ପରା ଅତୀତ ପ୍ରାଚୀନ ଓ କାହିଁ କେଉଁ ଆବାହମାନ କାଳରୁ ରହିଛି। ପବିତ୍ର ମାଘସପ୍ତମୀ ବୁଡ ଅବସରରେ କୋଣାର୍କ ଗ୍ରାମ୍ୟ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଜନତାଙ୍କ ପାଇଁ ଉଦ୍ଦିଷ୍ଟ ବଜେଟ
ବିକାଶକୁ ଦେବ ନୂତନ ଦିଶା,
ସବୁ ରାଜ୍ୟ ଭଳି ପ୍ରଗତି ପଥରେ
ଦଉଡ଼ି ଚାଲିବ ଆମ ଓଡ଼ିଶା ।
ବଢ଼ିବ ଇନ୍‌କମ୍, ଟଙ୍କାପଇସା
ବାରଲକ୍ଷ ଯାଏଁ ଟିକସ ରିଆତି
ମନ ଇଛା ଖାଅ ଇଟିଲି, ଦୋସା !

## ପାଣିପାଗ ବିଭାଗର ସୂଚନା

# ଆହୁରି ୫ ଦିନ ବଢ଼ିବ ତାତି

ଭୁବନେଶ୍ୱର,୩।୨(ଭାସ୍କର ନ୍ୟୁଜ): ଫେବୃଆରୀରେ ଶୀତ ଗାଏବ। ଅସମ୍ଭାଳ ଖରା। ସକାଳୁ କୁହୁଡ଼ି। କୁହୁଡ଼ି ଛାଡିବା ପରେ କିଛି ସମୟ ପାଗ ମାନ୍ଦା। ସକାଳୁ ଆକାଶ ସଂପୂର୍ଣ୍ଣ ନିର୍ମଳ ହୋଇଯାଉଥିବାବେଳେ ଧିରେ ଧିରେ ଟାଇଁ ଟାଇଁ ଖରା ଆରମ୍ଭ ହୋଇଯାଉଛି। ଦିନ ଯେତେ ବଢୁଛି, ତାତିର ପ୍ରକୋପ ମଧ୍ୟ ବୃଦ୍ଧି ପାଉଛି। ଗରମ ଝାଞ୍ଜି ପବନ ମଧ୍ୟ ଅନୁଭୂତ ହେଉଛି। ସାଧାରଣତଃ ପୂର୍ବବର୍ଷମାନଙ୍କରେ ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ଶୀତ ରହିଥାଏ। କିନ୍ତୁ ଚଳିତବର୍ଷ ଜଳବାୟୁ ପରିବର୍ତ୍ତନ ଯୋଗୁ ଏହାର ବ୍ୟତିକ୍ରମ



ଦେଖା ଦେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିର ପ୍ରଭାବ ଅଧିକ ରହିବ। ଏପରିକି ପାରଦ ଉପରକୁ ଉଠିବ। ବିଶେଷକରି ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼,ବଲାଙ୍ଗୀର, କଳାହାଣ୍ଡି, ଗଜପତି, ନୂଆପଡ଼ା, ଅନୁଗୋଳରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତାପମାତ୍ରା ବୃଦ୍ଧି ସହ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନକୁହୁଡ଼ି ଦେଖିବାକୁ ମିଳିଛି। ଘନକୁହୁଡ଼ି ନେଇ ୧୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ନୟାଗଡ଼ରେ ଘନକୁହୁଡ଼ି ନେଇ ସତର୍କ ସୂଚନା ଦିଆଯାଇଛି। ସେହିଭଳି ୫ ତାରିଖ ପାଇଁ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ● ପୃଷ୍ଠା ୫ ଦେଖନ୍ତୁ

## ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ

# ୫ରେ ଭୋଟ୍ ଗ୍ରହଣ

ନୂଆଦିଲ୍ଲୀ,୩।୨: ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟା ୫ଟାରେ ପ୍ରଚାର ଶେଷ ହୋଇଛି। ପ୍ରଚାରର ଶେଷ ଦିନରେ ବିଭିନ୍ନ ରାଜନୈତିକ ଦଳର ହେଭିୱେଟମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଘମାଘୋଟ ପ୍ରଚାର କରିଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଜନସଭା, ରାଲି, ରୋଡ ଶୋ, ପଦଯାତ୍ରା ସହିତ ଜନସମ୍ପର୍କ ଯାତ୍ରା କରାଯାଇଥିବାର ଦେଖିବାକୁ ମିଳିଥିଲା। ଭୋଟରଙ୍କ ମନ କିଣିବା ପାଇଁ ବିଜେପି, ଆପ୍ ଏବଂ କଂଗ୍ରେସ ପକ୍ଷରୁ ସମସ୍ତ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ଦିଲ୍ଲୀ ବିଧାନସଭାର ମୋଟ ୭୦ଟି ଆସନ ପାଇଁ ୬୯୯ଜଣ ପ୍ରାର୍ଥୀ ରହିଛନ୍ତି। ପ୍ରାୟ ଦେଢକୋଟିରୁ ଅଧିକ ଭୋଟର ଏହି ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ମତଦାନ ପାଇଁ ୧୩ହଜାର ୭୬୬ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ୭୦ଟି ମତଦାନ କେନ୍ଦ୍ର ମହିଳାମାନଙ୍କ ପାଇଁ ରହିଥିବାବେଳେ ଦିବ୍ୟାଙ୍ଗଙ୍କ ପାଇଁ ୭୦ଟି ମତଦାନ କେନ୍ଦ୍ର ରଖାଯାଇଛି। ସେହିପରି ଯୁବ ଭୋଟରଙ୍କ ପାଇଁ ୭୦ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ କରିବାକୁ ୧ ଲକ୍ଷରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ୩୫ହଜାର ଯବାନ, ୧୯ ହଜାର ହୋମଗାର୍ଡ ଏବଂ ୨୨୦ କେନ୍ଦ୍ରୀୟ ସୁରକ୍ଷାବଳ କମ୍ପାନୀ ନିୟୋଜିତ କରାଯାଇଛି। ପ୍ରଚାରର ଶେଷ ଦିନରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବିଜେପିର ହେଭିୱେଟ୍‌ମାନେ ଜୋରଦାର ପ୍ରଚାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ଗୃହମନ୍ତ୍ରୀ ଅମିତ ଶାହ ଓ ଅନ୍ୟ ଦଳୀୟ ନେତାମାନେ ବିଭିନ୍ନ ଜନସଭାରେ ଯୋଗଦେଇ ବିଜେପିକୁ ଭୋଟ ଦେବାପାଇଁ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ପ୍ରତି ପରିବାରକୁ ଆମକୁ ଆପଣଙ୍କ ସେବାର ସୁଯୋଗ ଦିଅନ୍ତୁ ବୋଲି କହିଥିଲେ। ଅନ୍ୟପକ୍ଷରେ ଆମ୍ ଆଦ୍‌ମୀ ପାର୍ଟିର ● ପୃଷ୍ଠା ୫ ଦେଖନ୍ତୁ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ଟିପିସିଓଡିଏଲ ଅଧିନରେ ଥିବା କିଶନନଗର ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ସୋମବାର ୧୦ ଦଫା ସମ୍ବଳିତ ଦାବୀ ପତ୍ର ରଘୁନାଥପୁର ଟିପିସିଓଡିଏଲ ଏସଡିଓଙ୍କୁ ପ୍ରଦାନ କରିଛନ୍ତି।ଏସଡିଓଙ୍କ ଅନୁ ଉପସ୍ଥିତିରେ କନିଷ୍ଠଯନ୍ତ୍ରୀ ହ ?ଷିକେଶ ଦାସ ଏହି ଦାବୀପତ୍ର ଗ୍ରହଣ କରିଛନ୍ତି।ଏହି ଦାବୀ ଗୁଡି ମଧ୍ୟରେ ରହିଛି ବଳପୂର୍ବକ ସ୍ମାଟମିଟର ଲଗାଇବା ବନ୍ଦ କରାଯିବା ସହ ଯେଉଁ ମାନଙ୍କ ଘରେ ଲଗାଯାଇଛି ତାହା ଖୋଲାଯାଉ। ସମସ୍ତ ଗରିବ ଲୋକମାନଙ୍କୁ ବିନା ସିକ୍ୟୁରିଟ ଡିପୋଜିଟ ବିନା କଟକଣାରେ ବିଦ୍ୟୁତ ସଂଯୋଗ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ ଥିବା ଗରିବ ଲୋକଙ୍କ ଠାରୁ ପ୍ରତିମାସରେ ମିଟର ରିଡିଙ୍ଗ ଦେୟ,ସ୍କିମ ଆଦାୟ ସହ ମିଟର ବାବଦକୁ ୪୦ ଟଙ୍କା ଆଦାୟ ବନ୍ଦ। ପ୍ରିପେଡ ସ୍ମାଟ ମିଟର ବାତିଲ। ଦିନର ବିଭିନ୍ନ ସମୟ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ବା ଟାଇମ ଅଫ ଡେ ଟ୍ରାଇଫ୍ ବାତିଲ, ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର, ସମଗ୍ର ବିଦ୍ୟୁତ କ୍ଷେତ୍ରକୁ ସରକାର ହାତକୁ ନିଅନ୍ତୁ, ବିଦ୍ୟୁତ ଉପଭୋକ୍ତା ଉପରେ ଜୁଲମ ଓ ବିଭିନ୍ନ ଆଳରେ ବିଦ୍ୟୁତ ସଂଯୋଗ କାଟିବା, ଘନଘନ ବିଦ୍ୟୁତ କାଟ ବନ୍ଦ କରାଯାଉ ଭଳି ଦାବୀ ପତ୍ର ପ୍ରଦାନ କରାଯାଇଛି।ବିଦ୍ୟୁତ ଉପଭୋକ୍ତା ମଞ୍ଚର ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ରେଣୁ ମହାରଣା, ମହମଦ ଅକିକ୍ ଉଦ୍ଦିନ, ଏସ ଏମ୍ ମୁସ୍ତାଫା, ଅକ୍ଷୟ ସେଠୀ ପ୍ରମୁଖ ଉପସ୍ଥିତ ରହି ଏହି ଦାବୀ ପତ୍ର ପ୍ରଦାନ କରିଥିଲେ।

# ‘ଓଡ଼ିଶା ନାଟ୍ୟ ଦିବସ ଓଡ଼ିଆ କଳା-ସଂସ୍କୃତିର ଅସ୍ମିତା, ଗର୍ବ ଓ ଗୌରବର ପ୍ରତୀକ’



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : କଳା ଓ କଳାକାର ହିତୈଷୀ ମହାମଞ୍ଚ ‘ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ’ ଏବଂ ‘ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ’ର ସମ୍ମିଳିତ ଉଦ୍ୟମରେ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ – ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠରେ ‘ଓଡ଼ିଶା ନାଟ୍ୟ ଦିବସ’ ମହାସମାରୋହରେ ପାଳିତ ହୋଇଯାଇଛି। କବିସୂର୍ଯ୍ୟ ବଳଦେବ ରଥ କୃତ କଥପୋକଥନ ଶୈଳୀର କାଳଜୟୀ କାବ୍ୟ ଗ୍ରନ୍ଥ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁକୁ ଓଡ଼ିଆ ନାଟକର ପ୍ରାକ୍ ରୂପେ ବିବେଚନା କରି କବିସୂର୍ଯ୍ୟଙ୍କ ଜନ୍ମଦିନ ଶ୍ରୀପଞ୍ଚମୀ ତିଥିକୁ ଓଡ଼ିଶା ନାଟ୍ୟ ଦିବସ ରୂପେ ଦୀର୍ଘ ପାଞ୍ଚ ବର୍ଷ ଧରି ପାଳନ କରି ଆସୁଥିବା ଏହି ପରମ୍ପରାର ଅୟମାରମ୍ଭ ବୋଲି ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରାସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଳନୋତ୍ସବରେ କଳିଙ୍ଗ ଟିଭି ଦକ୍ଷିଣାଞ୍ଚଳ ପ୍ରମୁଖ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ନନ୍ଦିଘୋଷ ଟିଭି ଜିଲ୍ଲା ପ୍ରମୁଖ ଦେବହରି ବେହେରା, ନାଟ୍ୟସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା, କଳାପ୍ରାଣ କୈଳାସ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଓଟିଭି ଜିଲ୍ଲା ପ୍ରମୁଖ ଅଶୋକ କୁମାର ବ୍ରହ୍ମା କାର୍ଯ୍ୟକ୍ରମର ବିଧିବତ୍ ଉଦ୍ଘାଟନ କରି ସବୁ କଳାକାରଙ୍କୁ ଏକ ପରିବାର ସୂତ୍ରରେ ବାନ୍ଧିବା ପ୍ରୟାସ ହେତୁ ସଂଘ କର୍ମକର୍ତ୍ତାମାନେ ଧନ୍ୟବାଦ ଦେଇ ନିଜସ୍ୱ ମନ୍ତବ୍ୟ ରଖିଥିଲେ। ପରେ ପରେ ସୁନାରେଡି ଗ୍ରାମସ୍ଥ ଶ୍ରୀ ନୃସିଂହନାଥ ନାଟ୍ୟ କଳା ପରିଷଦ ପ୍ରଯୋଜିତ ପ୍ରହଲ୍ଲାଦ ନାଟକ ପରିବେଶିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାସଂଘ ମହାସଚିବ ନୃତ୍ୟାଚାର୍ଯ୍ୟ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ କଳାକାର ତଥା ଶିକ୍ଷାବିତ୍ ଶଙ୍କର୍ଷଣ ସାବତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାମୁଡି ଏରେସ୍ୱା, ବାମୁଡି ମୀନକେତନ, ବଳଦେବ ସାହୁ, ସୀମାଞ୍ଚଳ ପ୍ରଧାନ, ଜଗନ୍ନାଥ ବାଡତ୍ୟାଙ୍କୁ ଆନୁଷ୍ଠାନିକ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ ସୁଦାମ ଚରଣ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ଚିତ୍ତ ରଞ୍ଜନ ଦଳେଇ, ନବକିଶୋର ମହାପାତ୍ର, ପାଣ୍ଡବ ପ୍ରଧାନ, ରୂପ ଚନ୍ଦ୍ର ସାହୁ, ଗଜେନ୍ଦ୍ର କୁମାର ଚୌଧୁରୀ, ଡ଼ା. ତିରୁପତି ସାହୁ, ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା, ଡ଼ା. ଗୋପାଳ କୃଷ୍ଣ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ସାହୁ ମାମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ସଂଘ କୋଷାଧ୍ୟକ୍ଷ ଅଭିରାମ ରାଉଳ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିନରାତି ଲୁଟ୍ ହେଉଛି ବାଲି

## ➪ ଖଣି ବିଭାଗର ଚଢ଼ାଉ, ଥାନାରେ ଟ୍ରାକ୍ଟର ଗାଡ଼ି ଜବତ

## ➪ ସନ୍ଦେହ ସୃଷ୍ଟି କରିଛି ଗୋଟିଏ ଗାଡ଼ିରେ ୨ଟି ନମ୍ବର !



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଦେବୀ ନଦୀ ପାର୍ଶ୍ୱ ତାଳଦା ନିକଟରେ ଲଘୁ ଖଣିଜ ବିଭାଗର ଚଢ଼ାଉ କରି ସୋମବାର ମଧ୍ୟାହ୍ନରେ ୨ଟି ଟ୍ରାକ୍ଟର ଗାଡି ଜବତ କରାଯାଇଛି। ବାଲି ଚାଲାଣ ଗାଡ଼ିରେ କାଗଜପତ୍ର ଠିକ୍ ନଥିବାରୁ ଗାଡିକୁ ଜବତ କରି ଅସ୍ତରଙ୍ଗ ପୋଲିସ ଥାନାରେ ଜିମା ଦିଆଯାଇଛି। ଜରିମାନା ପୈଠ ନ କଲେ ଗାଡିକୁ ଅଦାଲତ ଚାଲାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ କିଛି ଦିନ ହେବ ଦେବୀ ନଦୀ ପାର୍ଶ୍ୱ ତାଳଦା ନିକଟରୁ କିଛି ବାଲିମାଫିଆ ବେଆଇନି ଭାବେ ବାଲି ଚୋରା ଚାଲାଣ କରୁଛନ୍ତି। ଏମିତିକି ରାତି ହେଉ କି ଦିନ ପ୍ରଶାସନ ଆଖିରେ ଧୂଳି ଦେଇ ଟ୍ରକ, ହାଇୱା, ଟ୍ରାକ୍ଟର ମାଧ୍ୟମରେ ବାଲି ଚାଲାଣ କରୁଛନ୍ତି। ଯାହାକି ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ବ୍ୟାପକ ଭାବରେ ବାଲି ଲଘୁଖଣିଜ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ବିଶେଷ ସୂତ୍ରରୁ ଖବର ପାଇଁ ପୁରୀ ଲଘୁ ଖଣିଜ ବିଭାଗ ଅଧିକାରୀ ସମୀର ମିଶ୍ରଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ସହ ଅସ୍ତରଙ୍ଗ ପୋଲିସ ବାଲି ଉଠାଣ ସ୍ଥାନରେ ପହଞ୍ଚି ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । କିନ୍ତୁ ଟ୍ରାକ୍ଟର ନମ୍ବରକୁ ନେଇ ରହସ୍ୟ ସୃଷ୍ଟି ହୋଇଛି। ଟ୍ରାକ୍ଟର ଆଗରେ ଲାଗିଥିବା ନମ୍ବର -ଓଡି -୦୨-ଏ -୦୦୧୨ ଓ ପଛରେ ଟ୍ରାକ୍ଟର ଡାଲା ଥିବା ନମ୍ବର ଓଡି -୦୨-ଏ ଜି -୩୭୧୩ରହିଛି, ଅନ୍ୟ ଏକ ଗାଡ଼ିରେ ଓ ଡି ୧୩ ଜି ୦୦୩୭, ଡାଲା ନମ୍ବର ଓ ଆର ୧୩ଜି ୦୦୩୮ ରହିଛି । ଉକ୍ତ ୨ ଟି ଗାଡି ଅସ୍ତରଙ୍ଗ ଥାନାରେ ଅଟକ ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଖଣିଜ ବିଭାଗ ତଥା ପ୍ରଶାସନ ବଡ଼ ଗାଡିକୁ ଛାଡି ଲୋକଦେଖାଣିଆ ୨ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର ମିଶ୍ର କହିଛନ୍ତି ଷ୍ଟାଫ କମ୍ ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇପାରୁନି, ଆଗକୁ ଏହି ବାଲି ଚାଲାଣ ଉପରେ ନଜର ରହିଛି ବଡ଼ ଧରଣର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଚୋରା ବାଲି ବେପାର ପାଇଁ ମାଫିଆ ମାନେ ଗାଡି ଦ୍ରୁତ ଗତିରେ ଯାତାୟାତ କରି ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛନ୍ତି।

# ସାଇ ଶ୍ରିଷ୍ଟୀ ଆବାସିକ ବିଦ୍ୟାଳୟରେ ସରସ୍ୱତୀ ପୂଜା



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା, ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଉଲ୍ଲାସର ସହିତ ପଳିତ ହୋଇ ଯାଇଛି। ଚଣ୍ଡିଖୋଲ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟୀକ ପ୍ରତିଷ୍ଠାନରେ ଏହି ପୂଜା ଧୁମ୍ ଧାମରେ ପାଳିତ ହୋଇଯାଇଛି। ଏହି ଆବସରରେ ମା ସରସ୍ୱତୀଙ୍କ ଆବାହନ, ଅର୍ଚ୍ଚନା, ହୋମ, ପୁଷ୍ପାଞ୍ଜଳି ଅର୍ପଣ ଯଥାବିଧି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଜାଇଛି । ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସାଇଶ୍ରୀଷ୍ଟି +୨ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସାମ୍ବାଦିକ ସମାରେନ୍ଦ୍ର ମାହାଲାଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦର୍ପଣ ଅତିରିକ୍ତ ତହସିଲ ଦାର ବିରଜା ପ୍ରସାଦ ରାୟ ଯୋଗଦେଇ ଶିକ୍ଷା ଏକ ଜୀବନ ବ୍ୟାପି ସାଧନା। ଶିକ୍ଷାର ଆରମ୍ଭ ଓ ଶେଷ ନାହିଁ। ଶୃଙ୍ଖଳା, ଏକାଗ୍ରତା, ଅଧ୍ୟବସାୟ, ସମୟାନୁବର୍ତ୍ତିତା ଯୋଗୁ ପିଲାମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଚଣ୍ଡିଖୋଲ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଅଧକ୍ଷ ଡକ୍ଟର ସ୍ୱରୂପା ନନ୍ଦ ମିଶ୍ର ଯୋଗଦେଇ ସଫଳତା ପାଇବା ପାଇଁ ଶିକ୍ଷା ସହ ଉତ୍ତମ ଚରିତ୍ର ଗଠନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେବାସହ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେବା ସହ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷା ପ୍ରଫେସର୍ ଡକ୍ଟର ଆଲୋକ ନାରାୟଣ ନାୟକ ଲକ୍ଷ ସ୍ଥିର କର ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ନିଜର କର୍ତ୍ତବ୍ୟ କରିବାକୁ ଆହ୍ୱାନ ଦେବା ସହ ମା ମାଟି ଓ ମାତୃଭୂମିକୁ ଭଲପାଅ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଓ ସାମ୍ବାଦିକ ସଞ୍ଜୟ କୁମାର୍ ସ୍ୱାଇଁ ଛାତ୍ର ଛାତ୍ରୀ ମାନଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ଦିଗମ୍ବର ମହାପାତ୍ର ସେକ ସବିରୁଦ୍ଦିନ୍, ନରହରି ବିହାରୀଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ କାଶୀନାଥ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂତନ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଯୋଗଦାନ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପ୍ରଧାନ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଉପରିସ୍ଥ ଅଧିକାରୀ ଏବଂ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସୂଚନାଯୋଗ୍ୟ ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଆଲୋକ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯୁଗ୍ମ ସଚିବ ଭାବେ ବଦଳି ହେବା ପରେ ସାଧାରଣ ଓ ବିବିଧ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ଉଭୟ ଦାୟିତ୍ୱରେ ରହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଭାବେ ଶ୍ରୀ ପ୍ରଧାନ ଦାୟିତ୍ୱ ନେବା ପରେ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ପରେ ଦରବାର ହଲଠାରେ ଆୟୋଜିତ ହେଇଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ।

# ବିଦ୍ୟାଦାତ୍ରୀ ମା’ ସରସ୍ୱତୀଙ୍କ ପୂଜା ସମ୍ପନ୍ନ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୁଆଳସିଂ ପଂଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ପ୍ଲବିକ ସ୍କୁଲ ପରିସରରେ ମହାସମାରୋହରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ସମ୍ପନ୍ନ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରୁ ବିଦ୍ୟାଳୟ ପରିସରରେ ମାଙ୍କ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା ହେବା ସହ ଛାତ୍ରଛାତ୍ରୀମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଚାନ୍ଦୋଳ ମହାବିଦ୍ୟାଳୟ, ଡେଲଟା ମହାବିଦ୍ୟାଳୟ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ ମହିଳା ମହାବିଦ୍ୟାଳୟ, ଜେନାମଣୀ ପ୍ରାଥମିକ ବିଦ୍ୟାଳୟ, ବିବି ମଡ଼େଲ ହାଇସ୍କୁଲ, କଳିଙ୍ଗ ଆବାସିକ ବିଦ୍ୟାଳୟ ଇତ୍ୟାଦିରେ ମାଙ୍କ ପୂଜା ମହାସମାରୋହରେ ସମ୍ପନ୍ନ ହୋଇଛି ।

# ବେଲପାହାଡ଼ରେ ରାଜସ୍ୱ ମନ୍ତ୍ରୀଙ୍କ ଜନଶୁଣାଣି



ବେଲପାହାଡ଼ (ଭାସ୍କର ନ୍ୟୁଜ୍) : ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି ଶିବିର ଅନୁଷ୍ଠିତ କରିଛନ୍ତି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଶିବିରରେ ବେଲପାହାଡ ତଥା ଆଖପାଖ ଅଂଚଳବାସୀ ଯୋଗଦେଇ ରାସ୍ତାଘାଟ, ପାନୀୟ ଜଳ, ସ୍ଥାନୀୟ ନିଯୁକ୍ତି, ହୀରାକୁଦ ବିସ୍ଥାପିତଙ୍କୁ ଜମି ପ୍ରଦାନ ତଥା ଅଂଚଳର ସାମୁହିକ ବିକାଶ ପାଇଁ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ବିଷୟରେ ଅଭିଯୋଗ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବସ ଗୃହ, ଭୂମିହୀନଙ୍କୁ ଜମି ପ୍ରଦାନ, ଭତ୍ତା ପ୍ରଦାନ ପରି ବିଭିନ୍ନ ବ୍ୟକ୍ତଗତ ଅଭିଯୋଗ ମଧ୍ୟ ରାଜସ୍ୱ ମନ୍ତ୍ରୀ ନିକଟରେ ଉପସ୍ଥାପନ କରିଛନ୍ତି ଲୋକେ। ଲୋକଙ୍କ ଅଭିଯୋଗ ଶୁଣିବାସହ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି ରାଜସ୍ୱ ମନ୍ତ୍ରୀ କ୍ଷ ଆଜିର ଜନ ଶୁଣାଣି ଶିବିରରେ ବେଲପାହାଡ ନଗରପାଳ, ବେଲପାହାଡ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଲଖନପୁର ବିଡିଓ, ଲଖନପୁର ତହସିଲଦାର, ବେଲପାହାଡ଼ ପୌରପରିଷଦ ଉପାଧ୍ୟକ୍ଷାଙ୍କ ସହିତ ପୌର କାଉନସିଲର ଏବଂ ବିଭିନ୍ନ ବିଭଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଥାନା ପରିସରରେ ତ୍ରିନାଥ ମହାପ୍ରଭୁଙ୍କ ଉତ୍ସବ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ଥାନା ପରିସରରେ ମହାପ୍ରଭୁ ତ୍ରିନାଥ ଦେବଙ୍କ ୮ମ ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏରସମା ଥାନା ଅଧିକାରୀ ନିରଞ୍ଜନ ପ୍ରସାଦ ଦାସ ପୂଜାମଣ୍ଡପରେ ଜନସାଧାରଣଙ୍କର ସମସ୍ତ ମଙ୍ଗଳ ପ୍ରାଥନା କରିବା ସହିତ ସମସ୍ତେ ସୁଖ ଓ ଶାନ୍ତିରେ ଜୀବନ ବିତାନ୍ତୁ ମହାପ୍ରଭୁଙ୍କ ନିକଟରେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସାରଦା ପ୍ରସନ୍ନ ଜେନା, ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ରାଜ୍ୟ ବିଜେଡ଼ି ସମ୍ପାଦକ ଦୀପ୍ତିରଞ୍ଜନ କୁଁଅର, ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ଅମରେନ୍ଦ୍ର ଦଳାଇ, ସଭାପତି ବଲ୍ଲଭ ସ୍ୱାଇଁ, ଦୀପ୍ତି ରାଣୀ ପ୍ରାଧାନ, ଡ଼ା. ଅମୀୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ମା ଖୁରୁଖୁରୀ ଭଜନ ସଂଧ୍ୟା ଭୁବନେଶ୍ୱରଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଏଥିରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଲୋକମାନେ ସହଯୋଗ କରିଥିବାବେଳେ ଏରସମା ଥାନାର କର୍ମଚାରି ବୃନ୍ଦ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଏସ.ଆଇ ବିଭୁତିକୁମାର ବିଶ୍ୱାଳ,ସଞ୍ଜୟ କୁମାର ଦଣ୍ଡପାଠ, ପ୍ରଶାନ୍ତ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର କାନୁନଗୋ ଓ ରାଜକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମାଞ୍ଚଳରେ ତିଆରି ଅନେକ ଘରୋଇ ପାଇଖାନା ଅବ୍ୟବହୃତ

# ନିମ୍ନମାନର ନିର୍ମାଣ ଯୋଗୁଁ ଅଳ୍ପଦିନରେ ଭାଙ୍ଗି ଯାଉଥିବା ଅଭିଯୋଗ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲାରେ ସ୍ୱଚ୍ଛ ଭାରତ ମିଶନରେ ଗ୍ରାମାଞ୍ଚଳମାନଙ୍କରେ ତିଆରି ଶହ ଶହ ପାଇଖାନା ଅବ୍ୟବହୃତ ହୋଇ ପଡି ରହିଛି । ପାଇଖାନାଗୁଡିକ ବ୍ୟବହାର ଅନୁପଯୋଗୀ ତିଆରି ହୋଇଥିବା ଏବଂ ଆବଶ୍ୟକୀୟ ପାଣିର ଅଭାବରୁ ପାଇଖାନା ବ୍ୟବହାର ହେଉନଥିବା ଯୋଗୁଁ ଅଳ୍ପ ଦିଗରେ ଭାଙ୍ଗି ଯାଉଥିବା ଅଭିଯୋଗ ହେଉଛି । ଫଳରେ କେତେକ ସ୍ଥାନରେ ପାଇଖାନାଗୁଡିକୁ କେହି କେହି ଷ୍ଟୋର ରୁମ୍ ଭାବେ ବ୍ୟବହାର କରୁଥିବାବେଳେ କେହି କେହି ହଳଲଙ୍ଗଳ ରଖିଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଏବେ ସ୍ୱଚ୍ଛଭାରତ ପାଇଖାନା ଯୋଜନା ଜିଲାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି । କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନରେ କେନ୍ଦୁଝର ଜିଲାକୁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି । ଏହି ଅନୁଦାନ ଅର୍ଥରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଘରୋଇ ପାଇଖାନା ନିର୍ମାଣ ହେଉଛି । କିନ୍ତୁ ସଚେତନତା ଅଭାବ କାରଣରୁ ହେଉ କିମ୍ବା ପାଇଖାନାଗୁଡିକ ନିମ୍ନମାନର ନିର୍ମାଣ କାରଣ ହେଉ ଗ୍ରାମାଞ୍ଚଳର ଶହ ଶହ ପାଇଖାନା ଅବ୍ୟବହୃତ ହୋଇ ପଡି ରହିଥିବା କାରଣରୁ ଯୋଜନାଟି ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହେଉଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ନିମ୍ନମାନର ଟାଙ୍କି ଭାଙ୍ଗି ରୁଜି ଗଲାଣି ତ ଆଉ କେତେକ ସ୍ଥାନରେ ଏଗୁଡିକ ବ୍ୟବହାର ଅନୁପଯୋଗୀ ହୋଇ ଗଛଲତା ମାଡି ଗଲାଣି । ଏହି ଯୋଜନାର ସୁଫଳ ସାଧାରଣ ହିତାଧିକାରୀ ଯେତିକି ପାଉନାହାଁନ୍ତି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀମାନେ ଏହାର ମୂଳ ଫାଇଦା ପାଉଥିବା ଅଭିଯୋଗ ହେଉଛି । କେନ୍ଦୁଝର ଜିଲାର ଗ୍ରାମାଞ୍ଚଳଗୁଡିକର ଗ୍ରାମୀଣ ସ୍ୱଚ୍ଛଭାରତ ମିଶନ ଯୋଜନାରେ ଘରୋଇ ପାଇଖାନା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଜିଲାରେ ପ୍ରହସନ ପାଲଟିଛି ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା । ନିଜେ ହିତାଧିକାରୀ ପାଇଖାନା କାମ କରିବାକୁ ଆଗ୍ରହ ପ୍ରକାଶ କରୁନଥିବାରୁ ଅନେକ ପଂଚାୟତରେ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ପାଇଖାନା ନିର୍ମାଣ ଦାୟିତ୍ୱ ନେଇଛନ୍ତି । କିନ୍ତୁ ଜିଲାରେ ନିର୍ମାଣ କରାଯାଇଥିବା ସମସ୍ତ ଘରୋଇ ପାଇଖାନାଗୁଡିକ ମଧ୍ୟରୁ ଅଧାରୁ ଅଧିକ ଅନୁପଯୋଗୀ ହୋଇ ପଡି ରହିଥିବାବେଳେ ଶୌଚ ପାଇଁ ପାଣିର ଅଭାବ ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ଯେଉଁ ଗ୍ରାମର ଲୋକ ବ୍ୟକ୍ତିଗତ ଘରୋଇ ଶୌଚାଳୟରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ସ୍ୱଚ୍ଛଭାରତ ଅଭିଯାନ ୨ୟ ପର୍ଯ୍ୟାୟରେ ସାମିଲ କରାଯାଇଛି । ଅପରପକ୍ଷରେ ଘରୋଇ ପାଇଖାନାଗୁଡିକ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା କାରଣରୁ କେତେକ ସ୍ଥାନରେ ନିର୍ମାଣର ବର୍ଷେ ନପୁରୁଣୁ ଏଗୁଡିକ ଭାଙ୍ଗିରୁଜି ଗଲାଣି କିମ୍ବା ଅନୁପଯୋଗୀ ହୋଇଯାଇଥିବା ପରିଲକ୍ଷିତ ହେଉଛି । ଏହିଭଳି ନିମ୍ନମାନର କାମ ଯୋଗୁଁ ଜିଲାର ବିଭିନ୍ନ ଅଞ୍ଚଳରେ ନିର୍ମାଣ କରାଯାଇଥିବା ଘରୋଇ ପାଇଖାନାଗୁଡିକ ମଧ୍ୟରୁ ଶତକଡା ୮୦% ବ୍ୟବହାର ଅନୁପଯୋଗୀ ହୋଇପଡିଥିବାବେଳେ ନିମ୍ନମାନର କାମ କାରଣରୁ ଅଧାରୁ ଅଧିକ ଭାଙ୍ଗି ପଡିଥିବା ଦେଖିବାକୁ ମିଳୁଛି । ତେଣୁ ଗ୍ରାମାଞ୍ଚଳର ଲୋକମାନେ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । କେତେକ ସ୍ଥାନରେ ନିମ୍ନମାନର ଛାଉଣି,କବାଟ ଯୋଗୁଁ ପାଇଖାନାଗୁଡିକ ବ୍ୟବହାର ଅନୁପଯୋଗୀ ହୋଇପଡି ରହିଥିବା ଦେଖିବାକୁ ମିଳୁଛି । ବିଭାଗୀୟ ଯନ୍ତ୍ରୀମାନଙ୍କର ବିନା ତଦାରଖରେ ଠିକାଦାରମାନେ ମାତ୍ର ୫ଇଞ୍ଚ ମୋଟେଇରେ ଏବଂ ତରବରିଆ ଭାବେ ଦିନକୁ ଜଣେ ମିସ୍ତ୍ରୀ ୮/୧୦ଟି ପାଇଖାନା ନିର୍ମାଣ କରୁଥିବାରୁ ଏଗୁଡିକୁ ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯାଉଥିବା ଲୋକେ ଅଭିଯୋଗ କରୁଛନ୍ତି । ଏହି ଯୋଜନାର ସିଂହଭାଗ ଅର୍ଥ ଠିକାଦାର ଏବଂ ଯନ୍ତ୍ରୀଙ୍କ ଭାଗରେ ପଡୁଥିବାବେଳେ ହିତାଧିକାରୀଙ୍କୁ ନିମ୍ନମାନର ପାଇଖାନା ଯୋଗାଇ ଦିଆଯାଉଛି । ତେଣୁ ଜିଲାରେ କାର୍ଯ୍ୟକାରୀ ଘରୋଇ ପାଇଖାନା ଯୋଜନା ଠିକାଦାର ତୃଷ୍ଟିକରଣ ନା ଯନ୍ତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ତାହା ବୁଝାପଡୁନାହିଁ । ଏଭଳି ସ୍ଥଳେ ଭିଜିଲାନ୍ସ ବିଭାଗ ଜିଲାରେ କାର୍ଯ୍ୟକାରୀ ହେଉଥିବା ଘରୋଇ ପାଇଖାନା ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଅଧିକ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଜିଲାରେ ପାଇଖାନା ନିର୍ମାଣ ନାମରେ ହୋଇଥିବା ଦୁର୍ନୀତି ଉପରେ ତଦନ୍ତ କରି ବିଡିଓ,କନିଷ୍ଠ ଯନ୍ତ୍ରୀ ଏବଂ ଏସଏସଜି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି ।

# ମିଳିତ ଅଭିଯୋଗ ଶୁଣାଣି



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଆପତ୍ତି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରରେ ଉପ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନ୍ୱ ସୋନାକର,ଜିଲ୍ଲା ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ , ଜିଲ୍ଲା ମେଡିକାଲ ଅଧିକାରୀ ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା, ପରଜଙ୍ଗ ତହସିଲଦାର ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲା ଅଧିକାରୀ ଓ ବିଭାଗୀୟ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏହି ଶୁଣାଣି କାର୍ଯ୍ୟକ୍ରମ ରେ ବ୍ଲକର ବିଭିର୍ଣ୍ଣ ପଂଚାୟତରୁ ମୋଟ ୯୪ଜଣଙ୍କର ଭିନ୍ନ ଭିନ୍ନ ବିଭାଗରୁ ଆପତ୍ତି ଅଭିଯୋଗ ପଞ୍ଜିକୃତ କରାଯାଇ ସମସ୍ୟାକୁ ଫଇସଲା ନିମନ୍ତେ ତ୍ୱରାନ୍ୱିତ ହୋଇଥିଲା । ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋଭାଗ୍ୟ ବେହେରାଙ୍କ ତତ୍ୱାବଧାନ ରେ ପରିଚାଳିତ ହୋଇଥିବା ବେଳେ, ଏଥିରେ ବ୍ଲକ ମୁଖ୍ୟ କିରାଣୀ ପ୍ରକାଶ ସିଂହ, ସାମାଜିକ ସୁରକ୍ଷା କର୍ମଚାରୀ ପ୍ରଭାସ ସାମନ୍ତରାୟଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ ରଖିଥିଲେ ।



କଟକ(ଭାସ୍କର ନ୍ୟୁଜ୍): ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରୀ ଆଶ୍ରମ ଉଚ୍ଛେଦକୁ ବିରୋଧ କରି ରୁଜୁ କରାଯାଇଥିବା ମାମଲା ଆଜି ପ୍ରତ୍ୟାହୃତ ହୋଇଛି । ଆଶ୍ରମ ପକ୍ଷରୁ ରୁଜୁ କରାଯାଇଥିବା ଆବେଦନକୁ ଆଜି ପ୍ରତ୍ୟାହାର କରାଯାଇଛି । ପୂର୍ବରୁ ଏହି ମାମଲାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଏଥିରେ ବିଭାଗ ପକ୍ଷରୁ ଆଶ୍ରମକୁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ଦର୍ଶାଯାଇଥିଲା । ରାଜ୍ୟ ସରକାରଙ୍କ ଉପରୋକ୍ତ ସତ୍ୟପାଠ ଆଧାରରେ ହାଇକୋର୍ଟ ଆଶ୍ରମ ଉଚ୍ଛେଦ ଉପରେ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଥିଲେ । ସୂଚନାଥାଉକି ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରୀ ପକ୍ଷରୁ ଆଶ୍ରମ ଉଚ୍ଛେଦ ଆଦେଶ ବିରୋଧରେ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଗତ ଡିସେମ୍ବର ୧୨ପର୍ଯ୍ୟନ୍ତ ଆଶ୍ରମ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଥିଲେ । ଆଶ୍ରମ ନାଁରେ ହୋଇଥିବା ବେଆଇନ ନିର୍ମାଣ ସମ୍ପର୍କରେ ତଦନ୍ତ କରି ବିଡିଓ ଓ ବିଏମ୍‌ସିର ମିଳିତ ଏନଫୋର୍ସମେଣ୍ଟ ଟିମ୍ ଆଶ୍ରମ ଉଚ୍ଛେଦ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ଆଶ୍ରମ ନାମରେ ୧୪୦ ଡିସିମିଲ୍ ସରକାରୀ ଜମି ଜବରଦଖଲ ଅଭିଯୋଗ ହୋଇଥିଲା । ଆଶ୍ରମ ନାମରେ ଘାଟିକିଆ ମୌଜାରେ ରହିଛି ୨ଟି ପ୍ଲଟ । ଆଶ୍ରମ ଉଚ୍ଛେଦ ପୂର୍ବରୁ ଏନେଇ ମାଇକରେ ଘୋଷଣା କରାଯାଇଥିଲା ।

## ଐତିହାସିକ ଖଣ୍ଡଗିରି ମାଘମେଳା

# ପ୍ରସ୍ତୁତି ଶେଷ, ସାଧୁସନ୍ଥଙ୍କ ଭିଡ଼



### ମେଳା ପୂର୍ବରୁ ସ୍ଥିତି ସମୀକ୍ଷା କଲେ ବିଏମ୍‌ସି କମିଶନର

ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଖଣ୍ଡଗିରି ମେଳା । ଏହାପୂର୍ବରୁ ସ୍ଥିତି ସମୀକ୍ଷା କରିଛନ୍ତି ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ । ଖଣ୍ଡଗିରିରେ ବଳବତ୍ତର ରହିବ ପରିମଳ ବ୍ୟବସ୍ଥା । ସ୍ଥାୟୀ ଆଲୋକିକରଣ, ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପବିତ୍ର ପଞ୍ଚକୁଣ୍ଡର ଖୁବ୍‌ଶୀଘ୍ର ହେବ ପୁନରୁଦ୍ଧାର । ପ୍ରତି ୧୦୦ ମି ନିୟୋଜିତ ହେବେ ଜଣେ ଲେଖାଏଁ ସ୍ୱଚ୍ଛ କର୍ମୀ । ଜନସାଧାରଣଙ୍କୁ ଅନୁରୋଧ କରିଲେ ମାଘ ମେଳାରେ କିପରି ପରିବେଶ ସଫାସୁତୁରା ରହିବା ସେଥିପ୍ରତି ଯତ୍ନବାନ ହୁଅନ୍ତୁ ।

### ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବାକୁ ବିଏମ୍‌ସିର ନିର୍ଦ୍ଦେଶ

ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବାକୁ ବିଏମସିର ନିର୍ଦ୍ଦେଶ । ଯାତ୍ରାପାର୍ଟି ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସୂଚନା ଦେଇଛନ୍ତି ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ । ଯାତ୍ରାପାର୍ଟି ମାଲିକଙ୍କୁ ଦିଆଯାଇଛି ନିର୍ଦ୍ଦେଶ । ଖଣ୍ଡଗିରିର ମର୍ଯ୍ୟାଦା ହାନି ନ କରିବାକୁ ପାର୍ଟି ମାଲିକଙ୍କୁ କୁହାଯାଇଛି । ନିୟମ ଉଲଙ୍ଘନ କଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ । କମିଶନର ଖଣ୍ଡଗିରିର ମର୍ଯ୍ୟାଦା ହାନି ନ କରିବାକୁ ପାର୍ଟି ମାଲିକଙ୍କୁ କୁହାଯାଇଛି । ନିୟମ ଉଲଙ୍ଘନ କଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ ।

### ଖଣ୍ଡଗିରି ମେଳାରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ



ଖଣ୍ଡଗିରି ଏକ ପୂଜା ସ୍ଥଳ । ଆମେ ପୂଜାକୁ ଗୁରୁତ୍ୱ ଦେଉଛୁ । କୌଣସି ଅଶ୍ଳୀଳତା ହେବ ନାହିଁ । ମେଳା ପାଇଁ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି ମେୟର ସୁଲୋଚନା ଦାସ । ଇ-ଟଏଲେଟ ବ୍ୟବସ୍ଥା ସହ ଆଲୋକୀକରଣ ଓ ସଫା ପିଇବା ପାଣି ବ୍ୟବସ୍ଥା ହୋଇଛି । ଟ୍ରାଫିକ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ତେଣୁ ସେ ସମ୍ପର୍କରେ ଚିନ୍ତା କରାଯାଇଛି । ୮୦ ସିସିଟିଭି ଲାଗିବ ସବୁ ଅନୁଧ୍ୟାନ କରାଯିବ । କୌଣସି ବିଶୃଙ୍ଖଳାକୁ ସ୍ଥାନ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ମେୟର । ଏହାସହ ସେ କହିଛନ୍ତି ମାଘ ସପ୍ତମୀ ମେଳାରେ ଗତବର୍ଷ ଅନନ୍ତ କେଶରୀଙ୍କ ଯାତ୍ରା ପାଇଁ ୨ଲକ୍ଷ ଅନୁଦାନ ଦିଆଯାଇଥିଲା । ଚଳିତଥର ଅନନ୍ତ କେଶରୀଙ୍କ ଯାତ୍ରା ପାଇଁ ୪ ଲକ୍ଷ ଦିଆଯାଇଛି ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଐତିହାସିକ ଖଣ୍ଡଗିରି ପାଦଦେଶରେ ମଙ୍ଗଳବାର ଆରମ୍ଭ ହେବ ମାଘମେଳା । ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଶେଷ କରାଯାଇଥିବା ବେଳେ ଏବେ ଖଣ୍ଡଗିରି ପାଦଦେଶରେ ସାଧୁସନ୍ଥଙ୍କ ଭିଡ ଜମିଛି । ଏଥିସହ ଯାତ୍ରା ପାଇଁ ଟେଣ୍ଟ ବନ୍ଧା ସରିଥିବା ବେଳେ ଦୋକାନବଜାର ପାଇଁ ମଧ୍ୟ ଷ୍ଟଲ୍ ଖୋଲାଯାଇଛି । ବିଏମ୍‌ସି ପକ୍ଷରୁ ଏହାକୁ ତଦାରଖ କରାଯାଉଥିବା ବେଳେ ବିଦ୍ୟୁତ୍ ସେବାଠାରୁ ଆରମ୍ଭକରି ପରିମଳ, ପାନୀୟଜଳ ଓ ସୂଚନା କେନ୍ଦ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଚଳିତବର୍ଷ ଏଠାରେ ୭୦ଟି ସୂଚନା କେନ୍ଦ୍ର ଖୋଲାଯାଇଥିବା ବେଳେ ଅନ୍ୟ ସମସ୍ତ ଦିଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସେହିପରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ନିମନ୍ତେ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

ମ୍ୟାରେଜ୍ ସିଜିନ୍‌ରେ ଆକ୍ଟିଭ୍ ଲୁଟେରା

## ଅତିଥି ଭାବେ ଆସି ଲୁଟିନେଲେ ଗିଫ୍ଟ ବ୍ୟାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମ୍ୟାରେଜ ସିଜିନରେ ଆକ୍ଟିଭ ଲୁଟେରା । ଅତିଥି ବେଶରେ ମଣ୍ଡପକୁ ଆସି ଲୁଟୁନେଲେ ଲକ୍ଷାଧିକ ଟଙ୍କାର ଗିଫ୍ଟ ବ୍ୟାଗ । ଏଭଳି ଘଟଣା ଘଟିଛି ମୈତ୍ରୀବିହାର ଅଞ୍ଚଳରେ ଥିବା ଏକ ବିବାହ ମଣ୍ଡପରେ । ଗତକାଲି ସନ୍ଧ୍ୟାରେ ବିବାହ ମଣ୍ଡପରୁ ଲୁଟ ନେଇ ଅଭିଯୋଗ ହୋଇଛି । ସିସିଟିଭି ଆଧାରରେ ପୋଲିସ ତଦନ୍ତ କରୁଛି । ଗତବର୍ଷ ସମାନ ଢଙ୍ଗରେ ଏକାଧିକ ବିବାହ ମଣ୍ଡପରେ କଳାକନା ବୁଲାଇଥିଲେ ଲୁଟେରା । ଜଣେ ହେଲେ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇନଥିଲା ପୋଲିସ ।

## ଝାରପଡା ଜେଲ୍‌ରେ ଆୟକର ବିଭାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରପଡା ଜେଲରେ ଆୟକର ବିଭାଗ । ଗିରଫ ଠକ ଦମ୍ପତି ହଂସିତା ଓ ଅନିଲଙ୍କୁ ଜେରା କରିବ ୫ ଜଣିଆ ଟିମ୍ । ୬ ଘଣ୍ଟା ଜେରା ପାଇଁ ଆୟକର ବିଭାଗକୁ ମିଳିଛି ଅନୁମତି । ଠକ ଦମ୍ପତିଙ୍କ ବଡ଼ବଡ଼ିଆ ଲିଙ୍କ୍ ନେଇ ପଚରାଉଚରା ହେବ । କେଉଁ ସୋର୍ସରୁ ଟଙ୍କା ଆସୁଥିଲା ସେ ନେଇ ହେବ ତଦନ୍ତ ।

ନିରଞ୍ଜନଙ୍କ ଘରୁ ଲୁଟ୍ ଘଟଣା

## ୧୦ଦିନ ପରେ ପୋଲିସ ହାତ ଖାଲି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ ଘଟଣା । ୧୦ଦିନ ପରେ ପୋଲିସ ହାତ ଖାଲି । ଏ ସଂପର୍କରେ ନିରଞ୍ଜନ କହିଛନ୍ତି ଆଶା ମଉଳି ଯାଉଛି । ରାତି ହେଲେ ଛାତି ଥରୁଛି । ପୋଲିସ ମୋ ଘରକୁ ବାରମ୍ବାର ଆସୁଛି ହେଲେ ଚୋର ଧରୁଛି କି ନାହିଁ ଜଣାପଡିନି । ରାଜଧାନୀ ଏବେ ଅସୁରକ୍ଷିତ ହୋଇପଡିଛି । ଲୋକଙ୍କୁ ସୁରକ୍ଷା ଦେବାକୁ ନିବେଦନ କଲେ ନିରଞ୍ଜନ । ପୋଲିସ ଚୋର ଧରିବାର ଦକ୍ଷତା ବଢାଉ । ଲୁଟ ସମ୍ପତ୍ତି ମିଳିବା ଉପରେ ଧିରେ ଧିରେ ଆଶା ମଉଳି ଯାଉଛି ବୋଲି କହିଛନ୍ତି ନିରଞ୍ଜନ ।

## ‘କର୍କଟ ନିରାକରଣ କ୍ଷେତ୍ରରେ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ପ୍ରତିବଦ୍ଧ’

କଟକ(ଭାସ୍କର ନ୍ୟୁଜ): ସାରା ବିଶ୍ୱରେ କର୍କଟ ରୋଗ ଲୋକଙ୍କ ପାଇଁ ଘାତ ସାଜିଛି । ପ୍ରତିବର୍ଷ ହଜାର ହଜାର ଲୋକ ଏଥିରେ ପ୍ରାଣ ହରାଉଛନ୍ତି । ନିୟମିତ ତମାଖୁ ସେବନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର, ମଦ୍ୟପାନ ଓ କିଛି ଭୂତାଣୁଜନିତ ସଂକ୍ରମଣ ହେତୁ ଏହି ରୋଗ ହୋଇଥାଏ । ତେଣୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ତମାଖୁ ସେବନରୁ ନିବୃତ୍ତ ରହିବା, ମାଦକ ଦ୍ରବ୍ୟ ସେବନ ନକରିବା, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏହାର ଏକମାତ୍ର ନିରାକରଣର ମାଧ୍ୟମ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଆପଣ ଯଦି ବିଶେଷଜ୍ଞଙ୍କ ପରାମର୍ଶ ନେଇ ରୋଗର ସହଳ ଚିହ୍ନଟ ସହ ଉପଯୁକ୍ତ ଚିକିତ୍ସା କରାଇପାରିବେ ତେବେ ଏହି ଦୂରାରୋଗରୁ ମୁକ୍ତି ପାଇପାରିବେ । ଏ କ୍ଷେତ୍ରରେ ଏଚସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ତେଲେଙ୍ଗାପେଣ୍ଠ, କଟକ, ଅହରହ ପ୍ରୟାସ ଜାରି ରଖିଛି । ଏହି ହସ୍ପିଟାଲ ସୁଲଭ ମୂଲ୍ୟରେ ରୋଗୀଙ୍କୁ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ ବୋଲି ଅନୁଷ୍ଠାନର ନିର୍ଦ୍ଦେଶ କହିଛନ୍ତି । ଆସନ୍ତ ଆମେ ସମସ୍ତେ ମିଳିମିଶି ଏହି ରୋଗ ଦୂର କରିବା ପାଇଁ ଶପଥ ନେବା ।

## ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ବେଲଗାଛିଆସ୍ଥିତ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ମାନବ ଅଧିକାରୀ ଓ ଶିକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଙ୍କୁ ସ୍ମୃତିଚିହ୍ନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଅତିଥି ହାଇକୋର୍ଟର ଆଇନଜୀବୀ ସୁଶାନ୍ତ କୁମାର ଦାସ, ଅଧ୍ୟକ୍ଷ ଡ. ଦେବଦତ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ନିମନ୍ତେ ମୌଳିକ ଶିକ୍ଷା ସହିତ ନୀତିଶିକ୍ଷାର ପାଠ୍ୟକ୍ରମ ରହିବା ଆବଶ୍ୟକ ବୋଲି କହିଥିଲେ । କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରର ପ୍ରତିଷ୍ଠାତା ଦୁର୍ଯ୍ୟୋଧନ ସ୍ୱାଇଁ, ସରସ୍ୱତୀ ସ୍ୱାଇଁ (ଯାହାଙ୍କ ନାମରେ କଲେଜ ନାମିତ) ଉପସ୍ଥିତ ଥିଲେ । କଲେଜର ଅଧକ୍ଷ ଡ. ବିଶ୍ୱଜିତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସରସ୍ୱତୀ ପବ୍ଲିକ ସ୍କୁଲର ଅଧକ୍ଷ ବ୍ୟୋମକେଶ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଧବଳେଶ୍ୱର ସେତୁସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନବୀକରଣ ଦାବି

କଟକ(ଭାସ୍କର ନ୍ୟୁଜ୍): କଟକର ସିଡ଼ିଏ ସେକ୍ଟର-୧୦ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଭାଙ୍ଗି ପଡ଼ିବାର ଆଶଙ୍କା ଥିବାରୁ ଏଥି ନେଇ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ଧବଳେଶ୍ୱରକୁ ସଂଯୋଗ କରୁଥିବା ସେତୁଟି ମଧୁବାବୁଙ୍କ ନାମରେ ନାମିତ କରାଯିବା ପୂର୍ବକ ସେଠାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା । ଏବେ ଏହି ପ୍ରତିମୂର୍ତ୍ତୀର ପଛ ପାଖରେ ରଙ୍ଗ ଛାଡ଼ି ଫାଟ ସୃଷ୍ଟି ହୋଇଛି । ଏହା ବ୍ୟତୀତ ପ୍ରତିମୂର୍ତ୍ତୀ ନିମ୍ନ ଭାଗରେ ଥିବା ଫଳକଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବାରୁ ପ୍ରତିମୂର୍ତ୍ତି ମଣ୍ଡପ ଶ୍ରୀହୀନ ହୋଇପଡ଼ିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ, ସିଡ଼ିଏ କର୍ତ୍ତୃପକ୍ଷ ଓ କଟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କର ସୁଦୃଷ୍ଟି ପଡୁନାହିଁ କି ମରାମତି ଓ ମୂର୍ତ୍ତି ନବୀକରଣ ନିମନ୍ତେ ପଦକ୍ଷେପ ନିଆଯାଉ ନ ଥିବାରୁ ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରନ ସାହୁ କ୍ଷୋଭ ପ୍ରକାଶ କରିବା ସହ ଯେତେ ଶୀଘ୍ର ସମ୍ଭବ ଏହି ପ୍ରତିମୂର୍ତ୍ତିର ମରାମତି ଓ ନବୀକରଣ କରାଯିବାକୁ ଡ଼ାକ୍ତର ସାହୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବୀ ଜଣାଇଛନ୍ତି ।

## ଅଶ୍ଳୀଳ ନୃତ୍ୟ ରୋକିବ ଠେଙ୍ଗା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଶ୍ଳୀଳ ନୃତ୍ୟ ରୋକିବ ଠେଙ୍ଗା । ଅଶ୍ଳୀଳତା ବନ୍ଦ କରିବାକୁ ବିଧାୟକ ବାବୁ ସିଂଙ୍କ ନେତୃତ୍ୱରେ ଗଠିତ ହୋଇଛି ସ୍ୱତନ୍ତ୍ର ଟିମ୍ । ଆଜି ବାରଭୁଜାଙ୍କ ପାଖରେ ଠେଙ୍ଗା ପୂଜା ହୋଇଛି । ଯଦି କୌଣସି ବିଶୃଙ୍ଖଳା ଦେଖାଯାଏ ଏହି ଶହେ ଠେଙ୍ଗା କାମରେ ଲାଗିବ । ଅଶ୍ଳୀଳ ନୃତ୍ୟ ଓ ଦ୍ୱିଅର୍ଥବୋଧକ କମେଡିକୁ ପ୍ରଶ୍ରୟ ଦିଆଯିବ ନାହିଁ । ଅଶ୍ଳୀଳତାକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ । ଯେଉଁମାନେ ଅଶ୍ଳୀଳତା ପ୍ରଦର୍ଶନ ପାଇଁ ଚେଷ୍ଟା କରିବେ ସେମାନଙ୍କୁ ସଠିକ ଉତ୍ତର ଦିଆଯିବ । କିଛି ମହିଳା ଅଶ୍ଳୀଳତା ପ୍ରଦର୍ଶନକୁ ନେଇ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି । ସେମାନଙ୍କୁ ଖଣ୍ଡଗିରିରେ ପଶିବାକୁ ଦିଆଯିବ ନାହିଁ । ସେମାନଙ୍କ ସମେତ ଅନ୍ୟ ଯେଉଁମାନେ ଏଭଳି ଚେଷ୍ଟା କରନ୍ତି ସଠିକ ଉତ୍ତର ପାଇବେ । ଏଥିପାଇଁ ଆଜି ମା ବାରଭୁଜୀଙ୍କ ପାଖରେ ଶହେ ଠେଙ୍ଗା ପୂଜା ହୋଇଛି । କେବଳ ଖଣ୍ଡଗିରି ନୁହେଁ ସାରା ଓଡ଼ିଶାରେ ଯୁବକ ଯୁବତୀଙ୍କ ନେତୃତ୍ୱରେ ଏଭଳି ପଦକ୍ଷେପ ନିଆଯିବ ବୋଲି ବିଧାୟକ ବାବୁ ସିଂ କହିଛନ୍ତି ।

## ସ୍ୱର୍ଣ୍ଣ ଗ୍ରୁପ୍ ହସ୍ପିଟାଲ୍‌ର ୧୮ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ସ୍ୱାସ୍ଥ୍ୟସେବାରେ ଅଗ୍ରଣୀ ଏବଂ ପ୍ରମୁଖ ଅନୁଷ୍ଠାନ ସ୍ୱର୍ଣ୍ଣ ଗ୍ରୁପ୍ ହସ୍ପିଟାଲ୍‌ର ୧୮ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଏହି ବାର୍ଷିକ ପ୍ରତିଷ୍ଠା ଉତ୍ସବକୁ ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ୍, ମୁଖ୍ୟ ବକ୍ତା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନନୀୟ ଅତିଥି ଚେନାଇ ଆପୋଲ ହସ୍ପିଟାଲ୍ କର୍କଟ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ଼ା. ରାକେଶ ଜଲାଲି, ନିର୍ମଳା ଟ୍ରଷ୍ଟର ପ୍ରତିଷ୍ଠାତା ନୃସିଂହ ଚରଣ ଧୀର ଯୋଗଦେଇ ଏହି ସଭାରେ ସ୍ୱର୍ଣ୍ଣ ହସ୍ପିଟାଲ୍‌ର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନର ପ୍ରଶଂସା କରିବା ସହିତ ନିଜର ଅନୁଭୂତି ଅଭିଭାଷଣରେ ପ୍ରକାଶ କରିଥିଲେ । ଆଗାମୀ ଦିନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପବ୍ଲିକ ପରିବର୍ତ୍ତନର ସୂଚନା ଦେଇ ଇଇ ଚଗଔଇଣ-ଏଔଇଣ ର ଭୂମିକା ବିଷୟରେ ପ୍ରକାଶ କରିଥିଲେ । ସ୍ୱର୍ଣ୍ଣ ହେଲଥ୍ କେୟାର୍‌ର ପ୍ରତିଷ୍ଠାତା ଅଧକ୍ଷ ଡ଼ା. ପ୍ରୀୟବ୍ରତ ଧୀର ହସ୍ପିଟାଲ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଅବସରରେ ହସ୍ପିଟାଲ ଖ୍ୟାତନାମା କର୍କଟ ବିଶେଷଜ୍ଞ ଓ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ଼ା ଘନଶ୍ୟାମ ବିଶ୍ୱାସ, ନିର୍ଦ୍ଦେଶକ ସତ୍ୟବ୍ରତ ଧୀର ଏବଂ ଦେବବ୍ରତ ଧୀର, ନିର୍ଦ୍ଦେଶକ ଉଇ. ବିଧୁ ଭୁଷଣ ନାୟକ ଉପସ୍ଥିତଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣ ହେଲ୍‌ଥ୍ କେୟାରର ଗ୍ରୁପ୍ ସିଇଓ ଡ଼ା. ଅନୁଜ ତ୍ରିୟାରୀ ଉପସ୍ଥିତ ରହିବା ସହିତ ପରିଚାଳନା କରିଥିଲେ ।






ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# ଭାରତର ସାମରିକ ଶକ୍ତି ବୃଦ୍ଧି

## ପାକିସ୍ତାନର ନିମ୍ନମୁଖୀ ଗତି

ଭାରତର ପଡ଼ୋଶୀ ଦେଶଗୁଡ଼ିକର ଶତ୍ରୁତାପୂର୍ଣ୍ଣ ଆଚରଣ ଏବଂ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଗତ କିଛିବର୍ଷ ମଧ୍ୟରେ ଆମ ସେନାବାହିନୀକୁ ଅଧିକ ଶକ୍ତିଶାଳୀ କରାଯିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶ୍ୱର ବିଭିନ୍ନ ଦେଶର ସାମରିକ ଶକ୍ତିର ସଠିକ୍ ଆକଳନ କରି ରିପୋର୍ଟ ପ୍ରସ୍ତୁତ କରୁଥିବା 'ଗ୍ଲୋବାଲ୍ ଫାୟାର ପାୱାର' ସଂସ୍ଥା ପକ୍ଷରୁ ଏଇ ନିକଟରେ ୨୦୨୫ ବର୍ଷର ନୂଆ ରିପୋର୍ଟ ପ୍ରକାଶିତ ହୋଇଛି। ଏଥିରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ଭାରତ ସାମରିକ ଶକ୍ତି ଦୃଷ୍ଟିରୁ ସମଗ୍ର ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ଏବେ ଭାରତୀୟ ସ୍ଥଳ ସେନାର ୧୪ଲକ୍ଷ ୫୦ ହଜାରରୁ ଅଧିକ ସକ୍ରିୟ ଯବାନ୍ ରହିଥିବା ସ୍ଥଳେ ସାଢ଼େ ୧୧ଲକ୍ଷ ସଂରକ୍ଷିତ ଯବାନ୍ ଏବଂ ୨୫ଲକ୍ଷରୁ ଅଧିକ ଅର୍ଦ୍ଧ ସାମରିକ ବାହିନୀର ଯବାନ ରହିଛନ୍ତି। ଆମ ସେନାବାହିନୀ ନିକଟରେ ଟି-୯୦ ଭୀଷ୍ମ ଓ ଅର୍ଜୁନ ଟ୍ୟାଙ୍କ, ବ୍ରହ୍ମୋସ୍ ମିସାଇଲ୍ ଏବଂ ପିନାକ୍ ରକେଟ୍ ଗଚ୍ଛିତ ଥିବାରୁ ଶତ୍ରୁର ମୁକାବିଲା କରିବାରେ ଏହା ଖୁବ୍ ସକ୍ଷମ ହୋଇପାରିବ। ଭାରତୀୟ ବାୟୁସେନା ଓ ନୌ-ସେନା କ୍ରମଶଃ ନିଜ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛି। ଆକଳନ ଅନୁଯାୟୀ ଏବେ ଆମ ବାୟୁସେନା ପାଖରେ ୨୨୯୦ଟି ବିମାନ ରହିଥିବା ସ୍ଥଳେ ସେଥିମଧ୍ୟରୁ ୬୦୦ଟି ଫାଇଟର ଜେଟ୍ ଅନ୍ତର୍ଭୁକ୍ତ। ଏହାଛଡ଼ା ୮୯୯ ହେଲିକପ୍ଟର ଓ ୮୩୧ଟି ବିମାନ ନୌ-ସେନା ଅଭିଯାନରେ ସହାୟତା ଯୋଗାଇବାକୁ ପ୍ରସ୍ତୁତ ହୋଇ ରହିଛି। ଯୁଦ୍ଧ ବିମାନ ରାଫେଲ, ସୁଖୋଇ, ନେତ୍ର ସର୍ଭେଲାନ୍ସ ବିମାନ ବାୟୁସେନାର ଗୌରବ ବୃଦ୍ଧି କରିଥିବା ବେଳେ ରୁଦ୍ରମ୍, ଅସ୍ତ୍ର, ନିର୍ଭୟ ଓ ବ୍ରହ୍ମୋସ୍ ଭଳି ବିମାନ ଏହାର ଶକ୍ତିକୁ ଦ୍ୱିଗୁଣିତ କରିଛି। ସେହିପରି ଆମ ଦେଶର ନୌ-ସେନାରେ ମଧ୍ୟ ବର୍ତ୍ତମାନ ୧ଲକ୍ଷ ୪୨ ହଜାରରୁ ଅଧିକ ସକ୍ରିୟ ନାବିକ ରହିଛନ୍ତି। ନୌ-ବାହିନୀ ପାଖରେ ୧୫୦ରୁ ଅଧିକ ଯୁଦ୍ଧ ଜାହାଜ, ସହାୟକ ଜାହାଜ ଓ ବୁଡ଼ା ଜାହାଜ ଗଚ୍ଛିତ ରହିଛି। ସେଥିମଧ୍ୟରେ ଆଇ.ଏନ୍.ଏସ୍. ବିକ୍ରମାଦିତ୍ୟ, ଆଇ.ଏନ୍.ଏସ୍ ବିକ୍ରାନ୍ତ ଭଳି ବିମାନବାହିନୀ ଯୁଦ୍ଧ ଜାହାଜ ଏବଂ ଆଣବିକ ବୁଡ଼ା ଜାହାଜ ନୌ-ସେନାର ଶକ୍ତି ବୃଦ୍ଧିରେ ବେଶ୍ ସହାୟକ ହୋଇଛି। ବର୍ତ୍ତମାନ ଆହୁରି ୫୦ଟିରୁ ଅଧିକ ଜାହାଜ, ବୁଡ଼ା ଜାହାଜ ଓ ହେଲିକପ୍ଟର ନିର୍ମାଣ କାର୍ଯ୍ୟ ଜାରି ରହିଛି ଏବଂ ଏସବୁର ନିର୍ମାଣ ଶେଷ ହେଲେ ଭାରତୀୟ ନୌ-ସେନା ଆଗାମୀ ଦିନରେ ସାରା ବିଶ୍ୱରେ ଏକ ଶ୍ରେଷ୍ଠ ନୌ-ଶକ୍ତିରେ ପରିଣତ ହୋଇପାରିବ। ଭାରତର ସାମରିକ ଶକ୍ତି ବୃଦ୍ଧି ପାଇ ଏହା ବିଶ୍ୱର ଚତୁର୍ଥ ଶକ୍ତି ରୂପେ ବିବେଚିତ ହୋଇଥିବା ବେଳେ ପଡ଼ୋଶୀ ପାକିସ୍ତାନର ସେନା ବାହିନୀ କ୍ରମଶଃ ଦୁର୍ବଳ ଓ ଶକ୍ତିହୀନ ହୋଇ ପଡୁଥିବାର ରିପୋର୍ଟରୁ ଜଣାପଡିଛି। ସେନା ବାହିନୀର ଶକ୍ତି ଦୃଷ୍ଟିରୁ ଗତବର୍ଷ ପାକିସ୍ତାନ ସାରା ବିଶ୍ୱରେ ନବମ ସ୍ଥାନରେ ଥିବା ସ୍ଥଳେ ଚଳିତବର୍ଷ ଏହା ଦ୍ୱାଦଶ ସ୍ଥାନକୁ ଖସି ଆସିଛି। ଏହାର ସ୍ଥଳ ସେନାରେ ଏବେ ୬ଲକ୍ଷ ୪୦ ହଜାର ସକ୍ରିୟ ଯବାନ ରହିଛନ୍ତି। ବାୟୁସେନାରେ ଜେ.ଏଫ୍-୧୭ ଥଣ୍ଡର୍, ଏଫ୍-୧୬ ଓ ମିରାଜ୍ ଯୁଦ୍ଧ ବିମାନ ଏବଂ ନୌ-ସେନାରେ ୯୦ଟି ବୁଡ଼ା ଜାହାଜ ସାମିଲ ରହିଛି। ଅନ୍ୟତମ ପଡ଼ୋଶୀ ବାଂଲାଦେଶ ସାମରିକ ଦୃଷ୍ଟିରୁ ବିଶ୍ୱର ୩୫ତମ ଦେଶର ମାନ୍ୟତା ହାସଲ କରିଛି। ଏହାର ମୋଟ ସକ୍ରିୟ ସେନାଙ୍କ ସଂଖ୍ୟା ମାତ୍ର ୧ଲକ୍ଷ ୬୩ହଜାର ଥିବାବେଳେ ୬ଲକ୍ଷ ୮୦ ହଜାର ଅର୍ଦ୍ଧ ସାମରିକ ବାହିନୀର ଯବାନ ନିୟୋଜିତ ରହିଛନ୍ତି। ବାଂଲାଦେଶର ବାୟୁସେନା ପାଖରେ ୧୬୬ଟି ବିମାନ ଥିବା ସ୍ଥଳେ ସେଥି ମଧ୍ୟରେ ୪୪ଟି ଲଢୁଆ ବିମାନ ଅନ୍ତର୍ଭୁକ୍ତ। ସେହିପରି ନୌ-ସେନା ପାଖରେ ୧୭୭ଟି ଯୁଦ୍ଧ ଜାହାଜ ଗଚ୍ଛିତ ରହିଛି। ରିପୋର୍ଟ ଅନୁଯାୟୀ ସାମରିକ ଶକ୍ତି ଦୃଷ୍ଟିରୁ ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱର ପ୍ରଥମ ସ୍ଥାନରେ ଥିବାବେଳେ ରୁଷ୍ ଦ୍ୱିତୀୟ ଓ ଚୀନ୍ ତୃତୀୟ ସ୍ଥାନରେ ରହିଛି। ଆମ ଦେଶର ନିକଟତମ ଭୁଟାନ୍ ଏହି ତାଲିକାର ସବୁଠାରୁ ନିମ୍ନରେ ୧୪୫ତମ ସ୍ଥାନରେ ରହିଛି।

# ପାନରସିକ ଶ୍ରୀଜଗନ୍ନାଥ ମହାପ୍ରଭୁ



ପ୍ରସନ୍ନ କୁମାର ମିଶ୍ର
ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ: ୮୦୧୮୮୭୫୩୩୫

ଆମ ସଂସ୍କୃତିରେ ପାନର ଆଦର ଓ ମର୍ଯ୍ୟାଦା ସର୍ବସମ୍ମତ। ନାମ ଦୃଷ୍ଟିରୁ ଖୋଜିଲେ ସଂସ୍କୃତରେ ଏହାର ତେରଗୋଟି ରହିଅଛି। ସେଗୁଡିକ ହେଲା ତାମ୍ବୂଳ, ବଲ୍ଲୀ, ତାମ୍ବୂଜୀ, ତାମ୍ବୁଳି, ନାଗବଲ୍ଲୀ, ନାଗିନୀ, ପର୍ଣ୍ଣଲତା, ପର୍ଣ୍ଣବଲ୍ଲୀ, ସପ୍ତଶିରା, ସର୍ପଲତା, ଫଣିବଲ୍ଲୀ, ଭୁଜଗଲତା ଓ ଲକ୍ଷପତ୍ରା। ଶ୍ରୀଜଗନ୍ନାଥ ଚେତନାରେ ପାନର ପ୍ରଚଳନ କେବଠାରୁ ଆରମ୍ଭ ହୋଇଛି, ତାହାର ସଠିକ ଇତିହାସ କିମ୍ବା ବିଧିବଦ୍ଧ ରେକର୍ଡ ନାହିଁ। କେତେକଙ୍କ ମତରେ ଶ୍ରୀମନ୍ଦିରରେ ମହାପ୍ରଭୁ ଯେବେଠାରୁ 'ଭୈରବ' ଓ ପୀଠାଧିଶ୍ୱରୀ ମା' ବିମଳା 'ଭୈରବୀ' ରୂପେ ଗୃହୀତ ହେଲେ, ସେ ସମୟରୁ ପାନର ପ୍ରଚଳନ ହୋଇଅଛି। ଶ୍ରୀମନ୍ଦିରରେ ଲିଖିତ ଦୈନନ୍ଦିନ ବିବରଣୀରେ ବର୍ଣ୍ଣିତ ମହାପ୍ରଭୁଙ୍କ ନୀତିରେ ପାନର ଚଳଣି ବା ପ୍ରଚଳନ ସମ୍ବନ୍ଧରେ ଘଟଣାଟିଏ।

ଅନେକ ବର୍ଷ ତଳର କଥା। ଫିରିଙ୍ଗୀ ଶାସନ ସମୟରେ ଉତ୍କଳର ଗଜପତି(ଖୋର୍ଦ୍ଧା ରାଜା)ଙ୍କ ଉଆସ ସେତେବେଳେ ପୁରୀରେ ଥିଲା। ଦିନକର ଘଟଣା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ବଢ଼ିବା ପରେ କଲିକତାରୁ ଆସିଥିବା ଜଣେ ବିତ୍ତଶାଳୀ ସେଠ୍ ତାଙ୍କର ପରିବାର ସହିତ ତୀର୍ଥପଣ୍ଡାଙ୍କ ଗହଣରେ ମହାପ୍ରଭୁଙ୍କୁ ଦର୍ଶନ କରିସାରି ଠାକୁରଙ୍କୁ 'ଦର୍ଶନୀ ଦାନ' ତଥା 'ନୈବେଦ୍ୟ ସମର୍ପଣ' ବିଷୟରେ ବୁଝି ତୀର୍ଥପଣ୍ଡାଙ୍କୁ କହିଲେ, ତାଙ୍କର ଇଚ୍ଛା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ 'ଲକ୍ଷାଧିକ' ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ ପ୍ରସ୍ତୁତ ଭୋଗ ଅର୍ପଣ କରିବେ। ସେଠ୍‌ଙ୍କ କଥା ଶୁଣି ପଣ୍ଡାଙ୍କ ପାଟିରୁ କଥା ବାହାରିଲା ନାହିଁ। ସେତେବେଳେ ଶସ୍ତା ଯୁଗ ଥିଲା ଏବଂ ସେ ସମୟରେ ଏତେ ଅର୍ଥ ବିନିମୟରେ ଭୋଗ ପ୍ରସ୍ତୁତ କରିବା କୌଣସି ସୁପକାର ପକ୍ଷରେ ସମ୍ଭବ ନଥିଲା। ଏହାଶୁଣି ତାଙ୍କ ସାଥିରେ ଥିବା ଅନ୍ୟ ସେବକ ଓ ଦର୍ଶନାର୍ଥୀ ଭକ୍ତମାନେ ହତ୍‌ଚକିତ ହୋଇପଡ଼ିଲେ। ନିଜର କଥା କହିସାରିବା ପରେ ତୀର୍ଥପଣ୍ଡା ସମେତ ଅନ୍ୟମାନଙ୍କ ମୁହଁକୁ ଚାହିଁ ସେଠ୍‌ଜୀ ମୁରୁକି ମୁରୁକି ହସୁଥିଲେ।

କଥା ରାଜାଙ୍କ କାନକୁ ଗଲା। ସେଠ୍‌ଜୀଙ୍କୁ ପରଦିନ ଆସିବାକୁ ନିର୍ଦ୍ଦେଶ ଦେଇ ମହାରାଜା ତାଙ୍କ ପାତ୍ର ମନ୍ତ୍ରୀ ଓ ବରିଷ୍ଠ ସେବକମାନଙ୍କ ସହିତ ଆଲୋଚନା କଲେ। କିଛି ସିଦ୍ଧାନ୍ତରେ ପହଞ୍ଚି ନପାରି ମହାରାଜା ଚିନ୍ତିତ ମନରେ ଶୟନ କକ୍ଷରେ ନିଦ୍ରା ଗଲେ। ଅର୍ଦ୍ଧରାତ୍ରରେ ସେ ଦେଖିଲେ, ହଠାତ୍ ଶୟନ କକ୍ଷ ନୀଳାଭ ଆଲୋକରେ ଉଦ୍ଭାସିତ ହୋଇଉଠିଲା। ଗୁରୁ ଗମ୍ଭୀର ସ୍ୱରରେ ସେ ଶୁଣିଲେ... ଏଇ ସାମାନ୍ୟ କଥା ପାଇଁ ଉତ୍କଳର ଗଜପତି ଚିନ୍ତାଗ୍ରସ୍ତ ? ଯଦି ସେଠ୍ ମୋତେ ନୈବେଦ୍ୟ ଅର୍ପଣ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ କହ ସେ ମୋତେ ଖଣ୍ଡିଏ ପାନ ଦେଉ। ସବୁଦିନ 'ବିଡ଼ିଆ' ଖାଇ ଖାଇ ଭଲ ଲାଗୁନି। ତେଣୁ ସେ 'ଗଜମୋତି ଚୂନ' ଲଗା ପାନ ଖଣ୍ଡିଏ ଦେଉ। ଏତିକି କହି ପ୍ରଭୁ ଉଭେଇ ଗଲେ।





ଗଜପତିଙ୍କ ନିଦ୍ରାଭଙ୍ଗ ହେଲା। ସେ ଅନୁଭବ କରୁଥିଲେ, ତାଙ୍କର ଶୟନକକ୍ଷ କସ୍ତୁରୀ, ଚନ୍ଦନ, ତୁଳସୀ ଓ ନାନାପ୍ରକାର ସୁବାସିତ ଫୁଲର ବାସନାରେ ମହକି ଯାଇଛି। ଠିକ୍ ସେହି ସମୟରେ ନିଦ୍ରାଗତ ସେଠ୍ ଓ ତୀର୍ଥପଣ୍ଡାଙ୍କୁ ଏକ ପ୍ରକାରର ନିର୍ଦ୍ଦେଶ ମିଳିଯାଇଥିଲା। ପରଦିନ ସେଠ୍ ଗଜପତିଙ୍କ ଦରବାରରେ ପଣ୍ଡିତମାନଙ୍କ ସହ ଆଲୋଚନା କଲେ। ପଣ୍ଡିତମାନେ କହିଲେ, ସବୁ ହାତୀ ମୁଣ୍ଡରେ ମୋତି ନଥାଏ। ସେଥିପାଇଁ ଅନେକ ହାତୀଙ୍କୁ ହତ୍ୟା କରିବାକୁ ପଡ଼ିବ। କେବଳ ସେତିକି ନୁହେଁ, ଏପରିକି ଲକ୍ଷେ ହାତୀଙ୍କୁ ହତ୍ୟା କରିବା ପରେ ଗଜମୋତି ମିଳିପାରେ, ଆଦୌ ମିଳି ନପାରେ ମଧ୍ୟ। ହାତୀ ମସ୍ତିଷ୍କରେ ଗଜମୋତି ସ୍ଥାପନ ହେବା ଏକ ବିରଳ ମହାଜାଗତିକ ଘଟଣା। ଏଭଳି ଦୁର୍ଲ୍ଲଭ ଓ ଦୁର୍ମୂଲ୍ୟ ଗଜମୋତି ସଂଗ୍ରହ କରିବା ଅସମ୍ଭବ ବ୍ୟାପାର। ତା'ଛଡ଼ା ଗୋଟିଏ ଗଜମୋତି ମିଳିଗଲେ ଯେ, ସେଥିରେ ଚୂନ ତିଆର ହୋଇଯିବ ତାହା ସମ୍ଭବ ନୁହେଁ। ଏହା ଆମର ମତ। କିନ୍ତୁ ଆପଣ ଏତେ ବଡ ସେଠ୍। ହୁଏତ ଚେଷ୍ଟାକଲେ ପାରିବେ।

ରାଜସଭାରେ ପଣ୍ଡିତମାନଙ୍କର କଥା ଶୁଣି ସେଠ୍‌ଜୀଙ୍କ ଧନଗର୍ବ ଭାଙ୍ଗି ଚୂରମାର ହୋଇଯାଇଥିଲା। ତାଙ୍କ ଆଖିରୁ ଧାର ଧାର ଲୁହ ଓ ଦେହରୁ ଝାଳ ବାହାରିବାରେ ଲାଗିଲା। ବସନ ଭୂଷଣ ଫୋପାଡ଼ି ସେ ଶ୍ରୀମନ୍ଦିର ଧାଇଁଲେ। ସିଧା ଯାଇ ଗରୁଡ଼ ଖୁମ୍ବକୁ କୁଣ୍ଢାଇ ମୁଣ୍ଡ ବାଡ଼େଇ ପିଲାଙ୍କ ଭଳି କାନ୍ଦି କାନ୍ଦି ତଳେ ଗଡିବାରେ ଲାଗିଲେ। ହଠାତ୍ କାହାର ହାତ ସ୍ପର୍ଶରେ ସେ ଚାହିଁଲେ। ପାଖରେ ପୂଜାପୂଣ୍ଡା ସାମନ୍ତ ଓ ତୀର୍ଥପଣ୍ଡା ଠିଆ ହୋଇ ତାଙ୍କୁ ନିର୍ଦ୍ଦେଶ ଦେଉଥିଲେ ଆଗକୁ ଚାହିଁବା ପାଇଁ। ସାମ୍ନାରେ ରତ୍ନ ସିଂହାସନ ଉପରେ ବସି ପ୍ରଭୁ ଶ୍ରୀଜଗନ୍ନାଥ, ମା'ସୁଭଦ୍ରା ଓ ଶ୍ରୀବଳଭଦ୍ର ମୁରୁକି ମୁରୁକି ହସୁଥିଲେ। ସେଠ୍‌ଜୀଙ୍କ ଆଖିରୁ ଧାର ଧାର ଅଶ୍ରୁ ବୋହିବାରେ ଲାଗିଥିଲା।

ଅନ୍ୟ ଏକ ଲୋକମୁଖରେ ପ୍ରଚଳିତ କାହାଣୀ। ସେତେବେଳେ ମହାପ୍ରଭୁଙ୍କ ସେବାରେ ଦୈନନ୍ଦିନ ବିଡିଆ ପାନର ପ୍ରଚଳନ ନଥିଲା। ସିଂହଦ୍ୱାର ସାମନାରେ ଅଳ୍ପ କେତୋଟି ଦୋକାନ ଥିଲା। ସେଇଠି ଏମାର ମଠ ବାରଣ୍ଡାରେ ଗରିବ ବୁଢ଼ୀଟିଏ ଛୋଟ ପାନ ଦୋକାନ କରି ପେଟ ପୋଷୁଥିଲା। ଦିନେ ସନ୍ଧ୍ୟା ବେଳେ ଦୁଇଜଣ ଅଳ୍ପ ବୟସର ବାଳକ ତା'ଦୋକାନକୁ ଆସିଲେ। ଦୁହିଁଙ୍କ ଭିତରୁ ଜଣେ ବଡ ଓ ଆରଟି ସାନ ଜଣା ପଡୁଥିଲା। ସେମାନେ ପାଟ ବସ୍ତ୍ର ପିନ୍ଧିଥିଲେ ଓ ଆଉ ଗୋଟିଏ କାନ୍ଧରେ ପକାଇ ଥିଲେ। ଜଣେ ଚିକ୍କଣ କଳା ଓ ଆରଟି ଗୋରା ଥିଲା। ପିଲା ଦୁଇଜଣଙ୍କ ସୁନ୍ଦରପଣ ଦେଖି ବୁଢ଼ୀ ଆଖିରେ ପଲକ ପଡୁ ନଥିଲା। ସେତେବେଳକୁ ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ବଢି ରାସ୍ତାଘାଟ ଶୂନଶାନ୍ ହୋଇଯାଇ ଥିଲା।

ସେମାନେ ବିଡିଆପାନ ମାଗିଲେ। ବୁଢ଼ୀ ଦୁଇଟି ପାନଭାଙ୍ଗି ପିଲାଙ୍କୁ ଦେବାରେ ଦୁହେଁ ପାନଖାଇ ହସି ହସି ମନ୍ଦିର ଭିତରକୁ ପ୍ରବେଶ କରିଗଲେ। ସେମାନେ ପଇସା ଦେଲେ ନାହିଁ କି ବୁଢ଼ୀ ମାଗିଲା ନାହିଁ। ଏମିତି କେତେଦିନ ଗଲା ଉତାରୁ ଦିନେ ବୁଢ଼ୀ କହିଲା, ପୁଅ ମୁଁ ଭାରି ଗରିବ। କେତେଦିନର ପାନପଇସା ବାକି ରହିଲାଣି। ପଇସା ନଦେଲେ ଚଳିବି କେମିତି ? ତା କଥା ଶୁଣି କାଳିଆ ପିଲାଟି କାନ୍ଧରୁ ପାଟ ଲୁଗାଟା କାଢି ବୁଢ଼ୀକୁ ଦେଇଦେଲା ଓ ଦୁହେଁ ମନ୍ଦିର ଭିତରକୁ ଧାଇଁ ଚାଲିଗଲେ। ପରଦିନ ସକାଳ ଅବକାଶବେଳେ ମନ୍ଦିରରେ ଚହଳ ପଡିଗଲା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପାଟଶାଢି ନାହିଁ। ରାଜା ଶୁଣି ଧାଇଁ ଆସିଲେ। କହିଲେ, ରାତି ପହୁଡରେ ତ ଥିଲା। ଏବେ ଗଲା କୁଆଡ଼େ ? ନିଶ୍ଚୟ କେହି ପାଳିଆ ସେବକ ଲୋଭରେ ପଡି ପାଟଶାଢିଟିକୁ ନେଇ ଯାଇଛି। ଆଜି ମୁଁ ଏଇଠି ବସିଲି। ଠାକୁରଙ୍କ ଶାଢି ମିଳିଲେ ଉଠିବି କହି ରାଜା ବେହରଣ ଦ୍ୱାର ପାଖରେ ବସି ପଡିଲେ। ସେବକମାନଙ୍କ ମୁଣ୍ଡରେ ବଜ୍ର ପଡିଲା। ଅନେକ ଖୋଜାଖୋଜି ପରେ କେତେଜଣ ମନ୍ଦିର ସିପାହୀ ମହାପ୍ରଭୁଙ୍କ ପାଟଶାଢି ସହିତ ପାନଦୋକାନୀ ବୁଢ଼ୀକୁ ଧରି ଆଣିଲେ ରାଜାଙ୍କ ପାଖକୁ। ଭୟରେ ଥରି ଥରି ସେ ରାଜାଙ୍କ ପାଦତଳେ ପଡିଗଲା। ରାଜାଙ୍କ ଦୟା ହେଲା। ଆଶ୍ୱାସନା ପାଇ ବୁଢ଼ୀ ସବୁକଥା ଠିକେ ଠିକେ କହିଗଲା। ତା' କଥା ଶୁଣି ରାଜାଙ୍କ ପାଟିରୁ କଥା ବାହାରିଲା ନାହିଁ। ବୁଢ଼ୀକୁ କୋଳାଗ୍ରତ କରି ରାଜା କହିଲେ, ଧନ୍ୟ ତୁ ମା'। ଧନ୍ୟ ତୋ ଜୀବନ। ଏ ଚର୍ମ ଚକ୍ଷୁରେ ତୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ଦେଖିଲୁ। ସେଇ ସ୍ମୃତିରେ ଆଜିଠାରୁ ତୋରି ପାନରେ ପ୍ରତିଦିନ ଭୋଜନ ପରେ ମହାପ୍ରଭୁଙ୍କୁ 'ବିଡିଆ ମଣୋହି' କରାଯିବ। ଗଜପତି ବୁଢ଼ୀକୁ ପୁରସ୍କାର ଦେବା ସହିତ ଶ୍ରୀମନ୍ଦିରକୁ ବିଡିଆ ପାନ ଯୋଗାଇଦେବା ନିମନ୍ତେ 'ଖଞ୍ଜା' କରିଦେଲେ।

# ଆଦିକବି ସାରଳା ଦାସ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଘେରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଞ୍ଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ। ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ। ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ। ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ। କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାରବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ। ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ। ଓଡ଼ିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ। ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ। ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା। ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି। ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି। ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ। ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ। ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ। ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ। ମା' ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତ୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ। ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ।

ସେ ସମୟରେ ଓଡ଼ିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ। ତାଙ୍କର ସାମ୍ରାଜ୍ୟ ଗଙ୍ଗା ଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା। ସିଦ୍ଧେଶ୍ୱର ମା' ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ। ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ। ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ। ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା। ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶଗ୍ରହଣ କରାଇ ଦେଉନଥିଲେ। ଏହିପରି ଅସହାୟ ମୁହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ, ଯାହା ଉପରୁ ଶୁଣିବ ତୁ ଲେଖିବୁ"। ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ। ମହାଭାରତ ରଚନାରେ ମନନିବେଶ କଲେ। କଳ୍ପବଟମୂଳରେ ମହାଭାରତର ଆଠଗୋଟି ପର୍ବଶେଷ କରି ସାରିଥିଲେ। ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ। ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ। ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲା ମାନବ ଯୁଣରେ। ଏହାପରେ ପଣ୍ଡିତମାନେ ନିଜଭୁଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ। ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଞ୍ଚିଲା। ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତ୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତ୍ତିରୂପେ ପ୍ରଦାନ କରିଥିଲେ।



ପୁରୀରେ କିଛିଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛିଦିନ ରହିଲେ। ଦୈନିକ ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି। ଏହି ଗ୍ରନ୍ଥ ପାଠ ଶୁଣିବା ପାଇଁ ବହୁ ଶ୍ରୋତା ମା' ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି। ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡ଼ିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା। ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା। ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ। ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ। ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ –

ଦିନେ ସାରଳା ଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳା ଦାସଙ୍କ ନିକଟରେ ପହଞ୍ଚିଲେ। ତାଙ୍କର ଗୁଣ ଓ ବୁଦ୍ଧି ରାଜ କର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା। ସାରଳା ଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ। କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସି ହେଉଥାନ୍ତି। ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ। ସିଦ୍ଧେଶ୍ୱରଙ୍କର ଏହିପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧାନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ। ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ। ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ। ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ। ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା।

ମା'ଙ୍କ ଦତ୍ତ ଲେଖନୀ ସାହାଯ୍ୟରେ ସାରଳା ଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ। ଗଳ୍ପଗୁଡିକ ହେଲା- ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀ କଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ। ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସାଂସାରିକ ବନ୍ଧନ ତ୍ୟାଗକରି ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ସାରଳା ଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ। ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ। ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃନ୍ଦାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦ ଠାରୁ ସମାଧିସ୍ଥ ହେଲେ। ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡ଼ଘଡ଼ି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା। ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା। ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି। ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି। ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ। ତେଣୁ ଆଜି ଓଡ଼ିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାର୍ଘ୍ୟ ଦେଇଥାନ୍ତି।

# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ଓ ତ୍ରିଶମ୍ଭୁଙ୍କ ମହାସ୍ନାନ

ଭାଗୀରଥୀ ସ୍ୱାଇଁ
ବରିଷ୍ଠ ସାମ୍ବାଦିକ ତଥା ସଂସ୍କୃତି ସଂଗଠକ
କୋଣାର୍କ, ପୁରୀ
ମୋ: ୯୩୪୮୪୧୮୭୪୩

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୩ କିମି ଦୂରରେ ଅବସ୍ଥିତ ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ର। ପୁରାଣରେ ବର୍ଣ୍ଣିତ ଅଛି ଯେ ସାତଥର ଗଙ୍ଗା ନଦୀରେ ସ୍ନାନ କରି ମାତା ଗଙ୍ଗାଙ୍କୁ ପୂଜାର୍ଚ୍ଚନା ଓ ଆରାଧନା କଲେ ଯେତିକି ପୁଣ୍ୟପ୍ରାପ୍ତି ହୋଇଥାଏ ଥରେ ମାତ୍ର ପୁଣ୍ୟତୋୟା ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କଲେ ସେହି ସମାନ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ଏହି ପୁଣ୍ୟତୋୟା ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପ୍ରସିଦ୍ଧ ମାଘସପ୍ତମୀ ବୁଡ ଆୟୋଜିତ ହୋଇଥାଏ। ପୁରୀ ଜିଲ୍ଲାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରେ ଏହା ହେଉଛି ଦ୍ୱିତୀୟ ସର୍ବ ବୃହତ୍ତମ ମେଳା ଭାବେ ଓଡ଼ିଶାର ପୁରପଲ୍ଲୀରେ ଖ୍ୟାତି ଲାଭ କରିଛି। ଉତ୍ତର ପ୍ରଦେଶ ଆଲ୍ଲାହାବାଦରେ ଆୟୋଜିତ ହେଉଥିବା କୁମ୍ଭ ମେଳାର ମାହାତ୍ମ୍ୟ ଭାରତୀୟ ଐତିହ୍ୟ ଓ ସଂସ୍କୃତିରେ ଯେତିକି ବିଖ୍ୟାତ ରହିଛି। ସେହିପରି ପୁରୀ ଜିଲ୍ଲା ଚନ୍ଦ୍ରଭାଗା ଠାରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଅନୁଷ୍ଠିତ ହେଉଥିବା ମାଘସପ୍ତମୀ ମେଳାର ମାହାତ୍ମ୍ୟ ଓ ଆଧ୍ୟାତ୍ମିକତା ସେତିକି ରହିଛି ବୋଲି ଭାରତୀୟ ସଂସ୍କୃତିର ବେଦ ବେଦାନ୍ତ ଓ ପୁରାଣ ପରମ୍ପରାରୁ ଜଣାଯାଏ। ଚନ୍ଦ୍ରଭାଗା ଏକ ଆଧ୍ୟାତ୍ମିକ ଓ ଧାର୍ମିକ ପରମ୍ପରାର ପୁଣ୍ୟତୋୟା ନଦୀ ଭାବରେ ପୁରାଣ ପୃଷ୍ଠାରେ ବିମଣ୍ଡିତ। ମାତ୍ର କାଳକ୍ରମେ କାଳର କରାଳ ଗତିରେ ଏହା କ୍ରମଶଃ ପୋତି ହୋଇଯାଇଛି। ଏହି ତୀର୍ଥର ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ଚନ୍ଦ୍ରଭାଗା ନଦୀର କିଛି ଅଂଶକୁ ଶ୍ରଦ୍ଧାଳୁ ଠାରେ ସ୍ନାନ ନିମନ୍ତେ ଏକ ପୁଷ୍କରଣୀ ଭାବେ ସଂରକ୍ଷିତ କରି ରଖାଯାଇଛି। ଏହି ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ଠାରେ ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ମାଘସପ୍ତମୀ ବୁଡ ଅନୁଷ୍ଠିତ ହୋଇଥାଏ। କାହିଁ କେଉଁ ଆବାହମାନ କାଳରୁ ଏହି ବୁଡ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେଉଛି। ପ୍ରାଚୀନ କାଳରେ ଏହି ପବିତ୍ର ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ପବିତ୍ର ମାଘ ସପ୍ତମୀ ଦିନ ଅଷ୍ଟମ ଶମ୍ଭୁମାନଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ମହାସ୍ନାନ ପରେ ଦୂର ଦୂରାନ୍ତରୁ ବୁଡ ପକାଇବା ପାଇଁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରିଥାନ୍ତି। ମାତ୍ର କାଳକ୍ରମେ ଅଷ୍ଟ ଶମ୍ଭୁଙ୍କ ବଦଳରେ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ସମ୍ପାଦନ ମହାସ୍ନାନ କାର୍ଯ୍ୟ ଧାର୍ମିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ସମ୍ପାଦନ କରାଯାଉଛି। ପବିତ୍ର ମାଘ ଷଷ୍ଠୀ ରାତିରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ପାଇଁ ସମାଗମ ହୋଇଥାଏ। ଏହି ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ଓ ସୁଲଭ ବୁଡ ନିମନ୍ତେ ସ୍ଥାନୀୟ ଓ ପୁରୀ ଜିଲ୍ଲା ପ୍ରଶାସନ ବେଶ ଯତ୍ନବାନ ଓ ତତ୍ପରତା ଭାବେ ଦାୟିତ୍ୱ ତୁଲାଇଥାଏ। ଚଳିତ ବର୍ଷ ମାଘ ସପ୍ତମୀ ବୁଡ଼ ନିମନ୍ତେ ମାଧିପୁର ଗ୍ରାମର ମହାଦେବ ବାବା ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ମହାଦେବ ବାବା ଇଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ମହାଦେବ ବାବା ଦକ୍ଷିଣେଶ୍ୱର ପ୍ରମୁଖ ତ୍ରିଶମ୍ଭୁ ମାଘ ଷଷ୍ଠୀ ସୋମବାର ତାରିଖ ରାତ୍ର ୯ଘ ୪୫ ମିନିଟ ସମୟରେ ନିଜ ପୀଠରୁ ବାହାରି ବିମାନ ବିଜେ କରିବାର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଏହି ଦିନ ରାତ୍ର ୧୧ଘଟିକା ସମୟରେ ସୁସଜ୍ଜିତ ବିମାନରେ ନିଜ ନିଜର ପୀଠରୁ ତ୍ରିଶମ୍ଭୁଙ୍କ ଅର୍ଥାତ ବାବା ତ୍ରିବେଣୀଶ୍ୱର, ବାବା ଇଶାଣେଶ୍ୱର ଓ ବାବା ଦକ୍ଷିଣେଶ୍ୱର ମହାଦେବ ଉଜ୍ଜଳଆଲୋକ ମାଳା ଓ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ଆସି କୋଣାର୍କ ମେଡିକାଲ ଛକ ଠାରେ ସମବେତ ହେବା ପରେ ସେଠାରୁ କୋଣାର୍କ ଏନଏସି ପଡିଆ ସ୍ଥିତ ଭୋଗ ମଣ୍ଡପ ଅଭିମୁଖେ ଯାତ୍ରା କରିବାର ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ସେଠାରେ ଧାର୍ମିକ ରୀତିନୀତି ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ଭୋଗ ଲାଗି ପରେ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ



ଓ ପରେ ପରେ କୋଣାର୍କ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ତ୍ରିଶମ୍ଭୁଙ୍କ ନିକଟରେ ଚାଟେରୀ ଭୋଗ ଲାଗି ସହ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ରାତ୍ର ୪ଘଟିକା ସମୟରେ ବାବା ତ୍ରିବେଣୀଶ୍ୱର, ଇଶାଣେଶ୍ୱର ଓ ଦକ୍ଷିଣେଶ୍ୱର ମହାଦେବଙ୍କୁ ଗୋପାଳ ସେବକ ମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନେଇ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ତ୍ରିଶମ୍ଭୁଙ୍କ ଅବସ୍ଥାନ ପରେ ତିନି ଠାକୁରଙ୍କ ପୂଜକମାନେ ପୁଣ୍ୟତୋୟା ଚନ୍ଦ୍ରଭାଗା ନଦୀ ତଥା ଅଧୁନା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୁଣ୍ୟ ଜଳ ଆଣିବା ପରେ ତ୍ରିଶମ୍ଭୁମାନଙ୍କ ପୂଜାର୍ଚ୍ଚନା ଓ ମହାସ୍ନାନ ବିଧି ୪ଟା ୩୭ ମିନିଟ ସମୟରେ ଅନୁଷ୍ଠିତ ହେବ। ଏହାପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ଶୃଙ୍ଖଳିତ ସ୍ନାନ କାର୍ଯ୍ୟ ପାଇଁ ବ୍ୟାରିକେଟ ବ୍ୟବସ୍ଥା କରାଯାଇଛି। ମାଘସପ୍ତମୀ ବୁଡ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ତୀର୍ଥ ପୁଷ୍କରିଣୀ ଚତୁର୍ଦ୍ଦିଗ ସମେତ ବିଭିନ୍ନ ସ୍ଥାନରେ ୩୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ନେଇ ସୁବନ୍ଦୋବସ୍ତ କରାଯାଇଛି। ତ୍ରିଶମ୍ଭୁଙ୍କ ମହାସ୍ନାନ ପରେ ତୀର୍ଥ ପୁଷ୍କରିଣୀରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ଆସିଥିବା ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଭକ୍ତମାନେ ମାଘ ଷଷ୍ଠୀ ରାତି ୪ଟା ୩୭ ମିନିଟ ସମୟରୁ ମାଘସପ୍ତମୀ ଭୋର ୬ଟା ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ମାଘସପ୍ତମୀ ବୁଡ ପକାଇବାର ସାନ୍ନିଧ ଲାଭ କରିପାରିବେ। ଏହି ପ୍ରସିଦ୍ଧ ଦ୍ୱିତୀୟ ସର୍ବ ବୃହତ ମେଳା ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ କାର୍ଯ୍ୟ ସଂପାଦନ କରାଯିବା ସହ ବ୍ଲିଚିଂ ପକାଯାଇ ପୁଷ୍କରିଣୀର ଜଳକୁ ବିଶୋଧନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଠାରେ ମାଟି ହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରି ଅର୍କାଦିତ୍ୟଙ୍କ ପୂଜାର୍ଚ୍ଚନା କରିବା ପରେ ବ୍ୟଞ୍ଜନ ନିଜେ ସେବନ କରି ବଳିଥିବା ଅବଶିଷ୍ଟ ବ୍ୟଞ୍ଜନ ସହ ମାଟି ହାଣ୍ଡିକୁ ତୀର୍ଥ ପୁଷ୍କରିଣୀ ସନ୍ନିକଟ ହାଣ୍ଡି ଭଙ୍ଗା ପୁଷ୍କରିଣୀରେ ହାଣ୍ଡି ଭାଙ୍ଗି ଥାନ୍ତି। ଏହି ପରମ୍ପରା କାହିଁ କେଉଁ ଆବାହମାନ କାଳରୁ ରହି ଆସିଛି। ମାଘସପ୍ତମୀ ସ୍ନାନ ପରେ ଶ୍ରଦ୍ଧାଳୁ ଭକ୍ତମାନେ ସୂର୍ଯ୍ୟୋଦୟ ଦେଖିବାକୁ ସମୁଦ୍ର କୂଳରେ ସମବେତ ହୋଇଥାନ୍ତି। ଚନ୍ଦ୍ରଭାଗା ଠାରେ ସୂର୍ଯ୍ୟୋଦୟ ଦୃଶ୍ୟ ବେଶ ମନୋରମ। ଶ୍ରଦ୍ଧାଳୁ ଭକ୍ତମାନେ ସୂର୍ଯ୍ୟ ନାରାୟଣଙ୍କ ଦର୍ଶନ କରିବା ପରେ ଚନ୍ଦ୍ରଭାଗା ତୀର୍ଥ ଠାରେ ସୂର୍ଯ୍ୟ ନାରାୟଣଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥାନ୍ତି। ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀ ଠାରେ ପବିତ୍ର ମାଘସପ୍ତମୀ ତିଥିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତମାନେ ବୁଡ ପକାଇ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କରିଥାନ୍ତି। କାହିଁ କେଉଁ ଆବାହମାନ କାଳରୁ ଏହି ବୁଡ ଅନୁଷ୍ଠିତ ହେଉଛି। ଭାରତୀୟ ସଂସ୍କୃତିର ମହାନ ପର୍ବ ଓ ଐତିହ୍ୟର ପ୍ରତୀକ ଭାବରେ ଭାରତର କୋଣ ଅନୁକୋଣରେ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ପ୍ରସିଦ୍ଧ ଲାଭ କରିଛି। ମାତ୍ର ସରକାରୀ ଉଦାସୀନତା ଯୋଗୁଁ ଏହି ଭାରତ ବିଖ୍ୟାତ ମାଘସପ୍ତମୀ ବୁଡ ଲୋକ ପ୍ରିୟତା ହେବା ବଦଳରେ ବିଲୁପ୍ତ ହେବାକୁ ବସିଛି। ଉତ୍ତର ପ୍ରଦେଶର କୁମ୍ଭ ମେଳା ଓ ଓଡ଼ିଶାର ବରଗଡ ଧନୁଯାତ୍ରା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁଳି ଭାବେ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରାଯାଇଛି। ସେହିପରି ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡର ଲୋକ ପ୍ରିୟତା ଓ ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଶ୍ରଦ୍ଧାଳୁ ଭକ୍ତ ଓ ସେବାୟତ ସମାଜ। ମାଘସପ୍ତମୀ ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ରହିଥାଏ। ନିଶୁଳ୍କ ଥିବାରୁ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳେ। ଶ୍ରଦ୍ଧାଳୁ ଭକ୍ତମାନେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଏହାର କାରୁକାର୍ଯ୍ୟ ଓ କଳାକୃତି ବୁଲି ଦେଖିଥାନ୍ତି। ମନ୍ଦିର ପରିଦର୍ଶନ କରିବା ପରେ ଶ୍ରଦ୍ଧାଳୁ ଭକ୍ତମାନେ ପରିବାର ସଦସ୍ୟଙ୍କ ଗ୍ରହଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ କରିଥାନ୍ତି। ଚଳିତ ବର୍ଷ ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବାବାଙ୍କ ବର୍ଷେ ଶ୍ରଦ୍ଧାଳୁ ଭକ୍ତମାନେ ତ୍ରିଶମ୍ଭୁଙ୍କୁ ଦର୍ଶନ ଓ ତୀର୍ଥରେ ବୁଡ ପକାଇବା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷାରତ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ସରକାରୀ ଶିକ୍ଷାନୁଷ୍ଠାନ, ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ମାଘ ଶୁକ୍ଳ ପକ୍ଷ ବସନ୍ତ ପଞ୍ଚମୀ ଅବସରରେ ମା' ସରସ୍ୱତୀଙ୍କ ପୂଜା ଉତ୍ସବମୁଖର ହୋଇଛି । ମା'ଙ୍କ ପୂଜାନୀତି ସ୍ୱତନ୍ତ୍ର ଢଙ୍ଗରେ ଫିରିଫିରା ଗ୍ରାମରେ ପୂଜା କମିଟି ଓ ଯୁବ ଗୋଷ୍ଠୀ ମାନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟା ସମୟରେ ପୌରାଣିକ ରୁଦ୍ର ମାଧବ କଳି ନାଟକ ପରିବେଷଣ ହୋଇଥିଲା। ସେହିଭଳି ସଂପୁର ଚତୁର୍ଭୁଜ ସରକାରୀ ବିଦ୍ୟାଳୟରେ ଦିବା ଲୋକ ରେ ମାଆଙ୍କ ପୂଜା ସମ୍ପର୍ଣ ହୋଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ସୁସଜ୍ଜିତ କରିଥିଲେ । ସେହିପରି ରାଜସୁନାଖଳା ୟୁନିକ କୋଚିଙ୍ଗ ସେଣ୍ଟରରେ ଅଧ୍ୟାପକ ଜିତେନ୍ଦ୍ର କୁମାର ବସ୍ତି ମା'ଙ୍କ ପୂଜାକୁ ବିଧିମୁତାବକ ରେ ପାଳନ କରିଥିଲେ । ସିଆଇଏ ଏକାଡେମୀ କମ୍ପୁଟର ସେଣ୍ଟର, ସରକାରୀ ହରିରାଜପୁର ପ୍ରାଥମିକ ବିଦ୍ୟାଳୟ, ସଂପୁର ବଣିଆ ସାହି କୋଠ ଘର, ଆଇଟିସିଟି ବୋଲଗଡ, ମୁଗମଣ୍ଡା ଦେବଗୁରୁ ଆଶ୍ରମ ବିଦ୍ୟାଳୟ, ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିର,ପିଚୁକୁଳି, ଭକ୍ତଚରଣ ସରକାରୀ ବିଦ୍ୟାଳୟ ସାନପଦର, ରାସୋଳ ସରକାରୀ ବିଦ୍ୟାଳୟ, ରାସୋଳ ଗ୍ରାମର ସମସ୍ତ ସାହି ଗୁଡିକରେ ମା'ଙ୍କ ପୂଜା ବହୁ ଆଡମ୍ବର ସହକାରେ ପାଳନ କରାଯାଇଛି । ତତସହିତ ବୋଲଗଡ ବ୍ଲକର ବିଭିନ୍ନ ଅଞ୍ଚଳରେ ବାଗଦେବୀଙ୍କ ପୂଜା ସରଗରମରେ ପାଳିତ ହୋଇଛି ।

## ଲୋକ ବିକାଶ କେନ୍ଦ୍ର ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ



ପାରାଦ୍ୱୀପ(ଭାସ୍କର ନ୍ୟୁଜ): ନିଜ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଏହାର ସିଏସ୍ଆର୍ ପଦକ୍ଷେପର ଏକ ଅଂଶ ଭାବରେ ନୂଆଗଡ଼ ଗ୍ରାମରେ ଏକ ଲୋକ ବିକାଶ କେନ୍ଦ୍ର ସ୍ଥାପନ କରିଛି । ଉକ୍ତ କେନ୍ଦ୍ରକୁ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ତଥା ସ୍ଥାନୀୟ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦଘାଟନ କରଛନ୍ତି । ଜୀବିକା ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଧନ୍ଦାମୂଳକ ଦକ୍ଷତା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିବା ଏହି ଲୋକ ବିକାଶ କେନ୍ଦ୍ରର ପ୍ରମୁଖ ଲକ୍ଷ୍ୟ । ଏହି ଲୋକ ବିକାଶ କେନ୍ଦ୍ରରେ ମହିଳାମାନଙ୍କୁ ଛତୁ ଚାଷ, ସିଲାଇ, ଟେରାକୋଟା, ଖେଳନା ପ୍ରସ୍ତୁତି, ବାଜରା ଭିତ୍ତିକ ଉତ୍ପାଦ, ପ୍ରକ୍ରିୟାକୃତ ଶୁଖିଲା ଖାଦ୍ୟ, ଫିନାଇଲ ପ୍ରସ୍ତୁତି ଓ ଅନ୍ୟ ବିଷୟରେ ତାଲିମ ପ୍ରଦାନ କରାଯିବ । ଦକ୍ଷତା ବିକାଶ ବ୍ୟତୀତ ଏହି କେନ୍ଦ୍ରରେ ମାଇକ୍ରୋ ଇନସ୍ୟୁରାନ୍ସ, ପାରିବାରିକ ପରାମର୍ଶ, ବାଲ୍ୟ ବିବାହ, ଘରୋଇ ହିଂସା, ସକାରାତ୍ମକ ଚିନ୍ତାଧାରା ଏବଂ ଶିକ୍ଷା ଭଳି ପ୍ରମୁଖ ସାମାଜିକ ପ୍ରସଙ୍ଗ ଉପରେ ସଚେତନତା ଅଧିବେଶନର ଆୟୋଜନ କରାଯିବ, ଯାହାଦ୍ୱାରା ମହିଳାମାନଙ୍କ ଜ୍ଞାନ ଓ ଆତ୍ମବିଶ୍ୱାସରେ ବୃଦ୍ଧି ଅଣାଯିବା ସହିତ ସେମାନଙ୍କୁ ସଶକ୍ତ କରାଯାଇପାରିବ । ୬୦୦ରୁ ଅଧିକ ମହିଳା ଏହି ପଦକ୍ଷେପ ଦ୍ୱାରା ଉପକୃତ ହେବାକୁ ଥିବାବେଳେ ଲୋକ ବିକାଶ କେନ୍ଦ୍ର ସେମାନଙ୍କୁ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିବାରେ ମଧ୍ୟ ସହାୟତା କରିବ । ଦୀର୍ଘମିଆଦୀ ସ୍ଥାୟୀତ୍ୱକୁ ସୁନିଶ୍ଚିତ କରିବା ପାଇଁ, ଏଏମ୍/ଏନ୍ ଏସ୍ ଇଣ୍ଡିଆ ଏହି ମହିଳାମାନଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡିକ ପାଇଁ ବଜାର ସଂଯୋଗିକରଣ ଏବଂ ଏହାର ମୂଲ୍ୟବର୍ଦ୍ଧନ ଦିଗରେ ମଧ୍ୟ ସହାୟତା କରିବ, ଯାହାଦ୍ୱାରା ସେମାନଙ୍କ ସାମଗ୍ରୀ ବଡ଼ ବଜାରରେ ପହଞ୍ଚିବା ସହିତ ସେମାନେ ଆର୍ଥିକ ସ୍ୱାଧୀନତା ହାସଲ ପାଇଁ ସକ୍ଷମ ହୋଇପାରିବେ । ଉଦଘାଟନୀ ଉତ୍ସବରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୋଷ୍ଠୀମାନଙ୍କ ବିକାଶ ପାଇଁ ଏଏମ୍/ଏନ୍ ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ମହିଳାମାନଙ୍କୁ ଅତ୍ୟାବଶ୍ୟକ ଦକ୍ଷତା ଏବଂ ବଜାରରେ ସାମଗ୍ରୀ ବିକ୍ରି ପାଇଁ ସକ୍ଷମ କରାଇବା ଦ୍ୱାରା ଗ୍ରାମୀଣ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏଏମ୍/ଏନ୍ ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଥିଲେ ଯେ, ଏହି ପଦକ୍ଷେପ ମହିଳାମାନଙ୍କୁ ସେମାନଙ୍କ ପରିବାର ପାଇଁ ରୋଜଗାରର ବିକଳ୍ପ ଆୟ ସୃଷ୍ଟି କରିବାରେ ସହାୟତା କରିବ । ନିଜ ପରିବାରର ଆୟରେ ଯୋଗଦାନ କରିବାର କ୍ଷମତା ସେମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏକ କମ୍ପାନୀ ଭାବେ ଆମେ ସ୍ଥାନୀୟ ଲୋକମାନଙ୍କ ତଥା ବିଶେଷ କରି ମହିଳାଙ୍କ ଉତ୍ଥାନ ପାଇଁ ପ୍ରତିଶ୍ରୁତିବଦ୍ଧ।

## ଜବରଦଖଲକାରୀଙ୍କ କବ୍‌ଜାରେ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି: ଚଳୁ ପାଇଁ ଚାଲିଛି ଚକ୍ରାନ୍ତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଜଗନ୍ନାଥ ମହାପ୍ରଭୁଙ୍କ ସଂପତି କେବେ ଉଦ୍ଧାର ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏକ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସଂପତି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଥିବା ବେଳେ ଏହି ଜମି ଉପରେ ବେଆଇନ ଭାବେ କୋଠାଗୃହ ନିର୍ମାଣ ହୋଇଛି ଓ କେତେଜଣ ବ୍ୟକ୍ତି ନିର୍ମାଣ କରୁଛନ୍ତି । ମହାପ୍ରଭୁଙ୍କର ଏହି ସଂପତି ନିଜି ଦଖଲ ହୋଇଥିବା ବେଳେ ଆମ୍ବ ବଗାୟତ ରହିଛି । ମାତ୍ର ଏହି ସଂପତି ପ୍ରତି ମନ୍ଦିର ପ୍ରଶାସନ କିମ୍ବା ସ୍ଥାନୀୟ ତହସିଲଦାର ଦୃଷ୍ଟି ଦେଉ ନଥିବାରୁ ଜବର ଦଖଲକାରୀମାନେ ସଂପତିକୁ ଜବର ଦଖଲ କରୁଛନ୍ତି । ଜବର ଦଖଲକାରୀମାନଙ୍କର ପିତୃପୁରୁଷ ସଂପତି ରହିଥିଲେ ମଧ୍ୟ ଏହି ଜମିକୁ ଟଂଚକତା ଭାବେ ଦଖଲ କରି ମହାପ୍ରଭୁଙ୍କ ଜମିରେ ଥିବା ମୂଲ୍ୟବାନ ଗଛ ବିକ୍ରି କରୁଛନ୍ତି ଓ ନଡ଼ିଆ ଫସଲ ଖାଉଛନ୍ତି । ଦୀର୍ଘଦିନ ହେବ ପ୍ରତିବାଦର ସ୍ୱର ଉଠୁଥିଲେ ମଧ୍ୟ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି ଜଗନ୍ନାଥ ପ୍ରେମୀମାନେ ମତପ୍ରକାଶ କରିଛନ୍ତି । ରାଜସ୍ୱ ନିରୀକ୍ଷକ ଏହି ସଂପତି ଉପରୁ ଜବର ଦଖଲକାରୀଙ୍କୁ ହଟାଇବା ପାଇଁ ଉଦ୍ୟମ କରୁ ନାହାନ୍ତି । ଜାଣିଶୁଣି ନୀରବ ରହୁଥିବା କାରଣରୁ ଜବର ଦଖଲକାରୀମାନେ ଧରାକୁ ସରା ମନେକରି ମହାପ୍ରଭୁଙ୍କ ସଂପତିକୁ ଚଳୁ କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲ ପାଟପୁର ରାଜସ୍ୱ ସର୍କଲ ଅରିକ୍ଷିଣ୍ଡ ମୌଜାରେ ମହାପ୍ରଭୁଙ୍କର ବହୁ ସଂପତି ରହିଅଛି । ଏହି ସଂପତିକୁ କେତେଜଣ ବ୍ୟକ୍ତି ଜବର ଦଖଲ କରିଥିବା ବେଳେ ଅନ୍ୟ କେତେକ ବ୍ୟକ୍ତିଙ୍କର ନିଜସ୍ୱ ସଂପତି ଥାଇ ମହାପ୍ରଭୁଙ୍କ ଆମ୍ବ ବଗାୟତ ନିଜି ଦଖଲ ଜମିରେ କୋଠାଘର ନିର୍ମାଣ କରିଛନ୍ତି ଓ ଅନ୍ୟ କେତେଜଣ ବର୍ତ୍ତମାନ କୋଠାଘର ତୋଳୁଛନ୍ତି । ଏହି ଅଦ୍ଭୁତ ମଣୋହୀ ଜମିକୁ ଚଳୁ କରିବା ପାଇଁ ଜବର ଦଖଲକାରୀମାନେ ରୀତିମତ ଚକ୍ରାନ୍ତ ଚଳାଇଥିବା ବେଳେ ଏ ଦିଗରେ ତହସିଲଦାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେଉନାହିଁ । ଯାହାକୁ ନେଇ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ ନ କରିବା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ସେହିପରି ତୁଳସୀପୁର, କୁସୁମାଠେଙ୍ଗରେ ବ୍ୟାପକ ପରିମାଣରେ ମହାପ୍ରଭୁଙ୍କ ସଂପତି ରହିଥିବା ବେଳେ ଜଣେ ବ୍ୟକ୍ତି ନିଜକୁ ଠାକୁରଙ୍କ ମାର୍ଫତ୍‌ଦାର କହି ସଂପତି ବିକ୍ରି କରିବା ପାଇଁ ଚୁକ୍ତି କରି ଟଙ୍କା ଆଣି ସେମାନଙ୍କୁ ଦଖଲ ଦେଉଛନ୍ତି । ଚାରିଛକ ମେଡ଼ିକାଲ ନିକଟରେ ଥିବା ବ୍ରହ୍ମକୁଣ୍ଡି ଠାରେ ମହାପ୍ରଭୁଙ୍କ ସଂପତିକୁ ପିପିଲିର ଜଣେ ବ୍ୟକ୍ତି ଜବରଦଖଲ କରି ଏକ କଣ୍ଟେନର ପକାଇ ସଂପତି ହଡ଼ପ କରିବା ପାଇଁ ରୀତିମତ ଚକ୍ରାନ୍ତ ଚଳାଇଛି । ଖେଦରପୁରରେ ମଧ୍ୟ ମହାପ୍ରଭୁଙ୍କ ବ୍ୟାପକ ସଂପତି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଅଛି । ନୁହାରକିରି ମୌଜା, ଭୋବନିପୁର, ପାଟପୁର, ପାର୍ବତୀପୁର, ବଳଙ୍ଗା, ଉଛୁପୁର, ଆମରଙ୍ଗ, ସଲଙ୍ଗ, ବାମନାଳ ସମେତ ବିଭିନ୍ନ ଅଞ୍ଚଳରେ ମହାପ୍ରଭୁଙ୍କର ବ୍ୟାପକ ସଂପତି ରହିଥିବା ବେଳେ ଏହାକୁ ହଡ଼ପ ପାଇଁ ରୀତିମତ ଚକ୍ରାନ୍ତ ଚାଲିଛି । କ'ଣ ପାଇଁ ମନ୍ଦିର ପ୍ରଶାସନ ନୀରବ ସାଜିଛି ତାହାକୁ ନେଇ ଜନସାଧାରଣ ପ୍ରଶାସନଙ୍କୁ ପ୍ରଶ୍ନ କରିଛନ୍ତି ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କଲେ ମନ୍ତ୍ରୀ




ବ୍ୟାସନଗର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ ବଳ ସାମନ୍ତ ସୋମବାର ଡୁବୁରିରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) ଦ୍ୱାରା ନିର୍ମିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ୩,୭୪୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ନୂତନ ସୁବିଧା ସାଧାରଣ ଲୋକମାନଙ୍କ ପାଇଁ ସେବା ଯୋଗାଣ ଏବଂ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ଟିଏସଏଫର ପ୍ରତିବଦ୍ଧତାକୁ ଦର୍ଶାଉଛି । ଉତ୍ସବରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ଓଡ଼ିଶାର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଯୋଗ ଦେଇଥିଲେ । ପିଏଚ୍‌ସିରେ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ କରିବା ପାଇଁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅନୁକୂଳ ରାମ୍ପ ଏବଂ ଶୌଚାଳୟବ୍ୟବସ୍ଥା ରହିଛି । ଏଥିସହ ଭୂତଳ ଜଳ ସଂରକ୍ଷଣ ଏବଂ ପୁନର୍ଜୀବିତ କରିବାରେ ସାହାଯ୍ୟ କରୁଥିବା ଛାତ-ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ସହିତ ସ୍ଥାୟୀ ଭିତ୍ତିଭୂମି ଏବଂ ଶକ୍ତି ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ୩୦ରୁ ଉର୍ଦ୍ଧ୍ୱ ସୌର ପ୍ୟାନେଲ ଯୋଗେ ଅକ୍ଷୟ ଶକ୍ତି ଏକୀକରଣ ସମେତ ଅନେକ ବୈଶିଷ୍ଟ୍ୟ ରହିଛି ।

## ବିନା ଅନୁମତିରେ ବ୍ଲକ୍ ଆଗରେ ଇସି ମେମ୍ବରଙ୍କ ଧାରଣା



କଣ୍ଟାପଡା(ଭାସ୍କର ନ୍ୟୁଜ): ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ବିଭାଗରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ସରକାର ହୃଦୟଙ୍ଗମ କଲେ। ସ୍ଥାୟୀ ନିଯୁକ୍ତି ନଥାଇ ମଧ୍ୟ ବ୍ଲକ କାର୍ଯ୍ୟାଳୟ ପରିସରରେ କଣ୍ଟାପଡା ବ୍ଲକ ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟ ଆଗରେ କିଭଳି ଦେଲେ। ଏଭଳି ବେଆଇନ ଧାରଣା ପାଇଁ କିଏ ଅନୁମତି ଦେଇଥିଲା। ଏ ନେଇ ବିଡିଓ ସ୍ୱପ୍ନିତା ନାଏକ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଦାବିପତ୍ର ଗ୍ରହଣ କଲେ କିଭଳି ? ତାଙ୍କ କାର୍ଯ୍ୟାଳୟ ଆଗରେ ଏତେ ସଂଖ୍ୟକ ମହିଳାଙ୍କୁ ଧାରଣାରେ ବସାଇବାକୁ ଅନୁମତି ଦେଲେ କେମିତି ? ଧାରଣା ଦେବା ନିମନ୍ତେ ସ୍ଥାନୀୟ ପୋଲିସ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ନଥିଲେ କାହିଁକି ? ଯଦି ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ନ ଦେଇ ଚାରିଘଣ୍ଟା କାଳ କାହିଁକି ଧାରଣାରେ ବସିଥିଲେ। ବ୍ୟାଙ୍କରୁ ସ୍କୁଟି ଋଣ ନେଲା ବେଳେ ଚୁକ୍ତିନାମା ମିଶନ ଶକ୍ତି ମା'ମାନେ ପଢ଼ିନଥିଲେ। ଏସବୁ ଦାବି ନେଇ ମିଶନ ଶକ୍ତି, ଇସି ସଂଘ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ଆଗରେ ୪ ଘଣ୍ଟା ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ପରିବା ବୋଝେଇ ମିନିଟ୍ରକ୍

ଢେଙ୍କାନାଳ(ଭାସ୍କର ନ୍ୟୁଜ): ସୋମବାର ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ବିଜାଡିହ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟିଲା ପରିବା ବୋଝେଇ ମିନି ଟ୍ରକ। ଅଳ୍ପକେ ବର୍ତ୍ତିଲେ ମାଲିକ ଓ ଡ୍ରାଇଭର। ତେବେ ମିନି ଟ୍ରକଟି ପରିବା ନେଇ କଟକରୁ କାମାକ୍ଷାନଗର ସାପ୍ତାହିକ ହାଟକୁ ଯାଉଥିବା ବେଳେ ଏକ ଗାଈ ପଲ ରାସ୍ତା ଉପରକୁ ଚାଲି ଆସିଥିଲେ। ଫଳରେ ଡ୍ରାଇଭର ଜଣଙ୍କ ଗାଈ ପଲକୁ ବଂଚାଇବାକୁ ଯାଇ ବ୍ରେକ ମାରି ଦେଇଥିଲେ ଫଳରେ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିଲା। ସୌଭାଗ୍ୟବସତଃ ଗାଡି ଚାଳକ ଓ ମାଲିକ ବର୍ତ୍ତି ଯାଇଛନ୍ତି। ସେମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି।

ସରକାରୀ ସାହାଯ୍ୟ ସହଯୋଗରୁ ବଞ୍ଚିତ ବସ୍ତିବାସିନ୍ଦା

## ସମାଧାନ ନହେଲେ ପିପିଏଲ୍ ଅବରୋଧ ପାଇଁ ସୁରକ୍ଷା ପରିଷଦର ଚେତାବନୀ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସାର କାରଖାନା ପରିସରରେ କାରଖାନା ଆରମ୍ଭରୁ ରହିଆସିଥିବା ସାରଳା କଲୋନୀ, ଫାଣ୍ଡି କଲୋନୀ ସତସଙ୍ଗ କଲୋନୀରେ ରହୁଥିବା ବସ୍ତିବାସିନ୍ଦାଙ୍କ ପାଖରେ କୌଣସି ସରକାରୀ ସହାୟତା କିମ୍ବା ଉନ୍ନୟନମୂଳକ ସୁବିଧା ପହଞ୍ଚି ପାରୁନଥିବା ନେଇ ଅଭିଯୋଗ କରିଛି ପାରାଦୀପ ବସ୍ତିବାସିନ୍ଦା ସୁରକ୍ଷା ପରିଷଦ । ପିପିଏଲ କର୍ତ୍ତୃପକ୍ଷ ସରକାରୀ ଯୋଜନା ଏବଂ ବସ୍ତିରେ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରିବା ସହ ବସ୍ତିବାସିନ୍ଦାଙ୍କୁ ଆକ୍ରମଣ କରିବାକୁ ପଛାଉନଥିବା ଏବଂ ବସ୍ତିରେ କେହି ନିଜ ଘରକୁ ପିଇବା ପାଣି ସଂଯୋଗ କରୁଛି ପିପିଏଲ ଏହାକୁ ଭାଙ୍ଗି ଦେଉଥିବା ସାମ୍ବାଦିକ ସମ୍ମିଳନୀରେ ପରିଷଦ ସଭାପତି ରତ୍ନାକର ଜେନା ଅଭିଯୋଗ କରିଛନ୍ତି । ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରି ଶ୍ରୀ ଜେନା ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଞ୍ଚଳରେ ଥିବା ପାଖାପାଖି ବିଭିନ୍ନ ବସ୍ତିର ୫ ହଜାର ପରିବାରକୁ ପାନୀୟଜଳ, ବିଦ୍ୟୁତ ଆଲୋକ ସହ ମୌଳିକ ସୁବିଧା ଯୋଗାଇବା ସହ ଆବଶ୍ୟକ ସ୍ଥଳେ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରୁଥିବା ବେଳେ ପିପିଏଲ କର୍ତ୍ତୃପକ୍ଷଙ୍କ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ଦୃଢ଼ ବିରୋଧ କରିଛନ୍ତି । ତେବେ ଏହି ଜନବିରୋଧୀ କାର୍ଯ୍ୟରୁ ବିରତ ନହେଲେ ପିପିଏଲ ଫାଟକ ସମ୍ମୁଖରେ ମଙ୍ଗଳବାର ଦିନଠାରୁ ବିକ୍ଷୋଭ କରାଯାଇ ପିପିଏଲକୁ ଅବରୋଧ କରାଯିବ ବୋଲି ପରିଷଦ ସାଧାରଣ ସମ୍ପାଦକ ଗୋଲେଖ ସାହୁ, ଉପସଭାପତି ଅନନ୍ତ ଜେନା, ଯୁଗ୍ମ ସମ୍ପାଦକ ମନୋଜ କୁମାର ବେହେରା, କୋଷାଧ୍ୟକ୍ଷ ସମୀର କୁମାର ସାହୁ, ସହ ସମ୍ପାଦକ କମଳ କୁମାର ଦାସ, ପରିଷଦ ଅଜିତ ଷଡଙ୍ଗୀ, ସୁକାନ୍ତ ଦାସ, ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଏବଂ ସର୍ବେଶ୍ୱର ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି । ତେବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ସୋମବାର କାର୍ଯ୍ୟାଳୟକୁ ପରିଷଦର କାର୍ଯ୍ୟକର୍ତ୍ତାଙ୍କୁ ଡକାଇ ଆଲୋଚନା କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ଡାକରାକୁ ସମ୍ପ୍ରତି ସମୟ ପାଇଁ ପ୍ରତ୍ୟାହୃତ କରାଯାଇଥିବା ନେଇ ପରିଷଦର ସଭାପତି ଶ୍ରୀ ଜେନା ସୂଚନା ଦେଇଛନ୍ତି ।

## କାଠ ବୋହିଲେ ଛାତ୍ରଛାତ୍ରୀ, ଶିକ୍ଷକ କଲେ ମଉଜ ମଜଲିସ୍



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଂଚାୟତ ଉଚ୍ଚ ବିଦ୍ୟାଳୟରେ କାଠ ବୋହିଲେ ଛାତ୍ର ଛାତ୍ରୀ। ପଂଚାୟତ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଥିବା ବେଳେ, ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦଉଚି ବିଦ୍ୟାଳୟର କର୍ତ୍ତୃପକ୍ଷ। ସରକାର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ଯୋଗାଇ ଦେବା କହି ବାହା ବାହା ନେଉଥିବା ବେଳେ, ସରକାରଙ୍କ ନିୟମକୁ ଉଲ୍ଲଂଘନ କରିଚାଲିଛି ଘାଗରାମୁଣ୍ଡା ପଂଚାୟତ ଉଚ୍ଚ ବିଦ୍ୟାଳୟ। ଛାତ୍ରଛାତ୍ରୀମାନେ ସ୍କୁଲ ବାହାରୁ କାଠ ବୋହିବା ଘଟଣା ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ସାଧାରଣରେ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଭାଇରାଲ ଭିଡିଓରେ ସ୍କୁଲ ସମୟ ୧୧ଟା ପରେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ଚେୟାରରେ ବସି ବସି ଦରମା ନେଉଥିବା ବେଳେ କେମିତି ଗେଟ ବାହାରକୁ ଠେଲି ଦେଲେ ଛାତ୍ର ଛାତ୍ରୀ ଭବିଷ୍ୟତକୁ। ଯଦି କାଠ ଆଣିବା ସମୟରେ କୌଣସି ଛାତ୍ର ଛାତ୍ରୀ ଅଘଟଣ ଘଟିଲା ତେବେ ଏଥି ପ୍ରତି ଦାୟୀ କିଏ ରହିବ ତାହାକୁ ନେଇ ଅନେକ ପ୍ରକାର ପ୍ରଶ୍ନ ଉଠିଛି। ଶିକ୍ଷକମାନେ ନିଜର ଚେୟାରରେ ସୀମିତ ରହି ଦରମା ନେଉଥିବା ବେଳେ ଭୁଲି ଗଲେ ଛାତ୍ର ଛାତ୍ରୀଙ୍କ ଜୀବନକୁ। ଏଥିପ୍ରତି ବିଦ୍ୟାଳୟର କର୍ତ୍ତୃପକ୍ଷ ଜାଣି ଶୁଣି ଏଭଳି କରୁଚି ନା ଜାଣି ନଜାଣିଲା ଭଳି ଅଭିନୟ କରୁଚି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିଲେ ପିଲାମାନେ ଭୋଜି କରିବେ ଏବଂ ତାଙ୍କୁ ଆମେ ବାହାରକୁ ଛାଡ଼ିନୁ ବୋଲି କହିଥିଲେ। ତେବେ ବାହାରକୁ ଛାତ୍ର ଛାତ୍ରୀ ଗଲେ କାହା ଇଙ୍ଗିତରେ ନା ଭୋଜି ଖାଇବା ଆଳରେ ମତ ବଦଳାଉଛନ୍ତି ପ୍ରଧାନ ଶିକ୍ଷକ ତାହା ତଦନ୍ତ ହେଲେ ସତ ସାମ୍ନାକୁ ଆସିବ ବୋଲି ଏବେ ସାଧାରଣରେ ମତ ପ୍ରକାଶ ପାଉଛି। ଏଠି ବ୍ଲକ୍ ଶିକ୍ଷା ଅଧିକାରୀ ଆଖି ବନ୍ଦ କରି ଶିକ୍ଷା ବିଭାଗକୁ ଚଳାଉଛନ୍ତି ନା ସୁରକ୍ଷା ଦେଇଛନ୍ତି ତାହା ଦେଖିବାକୁ ସମସ୍ତଙ୍କ ଅପେକ୍ଷା। ତେବେ ଏଥି ପ୍ରତି ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେଇ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରିଛନ୍ତି।

## ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭକ୍ତ ଦାସିଆ ସ୍ମୃତି କମିଟି, ବାଲିଗାଁ, ପୁରୀ ଆନୁକୂଲ୍ୟରେ ଏକ ବର୍ଣ୍ଣାଢ୍ୟ ସମ୍ବର୍ଦ୍ଧନା ଉତ୍ସବରେ ବିଶ୍ୱ ପ୍ରସିଦ୍ଧ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ରଙ୍କୁ ଅନୁଷ୍ଠାନର ସଭାପତି ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶାରଦ ବାଗ୍ମୀ ପ୍ରବଚକ ଡାକ୍ତର ପ୍ରତିଭା ମହାରଥିଙ୍କ ଅଧକ୍ଷତାରେ ଭୁବନେଶ୍ୱରର ରାଜୀବ ଭବନ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି। ଉତ୍ସବରେ ଡ଼ଃ. ମହାରଥୀ ପଦ୍ମଶ୍ରୀ ଉପାଧି ପାଇଁ ବାସ୍ତବରେ ଯୋଗ୍ୟ ବ୍ୟକ୍ତିଙ୍କୁ ଭାରତ ସରକାର ନିର୍ବାଚିତ କରିଥିବାରୁ ଧନ୍ୟବାଦ ଦେବାସହ ପଦ୍ମଶ୍ରୀ ମହାପାତ୍ର ଜଣେ ସରଳ, ନିଷ୍ପାପର, ଉଦ୍ୟମୀ, କର୍ମଯୋଗୀ ଭାବେ ସମାଜର ଉନ୍ନୟନ ନିମନ୍ତେ ସମ୍ପୂର୍ଣ୍ଣ ସମର୍ପିତ ହେବା ଏହା କୌଣସି ରକ୍ତ ମାଂସ ଶରୀରର ମାନବ ନିକଟରେ ସମ୍ଭବ ନୁହେଁ ମତ ପ୍ରକାଶ କରିଥିଲେ। ସେହିଭଳି ତାଙ୍କର ସର୍ବକନିଷ୍ଠ ଭ୍ରାତା ଶ୍ରୀକାନ୍ତ ମହାପାତ୍ର, ଉତ୍କଳ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ଃ. ବିନାୟକ ରଥ, ସହପାଠୀ ଡ଼ାକ୍ତର ମହେଶ ପ୍ରସାଦ ରାଉତ ଉତ୍କଳ ବିଶ୍ୱ ବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ. ମହେଶ୍ୱର ସାହୁ, ପାରାଦ୍ୱୀପ ବନ୍ଦରର ପ୍ରାକ୍ତନ ସଚୀବ ପ୍ରଭାତ କୁମାର ନନ୍ଦ ପ୍ରମୁଖ ତାଙ୍କ ଜୀବନ ଯାତ୍ରାର ବହୁମୁଖୀ ପ୍ରତିଭାର ଭୂୟସି ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସଂପାଦକ ଡ଼ଃ. ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ମାନପତ୍ର ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ପାଠ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଏହି ଉତ୍ସବରେ ଶିକ୍ଷା ବିଭାଗର ପ୍ରାକ୍ତନ ଭାରତୀୟ ପ୍ରଶାସନିକ ଅଧିକାରୀ ଜଗଦିଶ ପ୍ରସାଦ ଅଗ୍ରୱାଲ, ପ୍ରଫେସର ଡ଼ଃ. ଦୁର୍ଗା ପ୍ରସାଦ ମିଶ୍ର, ଜଟଣୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ଼ଃ. ପ୍ରେମଲତା ଦେବୀ, ଅରୁଣା ତ୍ରିପାଠୀ, ଇଂ.ରୋହିତ କୁମାର ସେଠୀ, ଇଂ ଭକ୍ତି ପ୍ରସାଦ ମହାପାତ୍ର, ବିଶିଷ୍ଟ ସଂଗିତଜ୍ଞ ଅଜୟ କୁମାର ଦାସ, ଇଂ ବସନ୍ତ କୁମାର ମିଶ୍ର, ବିଶିଷ୍ଟ ସମାଜ ସେବୀ ଜୟ ପ୍ରକାଶ ମିଶ୍ର, ଅର୍ଜ୍ଜୁନ ଚରଣ ସାମଲ, ପ୍ରଶାନ୍ତ କୁମାର ରାଉତରାୟ, ବୃନ୍ଦାବନ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆସନ୍ତା ୮ ତାରିଖ ଶନିବାର ଦିନ ଭକ୍ତ ଦାସିଆଙ୍କ ମହାପ୍ରୟାଣ ଦିବସ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠାରେ ଅନୁଷ୍ଠିତ ହେବାକୁ ସମସ୍ତ ପ୍ରସ୍ତୁତି ଆଲୋଚିତ ହେବାପରେ ସପନ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୧୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦୫ ଗୋଟି ଓ ରେଡ୍‌କ୍ରସ୍ ପାଣ୍ଠିରୁ ୦୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୩୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ କୈଳାଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ, ଯାଜପୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଭିଏସ୍‌ଏସ୍ ଆକାଉଣ୍ଟରେ ଜମା ହୋଇନି ଟଙ୍କା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କେନ୍ଦୁଝର(ଭାସ୍କର ନ୍ୟୁଜ): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୨୫୦୫ ୟୁକାଲିପଟାସ ଗଛ କଟାଯିବା ପାଇଁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ ବନ ବିଭାଗ ୦୪/୦୫/୨୦୨୪ରେ ଅନୁମତି ଦେଇଥିଲା। ତେବେ ଗଛ କାଟିବା ପୂର୍ବରୁ କୃଷ୍ଣପୁର ବନ ସୁରକ୍ଷା ସମିତିରେ ଏ ବାବଦରେ ଅର୍ଥ ଜମା କରିବାର ନିୟମ ରହିଛି। ମାତ୍ର ନୀୟମ ଉଲ୍ଲଙ୍ଘନ ହୋଇ ବନଇଚ୍ଛା ଗଛ କଟାଯାଇଛି। ଅନୁମତି ଠାରୁ ଅଧିକ ଗଛ କଟାଯାଇଥିବା ନେଇ ଅଭିଯୋଗ ହେବା ପରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ସମେତ ୧୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଗଛ କଟା ବାବଦକୁ ଆଦାୟ ୩୦ ଲକ୍ଷ ୬୫ ହଜାର ଟଙ୍କା କୃଷ୍ଣପୁର ବନ ସୁରକ୍ଷା ସମିତିର ବ୍ୟାଙ୍କ ଅକାଉଣ୍ଟରେ ଜମା ନ ହୋଇ ସେମାନଙ୍କର ବ୍ୟକ୍ତିଗତ ବ୍ୟାଙ୍କ ଖାତାରେ ଜମା ହୋଇଥିବା ଜଣାପଡିଥିଲା। ଏଣୁ ଉକ୍ତ ଟଙ୍କା ୩ ଦିନ ମଧ୍ୟରେ କୃଷ୍ଣପୁର ବନ ସୁରକ୍ଷା ସମିତି ଆକାଉଣ୍ଟରେ ଜମା କରିବାକୁ ଚମ୍ପୁଆ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ ଚିଠି ନମ୍ବର ୩୩୮୮ତା ୨୮/୧୧/୨୦୨୪ରେ ରେ ଭିଏସ୍‌ଏସ୍ ସଭାପତିଙ୍କୁ ଚିଠି କରିଥିଲେ। ଉକ୍ତ ଅର୍ଥ ୩ ଦିନ ମଧ୍ୟରେ ଜମା ନକଲେ ଅର୍ଥ ହଡପ ମାମଲା ରୁଜୁ କରାଯିବ ବୋଲି ଚିଠିରେ ଉଲେଲ୍ଲଖ ଥିଲା। ତେବେ ଅଦ୍ୟାବଧି ଟଙ୍କା ଜମା ହୋଇ ନଥିଲେ ହେଁ କେସ ରୁଜୁ ହୋଇନଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବନ ବିଭାଗ କାହିଁକି ବନ ସୁରକ୍ଷା ସମିତିର ସଦସ୍ୟମଙ୍କ ନାମରେ ମାମଲା ରୁଜୁ କରୁନାହାଁ ତାହା ସନ୍ଦେହ ଘେରରେ। ଚିଠି କରାଯିବାର ୨ମାସ ପରେ ମଧ୍ୟ ଟଙ୍କା ଜମା ହୋଇନଥିଲେ ହେଁ ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାମଲା ରୁଜୁ କରୁନଥିବାରୁ କୃଷ୍ଣପୁର ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଗଛ କଟା ପୂର୍ବରୁ ନିୟମ ଅନୁସାରେ ବିକ୍ରୀ ବାବଦ ଅର୍ଥ ବନ ସୁରକ୍ଷା ସମିତିର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଏହି ବିକ୍ରୟ ମୂଲ୍ୟର ୪୦ ପ୍ରତିଶତ ଗାଁର ଉନ୍ନତିକରଣ,୪୦ ପ୍ରତିଶତ ଭିଏସ୍‌ଏସ୍ ସଦସ୍ୟ ଥିବା ଗ୍ରାମବାସୀମାନଙ୍କ ମଧ୍ୟରେ ବଣ୍ଟାଯିବ ଏବଂ ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଗଛ କଟାଯାଇଥିବା ଜଙ୍ଗଲରେ ପୁନର୍ବାର ବୃକ୍ଷରୋପଣ ପାଇଁ ଜମା ରଖିବାର ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ ଯେ, ଗଛ କଟା କାମରେ କୃଷ୍ଣପୁର ଗ୍ରାମବାସୀଙ୍କୁ ୨୫୦୫ କାଟିବା ପାଇଁ ଅନୁମତି ଥିବାବେଳେ ସେମାନେ ସଂଖ୍ୟାଲଘୁ କାଠ ମାଫିଆଙ୍କୁ ଲଗାଇ ୫ହଜାରରୁ ଅଧିକ ଗଛ କାଟି ନେଇଥିଲେ। ଅଭିଯୋଗ ପରେ କଟା ଗଛର ମୂଳ ଗଣତି ହୋଇଥିଲା। କିଛି ଦିନ ଗଣାଯିବା ପରେ କଟା ଗଛର ମୂଳ ଗଣତି ବନ୍ଦ ରହିଥିଲା। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଗଣତି କାର୍ଯ୍ୟ ଶେଷ କରାଯାଉନାହିଁ। ଦାୟିତ୍ୱରେ ଅବହେଳା କରିଥିବା ବନପାଳ ଏବଂ ବନରକ୍ଷୀଙ୍କ ବିରୁଦ୍ଧରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟଯେ, ଏ ସମ୍ପର୍କରେ କୃଷ୍ଣପୁର ଗ୍ରାମବାସୀ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଜିଲ୍ଲାପାଳ, ଡିଏଫଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କଷଳ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ କରିଛନ୍ତି।

## ସଡକ ଦୁର୍ଘଟଣା ରାଜ୍ୟରେ କମୁଛି, ଜିଲ୍ଲାରେ ବଢୁଛି: ଏନ୍‌ଏଚ୍-୫୫ ପାଲଟିଛି ମରଣଯନ୍ତା




ଢେଙ୍କାନାଳ(ଭାସ୍କର ନ୍ୟୁଜ): ବିଭାଗୀୟ ମନ୍ତ୍ରୀଙ୍କ କହିବା ମୁତାବକ ରାଜ୍ୟରେ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ସଡକ ଦୁର୍ଘଟଣା ହାର କମିଛି। ମାତ୍ର ଏପଟେ ଢେଙ୍କାନାଳ ଜିଲ୍ଲାରେ ସଡକ ଦୁର୍ଘଟଣା ଆହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥ ଯାତ୍ରୀ ମାନଙ୍କ ପାଇଁ ପାଲଟି ଯାଇଛି ମରଣ ଯନ୍ତା । ଫଳରେ ଯାତ୍ରୀ ମାନେ କେବଳ ଭଗବାନଙ୍କ ଭରସାରେ ଯିବା ଆସିବା କରୁଥିବାର ଅଂଚଳବାସୀ କହୁଛନ୍ତି । ସୂଚନା ଥାଉକି, ଜାନୁଆରୀ ମାସରେ ରାଜ୍ୟବ୍ୟାପି ପାଳନ ହୋଇଛି ସଡକ ସୁରକ୍ଷା ମାସ । ତେବେ ରାଜ୍ୟରେ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ହାର କମିଛି । ଲୋକଙ୍କ ଜୀବନ ସୁରକ୍ଷା ପାଇଁ ସରକାର ସଙ୍କଳ୍ପ ବଦ୍ଧ । ଏହା ଆମେ କହୁ ନାହୁଁ । ନେତାଜୀ ଜୟନ୍ତୀ ଅବସରରେ ଢେଙ୍କାନାଳ ଗସ୍ତରେ ଆସି ଏହା କହିଛନ୍ତି ଖୋଦ୍ ରାଜ୍ୟ ସରକାରଙ୍କ ବାଣିଜ୍ୟ, ସଡକ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା। ମାତ୍ର ଏପଟେ କିନ୍ତୁ ଜିଲ୍ଲାରେ ବଢି ବଢି ଚାଲିଛି ସଡକ ଦୁର୍ଘଟଣା । ଆଉ ଢେଙ୍କାନାଳ ଜିଲ୍ଲାରେ ସଡକ ଦୁର୍ଘଟଣା ଜଟିଳ ପରିସ୍ଥିତି ହୋଇପଡିଛି । ଏପରିକି ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା ଅହେତୁକ ବୃଦ୍ଧିକୁ ନେଇ ଯାତ୍ରୀ ମାନଙ୍କ ସୁରକ୍ଷା ଚିନ୍ତା ଜନକ ବୋଲି ମଧ୍ୟ ସ୍ୱୀକାର କରିଛନ୍ତି ଢେଙ୍କାନାଳ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର । ତେବେ ଢେଙ୍କାନାଳ ଜିଲ୍ଲା ଆଂଚଳିକ ପରି ବହନ କାର୍ଯ୍ୟାଳୟ ସୂଚନା ମୁତାବକ ଗତ ୨୦୨୩ ମସିହାରେ ମୋଟ ୪୦୫ଟି ସଡକ ଦୁର୍ଘଟଣାରେ ୧୮୫ଜଣଙ୍କର ଜୀବନ ହାନୀ ଘଟିଥିବା ଜଣାପଡିଛି। ତେବେ ୨୦୨୪ ମସିହାରେ ଏହା ବୃଦ୍ଧିପାଇ ଦୁର୍ଘଟଣା ସଂଖ୍ୟା ମୋଟ ୪୨୨ରେ ପହଁଚିଛି। ୨୦୨୪ ମସିହାରେ ଦୁର୍ଘଟଣାରେ ୧୯୮ଜଣଙ୍କର ପ୍ରାଣ ହାନି ଘଟିଛି । ଏପରିକି ଢେଙ୍କାନାଳ ଦେଇ ଯାଇଥିବା ଏହି ୫୫ନମ୍ବର ଜାତୀୟ ରାଜପଥରେ ସଡକ ଦୁର୍ଘଟଣାରେ ଜୀବନ ହାନୀ ଏକ ନିତିଦିନିଆ ଘଟଣା ହୋଇଯାଇଛି। ୫୫ ନଂର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଇତି ମଧ୍ୟରେ ୭ବର୍ଷ ବିତିଗଲାଣି । ତଥାପି ଏହି ରାଜପଥ ସଂପ୍ରସାରଣ କାର୍ଯ୍ୟ ସରୁ ନଥିବା ବେଳେ ଠିକାଦାରଙ୍କ ମନ ମାନି ଦୁର୍ଘଟଣା ବଢୁଥିବାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱ ପୂର୍ଣ କଥା, ଏହି ରାଜପଥ ସମ୍ପ୍ରସାରଣ ଓ ସ୍ଥାନେ ସ୍ଥାନେ ରାସ୍ତାରେ କେଉଁଠି ହାତୀଙ୍କ ପାଇଁ ଅଣ୍ଡର ପାସ ତ ଆଉ କେଉଁଠି ଓଭର ବ୍ରିଜ କାର୍ଯ୍ୟ ଆଉ କେଉଁଠି ରାସ୍ତା କାମ ଚାଲୁଥିଲେ ମଧ୍ୟ କୌଣସି ସୂଚନା ଫଳକ ନାହିଁ । ଯାହା ଫଳରେ ଗାଡି ଚାଳକଙ୍କ ପାଇଁ ବିଭ୍ରାନ୍ତି ସୃଷ୍ଟି କରି ଦୁର୍ଘଟଣାର କାରଣ ସାଜୁଛି ବୋଲି ବୁଦ୍ଧିଜୀବି ମହଲରେ ପ୍ରକାଶ ପାଉଛି। ଅପରପକ୍ଷରେ ରାଜପଥ ପେଟ୍ରୋଲିଂ ଅଭାବରୁ ଟ୍ରକ ଓ ବସ ଆଦି ବଡ଼ ବଡ଼ ଗାଡି ଚାଳକଙ୍କ ଦ୍ରୁତ ଓ ବେପରୁଆ ଗାଡି ଚାଳନା ଉପରେ କିଛି ଲଗାମ ରହୁନାହିଁ। ପୁଲିସ ଅବା ପରିବହନ ବିଭାଗ ପକ୍ଷରୁ ଯାଂଚ୍ କଡାକଡି ହେଉନଥିବା ଦୁର୍ଘଟଣା ବୃଦ୍ଧିର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଯାହା ଫଳରେ ଏହି ଜାତୀୟ ରାଜପଥରେ କ୍ରମାଗତ ଭାବେ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି। ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ମଧ୍ୟ ଅହେତୁକ ବୃଦ୍ଧି ପାଉଥିବାରୁ ଯାତ୍ରୀ ମାନଙ୍କ ପାଇଁ ୫୫ନମ୍ବର ଜାତୀୟ ରାଜପଥ ଏବେ ମୃତ୍ୟୁ ଯନ୍ତା ପାଲଟି ଯାଇଛି। କେବଳ ଭଗବାନଙ୍କ ଉପରେ ଭରସା କରି ଯାତ୍ରୀ ମାନେ ଯାତାୟାତ କରୁଛନ୍ତି ବୋଲି କହୁଛନ୍ତି ଏହି ରାସ୍ତାରେ ଦୈନନ୍ଦିନ ଯାତାୟତ କରୁଥିବା ଯାତ୍ରୀମାନେ। ଏପରିସ୍ଥିତିରେ ଏହି ରାଜପଥରେ ବାରମ୍ବାର ସଡକ ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକ ମାନଙ୍କ ପକ୍ଷରୁ ରାସ୍ତା ଅବରୋଧ ଉତ୍ତେଜନା ମଧ୍ୟ ସବୁଦିନିଆ ଘଟଣା ହୋଇଗଲାଣି। ତଥାପି ନା' ଜାତୀୟ ରାଜପଥ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନା' ସ୍ଥାନୀୟ ପୁଲିସ କିମ୍ବା ପରିବହନ ବିଭାଗର ଚେତା ପଶୁନାହିଁ । ଫଳରେ ଏହି ଏନଏଚ-୫୫ ଯାତ୍ରୀ ମାନଙ୍କ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି। ଏକଦା ଅବିଭକ୍ତ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ବାସୀଙ୍କ ପାଇଁ ଏହି ୫୫ ନମ୍ବର ଜାତୀୟ ରାଜପଥ ଲାଇଭ ଲାଇନ କୁହାଯାଉଥିଲା । ମାତ୍ର ଏହି ରାଜପଥ ଏବେ ଯାତ୍ରୀ ଓ ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ ଦୁର୍ଭାଗ୍ୟ ଜନକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଏହି ଏକ ମୃତ୍ୟୁ ପଥ ପାଲଟି ଯାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସହର ଉପଖଣ୍ଡର ସିଲୁଆଁ ମୁଣ୍ଡା ସାହିରେ ମାଗେ ପରବ ମହାଆଡମ୍ବର ସହକାରେ ପାଳିତ ହୋଇଛି । ଏହି ମାଗେ ପରବ ମୁଣ୍ଡା ଓ ହୋ ଆଦିବାସୀ ସମାଜର ସବୁଠାରୁ ବଡ଼ ପର୍ବ ଭାବେ ପାଳିତ ହୋଇଥାଏ । ବହୁ ଉତ୍ସାହର ସହ ସମ୍ପ୍ରଦାୟର ଲୋକେ ଏହାକୁ ପ୍ରତିବର୍ଷ ବହୁ ଆନନ୍ଦ ଉଲ୍ଲାସର ସହ ବିଭିନ୍ନ ସ୍ଥାନରେ ମକର ପରଠାରୁ ପାଳନ କରୁଛନ୍ତି । ଏହି ଅବସରରେ ଗ୍ରାମର ଯୁବକ ଯୁବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଜିତ ହାସଲ କରୁଥିବା ଧାଙ୍ଗଡ଼ା ଧାଙ୍ଗିଡି ଏକାଠି ହାତ ଧାରା ଧରି ହୋଇ ମୁଣ୍ଡା ଗୀତାର ତାଳେ ତାଳେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଅନେକ ନିଜ ନିଜର ଜୀବନସାଥି ଚୟନ କରୁଥିବା ପ୍ରକାଶ କରିଥିଲେ । ମୁଣ୍ଡା ଓ ହୋ ଆଦିବାସୀ ପରିବାରର ଲୋକେ ବର୍ଷ ସାରା କଠିନ ପରିଶ୍ରମ କରି ଚାଷ କାମ ସରିଲା ପରେ ବର୍ଷର ଏହି ସମୟରେ ସଭିଏଁ ଏକାଠି ହୋଇ ଏହାକୁ ପାଳନ କରିଥାନ୍ତି । ଏହାକୁ ଆଗରୁ ୭ ଦିନ ଧରି ପାଳନ କରାଯାଉଥିବା ବେଳେ ଏବେ ଏହା ୩ ଦିନ ମଧ୍ୟରେ ପାଳନ କରାଯାଉଛି । ଏହି ମାଗେ ପରବରେ ମୁଖ୍ୟ ପର୍ବ, ଯାତାରା ପରବ ଏବଂ ତୃତୀୟ ଦିନକୁ ହାରମାଗେୟା ପରବ କୁହାଯାଏ । ସିଲୁଆଁ ଗ୍ରାମର ପ୍ରତି ମୁଣ୍ଡା ଓ ହୋ ପରିବାରର ଲୋକେ ଖଳିୟାନ ଏବଂ ଗୁହାଳ ପୂଜା କରିଥିଲେ । ଆଜି ପର୍ବ ପାଳନ ଅବସରରେ ସମ୍ପ୍ରଦାୟର ଲୋକେ ମରାଙ୍ଗବୁରୁ ଓ ଦେଶାଉଲିଙ୍କୁ ପୂଜା କରିବା ସହିତ ପୂର୍ବ ପୁରୁଷ ମାନଙ୍କୁ ପବିତ୍ର ଓ ନିର୍ମଳ ମନରେ ଏହି ଅବସରରେ ପୂଜାର୍ଚ୍ଚନା କରିଥିଲେ ।

# ଇ-କେୱାଇସି ଯାଞ୍ଚ କାର୍ଡ ଫେରାଇଲେ ୭୧ ପରିବାର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍ ) : ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ପଦ୍ଧତି ଆପେଣାଇଛନ୍ତି । ଗତ ଜୁନ୍ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ଜାନୁଆରୀ ୩୧ ତାରିଖ ଏହାର ଶେଷ ସମୟ ସୀମା ଥିବାବେଳେ ସରକାର ଆଉ ୧୫ ଦିନ ବୃଦ୍ଧି କରିଛନ୍ତି । ତେବେ ସୋମବାର ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୨୩୯୪ ଅଯୋଗ୍ୟ ପରିବାର ଚିହ୍ନଟ ହୋଇଛନ୍ତି । ସେଥିରେ ବ୍ରହ୍ମପୁର ମହାନଗର ନିଗମର ୧୫୦ ପରିବାର ଅଛନ୍ତି । ଯାହାକି ଏଚ୍ଆର୍ଏମ୍ଏସ୍ ପୋର୍ଟାଲରୁ ଜଣାପଡିଛି । ବର୍ତ୍ତମାନ ସୁଦ୍ଧା ୭୧ ଅଯୋଗ୍ୟ ପରିବାର ସେମାନଙ୍କ କାର୍ଡ ଫେରାଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି । ଜିଲ୍ଲାରେ ୭ଲକ୍ଷ ୯୩ ହଜାର ୯୯୬ ପରିବାର ରାସନ ଉପରେ ନିର୍ଭର କରୁଛନ୍ତି । ହିତାଧିକାରୀ ସଂଖ୍ୟା ୨୬ ଲକ୍ଷ ୬୧ ହଜାର ୪୭୬ ରହିଛି । କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ ଲକ୍ଷ ୬୦ ହଜାର ୯୪୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୫୩୩ ହିତାଧିକାରୀ ଅଛନ୍ତି । ସୋମବାର ସୁଦ୍ଧା ୨୩ ଲକ୍ଷ ୬୯ ହଜାର ୮୮୨ ହିତାଧିକାରୀଙ୍କ ଇ-କେୱାଇସି ସରିଛି । ପାଖାପାଖି ୩ ଲକ୍ଷ ହିତାଧିକାରୀ ଇ-କେୱାଇସିରେ ସାମିଲ ହୋଇନାହାନ୍ତି । ଅନ୍ୟପକ୍ଷରେ କାର୍ଡ କରିବା ଦିନଠାରୁ ପର୍ଯ୍ୟନ୍ତ ୧ଲକ୍ଷ ୩୮ହଜାର ୧୪୭ ମୃତ ହିତାଧିକାରୀ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ତାଲିକାରୁ ନାମ କାଟି ଦିଆଯାଇଛି । ଘରୋଇ ଓ ଠିକା କର୍ମଚାରୀ, ୧୦/୧୨ ହଜାର ଟଙ୍କା ଦରମା ପାଉଥିବା ଘରୋଇ କର୍ମଚାରୀମାନେ ବି କାର୍ଡ ଫେରାଇବେ ନାହିଁ । ଯେଉଁମାନେ ଆୟକର ରିଟର୍ଣ୍ଣ ଦାଖଲ କରୁଛନ୍ତି କିମ୍ବା ୩୦/୪୦ ହଜାର ଟଙ୍କା ଦରମା ପାଉଛନ୍ତି ସେମାନେ କାର୍ଡ ଫେରାଇବେ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନେକ ଠିକା ଓ ଘରୋଇ କର୍ମଚାରୀ ଯୋଡି ହୋଇଛନ୍ତି । ବର୍ତ୍ତମାନର ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ଯାଞ୍ଚ କରାଯିବ । ବର୍ତ୍ତମାନ କାର୍ଯ୍ୟ ଚାଲିଛି । ଏଥିସହିତ କ୍ଷେତ୍ର ପରିଦର୍ଶନ ବି ଆରମ୍ଭ ହୋଇଛି । କିଏ କେଉଁ ସ୍ତରରେ ଅଯୋଗ୍ୟ ତାହାକୁ ବି ଅନୁଧ୍ୟାନ କରାଯାଉଛି । ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ପୋଷା ମୁଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଅଯୋଗ୍ୟ ୭୧ ପରିବାର ପକ୍ଷରୁ କାର୍ଡ ବିଭାଗର ହସ୍ତଗତ ହୋଇଛି । ଆଗାମୀ ଦିନରେ ଯେଉଁମାନେ ଅଯୋଗ୍ୟ ବୋଲି ସମ୍ପୂର୍ଣ୍ଣ ଚିହ୍ନଟ ହେବେ ସେମାନେ କାର୍ଡ ଫେରାଇବାକୁ ବାଧ୍ୟ । ଯଦି ସେମାନେ କାର୍ଡ ଫେରାଇ ନଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# ମିଶନଶକ୍ତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଖଡ଼ିଆଳ, (ଭାସ୍କର ନ୍ୟୁଜ୍ ) : ଖଡ଼ିଆଳ ଓଡ଼ିଶା ମିଶନ ଇସି ସଂଘ ପକ୍ଷରୁ ଖଡ଼ିଆଳ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ । ମିଶନଶକ୍ତି ଅଧୀନରେ ଓଡିଶା ଜୀବିକା ମିଶନରେ କାର୍ଯ୍ୟରତ ଜିପିଏଲଫ, ବିଏଲଏଫ, ଡିଏଲଫ, ମହାସଂଘ ଇସିରେ ପୁନର୍ଗଠନ ପ୍ରକ୍ରିୟାକୁ ପ୍ରତ୍ୟାହାର କରିବା ସହିତ ଏହି ଇସି ମହିଳାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ନେଇ ତିନୋଟି ଦାବି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସ୍ତରରେ କାର୍ଯ୍ୟରତ ମିଶନ ମହିଳା ମାନେ ଖଡ଼ିଆଳ ବିଡ଼ିଓ ନରସିଂ ଗଡ଼ବାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଥମେ ଦୁଇ ଶହରୁ ଅଧିକ ମହିଳା ବିଭିନ୍ନ ସ୍ଲୋଗାନ ଦେଇ ଖଡ଼ିଆଳ ସହର ପରିକ୍ରମା ପରେ ବ୍ଲକରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କ ତିନୋଟି ଦାବି ଗୁଡିକ ହେଲା ମିଶନଶକ୍ତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନୂଆ ନିୟମକୁ ପ୍ରତ୍ୟାହାର କରିବା ସହ କାର୍ଯ୍ୟରତ ଏହି ମହିଳା ଇ.ସି କର୍ମୀ ମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା । ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍କୁଟି ଋଣ ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ବାକି ଥିବା କିସ୍ତି ଗୁଡିକ ସମ୍ପର୍କରେ ସରକାର ବିଚାର କରନ୍ତୁ । ମିଶନ ଶକ୍ତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଥିବା ଜିପିଏଲଫର ସମସ୍ତ ଅଡିଟ୍କୁ ଇ.ସି.କର୍ମୀ ମାନେ ପୂର୍ଣ୍ଣ ମାତ୍ରାରେ ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉ ବୋଲି ଦାବି କରିଛନ୍ତି । ରାଜ୍ୟରେ ମିଶନ ଶକ୍ତି ଅଧିନସ୍ତ ଓଡ଼ିଶା ଜୀବିକା ମିଶନର ଏହି ମହିଳା ଇ.ସି. କର୍ମୀଙ୍କ ତିନି ଦଫା ସମ୍ବଳିତ ଦାବି ଗୁଡିକ ପୂରଣ କରି, ରାଜ୍ୟରେ ମିଶନ ଶକ୍ତିକୁ ଆହୁରି ଶକ୍ତିଶାଳୀ କରିବା ସହ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ହିତାଧିକାରୀଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ ଆଉ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ନିକଟରେ ସଦସ୍ୟା ମାନେ ପ୍ରମୋଦିନି ପୁଞ୍ଜି, ରଶ୍ମିତା ଶବର, ସୂର୍ଯ୍ୟକାନ୍ତି ବିହାରୀ, ପ୍ରମିଳା ଶବର, ସୁରେଖା ରଣା, ଡାଳିମ୍ବ ଶବର, ଶଶୀଯୁକ୍ତା ବେହେରା, ଚାନ୍ଦା ବିଶି, ଲାଷ୍ମୀ ପଣ୍ଡା, ଲତା ମେହେର, ଦୁର୍ଗା ସୁନା, ପ୍ରେମକାନ୍ତି ମାଝି, ସମେତ ଶତାଧିକ ସଦସ୍ୟା ଦାବି କରିଛନ୍ତି ।

# ଭିନ୍ନକ୍ଷମ ମହିଳାଙ୍କୁ ସରପଞ୍ଚଙ୍କ ହ୍ୱିଲ ଚେୟାର ଭେଟି



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ପବିତ୍ର ସରସ୍ୱତୀ ପୂଜା ଅବସରରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ପାରାଦ୍ୱୀପ ଗଡର ଜଣେ ବାର୍ଦ୍ଧକ୍ୟ ମହିଳା ବୁଲି ଦାସଙ୍କୁ ଏକ ହ୍ୱିଲ୍ ଚେୟାର ପ୍ରଦାନ କରିଛନ୍ତି । ବୁଲି ଦାସ ଜଣେ ବୟସ୍କ ହରିଜନ ବାର୍ଦ୍ଧକ୍ୟ ମହିଳା । ସେ ଗତ କିଛି ହେବ ଖଟରୁ ପଡ଼ି ଗୁରୁତ୍ୱର ଆହତ ହୋଇ ଚଲା ବୁଲା କରି ପାରୁନଥିଲେ । ସରପଞ୍ଚ ଶ୍ରୀମତି ସସ୍ମିତା ବେହେରାଙ୍କ ପାଖରେ ଏ ସମ୍ପର୍କରେ ଖବର ପହଞ୍ଚିବା କ୍ଷଣି ସେ ତୁରନ୍ତ ତାଙ୍କ ଘରେ ପହଞ୍ଚି ତାଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରିଛନ୍ତି । ହ୍ୱିଲ୍ ଚେୟାରଟି ପାଇବା ପରେ ବୁଲି ଦାସ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥୀ, ରମେଶ ବେହେରା, ସନ୍ତୋଷ କୁମାର ଦୋରା, ପ୍ରଭାତ କୁମାର ସାହୁ, ସତ୍ୟାନନ୍ଦ ରାଉତ ଓ ଦେବ ଦୁର୍ଲଭ କର ପ୍ରମୁଖ ଉପସ୍ଥିତ ଥିଲେ । ସରପଞ୍ଚ ଶ୍ରୀମତୀ ବେହେରାଙ୍କ ଏପରି ଜନହିତକର କାର୍ଯ୍ୟକୁ ସବୁ ମହଲରୁ ପ୍ରଶଂସା କରାଯାଇଛି ।

# ବହୁମୂଲ୍ୟ ମଟର ଚୋରି: ପାଣିପାଇଁ ହନ୍ତସନ୍ତ ଗ୍ରାମବାସୀ

ଆସିକା, (ଭାସ୍କର ନ୍ୟୁଜ୍ ) : ଘରକୁ ଘର ପାନୀୟ ଜଳ ଯୋଗାଣ ନିମନ୍ତେ ସରକାରଙ୍କ ପାଣି ପାଞ୍ଚାୟତ ତଥା ବସୁଧା ଯୋଜନା ଗାଁ ଗାଁରେ ହେଉଥିବା ବେଳେ ବହୁମୂଲ୍ୟ ମୋଟର ଚୋରି ମୁଣ୍ଡବିନ୍ଧାର କାରଣ ସାଜିଛି । ଆସିକା ବ୍ଲକ ଗୁଣ୍ଡପଡା ପଂଚାୟତ ଅଧୀନ ରାଇପଲ୍ଲୀ ଗ୍ରାମରେ ପ୍ରାୟ ୨୨୦ପରିବାର ପାଇଁ ପାନୀୟ ଜଳ ଯୋଗାଣ ବିଗତ ତିନି ବର୍ଷ ପୂର୍ବରୁ ହୋଇଥିଲା । ଦୁଃଖ ଓ ପରିତାପର ବିଷୟ ଗତ ୧ତାରିଖ ଦିନ ରାତିରେ କିଛି ଦୁର୍ବୃତ୍ତ ବଡ଼ନଦୀ କୂଳରେ ଥିବା ବହୁମୂଲ୍ୟ ମୋଟର ଚୋରିକରି ନେଇଯାଇଛନ୍ତି । ଯାହା ଫଳରେ ଖରାଦିନ ଆରମ୍ଭ ହେଉ ହେଉ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଗ୍ରାମରେ ଆଗରୁ ବିଶୁଦ୍ଧ ଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଥିବା ବେଳେ ପାଣି ପଞ୍ଚାୟତ ମାଧ୍ୟମରେ ହୋଇଥିବା ଜଳଯୋଗାଣ ପ୍ରକଳ୍ପ ବେଶ ସହାୟକ ହୋଇଥିଲା । ବର୍ତ୍ତମାନ ମୋଟର ଓ ତାର ଚୋରି ହୋଇଯିବା ଫଳରେ ଗ୍ରାମର ମହିଳା ମାନେ ପାଣି ପାଇଁ ଦୂରରେ ଥିବା ନଦୀ ଓ ପରୀତକ୍ତ କୂପ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି । ଗ୍ରାମରେ ଥିବା ତିନୋଟି ନଳକୂପ ମଧ୍ୟ ଖରାପ ଅବସ୍ଥାରେ ଥିବା କାରଣରୁ ବିଶୁଦ୍ଧ ଜଳ ମିଳିବା କାଠିକର ହୋଇପଡିଛି । ଚୋରି ଘଟଣା ପରେ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଚୋରକୁ ଧରିବାରେ ପୋଲିସ ସକ୍ଷମ ହୋଇପାରିନାହିଁ । ଅନ୍ୟ ପଟରେ ଆର ଡବ୍ଲୁଏସ୍ଏସ୍ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଆମେ ଖୁବଶୀଘ୍ର ଏହାର ସମାଧାନ କରିବୁ ବୋଲି ସୂଚନା ଦେଇଛନ୍ତି ଭାରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ । ଏହି ପାନୀୟ ସମସ୍ୟା ଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି କହିଛନ୍ତି । ସ୍ଥାନୀୟ ସମିତି ସଭ୍ୟ ନାରାୟଣ ସ୍ୱାଇଁ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଚୋର ମାନଙ୍କୁ ଧରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କହିଛନ୍ତି ।

# ଅଗ୍ନିକାଣ୍ଡରେ ୨ବଖରା ଘର ଜଳି ଭସ୍ମୀଭୂତ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ଅଗ୍ନିକାଣ୍ଡରେ ରବିବାର ବିଳମ୍ବିତ ରାତ୍ରରେ ଜଳିଗଲା ୨ବଖରା ଚାଳ ଘର । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ତାଳଦା ପଂଚାୟତ ଅଧୀନ ଡିହକରଡ଼ା ଗ୍ରାମର ଅନନ୍ତ ବାସୁଦେବ ସ୍ୱାଇଁଙ୍କ ଘରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ହୋଇଛି । ଖବର ପାଇବାପରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗର ଷ୍ଟେସନଅଫିସର ପ୍ରହଲ୍ଲାଦ ରାୟ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ପହଂଚି ଦମକଳ ସାହାଯ୍ୟ ରେ ନିଆଁକୁ ଆୟତ୍ତ କରିଥିଲେ । ଦୁଇ ବଖରା ଚାଳ ଘର ହୋଇଥିବାରୁ ଘରେ ଥିବା ଧାନ, ଚାଉଳ, ଘରର ଆସବାବପତ୍ର ସହ ନଗଦ ଟଙ୍କା ଜଳିପୋଡି ଛାରଖାର ହୋଇଯାଇଛି । ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି । ତେବେ ଏହି ଅଗ୍ନିକାଣ୍ଡ କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଏହା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ନିଆଁ ଲିଭା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀ ନିୟୋଜିତ ଥିଲେ ।

# ଲକ୍ଷ୍ମୀବସ ଚାଲିବା ବନ୍ଦ କରିଦେବାରୁ ଯାତାୟତ ସମସ୍ୟାରେ ୩ପଞ୍ଚାୟତ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍) : ଜମନକିରା ବ୍ଲକ ପାଇଡ ପର୍ବତ ଘେରା ଅଗମ୍ୟ ତିନିଗୋଟି ଗ୍ରାମପଞ୍ଚାୟତକୁ ଲକ୍ଷ୍ମୀବସ ଚଳାଚଳ ବନ୍ଦ ପରେ ବ୍ଲକ ସଦର ମହକୁମାକୁ ଯାତାୟତ କରିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଅଛି । ବସ ବନ୍ଦ ନେଇ ପଞ୍ଚାୟତବାସୀ ପ୍ରଶାସନ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଏଇ ସୁତ୍ରରୁ ସୁଚନା ମିଳୁଛି । ପ୍ରାପ୍ତ ସୁଚନାମତେ କେନାଡ଼ିପା, ମହଦା ଏବଂ ଚକୁଳିଆ ବାହାଳ ଏହି ତିନିଗୋଟି ଗ୍ରାମପଞ୍ଚାୟତର ପ୍ରାୟ ୯ହଜାରରୁ ଉର୍ଦ୍ଧ ସଂପୃକ୍ତ ଲକ୍ଷ୍ମୀବସରେ ଯାତାୟତ ସୁବିଧା ପାଇ ଆସୁଥିଲେ । ବିଗତ ୩ମାସ ହେଲା ଏହି ରୁଟରେ ବସ୍ ଯାତାୟତ କରୁନାହିଁ' ସେହି ବସ ଏବେ ଫାସିମାଳ ପର୍ଯ୍ୟନ୍ତ ଆସି ଫାସିମାଳ ଠାରୁ ଟିକି ବା ଦେଇ ଫେରିଯିବା ଫଳରେ ଏହି ସମାସ୍ୟା ଦେଖାଦେଇଛି । ଏନେଇ ଦିନି ଗ୍ରାମବାସୀ ଜମନକିରା ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଜଣାଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚଳାଚଳ କରୁନାହିଁ, ବନ୍ଦର କାରଣ ମଧ୍ୟ କୁହାଯାଉନାହିଁ । ଏହି ଅଗମ୍ୟ ଅଞ୍ଚଳରୁ ଅନ୍ୟ ବସ୍ ମଧ୍ୟ ଚାଲୁନାହିଁ । କମ ପଇସାରେ ବିଷେସକରି ମହିଳାମାନେ ଜାତୟତ କରିପାରୁଥିଲେ । ଏଣୁ ଏହାର ବିଚାରକରି ପୁନର୍ବାର ବସ ଚଳାଇବାକୁ ପଞ୍ଚାୟତବାସୀ ଦୃଢ଼ ଦାବି କରିଛନ୍ତି ।

# ଅଳକା ଆଶ୍ରମର ପ୍ରତିଷ୍ଠା ଦିବସରେ ରାଉଣ୍ଡ ଟେବୁଲ ବୈଠକ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଐତିହାସିକ ଅଳକା ଆଶ୍ରମର ୧୦୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଚାରିଦିନିଆ କର୍ମଶାଳା "ମହାତ୍ମାଙ୍କ ମାହାତ୍ମ୍ୟ" ଉଦ୍ଯାପିତ ହୋଇଛି । ଅନ୍ତିମ ଦିନରେ "ଗ୍ରାମାଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ସମସ୍ୟା ଓ ତାର ସମାଧାନ" ଶୀର୍ଷକ ଗୋଲ ଟେବୁଲ ବୈଠକ ଅଳକା ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ତୃଣମୂଳ ସ୍ତରରୁ ଆରମ୍ଭ କରି ଶୀର୍ଷ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ୩୬ ଜଣ ଅଭିଜ୍ଞ ବିଶେଷଜ୍ଞ ଜିଲ୍ଲାର ସାମଗ୍ରିକ ଶିକ୍ଷାର ଉନ୍ନତି ପାଇଁ ନିଜର ଗୁରୁତ୍ୱପୁର୍ଣ୍ଣ ପ୍ରସ୍ତାବ ଦେଇଛନ୍ତି । ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ତଥା ଉଚ୍ଚ ଶିକ୍ଷାରେ କିପରି ଗୁଣାତ୍ମକ ଉନ୍ନତି ଘଟିବା ସହିତ ସାଧାରଣ ଓ ଅବହେଳିତ ବର୍ଗରେ ଶିକ୍ଷାର ପ୍ରଭୁତ୍ୱ ପ୍ରସାର ଘଟିବ ସେ ବିଷୟରେ ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନା କରାଯାଇଥିଲା । ଶିକ୍ଷକ ମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତି ଦେବା, ପ୍ରାରମ୍ଭିକ ଭିତ୍ତିଭୂମି ସୁଦୃଢ଼ କରିବା, ପାଠାଗାର, ବିଜ୍ଞାନଗାର, କମ୍ପ୍ୟୁଟର ଲ୍ୟାବ, ଶୌଚାଳୟ ଆଦି ପ୍ରତିଷ୍ଠା କରିବା ସହିତ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି, ବିଷୟରେ ବିଶଦ ଆଲୋଚନା ହୋଇଛି । ଉଚ୍ଚଶିକ୍ଷା ପାଇଁ ଭିତ୍ତିଭୂମି ଜିଲ୍ଲାରେ ଅତ୍ୟନ୍ତ ଦୁର୍ବଳ ଥିବାରୁ ଏହାର ଉନ୍ନତି ପାଇଁ ଦୃଢ଼ ପ୍ରସ୍ତାବମାନ ପ୍ରଦାନ କରାଯାଇଛି । ସେଗୁଡିକ ମଧ୍ୟରେ ଜିଲ୍ଲାରେ ମେଡ଼ିକାଲ କଲେଜ, ବି ସ୍କୁଲ, ଇନିଜିନୟରିଂ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟକୁ ସରକାରୀ କରଣ ଓ ବିଏଡ ଶିକ୍ଷା ପ୍ରଚଳନ ଆଦି ପ୍ରମୁଖ ଅଟେ । ଏହି ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ଶିକ୍ଷା ପ୍ରଶାସିକା ତଥା ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ନାଇଜରର କୁଳସଚିବ ଡଃ ଅଭୟ କୁମାର ନାୟକ, ଭଞ୍ଜ ନଗର ବିଏଡ କଲେଜର ଅଧକ୍ଷ ପ୍ରଫେସର ବିମଳ କୁମାର ସ୍ୱାଇଁ, ସମାଜସେବୀ ବିନାୟକ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ ପ୍ରଯୁକ୍ତି ବିଦ୍ୟା ଅଧିକାରୀ ସ୍ମୃତି ରଞ୍ଜନ ମିଶ୍ର, ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ମିଶ୍ର, ନିକୁଞ୍ଜ କିଶୋର ବେହେରା, ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ସୁଭାଷ ଚନ୍ଦ୍ର ରାଉତ, ଜଗତସିଂହପୁର ଜିଲ୍ଲା ସର୍ବୋଦୟ ସଂଘ ସଭାପତି ରମା ରଞ୍ଜନ ଦାସ, ଜିଲ୍ଲା ଅଭିଭାବକ ସଂଘର ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁ, ସାମ୍ବାଦିକ ଅମରନାଥ ପରିଡା, ଶଶାଙ୍କ ଶେଖର ପଣ୍ଡା, ସୁବ୍ରତ କୁମାର ନାୟକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସୁଧୀର କୁମାର ବିଶ୍ୱାଳ, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ପ୍ରତାପ କୁମାର ଲେଙ୍କା, ସ୍ମୃତି ରଞ୍ଜନ ପରିଡା, କାର୍ଯ୍ୟରତ ଶିକ୍ଷକ ନରେଶ ଚନ୍ଦ୍ର ସାହୁ, ସରୋଜିନୀ ରଥ, ଅନେକ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସିଙ୍କ ସମେତ କିଛି ଛାତ୍ର ପ୍ରତିନିଧି ଏହି ବୈଠକରେ ଯୋଗଦେଇ ନିଜର ଗଠନ ମୂଳକ ପ୍ରସ୍ତାବ ରଖିଥିଲେ । ଅଳକା ଆଶ୍ରମର ୧୦୩ ତମ ପ୍ରତିଷ୍ଠା ଦିବସରେ ଗୌରାଙ୍ଗ ଚରଣ ହୋତାଙ୍କ ସଭାପତିତ୍ୱରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଏହାର ପ୍ରତିଷ୍ଠାତା ସ୍ୱାଧୀନତା ସଂଗ୍ରାମୀଙ୍କ ଅମର ଆତ୍ମା ପ୍ରତି ନୀରବ ପ୍ରାର୍ଥନା ଦ୍ୱାରା ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଅଧ୍ୟାପକ ଭଗବାନ ଦାସଙ୍କ ଦ୍ୱାରା ପ୍ରାରମ୍ଭିକ ଓଁକାର ଧ୍ୱନି ଦ୍ୱାର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଳକା ଆଶ୍ରମର କୋଷାଧକ୍ଷ ବିଜୟ କୁମାର ରଥଙ୍କ ତତ୍ୱାବଧାନରେ ସମସ୍ତ ସଦସ୍ୟଙ୍କ ଦ୍ୱାରା ଏହି ଅଭିନବ ବୈଠକ ପରିଚାଳିତ ହୋଇଥିଲା । ଶେଷରେ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଖୀ ଓ ସହେଲୀ ସମ୍ମିଳନୀରେ ସମ୍ମାନିତ ହେଲେ କିଶୋରୀ




ଉମରକୋଟ, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାର, ୟୁନିସେଫ ଓ ଆକ୍ସନ ଏଡର ମିଳିତ ସହଯୋଗରେ ପୁରୀଠାରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ସଖୀ ଓ ସହେଲୀ ସମ୍ମିଳନୀରେ ସମ୍ମାନିତ ହେଲେ ଉମରକୋଟର ୨ କିଶୋରୀ । ଉତ୍ସବରେ ୟୁନିସେଫ ଓଡ଼ିଶାର ମୁଖ୍ୟ ୱିଲ୍ଲିୟମ ଜେ ହଲାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉମରକୋଟ ବ୍ଲକ ଅନ୍ତର୍ଗତ ବଡକୁମାରି ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଜାନିଗୁଡା ଗ୍ରାମର ବାଳିକା ମାମିନା ଜାନି ଓ କୁର୍ସି ପଞ୍ଚାୟତର ସାମଲଦୋରା ଗ୍ରାମର ଲକ୍ଷ୍ମୀ ସାନ୍ତା ଏହି ଦୁଇ କିଶୋରୀ ବାଳିକାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । "ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଅନେକ କିଶୋରୀ ନିଜର ବାଲ୍ୟ ବିବାହକୁ ନା କହିପାରୁଛନ୍ତି । ଆତ୍ମନିର୍ଭରଶୀଳ ହେବା ସହ ସମାଜରେ ପରିବର୍ତ୍ତନ ଆଣିବାରେ କିଶୋରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି" ବୋଲି ହଲାନ କହିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟଖସଡ଼ା ଅନୁସାରେ ଆଗାମୀ ୨୦୩୦ ମସିହା ବେଳକୁ ଓଡ଼ିଶା ଏକ ବାଲ୍ୟ ବିବାହ ମୁକ୍ତ ରାଜ୍ୟ ହେବାନେଇ ଅତିଥି ମାନେ ଆଶାବ୍ୟକ୍ତ କରିଛନ୍ତି । ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସଂ ଯୋଗଦେଇ ଅଦ୍ୱିକା କାର୍ଯ୍ୟକ୍ରମ ଦ୍ୱାରା କିପରି ଜୀବନରେ ସଫଳତା ପାଇପାରିଛନ୍ତି ସେ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ମାମିନା ଓ ଲକ୍ଷ୍ମୀ ସରକାରଙ୍କ ତରଫରୁ କିଶୋରୀମାନଙ୍କ ସଶକ୍ତିକରଣ ପାଇଁ ନିଆଯାଇଥିବା ବିଭିନ୍ନ ଯୋଜନା ମାଧ୍ୟମରେ ଉମରକୋଟ ଶିଳ୍ପ ତାଲିମ କେନ୍ଦ୍ରରେ ନାମ ଲେଖାଇ ସିଲେଇ ଶିଖୁଛନ୍ତି । ଏଥିପାଇଁ ଉମରକୋଟ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଯୁକ୍ତା ବେହେରା ତାଙ୍କୁ ସହଯୋଗର ହାତ ବଢ଼ାଇ ଥିଲେ ଓ ସିଡିପିଓଙ୍କ ପ୍ରଚେଷ୍ଟାରେ ସେମାନେ ସ୍ୱାବଲମ୍ବୀ ହେବାର ବାଟ ବାଛି ନେଇଛନ୍ତି ବୋଲି ପ୍ରକାଶ କରିଥିଲେ । ତାଙ୍କର ଉଦ୍ୟମ ଆଜି ସଫଳତାର ଶିଖରରେ ପହଞ୍ଚାଇବା ପାଇଁ ପଥ ପ୍ରସ୍ତୁତ କରିଛି ଓ ଏଥିପାଇଁ ସେମାନେ ଅତ୍ୟନ୍ତ ଖୁସି ପ୍ରକଟ କରି ସମ୍ବର୍ଦ୍ଧନାର ଶ୍ରେୟ ସିଡିପିଓଙ୍କୁ ଦେଇଛନ୍ତି । ଅନ୍ୟପଟେ ଏହି ଦୁଇ କିଶୋରୀ ଅଞ୍ଚଳରେ ଅନ୍ୟ ମାନଙ୍କ ପାଇଁ ନିଶ୍ଚିତ ପ୍ରେରଣା ହେବ ବୋଲି ଶ୍ରୀମତୀ ବେହେରା ପ୍ରକାଶ କରିଥିଲେ ।

# ମହିଳାଙ୍କ ଆତ୍ମହତ୍ୟା

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନାରେ । ଆତ୍ମହତ୍ୟା ଉଦ୍ୟମ କରୁଥିବା ମହିଳା ଜଣକ ହେଲେ ଉମରକୋଟ ବ୍ଲକ ହିରାପୁର ପଞ୍ଚାୟତ ତିଲୋଣ୍ଡି ଗ୍ରାମର ସୁକଲଦେଇ ଗଣ୍ଡ(୫୦) । ମିଳିଥିବା ସୂଚନା ଅନୁସାରେ ପାରିବାରିକ କଳହ ଯୋଗୁଁ ସୁକଲଦେଇ ଘରେ ରଖାଯାଇଥିବା ଫସଲରେ ମରା ଔଷଧକୁ ଖାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଏକ ବେସରକାରୀ ଗାଡ଼ି ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ସୁକଲଦେଇଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ଠାରୁ ସୂଚନା ମିଳିଛି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଭାବକ ଏବଂ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବିଦ୍ୟାଳୟରୁ ଟିସି ନେଇ ଅନ୍ୟତ୍ର ନାମ ଲେଖାଇବା ପରେ ମଧ୍ୟ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ଝୁଲୁଣିବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୂର୍ବତନ ଛାତ୍ରୀଙ୍କ ନାମ ନିଜ ବିଦ୍ୟାଳୟରୁ ହଟାଉ ନଥିବା ସହ ଏନେଇ ଅଭିଯୋଗ କଲେ ଅବିଭାବକଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଅର୍ଜୁନ ପୂଜାରୀ ନାମକ ଜଣେ ବ୍ୟକ୍ତିଙ୍କ ଝିଅ ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିଲେ । ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ମହାରଥୀ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ପିଆର୍ଏସ୍ଏନ ପଚାରିବା ବେଳେ ଛାତ୍ରୀ ଜଣଙ୍କ ସଠିକ ଭାବେ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଗାଳି କରିବା ସହ ନିଜ ବାପାଙ୍କୁ ନେଇ ଆସ ପାଠ ପଢ଼ିବେ ବୋଲି କଟାକ୍ଷ କରିଥିଲେ । ତେଣୁ ଏହିପରି ବାରମ୍ବାର ଆକ୍ଷେପ କରିବାରୁ ଛାତ୍ରୀଙ୍କ ବାପା ଅର୍ଜୁନ ପୂଜାରୀ ଝିଅଙ୍କ ନାମ ସେଠାରୁ ଉଠେଇ ନେଇ ଅନ୍ୟତ୍ର ଆଡ଼ମିସନ କରିଲେ । ତେବେ ଏହିପରି ଭାବେ ପ୍ରାୟ ୬ ରୁ ୭ ଜଣ ଛାତ୍ରଛାତ୍ରୀ ମଧ୍ୟ ଉକ୍ତ ବିଦ୍ୟାଳୟରୁ ନାମ କାଟି ଅନ୍ୟତ୍ର ଲେଖାଇ ଥିଲେ । ଏହି ଘଟଣାକୁ ମାସ ମାସ ସମୟ ବିତି ଯାଇଥିଲେ ମଧ୍ୟ ଅର୍ଜୁନଙ୍କ ଝିଅଙ୍କ ନାମ ଓଡିଶା ଆଦର୍ଶ ବିଦ୍ୟାଳୟର ରେଜିଷ୍ଟ୍ରେସନ ଖାତାରୁ ଏବଂ ଅନଲାଇନରୁ କଟା ଯାଇନଥିଲା । ତେଣୁ ଛାତ୍ରୀ ଜଣଙ୍କ ଅନ୍ୟ ଏକ ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ୍ୟ ଉଭୟ ବିଦ୍ୟାଳୟରେ ନାମ ରହିବାର ନିୟମ ନଥିବାରୁ ସେ ବହୁ ସମସ୍ୟାର ସାମ୍ନା କରିଥିଲେ । ଛାତ୍ରୀଙ୍କ ନାମକୁ ନାମ ଲେଖା ଖାତାରୁ ଏବଂ ୟୁଡାଇସରୁ ହଟାଇ ନଥିବାରୁ ପରୀକ୍ଷା ଦେବାରେ ମଧ୍ୟ ସମସ୍ୟା ଉପୁଜୁଥିବାରୁ ଅର୍ଜୁନ ବାରମ୍ବାର ମାଥିଲି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ଦୌଡ଼ି ଦୌଡ଼ି ସମସ୍ୟାର ସମାଧାନ ଲାଗି ଅନୁରୋଧ କରିଥିଲେ । ବିଦ୍ୟାଳୟରୁ ତାଙ୍କ ଝିଅର ନାମ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ଅନୁରୋଧ ସତ୍ତ୍ୱେ କୌଣସି ସୁଫଳ ମିଳୁ ନଥିବାରୁ ପୁଣି ଅର୍ଜୁନ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ସାକ୍ଷାତ କରିଥିଲେ । ଶିକ୍ଷୟିତ୍ରୀ ଲପାମୁଦ୍ରା ମହାରଥୀ ସିଧା ସିଧା ତାଙ୍କୁ ଦୁର୍ବ୍ୟବହାର କରିବା ସହ ଗେଟ୍ ଆଉଟ କହିଥିବା ଅର୍ଜୁନ ଅଭିଯୋଗ କରିଛନ୍ତି । ଏନେଇ ଅର୍ଜୁନ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଅବଗତ କରାଇଥିବା ବେଳେ ଖବର ସଂଗ୍ରହ ପାଇଁ ସାମ୍ବାଦିକ ମାନେ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭେଟିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର ଦେଖାଇ ଥିଲେ । ତେବେ ଏନେଇ ଉପ ଜିଲ୍ଲାପାଳଙ୍କୁ ଫୋନରେ ଯୋଗାଯୋଗ କରିଥିବାରୁ ସେ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ । ସେହିପରି ଏନେଇ ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ମଧ୍ୟ ଘଟଣାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ବାୟୁ ପ୍ରଦୂଷଣରୁ ବଢୁଛି ଶ୍ୱାସରୋଗୀଙ୍କ ସଂଖ୍ୟା



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରଗଡ ପୌରପାଳିକାର ଅବହେଳା ଏବଂ ଦାୟିତ୍ୱହୀନତା ଯୋଗୁଁ ସହରରେ ବାୟୁ ପ୍ରଦୂଷଣ ବଢ଼ୁଛି । ଖରାପ ରାସ୍ତା ଏବଂ ରାସ୍ତାରେ ଧୂଳି ଏବଂ ମାଟି ସଫେଇ ହେଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ କରୁଛି । ସେହିପରି କଠିନ ବର୍ଜ୍ୟବସ୍ତୁ କେନ୍ଦୁଝରଗଡ ପୌରପାଳିକା ଗୁରୁତ୍ୱ ଦେଉନି । ମ୍ୟୁନସିପାଲଟିରେ କଠିନ ବର୍ଜ୍ୟବସ୍ତୁ ସହ ଅଣ ପୃଥକୀକୃତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ମିଶାଇ ଅଣ ବୈଜ୍ଞାନିକ ପ୍ରଣାଳୀରେ ନଷ୍ଟ କରାଯାଉଛି । ଅନେକ ସ୍ଥାନରେ ରାସ୍ତା ପାର୍ଶ୍ୱରେ ବର୍ଜ୍ୟବସ୍ତୁ ପକାଇ ନିଆଁ ଲଗାଇ ଦିଆଯାଉଛି । ଫଳରେ ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି । ସେହିପରି ସଫେଇ କାମ ସଠିକ୍ ଭାବେ ହେଉନଥିବାରୁ ରାସ୍ତା କଡରେ ମାଟି ଏବଂ ଧୂଳି ପଡିରହୁଛି । ସଫେଇ ସମୟରେ ମାଟି ଓ ଧୂଳି ରାସ୍ତାରୁ ଉଠାଯାଉନାହିଁ । ଅଭିଯୋଗ କଲେ ସଫେଇ କାର୍ଯ୍ୟରେ ନିୟୋଜିତ ଠିକାଦାର ଏଥିପ୍ରତି ଗୁରୁତ୍ୱ ଦେଉନାହାଁନ୍ତି । ଫଳରେ କେନ୍ଦୁଝର ସହରର ବାୟୁ ମାନକ ସୂଚକାଙ୍କ (ଏକ୍ୟୁଆଇ) ଧିରେ ଧିରେ ଖରାପସ୍ତରକୁ ଗତି କରୁଛି । କେନ୍ଦୁଝର ସହରରେ ନିର୍ମାଣଧିନ କୋଠା, ରାସ୍ତା ଖୋଳାଯିବା, ରାସ୍ତା ପାର୍ଶ୍ୱରେ ଅଳିଆ ଆବର୍ଜନା ପଡିବା ଓ ବାଲି ଜମା ହେବା ଦ୍ୱାରା ସେଥିରୁ ନିର୍ଗତ ହେଉଥିବା ଧୂଳିକଣା ସହରକୁ ଅଧିକ ପ୍ରଦୂଷିତ କରୁଛି । ସହରର ଅଧିକାଂଶ ସ୍ଥାନରେ ରାସ୍ତା ଖୋଳା ଯାଇ ବିଦ୍ୟୁତ ଏବଂ ପାଣି ପାଇଁ ଭୂତଳ ପାଇପ ପଡିବା ପରେ ପୁଣି ରାସ୍ତା ନିର୍ମାଣ ହୋଇନଥିବାରୁ ରାସ୍ତା ଉପରେ ମାଟି ପଡିରହିଥିବାରୁ ଗାଡି ଚଳାଚଳ ବେଳେ ଉଡୁଥିବା ଧୂଳିକଣା ପ୍ରଦୂଷଣର ଅନ୍ୟତମ କାରଣ ହୋଇଛି । ଏବେ ଘନ କୁହୁଡି ସାଙ୍ଗକୁ ପବନର ବେଗ ମନ୍ଥର ଓ ବାୟୁ ଆଦ୍ରତା ରହିଥିବାରୁ ପ୍ରଦୂଷଣ ମାତ୍ରା ବଢୁଛି । କେନ୍ଦୁଝର ସହରରେ ବାୟୁ ପ୍ରଦୂଷଣ ମାତ୍ରା ବଢୁଥିବାରୁ ସହରବାସୀ ଯେତିକି ଅମ୍ଳଜାନ ନେଉ ନାହାଁନ୍ତି ତା'ଠାରୁ ଅଧିକ ସଲ୍ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, କାର୍ବନ ଡାଇଅକ୍ସାଇଡ ଓ ବିଷାକ୍ତ ଧୂଳିକଣାକୁ ଶରୀର ଭିତରକୁ ନେଉଛନ୍ତି । ଏହାଦ୍ୱାରା ହୃଦ୍‌ଘାତ, ଶ୍ୱାସକ୍ରୀୟା ଜନିତ ରୋଗ, ଫୁସଫୁସ କର୍କଟ, ଯକ୍ଷ୍ମା, ଆସ୍ଥମା ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି । ସୂଚନାଯୋଗ୍ୟ, ସାଧାରଣ ବାୟୁର ଏକ୍ୟୁଆଇ ୫୦ କିମ୍ବା ତା'ଠାରୁ କମ ତଳକୁ ରହିଲେ ଭଲ ବୋଲି ବିବେଚନା କରାଯାଏ । ସେହିପରି ସୂଚକାଙ୍କ ୫୦ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ ରୁ ୨୦୦ ମଧ୍ୟରେ ରହିଲେ ମଧ୍ୟମ ଧରଣର, ୨୦୧ରୁ ୩୦୦ ଭିତରେ ରହିଲେ ଖରାପ ଓ ୩୦୧ ରୁ ୪୦୦ ମଧ୍ୟରେ ରହିଲେ ଅତି ଖରାପ ବୋଲି ଧରାଯାଏ । କେନ୍ଦୁଝର ସହରରେ ପିଏମ୍ ୧୦ ସର୍ବାଧିକ ୧୫୦ ମାଇକ୍ରୋଗ୍ରାମ ପର ମିଟର କ୍ୟୁବ୍ ରହୁଛି । ବିଶେଷ କରି ୧୦ ଟାରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ କେନ୍ଦୁଝର ସହରରେ ଅଧିକ ଗାଡି ଚଳାଚଳ ହେଉଥିବାରୁ ବାୟୁ ପ୍ରଦୂଷଣ ମାତ୍ରା ଅଧିକ ରହୁଛି । ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଇଂ ପ୍ରଶାନ୍ତ କରଙ୍କ ସହ ଯୋଗାଯୋଗ କରିବାରୁ ଏହାର ପ୍ରତିକାର ପାଇଁ ମେକାନାଇଜଡ ରୋଡ ସୁଇପିଂ ସିଷ୍ଟମ ଦ୍ୱାରା ରାସ୍ତା ଉପରେ ଜମିଥିବା ଧୂଳି ସଫା କରାଯିବା ପାଇଁ ଶିଳ୍ପସଂସ୍ଥାକୁ କୁହାଯାଇଛି । ଏତଦ୍ ବ୍ୟତିତ ଖରାପ ରାସ୍ତା ମରାମତି ପାଇଁ ପୂର୍ତ୍ତ ଏବଂ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି ।



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ବୋଦାପଳସା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା ୨୦୨୪ ବୋଦାପଲସା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗଦୀଶ ଚନ୍ଦ୍ର ନାୟକ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଅକ୍ଷୟ ଚନ୍ଦ୍ର ଦାସ ଉଦ୍ଘାଟନ ସମାରୋହରେ ଉପସ୍ଥିତ ରହି ନିପୁଣ ଓଡ଼ିଶାର ଲକ୍ଷ୍ୟ ଉଦ୍ଦେଶ୍ୟ ଶିଶୁ ଅଭିଭାବକ ଆଭିଭାବିକା ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଜଣାଇବା ସହ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦର ଉପାଧକ୍ଷ ଜଗନ୍ନାଥ ସିଂହ ଓ ଜିଲ୍ଲା ଶିକ୍ଷା ଶିକ୍ଷକ ଅନୁଷ୍ଠାନର ଅଧକ୍ଷା କଲ୍ୟାଣୀ ମାଝୀ ଗଳ୍ପ ମାଧ୍ୟମରେ ଶିଶୁମାନଙ୍କ ଠାରେ ଏକାଗ୍ରତା ଓ ନିଷ୍ଠା ରହିବା ନିହାତି ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରିଶେଷରେ ଶିଶୁମାନଙ୍କୁ ପାଠ୍ୟ ଉପକରଣମାନ ବିତରଣ କରାଯାଇଥିଲା । ଏହି ମେଳାରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ତଥା ସୃଜନଶୀଳର ମୋଟ ୧୭ଟି ଷ୍ଟଲ୍‌ରେ ଶିଶୁମାନେ ନିଜର ପ୍ରୋଜେକ୍ଟ ସ୍ଥାନିତ କରିଥିଲେ । ଶିକ୍ଷକ ତପନ ମିଶ୍ର, ପ୍ରଦୀପ ମିଶ୍ର, ଜଗବନ୍ଧୁ ଜେନା, ରାଜେନ୍ଦ୍ର ରାୟ, ଅର୍ଜୁନ ସିଂହ ଖୁଣ୍ଟିଆ, ସମୀର ଜେନା, ଶୁଭଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ସୌଭାଗ୍ୟ ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ପଶ୍ଚିମ ବଡ଼ଚଣାରେ ଚାଲିଛି ବେଧଡ଼କ ମାଙ୍କଡ଼ା ଓ ମୋରମ ଖନନ



### ବାହାରକୁ ଚୋରା ଚାଲାଣ ହେଉଛି ଶହଶହ ଟ୍ରିପ୍

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ବୈରୀ ଥାନା ଅନ୍ତର୍ଗତ ପଶ୍ଚିମ ବଡ଼ଚଣାର ବିଭିନ୍ନ ସ୍ଥାନରୁ ଏବେ ପୁଣି ମାଙ୍କଡା ଓ ମୋରମ ଲୁଟ୍ ବ୍ୟାପକ ହୋଇଛି। ମାଫିଆମାନେ ସରକାରୀ ଜଙ୍ଗଲ, ଗୋଚର ଓ ଅନାବାଦୀ କିସମ ଜମିରୁ ବେଆଇନ ଭାବେ ବେଧଡକ ଏହି ଲଘୁ ଖଣିଜ ଖନନ କରି ତାହାକୁ ବାହାରକୁ ଚୋରା ଚାଲାଣ କରାଯାଉଛି। ଦୈନିକ ଶତାଧିକ ଟ୍ରିପ ମାଙ୍କଡା ଓ ମୋରମ ଯାଜପୁର, କେନ୍ଦ୍ରାପଡା, କଟକ ଓ ଢେଙ୍କାନାଳ ଜିଲ୍ଲା ସମେତ ଅନ୍ୟ ସ୍ଥାନକୁ ଚାଲାଣ ହେଉଛି। ଏହାକୁ ରୋକିବା ଦିଗରେ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ୍) ଓ ସ୍ଥାନୀୟ ବୈରୀ ଥାନା ପୋଲିସ ଚୁପ୍ ରହିଥିବାରୁ ଦିନକୁ ଦିନକୁ ଦିନ ଏହି ଚୋରି ବ୍ୟାପକ ହୋଇଛି। ସୂଚନା ମୁତାବକ ଦୀର୍ଘଦିନ ଧରି ବଡ଼ଚଣାର ପଶ୍ଚିମାଞ୍ଚଳର ବୈରୀ, ସୋଲର, ବାଘୁଆ ଓ ମୁଳିଝର ସମେତ ଅନ୍ୟ କେତେକ ଅଞ୍ଚଳରେ ଥିବା ବେଆଇନ ଓ ନିଷିଦ୍ଧ ଖାଦାନରୁ ମାଙ୍କଡ଼ା ପଥର ଓ ମୋରମ ତଡାଯାଉଥିବା ଦେଖାଯାଉଛି। ଦୈନିକ ବଡ଼ବଡ଼ ଟ୍ରକ ଯୋଗେ ଶତାଧିକ ଟ୍ରିପ ବାହାର ଅଞ୍ଚଳକୁ ଚାଲାଣ କରାଯାଉଛି। ତେବେ ମାଙ୍କଡ଼ା ଓ ମୋରମ ବୋଝେଇ ଏହି ସବୁ ଟ୍ରକ ବୈରୀ ଥାନା ସମ୍ମୁଖ ରାସ୍ତା ଦେଇ ଦୈନିକ ରାତିରେ ବାହାର ଅଞ୍ଚଳକୁ ଯାଉଥିବା ବେଳେ ଥାନା ପକ୍ଷରୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି। ଧର୍ମକୁ ଆଖିଠାର ନୀତିରେ ଥାନା ପକ୍ଷରୁ କାଁଭାଁ କେତେବେଳେ ଗୋଟିଏ ଦୁଇଟି ଟ୍ରକ ଜବତ କରାଯାଉଥବା ବେଳେ ଅନ୍ୟ ସମୟରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ମାଫିଆମାନେ ଏହି ବେଆଇନ କାର୍ଯ୍ୟକୁ ମନଇଚ୍ଛାରେ କରି ଚାଲିଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ଏହି ଲଘୁ ଖଣିଜ ପଦାର୍ଥ ଟ୍ରକ ଯୋଗେ ବିଭିନ୍ନ ଅଞ୍ଚଳକୁ ଦ୍ରୁତଗତିରେ ପରିବହନ ହେଉଥିବାରୁ ଜନବସତି ଓ ବନ୍ୟପ୍ରାଣୀ ଉପରେ ବିପଦ ସୃଷ୍ଟି କରିଛି। ଏହି ବେଆଇନ ଖନନ ଯୋଗୁ ସ୍ଥାନୀୟ ଜଙ୍ଗଲ ଓ ପରିବେଶ ଧ୍ୱଂସ ହେବାରେ ଲାଗିଛି। ତେବେ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚୋରା କାରବାର ହୋଇ ଆସୁଥିବା ବେଳେ ଏହାକୁ ରୋକିବା ଦିଗରେ ଜିଲ୍ଲା ଲଘୁ ଖଣି ବିଭାଗ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏଥିପ୍ରତି ଦୃଢ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

### ଉପ-ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ

## କୁଶଭଦ୍ରା ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ଭିଜିଲାନ୍ସ ତଦନ୍ତ ଦାବି**

ଗୋପ (ଭାସ୍କର ନ୍ୟୁଜ୍) : କୁଶଭଦ୍ରା ନଦୀବନ୍ଧ ସଦୃଢ଼ୀକରଣ କାର୍ଯ୍ୟରେ କୌଣସି ସାଲିସ କରାଯିବ ନାହିଁ । ଯଦି କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୁଏ ତେବେ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ମାତ୍ର ଉପ-ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇଦେଇଛନ୍ତି ବିଭାଗୀୟ ଅଧିକାରୀ। ନଦୀବନ୍ଧ ସଦୃଢ଼ୀକରଣ ନାମରେ ଚାଲିଛି ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକା। ବନ୍ଧ ଟପ୍‌ରେ ନୂଆମାଟି ପକାଇବା ସହ ମେଣ୍ଟାଲ ମୋରମ କରିବାର ଚୁକ୍ତି ଥିବାବେଳେ ସଂପୃକ୍ତ ଠିକାଦାର ଦାୟିତ୍ୱରେ ଥିବା ସହାକାରୀ ଯନ୍ତ୍ରୀଙ୍କୁ ହାତବାରସୀ କରି ବନ୍ଧ ଟପ୍‌ରୁ ଘାସ ଚାଞ୍ଛିବା ସହ ବନ୍ଧର ଦୁଇ ପାର୍ଶ୍ୱରୁ ମାଟି ଉଠାଇ ବନ୍ଧ ଉପରେ ପକାଉଥିବା ଦେଖିବାକୁ ମିଳିଛି । ଏପରିକି ଚୁକ୍ତି ଅନୁଯାୟୀ ମେଣ୍ଟାଲ ମୋରମ ପଡୁନଥିବା ବେଳେ ଅତ୍ୟନ୍ତ ନିମ୍ନମାନର ମାଟି ମିଶା ମୋରମରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ଫଳରେ ବନ୍ଧ ସଦୃଢ଼ୀକରଣ ପରିବର୍ତ୍ତେ ଦୁର୍ବଳ ହେଉଥିବା ସ୍ଥାନୀୟ ବାସିନ୍ଦାଙ୍କ ସମେତ ୧୧ନଂ ଜିଲ୍ଲାପରିଷଦ ପ୍ରମୋଦ କୁମାର ରାୟ ଅଭିଯୋଗ କରିଛନ୍ତି। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ଜଳସଂପଦ ବିଭାଗ କାର୍ଯ୍ୟାଳୟ ଅଧିନ ଗଣେଶ୍ୱରପୁର ଜଳସଂପଦ ବିଭାଗ ସହକାରୀଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେଉଥିବା କୁଶଭଦ୍ରା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ମାଟିଆଖାତ ଠାରୁ ଖଣ୍ଡିଆକୁଦ ସ୍ଲୁଇସ ପର୍ଯ୍ୟନ୍ତ ୫ କିମି ପୁନରୁଦ୍ଧାର କାର୍ଯ୍ୟରେ। ଏହାକୁ ନେଇ ଜିଲ୍ଲାପରିଷଦ ପ୍ରମୋଦ ରାୟ କହିଛନ୍ତି ବିଜେପି ଶାସନ ସମୟରେ କୌଣସି ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ । ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଯାଇ ଦୁର୍ନୀତିର ପର୍ଦ୍ଦାଫ୍ଲାସ କରାଯିବ ବୋଲି ସେ କହିଛନ୍ତି। ସୂଚନା ମୁତାବକ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ କୁଶଭଦ୍ରା ନଦୀ ଦକ୍ଷିଣପାର୍ଶ୍ୱ ବନ୍ଧର ମାଟିଆଖାତ ଠାରୁ ଖଣ୍ଡିଆକୁଦ ପର୍ଯ୍ୟନ୍ତ ୫ କିମି ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ମାତ୍ର ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଚୁକ୍ତି ଅନୁଯାୟୀ ବନ୍ଧ ଟପ୍‌ରେ ନୂଆ ମାଟି ପଡୁନଥିବା ବେଳେ ସଂପୃକ୍ତ ଠିକାଦାର ବନ୍ଧର ଦୁଇ ପାର୍ଶ୍ୱ ଚାଞ୍ଛ ବନ୍ଧ ଉପରେ ମାଟି ପକାଉଥିବା ଏବଂ ଅତ୍ୟନ୍ତ ନିମ୍ନମାନର ମେଣ୍ଟାଲ ଓ ମୋରମରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସେହିପରି ସାମାନ୍ୟ ମୋରମ ଛିଞ୍ଚୁଥିବା ବେଳେ ସଠିକ୍ ଭାବେ ରୋଲିଂ କରାଯାଉ ନଥିବା ଏବଂ କାର୍ଯ୍ୟ ପରେ ପାଣି ସଠିକ୍ ଭାବେ ପକାଯାଉ ନଥିବା ଅଭିଯୋଗ ମଧ ହେଉଛି। ଏପରିକି କାର୍ଯ୍ୟ ସମୟରେ ଦାୟିତ୍ୱରେ ଥିବା ଅଧିକାରୀ କି ବିଭାଗୀୟ କୌଣସି କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ଜଣକ ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଯାହାଫଳରେ ବନ୍ଧର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ୪୫ଲକ୍ଷ ଟଙ୍କା ପାଣିରେ ପଡିବା ଆଶଙ୍କା ଦେଖା ଦେଇଛି। ଅନ୍ୟପକ୍ଷରେ ବନ୍ଧର ଦୁଇ ପାର୍ଶ୍ୱରୁ ମାଟି ଚଞ୍ଛା ଯାଉଥିବାରୁ ବନ୍ୟା ସମୟରେ ବନ୍ଧ ଉପରେ ବିପଦ ଆଶଙ୍କା ଦେଖାଦେଇଛି। ଏଠାରେ ସୂଚନାଥାଉକି ଗତ ୨୦୨୨ ମସିହାରେ ଏହି ବନ୍ଧର ଖଣ୍ଡିଆକୁଦ ଠାରେ ଏକ ବିରାଟ ଘାଇ ହୋଇ ବ୍ୟାପକ ଧନ ଜୀବନ ନଷ୍ଟ ହୋଇଥିଲା।

## ସାମ୍ବାଦିକଙ୍କ ମାତୃ ବିୟୋଗ



କୋରେଇ (ଭାସ୍କର ନ୍ୟୁଜ୍) : କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମପଞ୍ଚାୟତ ଅଧୀନସ୍ଥ ଉରଖଳିରା ଗ୍ରାମର ଯୁବ ସାମ୍ବାଦିକ ପ୍ରମୋଦ ପାତ୍ରଙ୍କ ମା' ତଥା ଜଣେ ଧର୍ମ ପରାୟଣ ମହିଳା ଲବଣୀ ପାତ୍ରଙ୍କ ୮୩ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ବ୍ୟାଧିରେ ପରଲୋକ ହୋଇଯାଇଛି। ଆଜି ତାଙ୍କ ଶେଷ ଯାତ୍ରାରେ ବିଜେପି ନେତା ପ୍ରକାଶ ଧଳ, ସମାଜସେବୀ ବନୋଜା ଜେନା, ବରୁଣ୍ଡେଇ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡ଼ା, ସରପଞ୍ଚ ଲିପ୍ସା ପରିଡା, ପୂର୍ବତନ ସରପଞ୍ଚ ସୌଭାଗ୍ୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ଆଶୁତୋଷ ମହାନ୍ତି, ଯୁବ ସାମ୍ବାଦିକ ପ୍ରହଲ୍ଲାଦ ଦେଓ, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ପ୍ରକାଶ ସାହୁ, ସତନ୍ ପଣ୍ଡାଙ୍କ, ତ୍ରୈଲୋଚନ ପରିଡାଙ୍କ ସମେତ ବଡ଼ ପୁଅ ବିନୋଦ, ସୁନନ୍ଦ, ଆନନ୍ଦ, କ୍ୱାଇଁ ପ୍ରଫୁଲ୍ଲ, ପ୍ରହଲ୍ଲାଦ, ନରହରି, ଝିଅ କନକ, ଜାନକୀ, ମୌନବତୀ, ସୁମିତ୍ରା ସମେତ ବନ୍ଧୁ ପରିବାର ବର୍ଗଙ୍କ ଉପସ୍ଥିତିରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଆନ୍ତର୍ଗତ ନୂଆସାହି ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା ସଂଯୋଜକ ଚନ୍ଦ୍ରଶେଖର ନାୟକଙ୍କ ତତ୍ତ୍ୱାବଧାନରେ ସୋମବାର ଦିନ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ମେଳାକୁ ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଯୋଗଦାନ କରି ଉଦ୍ଘାଟନ କରି ଉକ୍ତ ମେଳାର ତାତ୍ପର୍ଯ୍ୟ ସମ୍ପର୍କରେ ସଭାରେ ଅବଗତ କରିଥିଲେ। ମୁଖ୍ୟବକ୍ତା ରୂପେ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଯୋଗ ଦେଇ ସରକାରଙ୍କର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସମେତ ଶିକ୍ଷଣ ସାମାଗ୍ରୀର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବୋଲଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁବାଳା ଷଡ଼ଙ୍ଗୀ ଓ ସରକାରୀ ପ୍ରାଥମିକବିଦ୍ୟାଳୟ, ଖଙ୍ଗୁରିଆର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ବଳିୟାର ସିଂହ ଯୋଗ ଦେଇଥିଲେ । ମାର୍ଗଦର୍ଶକ ଶିକ୍ଷକ ରୂପେ ରବୀନ୍ଦ୍ର କୁମାର ରାଉତରାୟ ଓ ମାର୍ଗଦର୍ଶିକା ଶିକ୍ଷୟିତ୍ରୀ ରୂପେ ସୌଦାମିନୀ ପରିଡ଼ା, ସଂଯୁକ୍ତା ସାହୁ, ସୁଲୋଚନା ସେଠ, କୁମୁଦିନୀ ସାହୁ ଉପସ୍ଥିତ ରହି ଉକ୍ତ ମେଳାକୁ ସଫଳ କରିଥଲେ । ମେଳାରେ ଆଠ ଗୋଟି ବିଦ୍ୟାଳୟର ୮୦ଜଣ ବିଦ୍ୟାର୍ଥୀ ସମୁଦାୟ ୧୫୭ଟି ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ନିପୁଣ ଓଡ଼ିଶା ସଂଗୀତ ଏବଂ ଅନ୍ୟାନ୍ୟ ଦେଶାତ୍ମବୋଧ ସଂଗୀତ ଗାୟନ, ଏକକ ଅଭିନୟ ଏବଂ ଏକକ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଶିକ୍ଷକ ଚିତ୍ତ ରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଳ ବିଶୋଧନ କେନ୍ଦ୍ରର ଉନ୍ନତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଆସିକା (ଭାସ୍କର ନ୍ୟୁଜ୍) : ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ମଳ ବିଶୋଧନ କେନ୍ଦ୍ରର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ। ଆସିକା ନିକଟ ବାବନପୁର ସ୍ଥିତ ମଳ ବିଶୋଧନ କେନ୍ଦ୍ର ଠାରେ ଆଜି ଅପରାହ୍ନ ସମୟରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଉପସ୍ଥିତ ରହି ଉକ୍ତ ପ୍ରକଳ୍ପର ଉନ୍ନତି ନିମନ୍ତେ ପ୍ରାୟ ୬୭ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ପ୍ରକଳ୍ପକୁ ଶୁଭ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ସମେତ ବହୁ କାଉନସିଲ ମଧ ଉପସ୍ଥିତ ଥିଲେ। ଯୁବ ସମାଜସେବୀ ସତ୍ୟନାରାୟଣ ସ୍ୱାଇଁ, ବିଜୟ ସ୍ୱାଇଁ, ଜଗନ୍ନାଥ ପାତ୍ର (ଭିକି), ରାମଚନ୍ଦ୍ର ଜେନା, ରାଜୁ ଜେନା, ଶ୍ରୀକାନ୍ତ ସ୍ୱାଇଁ, ନିରଞ୍ଜନ ଜେନା, ରେଣୁବାଳା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସରୋଜ କୁମାର ପାଢ଼ୀ ଏହି ମଳ ବିଶୋଧନ କେନ୍ଦ୍ରର ପରିବେଶକୁ ଆହୁରି ସବୁଜ ସୁନ୍ଦର କରିବା ପାଇଁ ମତପ୍ରକାଶ କରିଥିଲେ। ଆସିକା ଅଞ୍ଚଳ ମୟୂର ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏହି ସ୍ଥାନରେ ଅଧିକରୁ ଅଧିକ ମୟୂର ସୃଷ୍ଟି କରାଇବା ପାଇଁ ଉପସ୍ଥିତ ଫରେଷ୍ଟ ବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଳ ବିଶୋଧନ କେନ୍ଦ୍ରର ପରିସର ଏକ ପାର୍କର ଭ୍ରମ ସୃଷ୍ଟି କରୁଥିବା ବେଳେ ଆହୁରି ସୌନ୍ଦର୍ଯ୍ୟକରଣ କିଭଳି ହୋଇପାରିବ ସେଥିପାଇଁ ବିଧାୟକ ଅଧିକା ଆଶାବାଦୀ ଥିବା ପରିଲକ୍ଷିତ ହୋଇଥିଲା। ଏହି ମଳ ବିଶୋଧନ କେନ୍ଦ୍ରରେ ଅତି ସୁନ୍ଦର ଭାବରେ ଜୈବିକ ଖତ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଆସିକାର ଅନ୍ୟାନ୍ୟ ଉନ୍ନତିକରଣ ପ୍ରକଳ୍ପଗୁଡିକ ସମ୍ପର୍କରେ ମଧ ଉପସ୍ଥିତ ଅଫିସର ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥିଲେ।

## ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଅଭିଭାବକ ଓ ଶିଶୁମାନଙ୍କ ସ୍ୱାଗତ ପରେ କୀର୍ତ୍ତନ ସହ ବେଦମାନଙ୍କ ଶୋଭାଯାତ୍ରା ହୋଇଥିଲା। ବିଦ୍ୟାଳୟର ପରିସରରେ ଥିବା ଗଣେଶ ପ୍ରତିମୂର୍ତ୍ତି ଠାରେ ଦେବପୂଜନ ପରେ ସ୍ଥାନୀୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ, ଉପ ସଭାପତି ଜୟନ୍ତ ବାରିକ, ପ୍ରଧାନ ଆଚାର୍ଯ୍ୟ, ଶିଶୁମାନଙ୍କର ପାଦଧୋଇ ସ୍ୱାଗତ କରିଥିଲେ। ଏହାପରେ ଯଜ୍ଞ କାର୍ଯ୍ୟକ୍ରମ ହୋଇଥଲା ଯଜ୍ଞ କର୍ତ୍ତା ଭାବେ ସିଦ୍ଧିକ ପ୍ରଧାନ ଏବଂ ନିୟତି ଖିଲେଇ ଶିଶୁ ବୋଧ ର ଅଭିଭାବକ ଅଭିଭାବକା କର୍ତ୍ତା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହାପରେ ଶିଶୁ ବୋଧ ଶ୍ରେଣୀର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ତହସିଲ କାର୍ଯ୍ୟାଳୟ ଆଗରେ ମା-ପୁଅଙ୍କ ଧାରଣା

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ତହସିଲ ଅଧିନସ୍ତ ସତାଂଶ ପଂଚାୟତ ପାଟେଳି ଗ୍ରାମରେ ଜଣେ ୮୦ ବର୍ଷର ବୃଦ୍ଧ ଶୁକଦେବ ଖଟୁଆଙ୍କ ଜାଗାକୁ ଜାଲିଆତି କରି ଉକ୍ତ ଗ୍ରାମର ମିନୁ ଖଟୁଆ ନିଜ ନାମରେ ରେଜିଷ୍ଟ୍ରି କରାଇ ନେଇଥିବା ଅଭିଯୋଗ ଆଣି ଶୁକଦେବ ଖଟୁଆଙ୍କ ସ୍ତ୍ରୀ ସୁମିତ୍ରା ଖଟୁଆ ଓ ପୁଅ କୈଳାଶ ଖଟୁଆ ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ଦିନ ତମାମ ଉପବାସ ରହି ଧାରଣା ଦେଇଛନ୍ତି। ସେମାନଙ୍କର ଦାବି ପୂର୍ବରୁ ତହସିଲଦାରଙ୍କ ନିକଟରେ ପଟା ନକରିବା ନିମନ୍ତେ ଅଭିଯୋଗ କରିଥିଲେ। ଯାହାକୁ ନେଇ ତହସିଲଦାର ପ୍ରତିଶ୍ରୁତି ଦେଇ ମଧ ପ୍ରତିଶ୍ରୁତି ରଖିନଥିଲେ। ଯେ ପର୍ଯ୍ୟନ୍ତ ତାଙ୍କ ପଟା ଖାରଜ କରାଯାଇ ନାହିଁ ମା'-ପୁଅ ଦୁଇଜଣ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଦଶିପୁରରେ ମିନି ଧାନମଣ୍ଡି ଖୋଲିବାକୁ ଦାବି

କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) : ଦଶିପୁର ଗ୍ରାମପଞ୍ଚାୟତରେ ଏକ ମିନି ଧାନମଣ୍ଡି ଖୋଲାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମପଞ୍ଚାୟତଟି ହେଉଛି ନଦୀ ନାଳ ଘେରା ଅଞ୍ଚଳ। ପୂର୍ବରୁ ଏହି ପଞ୍ଚାୟତଟି ଦେମାଳ ଗ୍ରାମପଞ୍ଚାୟତ ଅଧିନସ୍ଥ ଦେମାଳ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ଥିଲା। କିନ୍ତୁ ଏହି ଅଞ୍ଚଳର ଚାଷୀମାନେ ନଦୀନାଳ ପାର ହୋଇ ସେମାନଙ୍କ ଧାନକୁ ବୋହି ମଣ୍ଡିରେ ପହଞ୍ଚି ବିକ୍ରୀ କରିବା ସମ୍ଭବ ନୁହେଁ। ତେଣୁ ଏହି ଧାନମଣ୍ଡିକୁ ନଦୀନାଳ ପାର ହୋଇ ଧାନ ନେଇଯିବା ସମ୍ଭବ ହେଉନାହିଁ। ତେଣୁ ଦଶିପୁର ଗ୍ରାମପଞ୍ଚାୟତରେ ଏକ ମିନି ଧାନ ମଣ୍ଡି ଖୋଲାଯିବାକୁ ଦଶିପୁର ଅଞ୍ଚଳ ବାସୀଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ବିବେକାନନ୍ଦ ଦାଶ, ମହନ୍ତ ସୁରଦାଶ ମହାରାଜ, ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି, ରମେଶ ସାହୁ, ଶରତ କୁମାର କର, ପ୍ରକାଶ ପଣ୍ଡା, ନିରଞ୍ଜନ ସାହୁ, ଶାନ୍ତନୁ ମଲିକ, ପ୍ରମୋଦ ମଲିକ, ବିକ୍ରମ ମଲିକ ପ୍ରମୁଖ ସୋମବାର ପୌର ପରିଷଦ ଟାଉନହଲ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

## ଓଡ଼ିଆ ଅସ୍ମିତାର ପ୍ରତୀକ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଭାରତର ଯେଉଁ କେତୋଟି ସାରସ୍ୱତ ପୀଠ ରହିଛି ତନ୍ମଧ୍ୟରୁ ଓଡ଼ିଶାର ଅନ୍ୟତମ ପ୍ରାଚୀନ ପବିତ୍ର ସାରସ୍ୱତ ପୀଠ ଭଞ୍ଜନଗର ସହରର ନାଭି କେନ୍ଦ୍ରରେ ଅବସ୍ଥିତ ଭଞ୍ଜ ସାହିତ୍ୟ ପରିଷଦରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ୮୦ତମ ସାମ୍ବତ୍ସରିକ ଜୟନ୍ତୀ ମହାସମାରୋହରେ ପବିତ୍ର ବସନ୍ତ ପଞ୍ଚମୀ ତିଥିରେ ରବିବାର ଦିନ ପାଳିତ ହୋଇଯାଇଛି। ପୂର୍ବ ପ୍ରଚଳିତ ପାରମ୍ପରିକ ଭିତ୍ତିରେ ଭଞ୍ଜନଗର ସହର ମୁଖ୍ୟ ରାସ୍ତାରେ ଥିବା ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ସ୍ଥାନୀୟ ଅଧିବାସୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତତ୍ ପରେ ବାଗ୍‌ଦେବୀ ସରସ୍ୱତୀ ଓ ଉପେନ୍ଦ୍ର ଭଞ୍ଜଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବିଶିଷ୍ଟ ଅତିଥି, ଭଞ୍ଜଜ୍ୟୋତି ସମ୍ମାନ ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ଆଲୋଚକ ତଥା ବକ୍ତା ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭଂଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଗୋପବନ୍ଧୁ ମହାପାତ୍ର ଓ ଭଞ୍ଜ ଗବେଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଓ ଅଧ୍ୟାପକ ଦୁର୍ଗା ମାଧବ ଦାଶଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିବା ବେଳେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଶିକ୍ଷାବିତ୍ ଲୋକନାଥ କର ଓ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ନିଜର ଭଂଜ ସାହିତ୍ୟରେ ଥିବା ପ୍ରବେଶକୁ ଏକ କାବ୍ୟିକ ଝଲକ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସ୍ୱନାମଧନ୍ୟ ବକ୍ତା, ବାଗ୍ମୀ, ବ୍ୟାଖ୍ୟାକାର ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଥିଲେ। ଶେଷରେ ସାମ୍ବାଦିକ ଲୋକନାଥ କର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶିଷ୍ଟ ମଞ୍ଚଶିଳ୍ପୀ ଶ୍ରୀ ଉପେନ୍ଦ୍ର କୁମାର ଶତପଥୀ, ଶ୍ରୀ ଟୁନା ଜେନା, ସୀମାଞ୍ଚଳ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କବି ଡ. କଳ୍ପନାଙ୍କୁ 'ଭଗ୍ନି ନିବେଦିତା' ସମ୍ମାନ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ବିଶିଷ୍ଟ ଅନ୍ତର୍ଜାତୀୟ କବି ସମାଜସେବୀ ଡ. କଳ୍ପନା ମଲ୍ଲିକଙ୍କୁ 'ଭଗ୍ନି ନିବେଦିତା' ସମ୍ମାନରେ ସମ୍ମାନିତ କରାଯାଇଛି। ଆମି ଭାରତ ବୋଲଛି ଟ୍ରଷ୍ଟ, ବୋଇବନ୍ଧୁ ପବ୍ଲିକେଶନ ଓ ବି.ଆଇ.ପି.ର ମିଳିତ ଆନୁକୂଲ୍ୟରେ କଲିକତାର ସଲ୍‌ଟଲେକ ଠାରେ ଥିବା କେନ୍ଦ୍ର ସରକାରଙ୍କ ଇଷ୍ଟର୍ଣ୍ଣ ଜୋନାଲ କଲଚରାଲ ସେଣ୍ଟରରେ ଅନୁଷ୍ଠିତ ପ୍ରଥମ ଏକ ଦିବସୀୟ ଜାତୀୟ କବିତା ଆସରରେ ବିଶିଷ୍ଟ ଆନ୍ତର୍ଜାତୀୟ କବି ଡ. କଳ୍ପନା ମଲ୍ଲିକଙ୍କୁ ମୁଖ୍ୟ ଅତିଥି ସ୍ୱାମୀ ନିର୍ଗୁଣାନନ୍ଦ ବ୍ରହ୍ମଚାରୀ 'ଭଗ୍ନି ନିବେଦିତା' ସମ୍ମାନ ପ୍ରଦାନ କରିଥିଲେ। ଚଳିତବର୍ଷ ଦେଶର ୪ଜଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଓଡିଶାର ଏକମାତ୍ର ଆନ୍ତର୍ଜାତୀୟ କବି ତଥା କେନ୍ଦ୍ରାପଡା ମାଟିର ଝିଅ ଡ. ମଲ୍ଲିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ତ୍ରିପୁରା ରାଜ୍ୟପାଳ ତଥାଗତ ରାୟ ଯୋଗ ଦେଇଥିବା ବେଳେ ଅନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମି ଭାରତ ବୋଲଛି ଟ୍ରଷ୍ଟର ସଭାପତି ଡ. ରତନ ଘୋଷ, ବୋଇବନ୍ଧୁ ପବ୍ଲିକେଶନର ନିର୍ଦ୍ଦେଶକ ଶିବଶଙ୍କର ଚକ୍ରବର୍ତ୍ତୀ ଓ ବି.ଆଇ.ପି.ର ମୁଖ୍ୟ ସମ୍ପାଦକ ଦେବଜ୍ୟୋତି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ କବି ଡ. ମଲ୍ଲିକଙ୍କର ଓଡିଆ ପୁସ୍ତକ 'ପରଂବ୍ରହ୍ମ' ଓ 'ଭଲପାଏ ମଣିଷକୁ' ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଥିବା ବେଳେ ଇଂରାଜୀ କବିତା ପୁସ୍ତକ 'କ୍ରୀସେଣ୍ଟମୁନ୍, 'କୋରାଲ ଯଶ୍ମିନ, 'ଥାର୍ଡ ଆଏ' ପ୍ରମୁଖ ଦେଶବିଦେଶରେ ଆଦୃତି ଲାଭ କରିଛି। ଇଂରାଜୀ ପୁସ୍ତକ "ଥାର୍ଡ ଆଏ" ଗୋଲଡେନ ବୁକ ଅଫ ୱାର୍ଲଡ ରେକର୍ଡରେ ସ୍ଥାନିତ ହୋଇଛି। ଏହି ସମ୍ମାନ ପାଇବା ପରେ କବି ଡ. ମଲ୍ଲିକଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଠାରୁ ପ୍ରଶଂସାର ସୁଅ ଛୁଟୁଛି।



## ରାଶିଫଳ

ମଙ୍ଗଳବାର, ୪ ଫେବୃଆରୀ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ବାହାର ଲୋକଙ୍କ ଠାରୁ କିଛି ଲାଭ ହେବ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ ।



**କର୍କଟ:** ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ତୁମେ ତୁମର ପ୍ରିୟଙ୍କ ସହିତ ବହୁତ କଥାବାର୍ତ୍ତା କରିବ।



**କନ୍ୟା:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । କିଛି ବଡ ଖର୍ଚ୍ଚ ମଧ ହୋଇପାରେ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଅଧ୍ୟୟନରେ ଅସୁବିଧା ହେବ । ତୁମର ସ୍ୱାସ୍ଥ୍ୟ ଭଲ ରହିବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଜ୍ୟୋତିଷ ଶ୍ରୀ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ବଲାଙ୍ଗୀର, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଲର୍କି ଗ୍ରାମରେ ରବିବାର ଦିନ ନବ ନିର୍ମିତ ଭାଗବତ ଟୁଙ୍ଗୀ ର ଶୁଭ ଉଦଘାଟନ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ କଂଟାବାଂଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ ମୂଖ୍ୟ ଅତିଥୀଭାବେ ଯୋଗ ଦେଇ ଉଦଘାଟନ କରିଛି । ଏହି ଅବସରରେ ତୁରେକେଲା ବ୍ଲକ ଅଧିନରେ ଥିବା କଳାକାରମାନଙ୍କୁ ନେଇ ଏକ ଦିନିକିଆ କଳାକାର ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଧାୟକ ଶ୍ରୀ ବାଗ ମୂଖ୍ୟ ଅତିଥୀଭାବେ ଯୋଗ ଦେଇଥିଲେ । କଳାକାର ମହୋତ୍ସବ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପସଭାପତି ସର୍ବଶ୍ରୀ ସୁଦାମ ଚରଣ ବିଶି,ତୁରେକେଲା ବ୍ଲକ ସଭାପତି କାର୍ତିକେଶ୍ୱର ସାହୁ, ପୂର୍ବତନ ଉପସଭାପତି ଅମିଲ ପୁଟେଲ, ଜିଲ୍ଲା ଜଗନ୍ନାଥ ସଂକିର୍ତନ ସଂସ୍କୃତି ସମ୍ପାଦକ ରସରାଜ ବୁଡେକ, ତୁରେକେଲା ପଂଚାୟତ ସମିତି ସଭ୍ୟ ପ୍ରମୋଦ କୁମାର ମାହାପାତ୍ର, ଗ୍ରମ୍ୟକଳା ସଂଗଠନ ଟିକ୍ରାପଡା ସଭାପତି ପୁରନ୍ଦର ପୁଟେଲ ମଂଚାଶିନ ଥିଲେ । ସଭାକୁ ତୁଳସିରାମ ଜଗତ ମଂଚ ପରିଚାଳନା କରିଥିଲେ ।

# ନକ୍ସଲ ଖଞ୍ଜିଥିବା ୨୫ କିଗ୍ରା ଆଇଇଡି ବୋମା ଉଦ୍ଧାର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତରେ ପୁଣି ଥରେ ନକ୍ସଲଙ୍କ ଘୃଣ୍ୟ ଯୋଜନାକୁ ପଣ୍ଡ କଲେ ଯବାନ । ମାଇନିଙ୍ଗ ବେଳେ ରାସ୍ତା ମଝିରେ ଖଞ୍ଜା ଯାଇଥିବା ଏକ ଶକ୍ତିଶାଳୀ ଆଇଇଡି ବୋମା ଉଦ୍ଧାର କଲେ ଯବାନ । ଜେସିବି ସାହାଯ୍ୟରେ ଖୋଳି ବାହାର କରାଯାଇ ସୁରକ୍ଷିତ ଭାବରେ ନଷ୍ଟ କରାଯାଇଛି । ସୂଚନା ଅନୁଯାୟୀ, ଉସୁର ଥାନା ପୁଲିସ ଏବଂ ସିଆରପିଏଫ ୧୯୬ ବାଟାଲିୟନର ମିଳିତ ଦଳ ଉସୁର-ଆଭାପାଲି ରାସ୍ତାରେ ମାଇନିଙ୍ଗ ଡିଉଟି ପାଇଁ ଯାଇଥିଲେ । ଏହି ସମୟରେ, ଉସୁର ଠାରୁ ୩ କିଲୋମିଟର ଦୂରରେ ଧାନ ମଣ୍ଡି ନିକଟ ମୁଖ୍ୟ ରାସ୍ତାରେ ଏକ ଆଇଇଡି ଯବାନ ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା । ମାଓବାଦୀମାନେ ରାସ୍ତା ମଝିରେ ଏକ ପ୍ଲାଷ୍ଟିକ୍ ଡ୍ରମରେ ୨୫ କିଲୋଗ୍ରାମର ଆଇଇଡି ପୋତିଥିଲେ । ଉଦ୍ଧାର ହୋଇଥିବା ଆଇଇଡିକୁ ସୁରକ୍ଷାବାହିନୀ ର ବୋମା ନିରୋଧି ଦଳ ସୁରକ୍ଷିତ ସ୍ଥାନକୁ ନେଇ ନଷ୍ଟ କରିଛନ୍ତି । ପୁଲିସ ଏବଂ ସୁରକ୍ଷାବାହିନୀର ବଡ଼ ଯାନବାହନକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ କମାଣ୍ଡ ସ୍ୱିଚ୍ ସିଷ୍ଟମ ବ୍ୟବହାର କରି ମୁଖ୍ୟ ରାସ୍ତାରେ ଏକ ପ୍ଲାଷ୍ଟିକ୍ କଣ୍ଟେନର ଭିତରେ ଆଇଇଡି ଖଞ୍ଜିଥିଲେ । ନକ୍ସଲମାନଙ୍କ ଦ୍ୱାରା ପ୍ଲାଣ୍ଟ କରାଯାଇଥିବା ଆଇଇଡି ସାଧାରଣ ଲୋକଙ୍କ ପାଇଁ ଏକ ଅଘଟଣର କାରଣ ହେବାର ଆଶଙ୍କା ଥିଲା । ତେବେ ଯାହା ହେଉ ସୁରକ୍ଷାବାହିନୀ ନକ୍ସଲଙ୍କ ମନ୍ଦ ଉଦ୍ଦେଶ୍ୟକୁ ପଣ୍ଡ କରିବାରେ ସଫଳ ହୋଇଛନ୍ତି ।

## କଣ୍ଟାବାଞ୍ଜିରେ ଅନ୍‌ଲାଇନ ବେଟିଂର ପର୍ଦ୍ଦାଫାସ

# ୩ ଲାପ୍‌ଟପ୍ ସହ ୨୦ଟି ମୋବାଇଲ ଜବତ, ୫ ଗିରଫ

କଣ୍ଟାବାଞ୍ଜି,(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ଦିନ ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହିମାଂଶୁ ଭୋଇ (ଓପିଏସ) ନେତୃତ୍ୱରେ ଲାୟନ୍ସ ପବ୍ଲିକ ସ୍କୁଲ ନିକଟସ୍ଥ ଏକ ଭଡା ଘରୁ ୫ଜଣଙ୍କୁ ଗିରଫ କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଏହି ଭଡା ଘର ଦୀର୍ଘ ଦିନରୁ ଅନଲାଇ ବେଟିଂ ଗେମ୍ ଚାଲୁଥିଲା । ଜିଲ୍ଲା ପୋଲିସ ଓ କଣ୍ଟାବାଞ୍ଜି ପୋଲିସ ମିଳିତ ଭାବେ ଗେମ ଚାଲୁଥିବା ଭଡା ଘରୁ ୨୦ଟି ବିଭୀନ୍ନ କମ୍ପାନୀର ସ୍ମାର୍ଟ ମୋବାଇଲ, ୩ଟି ଲାପଟପ୍ ଜବତ କରି ବଲାଙ୍ଗୀରା ସାଇବର ସେଲକୁ ଅଧିକ ତଦନ୍ତ ପାଇଁ ପଠାଇ ଦେଇଥିବା କାର୍ଯ୍ୟବାହୀ ଉପଖଣ୍ଡ ଆରକ୍ଷି ଅଧୀକ୍ଷକ ସଦାନନ୍ଦ ପୁଝାରୀ ଖବରଦାତା ସମ୍ମିଳନୀରେ ରବିବାର ଦିନ କଣ୍ଟାବାଞ୍ଜି ଥାନାରେ ସୂଚନା ଦେଇଛନ୍ତି । ଗଣମାଧ୍ୟମର ପ୍ରଶ୍ନରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପୁଝାରି ଏହି ଅନଲାଇନ ବେଟିଂର ଅନ୍ୟ ଲୋକଙ୍କ ସଂପୃକ୍ତି ଥିବା ଓ ମାଷ୍ଟର ମାଇଣ୍ଡ ଖସି ଯାଇଥିବା ବୈଦ୍ୟୁତିକ ଗଣମାଧ୍ୟମେର ଜାଣିବାକୁ ପାଇଥିଲେ । ତାହାର ଅଧିକ ତଦନ୍ତ ପରେ ଯଦି ଘର ମାଲିକର ସଂପୃକ୍ତି ଆସେ ତାହା ହେଲେ କାହାରିକୁ ଛଡାଯିବ ନାହିଁ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ମାମଲାରେ ଏକ କେସ ( ନଂ.୪୪/ ୧.୨.୨୦୨୫) ବି.ଏନ.ଏସ. ଧାରା ୩୧୮(୪)/୬୧(୨) ବିଏନଏସ/ଆର.ଡବ୍ଲୁ ସେକ୍ସନ ୪/୫/ପିସିଏମଏସ ୧୯୭୮ ରୁଜୁ କରି ଗିରଫ ୫ ଜଣଙ୍କ ମଧ୍ୟରୁ ତିନି ଜଣ ସନ୍ତୋଷ କୁମାର ଯାଦବ (୨୯), ସନ୍ତୋଷ କୁମାର (୨୫) ସୋନୁ କୁମାର ଯାଦବ(୨୧) ଏହି ସମସ୍ତେ ବିହାର ରାଜ୍ୟ ଭେଲଓ୍ୱା , ଥାନା- ସୁଇୟା ,ଖିରସାଗର ନାୟକ(୨୯) କଣ୍ଟାବାଞ୍ଜି ଥାନା ଓ୍ୱାର୍ଡ ନଂ. ୫ ନୂଆପଡା ଓ ଜତିନ୍ଦ୍ର ପୁଞ୍ଜି (୩୬) ବେଲପଡା ଥାନା ଲଥାକେନ୍ଦ ଜିଲ୍ଲା ବଲାଙ୍ଗୀରକୁ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉରେ ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ଡି.ଏସ.ପି. ଗୌରାଙ୍ଗ ଚରଣ ସାହୁ, ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିତା ବେହେରା, ସବ୍ ଇନ୍ସପେକ୍ଟର ଅଭିନାଶ ନାୟକ, ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ,ଏ.ଏସ.ଆଇ. ଅଶୋକ କୁମାର ପଧାନ, ଡିଭିଏଫ ଟିମ ମେମ୍ବର ତୁରେକଲା ସାମିଲ ଥିଲେ ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲାରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରୁଥିବା ଆଦର୍ଶ ଶିକ୍ଷୟିତ୍ରୀ ସାନିଲୋଭାଙ୍କ ବିୟୋଗରେ ଜିଲା ଶିକ୍ଷକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । ସ୍ୱର୍ଗତା ସେଠୀ ମାଲକାନଗିରି ସଦର ମହକୁମା ବିବିଗୁଡା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ତାଙ୍କର ଅବସର ପାଇଁ ଆଉ ୭ବର୍ଷ ବାକି ଥିଲା ବେଳେ ସେ କିଛି ମାସ ଧରି ହୃଦ୍‌ରୋଗରେ ପୀଡିତ ଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ମାଲାକନଗିରି ବୁଟିଗୁଡା ସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଖବର ପାଇ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ସ୍ୱାମୀ ମନୋରଞ୍ଜନ ସେଠୀ ଓ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କର ଆତ୍ମାର ସଦଗତି କାମନା କରିଥିଲେ ।

## ଜାତୀୟ ରାଜପଥ ମିସନରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ବଢୁଛି ଭିଡ଼

# ଫ୍ଲାଏ ଓଭର ନିର୍ମାଣ ପାଇଁ ଦାବି



ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସହର ଏକ ଜନ ବହୁଳ ସହର । ସହରରେ ଧୀରେ ଧୀରେ ଜନ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଫଳରେ ଦୋକାନ ବଜାର ଜୋର ଭିଡ ଜମୁଛି । ଖଡ଼ିଆଳ ସହର ଉପରେ ଅଞ୍ଚଳର ଲୋକେ ନିର୍ଭର କରୁଥିବା ବେଳେ ଗ୍ରାମାଞ୍ଚଳରୁ ଲୋକେ ପିଲାଛୁଆଙ୍କୁ ପାଠ ପଢେଇବା ପାଇଁ ମଧ୍ୟ ଆସି ବସବାସ କରିଛନ୍ତି । ଏହି ସହରକୁ ଦେଶ ବିଦେଶରୁ ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ ଧର୍ମାବଲମ୍ବୀ, ବହୁ ଭାଷାଭାଷୀ ଲୋକେ ଆସି ବସବାସ କରୁଛନ୍ତି । ସହରରେ ଯେତେ ଜନ ସଂଖ୍ୟା ବଢୁଛି ଗାଡି ମଟର ସଂଖ୍ୟା ମଧ୍ୟ ହୁ ହୁ ହୋଇ ବଢ଼ି ଚାଲିଛି । ରୋଡ ରାସ୍ତା ଜବରଦସ୍ତ ଭିଡ ହେଉଛି । ଖଡ଼ିଆଳ ଅଟୋନମିକ କଲେଜ ଠାରୁ ଭିଡ ଆରମ୍ଭ ହୋଇ ବୋଡ଼େନ ଛକ, ବ୍ଲକ ଛକ, ବସ ଷ୍ଟାଣ୍ଡ ଛକ, ଗୁରୁ ନାନକ ଛକ, ଖଡ଼ିଆଳ ଥାନା ଛକ ସିନାପାଲି ରାସ୍ତା, ଆମ୍ବେଦକର ଛକ ଗୁଡିକରେ ପ୍ରବଳ ଭିଡ ହେଉଥିବା ଦେଖିବାକୁ ମିଳୁଛି । ଭିଡ ହେତୁ ଦୈନନ୍ଦିନ ଛୋଟ ବଡ ଦୁଘଟଣା ଘଟୁଛି ଓ ଲୋକେ ମୃତ୍ୟୁ ବରଣ କରୁଛନ୍ତି । ଖଡ଼ିଆଳ ସହରରେ ବାଏ ପାସ ରାସ୍ତା ନଥିବାରୁ କେତେବେଳେ ଟ୍ରକ ମୁହାଁମୁହିଁ ଧକ୍କା ତ କେତେବେଳେ ଟ୍ରକ ସହ କାର ର ଧକ୍କା ଆଉ କେତେବେଳେ ବାଇକ ବାଇକ ମୁହାଁମୁହିଁ ଧକ୍କା, ଠିଆ ହୋଇଥିବା ଟ୍ରକ, ଗାଡ଼ି ମଟର ରେ ପିଟି ହେବା ଭଳି ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି । ସହରରେ ବାଏ ପାସ ରାସ୍ତା ନଥିବାରୁ ଏହି ସବୁ ଦୁର୍ଘଟଣା ଘଟୁଛି ବୋଲି ସାଧାରଣ ରେ ଆଲୋଚନା ହେଉଛି । ଏହି ରାସ୍ତା ଖଡ଼ିଆଳ ଠାରୁ ଜଗଦଳପୁର, ରାୟଗଡା, କଲକତା, ରାୟପୁର, ଖଡ଼ିଆଳ ସିନାପାଲି ଛତିଶଗଡ଼ ରାଜ୍ୟ ଓ ଦେଶକୁ ସଂଯୋଗ କରୁଛି ବଡ ବଡ ଟ୍ରକ, ବସ ଯିବା ଆସିବା କରୁଛି । ସହରରେ ବାଏ ପାସ ରାସ୍ତା ନ ଥିବାରୁ ରାସ୍ତା କଡରେ ଫୁଟଫାତ ଦୋକାନ ସବୁ ଭିଡ ହେଉଛି ।ତେଣୁ ବୁଦ୍ଧିଜୀଜି ମହଲରେ ଦାବୀ ହେଉଛି ଯେ ଖଡ଼ିଆଳ ମିସନ ଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ଓଭର ବ୍ରିଜ ନିର୍ମାଣ କରାଗଲେ ସହରର ଉନ୍ନତି ହେବା ସଂଗେ ସଂଗେ ଲୋକଙ୍କୁ ବାଏ ପାସ ରାସ୍ତା ମିଳିଯିବ ଓ ଲୋକେ ସହଜରେ ଯିବା ଆସିବା କରିପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।

# ଚନ୍ଦିନୀମାଳକୁ ନିଶାମୁକ୍ତ କରିବାକୁ ଜନ ସଚେତନତା




କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ଚନ୍ଦିନୀମାଳ ଗ୍ରାମ ପଞ୍ଚାୟତର ଲସା ଗ୍ରାମକୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ନିଶା ମୁକ୍ତ କରିବାରେ ସଫଳ ହେବା ପରେ ଏହାର ପ୍ରଭାବ ପଞ୍ଚାୟତ ମହକୁମା ଚନ୍ଦିନୀମାଲରେ ପ୍ରଭାବ ପଡ଼ିଥିବା ଦେଖା ଯାଇଛି । ଏଥିପାଇଁ ଚନ୍ଦିନୀମାଲ ଗାଁମଝିରେ ଅଭିଯାନର ଅବିଭକ୍ତ ସମ୍ବଲପୁର ଜିଲ୍ଲା ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ , ପୂର୍ବତନ ସମିତି ସଭ୍ୟ ହିରାଧର ପ୍ରଧାନ ,ମିତ୍ରଭାନୁ ପ୍ରଧାନ, ଶୁରୁ ମଣି ସୁନାନି ,ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ପାଣିଗ୍ରାହୀ , ଓ୍ୱାର୍ଡ ସଭ୍ୟା ଦ୍ୱୟ ନୟନି ଷୋହେଲା ଓ ରଞ୍ଜିତା ମାଝୀ ଗ୍ରାମ୍ୟ କମିଟି ସଭାପତି ଅମିୟ କୁମାର ନାୟକ ପ୍ରମୁଖ ଭାଷଣ ଦେଇ ଜନ ସଚେତନତା କରିଥିଲେ । ଏହାପରେ ନିଜେ ନିଶା ନ ଖାଇବା ଓ ନିଶାଗ୍ରସ୍ତଙ୍କୁ ନିଶାରୁ ଦୂରେଇ ରଖିବା ପାଇଁ ମହାତ୍ମା ଗାନ୍ଧୀ ଓ ଡ଼. ଆମ୍ବେଦକରଙ୍କ ନାମରେ ଉପସ୍ଥିତ ଶତାଧିକ ମହିଳା ଗ୍ରାମବାସୀ ଶପଥ ପାଠ କରି ଜନ ସଚେତନତା ପାଇଁ ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମ ସ୍ତରରେ ଗଠିତ ନିଶା ନିବାରଣ ଅଭିଯାନ ର କର୍ମକର୍ତ୍ତା ଭାବରେ ପଦ୍ମିନୀ ମହାନନ୍ଦ, ସଭାପତି, ଯଜ୍ଞସେନି ସେଠ ଉପ ସଭାପତି, ଚାନ୍ଦିନୀ ଯୟପୁରିଆ ସମ୍ପାଦକ ଓ ନମିତା ଧନ ସହ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ ।ଏଥିପାଇଁ ଗଠିତ ଉପଦେଷ୍ଟା କମିଟିରେ ଅନିଲ ପଟେଲ, ସୁଶୀଲ ମିଶିର୍ , ଦିଲ୍ଲୀପ ପାଣିଗ୍ରାହୀ, ବିଜୟ ମାଝୀ, ପ୍ରହଲ୍ଲାଦ ସୁନାନି ଓ ଅନନ୍ତ କଂଶାରି ମନୋନୀତ ହେବ ସହ କୋଡ଼ିଏ ଜଣ ମଧ୍ୟ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇ ଥିଲେ । ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିବା ପରେ ଗ୍ରାମ୍ୟ କମିଟି ସଭାପତି ଅମିୟ ନାୟକ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

# ନୂତନ ବିଜେପି ଜିଲ୍ଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ଖଇରପୁଟ କଲ୍ୟାଣୀ ମଣ୍ଡପ ନିକଟରେ ଖଇରପୁଟ ମଣ୍ଡଳ ପକ୍ଷରୁ ନୂତନ ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମ ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ ଓ ଅକ୍ଷୟ କୁମାର ବିଶ୍ୱାଳ, ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି ବନମାଳୀ ବରଯା, ମାଲକାନଗିରି ନଗର ସଭାପତି ଦିଲ୍ଲୀପ ଦଣ୍ଡପାଟି, ବାଲିମେଳା ନଗର ସଭାପତି ସିମାଞ୍ଚଳ ପ୍ରଧାନ, ଚିତ୍ରକୋଣ୍ଡା ମଣ୍ଡଳ ସଭାପତି ହେମନ୍ତ ସଗରିଆ, କୋରୁକୋଣ୍ଡା ୨ ମଣ୍ଡଳ ସଭାପତି ବିବେକାନନ୍ଦ ଢ଼ାଲିଙ୍କୁ ମଧ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହିଅବସରରେ ଖଇରପୁଟ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୁଣନିଧି ନାୟକ, ବାଲରାଜ କାଟ୍ରି, ନାଗେଶ୍ବର ନାଥୁର, ସାନୁରଥ, ମଣ୍ଟୁଜେନା, ବାବୁପାଣିଗ୍ରାହୀ,କର୍ଣ୍ଣ ମହୁରିଆ ଅଜୟ କୁମାର ପଟ୍ଟନାୟକ, ଭଗବାନ ଡାକୁଆ, ସମା ଧାଙ୍ଗଡ଼ାମାଝୀ, ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

# ମେଡିକାଲ କଲେଜର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



କୋରାପୁଟ,(ଭାସ୍କର ନ୍ୟୁଜ): ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଭାବ, ଅସୁବିଧା, ଆନୁଷଙ୍ଗିକ ଭିତିଭୂମି ବିକାଶ ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଭି କୀର୍ତି ଭାସନ । ଏହି ବୈଠକରେ ସିଡିଏମ୍‌ଓ ଡ. ବରଦାକାନ୍ତ ମିଶ୍ର, ମେଡିକାଲ କଲେଜ ଅଧୀକ୍ଷକ ତଥା ଡିନ୍ ଡ.ସୁଶାନ୍ତ କୁମାର ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ , ଟାଟା ପାଓ୍ୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, ଡିପିଏମ ଶୁଭକାନ୍ତ ଗନ୍ତାୟତ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୟଦ ସବୀର ସାହା, ଜିଇଡିର ଏସଡିଓ, ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗର ମୁଖ୍ୟ ଡାକ୍ତର ଓ ମୁଖ୍ୟ ନର୍ସ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ହସ୍ପିଟାଲକୁ ରଙ୍ଗ ଦେବା, କବାଟ ଓ ଝରକା ବଦଳାଇବା, ବିଭିନ୍ନ ବିଭାଗର ଛାତରେ ପାଣି ଜମା ହେବା, ଗଳିବା, ବାଥରୁମ ବ୍ଲକେଜ ହେବା, ବାଥରୁମର ପୁନରୁଦ୍ଧାର ଓ ମରାମତି , ଲିଫଟ୍ ମରାମତି , ଅମୃତ ଫାର୍ମାସି ପାଇଁ ୧୫ଶହ ବର୍ଗଫୁଟର ସ୍ଥାନ, ଡାକ୍ତରଖାନାରୁ ବାହାରୁଥିବା ସାଧାରଣ ବର୍ଜବସ୍ତୁକୁ ନଷ୍ଟ କରିବା, ସିକଲସେଲ ପ୍ରକଳ୍ପକୁ କାର୍ଯ୍ୟାକାରୀ କରିବା, ଅତିରିକ୍ତ ଅଲଟ୍ରାସାଉଣ୍ଡ ମେସିନର ଆବଶ୍ୟକତା, ଛାତ୍ରଛାତ୍ରୀମାନେ ରହିବା ପାଇଁ ଅତିରିକ୍ତ ଛାତ୍ରବାସ, ଖେଳ ପଡିଆ, କର୍ମଚାରୀଙ୍କ ପାଇଁ ଷ୍ଟାଫ କ୍ୱାର୍ଟର୍ସ ଭଳି ବିଷୟକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ପ୍ରଶିକ୍ଷାର୍ଥୀ ଡାକ୍ତର ଛାତ୍ରଛାତ୍ରମାନଙ୍କ ପାଇଁ ଏଣିକି ରାଜ୍ୟ ଓ ଜାତୀୟସ୍ତରୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ଡାକ୍ତରଙ୍କୁ ଡକାଯାଇ କର୍ମଶାଳା, ଆଲୋଚନାଚକ୍ର କରିବା ନେଇ ଆଲୋଚନା କରାଯାଇଥିଲା ।

# ଗାୟତ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଗୁଣପୁର, (ଭାସ୍କର ନ୍ୟୁଜ୍): ଗୁଣପୁର ସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଅଛି । ଅନୁଷ୍ଠାନର ଅଧକ୍ଷ ଅକ୍ଷୟ ଦାସ, ନିର୍ଦ୍ଦେଶକ ସଞ୍ଜୟ ସାହୁ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଡଃ. କାହ୍ନୁଚରଣ ପାଣିଗ୍ରାହୀ,ପ୍ରଶାସନିକ ଅଧିକାରୀ ପି ଭି କୋଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ । କ୍ରିଡ଼ା ଆମ ମାନଙ୍କ ମଧ୍ୟରେ କିପରି ଫୁର୍ତ୍ତି ଭରିଦିଏ ଓ ଏହା ଆମ ସ୍ୱାସ୍ଥ୍ୟପାଇଁ କେତେ ହିତକାରୀ ବୋଲି ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ଅବଗତ କହିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଜଗଦିଶ ଖୁଣ୍ଟିଆ, ପ୍ରିୟଙ୍କା ପାତ୍ରୀ, ଅର୍ଚ୍ଚନା ଚାନ୍ଦ,ମହାଲକ୍ଷ୍ମୀ ଦାସ,ଶାଶ୍ୱତୀ ବେହେରା,ଲୋହା ବାଉରୀ, ଅଭିଳାଷ ଦାସ, ପ୍ରବୀଣ ମିଶାଲ,ରାଜେଶ ଗଙ୍ଗା,ଅରବିନ୍ଦ ମିଶ୍ର, କିସର ଶବର, ଚୈତନ୍ୟ ଗୌଡ଼, ଚନ୍ଦ୍ରଶେଖର,ଗ୍ରୀସ୍ମା ଚୌଧୁରୀ, ରିତା ମହାନ୍ତି,ତୃପ୍ତିମୟୀ ବେହେରା, ରାଜୀବ ପଣ୍ଡା, ପ୍ରଫୁଲ୍ଲ ପଟ୍ଟନାୟକ,ପ୍ରଫୁଲ୍ଲ ମହାନ୍ତି,ବିଷ୍ଣୁ ରଥ,ବାବୁଲା ଦାସ,ରବି ଗୌଡ, ରିପୁନ୍ ମହାନ୍ତି,ରାଜକୁମାର ବିଡ଼ିକା,ମମତା ପଣ୍ଡା,ଅଭି ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଡଙ୍ଗା ବୁଡି ଦୁଇ ଛାତ୍ର ନିଖୋଜ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଜଲାପୁଟ ଜଳଭଣ୍ଡାରରେ ଦେଶୀ ଡଙ୍ଗା ବୁଡିଯିବାରୁ ନବମ ଶ୍ରେଣୀର ଦୁଇ ଜଣ ଛାତ୍ର ନିଖୋଜ ଅଛନ୍ତି । ବହୁ ଖୋଜା ଖୋଜି ପରେ ମଧ୍ୟ ତାଙ୍କ ପତା ମିଳିପାରି ନାହିଁ । ସୂଚନା ଅନୁଯାଇ, ସ୍କୁଲ ଛୁଟି ହେବା ପରେ ତିନି ଜଣ ସାଙ୍ଗ ଶିବ ହନ୍ତାଳ, ଅମିତ ହନ୍ତାଳ ଓ ଗୌତମ ଖେମୁଣ୍ଡୁ ଜଲାପୁଟ ଜଳଭଣ୍ଡାରକୁ ଯାଇ ସେଲଫି ଉଠାଉଥିଲେ । ତେବେ ସେମାନେ ବସିଥିବା ଦେଶୀ ଡଙ୍ଗା ଧୀରେଧୀରେ ଗଭୀର ପାଣି ଭିତରକୁ ଚାଲିଯାଇଥିଲା । କିନ୍ତୁ ସେମାନେ ଜାଣିପାରିନଥିଲେ । ଡଙ୍ଗାରେ ଛିଦ୍ର ଥିବାରୁ ପାଣି ଭର୍ତ୍ତି ହୋଇ ଜଳଭଣ୍ଡାରରେ ବୁଡିଯାଇଥିଲେ । ଗୌତମ ଖେମୁଣ୍ଡୁ ପହଁରି କୂଳକୁ ଆସିଥିବା ବେଳେ ଶିବ ହନ୍ତାଳ ଓ ଅମିତ ହନ୍ତାଳ ପହଁରା ଜାଣିନଥିବାରୁ ପାଣି ବୁଡିଯାଇଥିଲେ । ଘଟଣା ସଂପର୍କରେ ଗାଁକୁ ଯାଇ ଜଣାଇଥିଲେ । ସାଙ୍ଗେ ସାଙ୍ଗେ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚିଥିଲେ । ତେବେ ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ସୁଦ୍ଧା କୌଣସି ପତା ମିଳିନାହିଁ । ଲମତାପୁଟ, ନନ୍ଦପୁର ଓ ଜୟପୁର ଅଗ୍ନିଶମ ବାହିନୀ ଏବଂ କୋରାପୁଟ ଓଡ୍ରାଫ ଟିମ୍ ମିଳିତ ଭାବରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ । କିନ୍ତୁ କୌଣସି ପତା ମିଳିନଥିବା ବେଳେ ସଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିବା ଜଣାଯାଇଛି । ଘଟଣାସ୍ଥଳରେ ନନ୍ଦପୁର ତହସିଲଦାର ପାର୍ବତୀ ଝୋଡିଆ ଓ ମାଛକୁଣ୍ଡ ଥାନା ଅଧିକାରୀ ଶମ୍ଭୁ ସାରକା ଉପସ୍ଥିତ ରହି ଅନୁଧ୍ୟାନ କରୁଛନ୍ତି । ଏହି ଘଟଣା ପରେ ଜଲାପୁଟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ରାଷ୍ଟ୍ରପତିଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଘଟଣା

# କ୍ଷମା ମାଗନ୍ତୁ ସୋନିଆ: ବିଜେପି

ବରଗଡ଼, (ଭାସ୍କର ନ୍ୟୁଜ୍): ଭାରତ ମହାମହିମ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଦେଇଥିବା ଅପମାନସୂଚକ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ପୁତ୍ତଳିକା ବରଗଡ଼ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଦାହ କରାଯାଇଥିଲା । କଂଗ୍ରେସ ଦେଶର ରାଷ୍ଟ୍ରପତିଙ୍କ ପ୍ରତି ଦେଇଥବା ମନ୍ତବ୍ୟ ସମଗ୍ର ଭାରତବାସୀଙ୍କ ସମ୍ମାନ ହାନୀ ବୋଲି ମତବ୍ୟକ୍ତ କରି ନିଃସର୍ତ୍ତ କ୍ଷମା ମାଗିବାକୁ ଦାବି କରାଯାଇଥିଲା । ସ୍ଥାନୀୟ ଗାନ୍ଧୀ ଛକ ଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ଡା ଅରୁପାନନ୍ଦ ସାହୁ ସଭାପତିତ୍ୱ କରିଥିଲେ । ବରିଷ୍ଠ ଭାଜପା ନେତା ସୁବ୍ରତ ହୋତା ସଭା ସଂଯୋଜନା କରିଥିଲେ । ବରିଷ୍ଠ ଭାଜପା ସଦସ୍ୟ ରବିନାରାୟଣ ଦାଶ, ଅଶୋକ ପଣ୍ଡା, ଲକ୍ଷ୍ମୀ ରଥ, ଅକ୍ରୁର ମଲ୍ଲିକ ପରେଶ ବିଶିଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଏବିଇଓଙ୍କ ରାଣା ପ୍ରତାପ ସ୍କୁଲ ପରିଦର୍ଶନ

ବରଗଡ଼, (ଭାସ୍କର ନ୍ୟୁଜ୍): ବରଗଡ଼ ଏବିଇଓ ରଞ୍ଜନ ଦଣ୍ଡ ସେନା ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ସେ ମଧାହ୍ନ ଭୋଜନ ସୁପରିଚାଳନା ,ସ୍କୁଲ ପରିବେଶ ,ପାନୀୟ ଜଳ ,ପୋଷାକ ବଣ୍ଟନ,ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଭଳି ବିଭିନ୍ନ ସରକାରୀ ଯୋଜନାର ସୁଫଳ ଛାତ୍ରଛାତ୍ରୀମାନେ କିପରି ପାଉଛନ୍ତି ତାହା ପଚାରି ବୁଝିବା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶ୍ରେଣୀ କୋଠରୀ ପାଠ୍ୟ ଦାନ ପ୍ରଣାଳୀ ତଦାରଖ କରିଥିଲେ । ଏଥିସହିତ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ କିପରି ବଢିବ ସେ ବିଷୟରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ସ୍କୁଲ ପରିସରରେ ଛାତ୍ର ଛାତ୍ରୀ ଙ୍କ ସୁରକ୍ଷା ଓ ନିରାପତ୍ତାକୁ ଗୁରୁତ୍ୱ ପ୍ରଦାନ ପାଇଁ ମଧ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଓକିଲଙ୍କୁ ଏସିଡ୍ ମାଡ଼ ଘଟଣା

# ଦୁଇ ଅଭିଯୁକ୍ତ ଗିରଫ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପୋଲିସକୁ ମିଳିଛି ବଡ ସଫଳତା । ଜଙ୍ଗମ୍ ସାହି ଓକିଲ ପିରମା ରାଓଙ୍କୁ ଏସିଡ ମାଡ ଘଟଣାର ସାମ୍ବାଦିକ ସମ୍ମିଳନୀ କରି ପର୍ଦ୍ଦାଫାସ କରିଛି ପାରଳା ପୋଲିସ । ସୂଚନା ପ୍ରକାରେ ଗତ ୯/୧୧/୨୦୨୪ ତାରିଖରେ ଜଙ୍ଗମ ସାହି ସ୍ଥିତ ଓକିଲଙ୍କ ଘରକୁ କିଛି ଦୁର୍ବୃର୍ତ୍ତ ଯାଇ କୋରିଅର ବଏ କହି ଓକିଲ ଶ୍ରୀ ରାଓଙ୍କ ଉପରେ ଏସିଡ ମାଡ କରି ଚମ୍ପଟ ମାରିଥିଲେ । ଯାହାପରେ ବାର ଏସୋସେସନ୍ ପକ୍ଷରୁ ଏ ନେଇ ପାରଳା ଥାନାରେ ଅଭିଯୋଗ କରାଯାଇଥିଲା । ଏହି ଅଭିଯୋଗକୁ ଭିତ୍ତି କରି ଗଜପତି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଦୁଇ ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ର ପ୍ରଦେଶ ବିଜୟ ନଗର ଜିଲ୍ଲା ଅନ୍ତର୍ଗତ ଜ୍ଞାନ ପରମ ର ୩୦ ବର୍ଷୀୟ ଡି , ସତିଶ ଏବଂ ଅନ୍ୟ ଜଣଙ୍କ ହେଲେ ପାରଳାଖେମୁଣ୍ଡି ପେଲେଶ ସାହିର ବାସିନ୍ଦା ତଥା ବିଶାଖାପାଟଣାର ଡି .ଭେଙ୍କଟ ରାଓଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିବା ଗଜପତି ଏସପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଏହି ଅବସରରେ ଏସଡିପିଓ ମାଧବ ନାୟକ, ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ମରଣଯନ୍ତା ପାଲଟିଛି ଗାଁର ମୁଖ୍ୟରାସ୍ତା

- ଦେଢ଼ କିମି ପାଇଁ ଖର୍ଚ୍ଚ ହୋଇଥିଲା ୬୦ ଲକ୍ଷ
- ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଅଧୀନସ୍ଥ ଏମଭି-୧୦୪ ଗ୍ରାମର ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି । ଦେଢ଼ କିମି ରାସ୍ତା ପାଇଁ ମୋଟ ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ଓ ରାସ୍ତା ନିର୍ମାଣ କାର୍ଯ୍ୟ ସରିବାର କିଛି ମାସ ନଯାଉଣୁ ଶୋଚନୀୟ ହୋଇପଡିଛି । ରାସ୍ତା କେଉଁଠି ଦବି ଯାଇଛି ତ କେଉଁଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଏକାଧିକ ସ୍ଥାନରେ ହୋଇଥିବା ଗର୍ତ୍ତ କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରୁଛି । ବର୍ତ୍ତମାନ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ମରଣଯନ୍ତା ପାଲଟିଛି । ଯାତାୟାତରେ ଗ୍ରାମବାସୀଙ୍କ ସମେତ ଅନ୍ୟ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଉ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମବାସୀଙ୍କ କହିବାନୁଯାୟୀ, ଗାଁରେ ପ୍ରାୟ ୧୬୦ ପରିବାରରେ ମୋଟ ୭୮୦ରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି । ମାଲକାନଗିରି ବାଲିମେଳା ମୁଖ୍ୟରାସ୍ତା ତଥା ଚିତାପାରି-୧ ଗାଁ ଆରମ୍ଭରୁ ଏମଭି-୧୦୪ ଗାଁ ପର୍ଯ୍ୟନ୍ତ ଦେଢ଼ କି.ମି ରାସ୍ତା ଉପରେ ଚିତାପାରି-୧, ଏମଭି-୧୦୪ ଏବଂ ଏମଭି-୧୦୯ ବାଲିମେଳା ତାର୍ଲାକୋଟା ସମେତ ଆଖ ପାଖ ଅଞ୍ଚଳର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି । ଦୀର୍ଘବର୍ଷ ପୂର୍ବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ନିମନ୍ତେ ୬୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିଲା । ୫ ବର୍ଷ ମଧ୍ୟରେ ରାସ୍ତା ମରାମତି ପାଇଁ ଅତିରିକ୍ତ ୩/୪ ଲକ୍ଷ ଟଙ୍କାର ବ୍ୟବସ୍ଥା ମଧ କରାଯାଇଥିଲା । ଟେଣ୍ଡର ପ୍ରକ୍ରିୟା ସରିବା ପରେ ରାସ୍ତା ନିର୍ମାଣ ପାଇଁ ସୁଦନ୍ୟ ସରକାର ନାମକ ଜଣେ ଠିକାଦାରଙ୍କୁ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା । ରାସ୍ତା ନିର୍ମାଣ ହେବାର କିଛି ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ନିମ୍ନମାନର କାମ ଯୋଗୁ କିଛି ମାସ ଯାଇନି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଖାଲି ମୁଖ୍ୟ ରାସ୍ତା ନୁହେଁ ଗାଁ ଭିତରେ ଥିବା ରାସ୍ତା ଗୁଡିକୁ କଂକ୍ରିଟ କରାଯାଉ ନଥିବାରୁ ରାସ୍ତା ଗୁଡିକୁ ଖରାପ ହୋଇ ପଡିଛି । ଏମଭି-୧୦୪ ରୁ ବାଲିମେଳା ସହରକୁ ସଂଯୋଗ କରୁଥିବା ରାସ୍ତା ମଧ ଶୋଚନୀୟ ହୋଇପଡିଛି । ରାସ୍ତା ମରାମତି ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତୃପକ୍ଷ, ବ୍ଲକ ପ୍ରଶାସନ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କେହି ବି କର୍ଣ୍ଣପାତ କରୁନଥିବା ଗ୍ରାମର ସଭାପତି ରମେଶ ବିଶ୍ୱାସ, ବୃନ୍ଦା ମଣ୍ଡଳ, ଯତେନ୍ଦ୍ର ବିଶ୍ୱାସ, ସୁଶାନ୍ତ ଶିକାରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



ହାଇଦ୍ରାବାଦ: କାନାଡାରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନିର୍ବାଚନରେ ରୁବି ଡଲ୍ଲାଙ୍କ ନାମ ଚର୍ଚ୍ଚାରେ ରହିଛି। ଜଷ୍ଟିନ୍ ଟ୍ରୁଡୋଙ୍କ ଇସ୍ତଫା ପରେ, କାନାଡାର ୪୫ ତମ ପ୍ରଧାନମନ୍ତ୍ରୀ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଛି। ଏହି ରେସରେ ରହିଛନ୍ତି ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ବଲିଉଡ୍ ଅଭିନେତ୍ରୀ ରୁବି ଡଲ୍ଲା। ତେବେ ରୁବି ଗତ ୨୦ ବର୍ଷ ଧରି କାନାଡା ରାଜନୀତିରେ ସକ୍ରିୟ ଅଛନ୍ତି। ସେ 'ଲିବରାଲ ପାର୍ଟି ଅଫ୍ କାନାଡା'ର ନେତା ହେବାସହ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସହ କାମ ମଧ୍ୟ କରିସାରିଛନ୍ତି। ସୂଚନାଯୋଗ୍ୟ, ରୁବି ଡଲ୍ଲା ୨୦୦୪ ମସିହାରେ କାନାଡା ରାଜନୀତିରେ ପ୍ରବେଶ କରିଥିଲେ ଏବଂ ସେହି ବର୍ଷ ହାଉସ ଅଫ୍ କମନ୍ସର ସଦସ୍ୟ ନିର୍ବାଚିତ ହୋଇ କାନାଡାରେ ତିନିଥର ସଂସଦର ସଦସ୍ୟ ମଧ୍ୟ ହୋଇସାରିଛନ୍ତି। ସେ ବର୍ତ୍ତମାନ କାନାଡାରେ ପ୍ରଧାନମନ୍ତ୍ରୀ ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଛନ୍ତି। ରୁବି ଯଦି କାନାଡାର ପ୍ରଧାନମନ୍ତ୍ରୀ ହୋଇଯିବେ ତାହେଲେ ସେ କାନାଡାର ପ୍ରଥମ ଅଶ୍ୱେତ ମହିଳା ଭାବେ ଇତିହାସ ସୃଷ୍ଟି କରିବେ।

## ୫ରେ ବୁଡ ପକାଇବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ମହାକୁମ୍ଭରେ ସ୍ନାନ ପାଇଁ ବୁଧବାର ପ୍ରଧାନମନ୍ତ୍ରୀ ମୋଦୀ ପ୍ରୟାଗରାଜ ଆସିବେ । ତେବେ ତାଙ୍କର କାର୍ଯ୍ୟକ୍ରମର ପରିବର୍ତ୍ତନ କରାଯାଇଛି। କେବଳ ଏକ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରୟାଗରାଜରେ ରହିବେ। ଏହି ସମୟରେ ସେ କେବଳ ସଙ୍ଗମ ସ୍ନାନ ଏବଂ ଗଙ୍ଗା ପୂଜା କରିବେ। ଏହା ବ୍ୟତୀତ ପୂର୍ବରୁ ସ୍ଥିର ସବୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଦେଖି ତାଙ୍କ ଟିମ୍ ସୋମବାର ରିହର୍ସଲ ବି କରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ପ୍ରୟାଗରାଜରେ ପହଞ୍ଚିବେ। ସେ ଭୁଟାନ ରାଜାଙ୍କ ସହ ସଙ୍ଗମ ସ୍ନାନ କରିବା ପାଇଁ ପହଞ୍ଚୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସକାଳ ୧୦ଟାରେ ପ୍ରୟାଗରାଜରେ ପହଞ୍ଚିବେ। ବମରୋଲି ଏୟାରପୋର୍ଟରୁ ଡିପିଏସ୍ ହେଲିପ୍ୟାଡ୍ ଏବଂ ସେଠାରୁ ନିଷାଦରାଜ କ୍ରୁଜରୁ ଭିଆଇପି ଜେଟି ପହଞ୍ଚିବେ। ଏକ ଘଣ୍ଟା ଅବଧିରେ ସେ ସ୍ନାନ କରିବେ ଏବଂ ପରେ ସେଠାରୁ ଫେରି ଆସିବେ। ଏହା ପୂର୍ବରୁ ୨୦୧୯ରେ ବି ଫେବ୍ରୁଆରୀରେ ହିଁ ପ୍ରଧାନମନ୍ତ୍ରୀ ମୋଦୀ କୁମ୍ଭମେଳାରେ ସ୍ନାନ କରିଥିଲେ । ସେହି ସମୟରେ ସେ ଗଙ୍ଗା ସ୍ନାନ କରିବା ସହ ସଫେଇ କର୍ମଚାରୀଙ୍କ ପାଦ ସଫା କରିଥିଲେ । ଏପରି କରି ସେ ସାମାଜିକ ସମାନତାର ସନ୍ଦେଶ ଦେଇଥିଲେ । ଆସନ୍ତା ଫେବ୍ରୁଆରୀ ୧୦ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରୟାଗରାଜ ଗସ୍ତ କାର୍ଯ୍ୟକ୍ରମ ରହିଛି।

## ଶକ୍ତିଶାଳୀ ଦେଶର ରାଙ୍କିଂ: ଟପ୍-୧୦ରୁ ଭାରତ ବାଦ୍

ନୂଆଦିଲ୍ଲୀ: ଫୋର୍ବସ୍ ୨୦୨୫ରେ ବିଶ୍ୱର ୧୦ଟି ସବୁଠାରୁ ଶକ୍ତିଶାଳୀ ଦେଶର ରାଙ୍କିଂ ପ୍ରକାଶ କରିଛି। ଏଥିରେ ଭାରତକୁ ଶ୍ରେଷ୍ଠ ୧୦ରୁ ବାଦ ଦିଆଯାଇଛି। ଏହି ତାଲିକା ଅନେକ ଗୁରୁତ୍ୱପୂର୍ଣ୍ଣ ପାରାମିଟର ଉପରେ ଆଧାରିତ। କିନ୍ତୁ ଭାରତ ଭଳି ଏକ ଦେଶକୁ ବାଦ ଦିଆଯିବା ଯାହାର ଜନସଂଖ୍ୟା ବିଶାଳ, ସେନା ଚତୁର୍ଥ ଏବଂ ଅର୍ଥନୀତି ପଞ୍ଚମ ସ୍ଥାନରେ ଅଛି। ଏନେଇ ଅନେକ ପ୍ରଶ୍ନ ମଧ୍ୟ ଉଠିଛି। ଫୋର୍ବସ୍ ରିପୋର୍ଟ କରିଛି ଯେ, ତାଲିକାଟି ପାଞ୍ଚଟି ମୁଖ୍ୟ ପାରାମିଟର ବ୍ୟବହାର କରାଯାଇଛି। ଏହି ତାଲିକା ଯେକୌଣସି ଦେଶର ନେତା, ଆର୍ଥିକ ପ୍ରଭାବ, ରାଜନୈତିକ ପ୍ରଭାବ, ଦୃଢ଼ ଆନ୍ତର୍ଜାତୀୟ ମେଣ୍ଟ ଏବଂ ଦୃଢ଼ ସାମରିକ ବାହିନୀ ଆଧାରରେ ପ୍ରସ୍ତୁତ କରାଯାଏ। ଭାରତର ବିଶାଳ ଜନସଂଖ୍ୟା, ସାମରିକ ଶକ୍ତି ଏବଂ ଆର୍ଥିକ ପ୍ରଗତିକୁ ଦୃଷ୍ଟିରେ ରଖି, ଏହାକୁ ଏହି ତାଲିକାରୁ ବାହାରେ ରଖିବା ଆଶ୍ଚର୍ଯ୍ୟଜନକ। ଚତୁର୍ଥ ବୃହତ୍ତମ ସେନା ଏବଂ ପଞ୍ଚମ ବୃହତ୍ତମ ଅର୍ଥନୀତି ଥିବା ସତ୍ତ୍ୱେ, ଭାରତକୁ ଏହି ରାଙ୍କିଂରେ ସ୍ଥାନ ଦିଆଯାଇ ନାହିଁ। ଏହା ଅନେକ ବିଶେଷଜ୍ଞ ଏବଂ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନ ଉଠାଇଛି ଯେ ଫୋର୍ବସ୍‌ର ରାଙ୍କିଂ ପଦ୍ଧତି ଭାରତର ପ୍ରଭାବକୁ ସଠିକ ଭାବରେ ମୂଲ୍ୟାଙ୍କନ କରିବାରେ ବିଫଳ ହୋଇଛି। ଏହି ରାଙ୍କିଂ ମଡେଲ ଡବ୍ଲୁପିପିର ଏକ ୟୁନିଟ ବିଏଭି ଗ୍ରୁପ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ଗବେଷଣା ଦଳର ନେତୃତ୍ୱ ନେଇଥିଲେ ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ହ୍ୱାର୍ଟନ ସ୍କୁଲର ପ୍ରଫେସର ଡେଭିଡ ରିବଷ୍ଟାଇନ। ଏହି ତାଲିକାର ଟପ୍‌ରେ ଆମେରିକା, ଚାଇନା ଏବଂ ରୁଷିଆ ଥିବାବେଳେ ଚତୁର୍ଥରେ ଇଂଲଣ୍ଡ, ପଞ୍ଚମରେ ଜର୍ମାନୀ, ଷଷ୍ଠରେ ଦକ୍ଷିଣ କୋରିଆ, ସପ୍ତମରେ ଫ୍ରାନ୍ସ, ଅଷ୍ଟମରେ ଜାପାନ, ନବମରେ ସାଉଦି ଆରବ ଏବଂ ଦଶମରେ ଇସ୍ରାଏଲ ଅଛନ୍ତି। ଆମେରିକା, ଚାଇନା ଏବଂ ରୁଷିଆ ଭଳି ଦେଶମାନେ ସେମାନଙ୍କର ଦୃଢ଼ ସ୍ଥିତି ବଜାୟ ରଖିଛନ୍ତି, ଯେତେବେଳେ ଫୋର୍ବସ ଭାରତ ଭଳି ଉଦୀୟମାନ ଶକ୍ତିକୁ ବାଦ ଦେଇ ସମାଲୋଚନାର ଶିକାର ହୋଇଛି।

## ସଂସଦରେ ମିଛ କହିଛନ୍ତି ରାହୁଲ: ଜୟଶଙ୍କର



ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ବୟାନ ରଖିଥିଲେ। ରାହୁଲ ଗାନ୍ଧୀ ନିଜ ଭାଷଣରେ ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉପରେ ଏପରି ବୟାନ ଦେଇଥିଲେ, ଯାହାକୁ ନେଇ ଏବେ ବିବାଦ ବଢ଼ିଛି। ସେ କହିଥିଲେ ଯେ ନରେନ୍ଦ୍ର ମୋଦୀଙ୍କୁ ଆମନ୍ତ୍ରିତ କରିବା ପାଇଁ ଆମେରିକା ପ୍ରଶାସନ ନିକଟରେ ଅନୁରୋଧ କରିବା ଲାଗି ଟ୍ରମ୍ପଙ୍କ ଶପଥ ଗ୍ରହଣକୁ ଏସ୍.ଜୟଶଙ୍କର ଯାଇଥିଲେ। ଏହା ଉପରେ ଶାସକ ଦଳ ସାଂସଦ ଆପତ୍ତି ଉଠାଇଥିଲେ । କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଥିଲେ ଯେ ଭାରତର ବିଦେଶ ନୀତିକୁ ନେଇ ରାହୁଲ ଗାନ୍ଧୀ ଅବାଞ୍ଛିତ ଟିପ୍ପଣୀ କରିପାରିବେ ନାହିଁ। ଏବେ ଏହି ମାମଲାରେ ବିଦେଶ ମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ବୟାନ ଆସିଛି । ରାହୁଲ ଗାନ୍ଧୀଙ୍କ ଜ୍ଞାନ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ଏପରି ଆୟୋଜନ ଉପରେ ପ୍ରଧାନମନ୍ତ୍ରୀ ଯାଇପାରନ୍ତି ନାହିଁ, ତେଣୁ ନିଜ ପ୍ରତିନିଧିଙ୍କୁ ପଠାନ୍ତି, ଏହା ଏକ ସାଧାରଣ ଜ୍ଞାନ। ଜୟଶଙ୍କର ଏକ୍ସରେ ଲେଖିଛନ୍ତି, 'ରାହୁଲ ଗାନ୍ଧୀ ଜାଣିଶୁଣି ୨୦୨୪ ଡିସେମ୍ବରରେ ମୋର ଆମେରିକା ଗସ୍ତକୁ ନେଇ ଭୁଲ ସୂଚନା ଦେଇଛନ୍ତି । ମୁଁ ବାଇଡେନ ପ୍ରଶାସନର ବିଦେଶ ମନ୍ତ୍ରୀ ଏବଂ ଏନଏସଏଙ୍କୁ ଭେଟିବାକୁ ଯାଇଥିଲି। ଏହି ଗସ୍ତରେ କନସୁଲ ଜେନେରାଲ୍ ମିଟିଂର ଅଧ୍ୟକ୍ଷତା ବି କରିଥିଲି । ମୋର ଏହି ଗସ୍ତବେଳେ ନୂଆ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ମଧ୍ୟ ଭେଟିଥିଲେ। ଏହାସହ ସେ ଲେଖିଛନ୍ତି, 'କୌଣସି ବି ମଞ୍ଚରେ ପିଏମଙ୍କୁ ଆମନ୍ତ୍ରଣ ନେଇ କୌଣସି କଥା ହୋଇ ନାହିଁ । ଏହା ସାଧାରଣ ଜ୍ଞାନ କଥା ଯେ, ଏପରି ଆୟୋଜନରେ ପ୍ରଧାନମନ୍ତ୍ରୀ ସାମିଲ ହୁଅନ୍ତି ନାହିଁ । ସାଧାରଣତଃ ଭାରତ ପକ୍ଷରୁ ସ୍ୱତନ୍ତ୍ର ଦୂତଙ୍କୁ ପଠାଯାଇଥାଏ ଏବଂ ପିଏମଙ୍କ ଦୂତ ଭାବେ ମୁଁ ଆମେରିକାରେ ଟ୍ରମ୍ପଙ୍କ ଶପଥରେ ସାମିଲ ହୋଇଥିଲି ।'

## ମହାକୁମ୍ଭରେ ଦଳାଚକଟା 'ଦୁର୍ଭାଗ୍ୟଜନକ': ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟା ମାମଲାରେ ଦାୟର ହୋଇଥିବା ଆବେଦନର ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ। ଏହା ସହ ଆବେଦନକାରୀଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଯିବାକୁ ଦେଲେ ନିର୍ଦ୍ଦେଶ । ସୁପ୍ରିମକୋର୍ଟ ଏହି ଦଳାଚକଟାକୁ ଏକ 'ଦୁର୍ଭାଗ୍ୟଜନକ ଘଟଣା' ବୋଲି କହିଛନ୍ତି। ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ବିଚାରପତି ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ପୂର୍ବରୁ ଦାଖଲ କରାଯାଇଛି । ତେଣୁ ଉକ୍ତ ଆବେଦନର ଶୁଣାଣି ସର୍ବୋଚ୍ଚ ଅଦାଲତରେ କରାଯିବା ଉଚିତ ନୁହେଁ। ଆବେଦନକାରୀ ତଥା ଆଇନଜୀବୀ ବିଶାଳ ତିୱାରୀଙ୍କୁ ଆଲ୍ଲାହାବାଦ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ସୁପ୍ରିମକୋର୍ଟ କହିଛନ୍ତି । ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୯ ତାରିଖରେ ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟାରେ ୩୦ ଜଣଙ୍କ ଜୀବନ ଯାଇଥିଲା ।

### ରାଷ୍ଟ୍ରପତିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

## ସୋନିଆଙ୍କ ବିରୋଧରେ ମାମଲା



ପାଟନା : ସଂସଦର ବଜେଟ ଅଧିବେଶନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଶୁକ୍ରବାର ଉଭୟ ଗୃହକୁ ସମ୍ବୋଧିତ କରିଥିଲେ। ତେବେ ଅଭିଭାଷଣ ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିହାରର ମୁଜାଫରପୁର ବାସିନ୍ଦା ସୁଧୀର ଓଝା ନାମକ ଜଣେ ଆଇନଜୀବୀ ଶନିବାର ସ୍ଥାନୀୟ ଏକ ଅଦାଲତରେ ସୋନିଆଙ୍କ ବିରୋଧରେ ମାମଲା ଦାଏର କରିଛନ୍ତି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇଥିବାରୁ ସୋନିଆଙ୍କ ବିରୋଧରେ ଏତଲା ପଞ୍ଜିକୃତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଓଝା ପିଟିସନରେ ଉଲ୍ଲେଖ କରିଛନ୍ତି। ପୁନଶ୍ଚ ପିଟିସନରେ ଦୁଇ କଂଗ୍ରେସ ସାଂସଦ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ ଉକ୍ତ ଦିନ ଅଭିଭାଷଣ ଶେଷ ହେବାପରେ ଗଣମାଧ୍ୟମକୁ ସାକ୍ଷାତକାର ଦେଉଥିବା ଅବସରରେ ସୋନିଆ ରାଷ୍ଟ୍ରପତିଙ୍କୁ ବିଚରା ମହିଳା ବୋଲି ସମ୍ବୋଧନ କରିଥିଲେ। ଭାଷଣ ଅତ୍ୟଧିକ ଲମ୍ବା ହୋଇଥିବାରୁ ଏହାକୁ ପଢ଼ିବା ପରେ ରାଷ୍ଟ୍ରପତି କ୍ଲାନ୍ତ ହୋଇପଡ଼ିଥିଲେ ବୋଲି ମଧ୍ୟ ସୋନିଆ କହିଥିଲେ। ଅପରପକ୍ଷରେ ରାହୁଲ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବିରକ୍ତିଜନକ ବୋଲି କହିଥିଲେ।

## ଗହୀରା ଗୁରୁ ମହାରାଜାଙ୍କ ଉପଦେଶ ଆଦିବାସୀ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ : ବିଷ୍ଣୁଦେବ



ରାୟପୁର: ଏହା ଆମ ପାଇଁ ଗୌରବର ବିଷୟ ଯେ, ଆମେ ପବିତ୍ରସ୍ଥଳ ପରମପୂଜ୍ୟ ସନ୍ଥ ଗହୀରା ଗୁରୁଜୀ ଏବଂ ମାତା ପୂର୍ଣ୍ଣିମାଜୀଙ୍କ ଜୟନ୍ତୀରେ ଯୋଗଦେଇ ମୁଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସେ କହିଥିଲେ ଆଦିବାସୀ ସମାଜ ପାଇଁ ଗହୀରା ଗୁରୁ ମହାରାଜଙ୍କ ଉପଦେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୀବନରେ ତ୍ୟାଗ, ତପସ୍ୟା ଏବଂ ସମାଜର ସେବା କଲେ ମଣିଷ ମନରେ ଧାର୍ମିକ ଭାବନା ଜାତ ହୋଇଥାଏ। ଏହି ଦୁଇଜଣଙ୍କ ବିଗ୍ରହ ସମାଜ ପାଇଁ ଏକ ସମର୍ପଣର ପ୍ରତୀକ ଭାବେ କୁହାଯାଇପାରେ। ଶ୍ରୀ ସାଏ ସୋମବାର ଶ୍ରୀକୋଟ ଆଶ୍ରମ ବଳରାମପୁର ଯାଇ ଉଭୟଙ୍କ ପୂଜା କରିବା ସହ ଏହି ମନ୍ତବ୍ୟ ରଖିଥିଲେ। ସେ କହିଥିଲେ ଗହୀରା ଗୁରୁଜୀଙ୍କ ଗୃହସ୍ଥ ଜୀବନ ସମାଜର ସେବା ପାଇଁ ସମର୍ପିତ ଥିଲା। ସେ ଦୀନ, ହୀନ, ଅସହାୟଙ୍କ ସେବା କରିବାକୁ ପରମ ଧର୍ମ ବୋଲି ଭାବୁଥିଲେ। ସତ୍ୟ,ଶାନ୍ତି, ଦୟା, କ୍ଷମାର ସିଦ୍ଧାନ୍ତରେ ସେ ଧର୍ମର ମୂଲ୍ୟାୟନ କରୁଥିଲେ। ସେ ଆଦିବାସୀ ସମାଜର ବିକାଶ ପାଇଁ ଅହରହ ଉଦ୍ୟମ କରିଚାଲିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସ୍ଥାନୀୟ ଅଧିବାସୀଙ୍କର ଶୁଭକାମନା ସହ ଆଜିର ସମାଜରେ ଗହୀରା ଗୁରୁଙ୍କ ଆଦର୍ଶକୁ ଅନୁକରଣ କରିବାକୁ ପରାମର୍ଶ ଦେଇଥିଲେ। ମୋର ସୌଭାଗ୍ୟ ଯେ, ମୁଁ ଆଦି ଏହି ଦୁଇଜଣଙ୍କୁ ଦର୍ଶନ କରିଛି। ଆଦିବାସୀ ସମାଜକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସାଏ କହିଥିଲେ। ଗହୀରା ଗୁରୁ ଆଦିବାସୀ ସମାଜର ଏକ ପ୍ରମୁଖ ସନ୍ଥ ଅଟନ୍ତି। ତାଙ୍କର ଉପଦେଶ ପୁରା ସମାଜ ପାଇଁ ତଥା ସତ୍ୟ ସନାତନ ଧର୍ମ ପାଇଁ ମହତ୍ତ୍ୱ ରଖୁଛି। ସେ ଆହୁରି କହିଥିଲେ ଯେ ଗ୍ରାମୀଣ କ୍ଷେତ୍ରରେ ବିକାଶ ପଛୁଆ ରହିଥିବାବେଳେ ଗହୀରା ଗୁରୁଙ୍କ ଉପଦେଶ ଅନୁଯାୟୀ ଆଦିବାସୀ ସମାଜ ଆର୍ଥିକ, ସାମାଜିକ ଏବଂ ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବାରେ ସଫଳ ହୋଇଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ବିଶ୍ୱର ଅଗ୍ରଣୀ ଯୋଗାଯୋଗ ପ୍ଲାଟଫର୍ମ ଟ୍ରୁକଲର ଆଇଫୋନ ପାଇଁ ସବୁଠାରୁ ବଡ଼ ଅପଡେଟ ଘୋଷଣା କରିଛି। ନୂଆ ଅପଡେଟ୍ ଏବେ ସବୁଠି ଆଇଫୋନ୍ ବ୍ୟବହାରକାରୀଙ୍କୁ ଟ୍ରୁକଲରର ସ୍ପାମ୍ ଏବଂ ସ୍କାମ୍ ଅବରୋଧ କ୍ଷମତାର ସମ୍ପୂର୍ଣ୍ଣ ଶକ୍ତି ପ୍ରଦାନ କରୁଛି। ବର୍ତ୍ତମାନ ଏହି ଅପଡେଟ ଏହାର ଆଣ୍ଡ୍ରଏଡ୍ ସମକକ୍ଷ ସମସ୍ତ ପ୍ରକାର କଲ୍ ଚିହ୍ନଟ କରିବାର କ୍ଷମତା ରଖିଛି। ଟ୍ରୁକଲର ହେଉଛି ବିଶ୍ୱର ପ୍ରଥମ ଯିଏ କଲର ଆଇଡି ପାଇଁ ସ୍କେଲରେ ଏହାକୁ ନିୟୋଜିତ କରିଛି। ଟ୍ରୁକଲର ଏବେ ୧୫ ବର୍ଷ ଧରି ଅବାଞ୍ଛିତ ଯୋଗାଯୋଗକୁ ଫିଲ୍ଟର କରିବାର ବ୍ୟବସାୟରେ ଅଛି। ଏହି ଅପଡେଟ୍ ଟ୍ରୁକଲରର ଅତ୍ୟାଧୁନିକ ଏଆଇ କ୍ଷମତା ଏବଂ ଗ୍ଲୋବାଲ ଡାଟାବେସକୁ ଯଥାସମ୍ଭବ କଲ୍ ଚିହ୍ନଟ କରିବା ପାଇଁ ଉପଯୋଗ କରିପାରିବ। ଏହା ସମ୍ପର୍କରେ ଟ୍ରୁକଲରର ସିଇଓ ରିସିସ୍ ଝୁନଝୁନୱାଲା କହିଛନ୍ତି , 'ଆଇଫୋନରେ ଟ୍ରୁକଲରର ସମ୍ପୂର୍ଣ୍ଣ ଶକ୍ତି ଆଣିବାକୁ ଆମେ ଉତ୍ସାହିତ। ଆମେ ଦେଖୁଛୁ ଯେ ଆମର ଆଇଫୋନ୍ ଉପଭୋକ୍ତା ସଂଖ୍ୟାରେ ପ୍ରଚୁର ସମ୍ଭାବନା ଏବଂ ଅଭିବୃଦ୍ଧି ଏବଂ ଟ୍ରୁକଲରର ଆଣ୍ଡ୍ରଏଡ୍ ଅଭିଜ୍ଞତା ସହିତ ସମାନତା ସେମାନଙ୍କ ଇଚ୍ଛା ତାଲିକାର ଶୀର୍ଷରେ ରହିଛି।

## ଟାଟା ଏଆଇଏ ଲାଇଫ୍ ପକ୍ଷରୁ 'ଶୁଭ ମୁହୁରତ'ର ଶୁଭାରମ୍ଭ

TATA AIA LIFE INSURANCE

ନୂଆଦିଲ୍ଲୀ: ଦେଶର ଅନ୍ୟତମ ଅଗ୍ରଣୀ ଘରୋଇ ଜୀବନ ବୀମା କମ୍ପାନି ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ଅଭିନବ ଜୀବନ ବୀମା ସମାଧାନ 'ଶୁଭ ମୁହୁରତ'ର ଶୁଭାରମ୍ଭ କରାଯାଇଛି। ଏଥିରେ ଇକ୍ୱିଟି ନିବେଶ ସହିତ କ୍ୟାପିଟାଲ୍‌ର ଗ୍ୟାରେଂଟି ରହିଛି ଯାହା ହିତାଧିକାରୀ ଚାହୁଁଥିବା ଲାଭ, ଜୀବନ ବୀମା ସୁରକ୍ଷା, ତତ୍କାଳ ମୃତ୍ୟୁକାଳୀନ ଲାଭ ଓ ପିଲାମାନଙ୍କ ସ୍ୱପ୍ନର ବାହାଘର ପାଇଁ ଅଭିଭାବକଙ୍କୁ ସହାୟକ ହେବା ଓ ତାହାକୁ ଜୀବନବ୍ୟାପୀ ସ୍ମରଣୀୟ କରିବାର ସୁଯୋଗ ପ୍ରଦାନ କରିବ। ଟାଟା ଏଆଇଏର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭେଙ୍କି ଆୟାର କହିଛନ୍ତି ଯେ, 'ଟାଟା ଏଆଇଏ ଲାଇଫରେ ଆମେ ଗ୍ରାହକଙ୍କ ଜୀବନଶୈଳୀ ଆଧାରରେ ସେମାନଙ୍କ ଅନନ୍ୟ ଆବଶ୍ୟକତାକୁ ବୁଝିବା ଏବଂ ଏହାର ସମାଧାନ କରିବାକୁ ଚେଷ୍ଟା କରୁଛୁ। ଏହାବ୍ୟତୀତ ଆମେ ବିବାହର ମହତ୍ତ୍ୱକୁ ବୁଝିଥାଉ। ବିବାହ କେବଳ ପ୍ରେମ ଏବଂ ଏକତ୍ରତାର ଉତ୍ସବ ନୁହେଁ ବରଂ ପାରିବାରିକ ଭାବନା ଏବଂ ଆକାଂକ୍ଷାର ପ୍ରମାଣ ମଧ୍ୟ ଅଟେ। ଶୁଭ ମୁହୂରତର ଉଦ୍ଦେଶ୍ୟ ହେଉଛି ପରିବାରକୁ ଆଗୁଆ ଯୋଜନା କରିବାରେ ସାହାଯ୍ୟ କରିବା। ଏଥିସହିତ ଆମେ ଏକ ସମାଧାନ ଦେବାକୁ ଚାହୁଁଥିଲୁ ଯାହା ପିତାମାତାଙ୍କ ଜୀବନ ହାନି ଭଳି ଅପ୍ରତ୍ୟାଶିତ ଘଟଣାରେ ବି ଲକ୍ଷ୍ୟ ସୁରକ୍ଷିତ ରହିପାରିବ। ଶୁଭ ମୁହୂରତ ଜରିଆରେ ଆମେ ଏହି ଖୁସିର ମୁହୂର୍ତ୍ତଗୁଡ଼ିକୁ ଆତ୍ମବିଶ୍ୱାସର ସହ ଯୋଜନା କରିବାରେ ପରିବାରଗୁଡ଼ିକୁ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ବୀମା ୩୧ରୁ ୫୦ ବର୍ଷ ବୟସର ପିତାମାତାମାନଙ୍କ ପାଇଁ ଉପଯୁକ୍ତ, ଯେଉଁମାନଙ୍କ ପିଲାଙ୍କ ବୟସ ୧ରୁ ୨୦ ବର୍ଷ ମଧ୍ୟରେ ରହିଛି। ଏଥିରେ ଆଗୁଆ ନିବେଶ ପିତାମାତାଙ୍କୁ ସେମାନେ ପିଲାଙ୍କ ବିବାହ ଲାଗି ଚାହୁଥିବା ପାଣ୍ଠି ସଂଗ୍ରହ କରିବାରେ ସହାୟକ ହେବ। 'ଶୁଭ ମୁହୁରତ'ର ଲାଭଗୁଡ଼ିକ ମଧ୍ୟରେ ରହିଛି ବିବାହ ସମ୍ପର୍କିତ ବିଭିନ୍ନ ଖର୍ଚ୍ଚ ପାଇଁ ଯୋଜନା କରିବା, ଇକ୍ୱିଟି ନିବେଶ ସହିତ ପୁଞ୍ଜି ଗ୍ୟାରେଂଟି ପ୍ରଦାନ କରିବା, ଦୀର୍ଘକାଳୀନ ସମ୍ପତ୍ତି ଅଭିବୃଦ୍ଧି, ଡବ୍ଲୁଏମ୍‌ପିଏରେ ସ୍ୱତନ୍ତ୍ର ସୁରକ୍ଷା। ଏଥିରେ ଅନେକ ପ୍ରକାର ସୁରକ୍ଷା ରାଇଡର୍ ରହିଛି ଯଥା ତତ୍କାଳ ମୃତ୍ୟୁକାଳୀନ ଲାଭ, ପ୍ରିମିୟମ୍ ଛାଡ ଓ ନୋମିନିଙ୍କ ପାଇଁ ମାଚ୍ୟୁରିଟି ଲାଭ।

## ଟିପିଡବ୍ଲ୍ୟୁଓଡିଏଲ୍‌ର 'ହ୍ୟାଣ୍ଡସ ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର'ର ଶୁଭାରମ୍ଭ



ବୁର୍ଲା (ଭାସ୍କର ନ୍ୟୁଜ୍) : ଟିପିଡବ୍ଲ୍ୟୁଓଡିଏଲ୍‌ର ପକ୍ଷରୁ ରାଉରକେଲା ସହରର ହାମିରପୁରଠାରେ ଏକ ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର 'ହ୍ୟାଣ୍ଡସ ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର'ର ଶୁଭାର କରାଯାଇଛି। ଟାଟା ପାୱାର (ଟି-ଆଣ୍ଡ-ଡି)ର ସୁରକ୍ଷା ମୁଖ୍ୟ ସୁରେଶ ଖେତୱାନୀ ଏବଂ ଟିପିଡବ୍ଲ୍ୟୁଓଡିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ତାଲିମ କେନ୍ଦ୍ରଟିକୁ ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ପଦକ୍ଷେପଟି ସମଗ୍ର ଓଡ଼ିଶାରେ ଟିପିଡବ୍ଲ୍ୟୁଓଡିଏଲ୍‌ର ପରିଚାଳନା ଉତ୍କର୍ଷତା ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। ଏହା ଶ୍ରେଣୀଗୃହ ଆଧାରିତ ଶିକ୍ଷାଠାରୁ ଆରମ୍ଭ କରି 'ପ୍ରାକ୍ଟିସ୍ ୟାର୍ଡ' ପର୍ଯ୍ୟନ୍ତ ସବୁକିଛି ପ୍ରଦାନ କରିବ। ଏହି ବୈଷୟିକ ତାଲିମ କେନ୍ଦ୍ରଟି ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ସୁରକ୍ଷା ଏବଂ ପରିଚାଳନାର ନିରନ୍ତର ଉନ୍ନତି ପାଇଁ ଆମର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିବ। ବ୍ୟବହାରିକ ଦକ୍ଷତା ସହି ଆମର ଶ୍ରମଶକ୍ତିକୁ ସଶକ୍ତ କରି ଆମେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ନୂତନ ମାନକ ସ୍ଥାନ କରୁଅଛୁ ବୋଲି ଟିପିଡବ୍ଲ୍ୟୁଓସିଏଲ୍ ସିଇଓ ପ୍ରବୀଣ ବର୍ମା ପ୍ରକାଶ କରନ୍ତି। ସେ ମଧ୍ୟ ଘୋଷଣା କରିଛନ୍ତି ଯେ, ଟିପିଡବ୍ଲ୍ୟୁଓଡିଏଲ୍‌ର ବିଦ୍ୟୁତ୍ ବିତରଣ କ୍ଷେତ୍ରର ସମସ୍ତ ୧୭ଟି ଡିଭିଜନରେ ଅନୁରୂପ ବୈଷୟିକ ତାଲିମ କେନ୍ଦ୍ରର ନିର୍ମାଣ ସମାପ୍ତ ହେବାକୁ ଯାଉଛି ଏବଂ ସେଗୁଡିକ ଖୁବ୍ ଶୀଘ୍ର କର୍ମଚାରୀମାନଙ୍କ ପାଇଁ ଉତ୍ସର୍ଗୀକୃତ କରାଯିବ।

## ରେନ୍‌ଲଟ ଇଣ୍ଡିଆର ଆମ୍ବାଝୁର ନୂତନ ବ୍ୟବସାୟ



ନୂଆଦିଲ୍ଲୀ : ରେନଲଟ ଇଣ୍ଡିଆ, ଯାହାକି ରେନଲଟ ଗୋଷ୍ଠୀର ଏକ ସମ୍ପୂର୍ଣ୍ଣ ନିଜସ୍ୱ ପ୍ରତିଷ୍ଠାନ ଅଟେ ଭାରତରେ ଏଭଳି ଏକ ପ୍ରଥମ ପଦକ୍ଷେପ ସ୍ୱରୂପ ଆମ୍ବାଝୁର ଠାରେ ସ୍ଥାପିତ ବ୍ୟବସାୟୀକ ଗୋଷ୍ଠୀର ଶୁଭାରମ୍ଭ କରିଛି। ଏହାର ନେଟୱ୍ୱାର୍କ- ଦି ନ୍ୟୁ ଆର ଷ୍ଟୋର ବିଶ୍ୱସ୍ତରୀୟ ସ୍ଥାପତ୍ୟ ଫର୍ମାଟକୁ ନେଇ ବିଦ୍ୟମାନ ଥିବା ରେନାଟଲର ସମସ୍ତ ବ୍ୟବସାୟୀକ ଗୋଷ୍ଠୀ ସମୂହ ଏହି ନବୀକରଣକୁ ଆପଣେଇବା ସହିତ ଆମ୍ବାଝୁର ର ଗୋଷ୍ଠୀଙ୍କ ସହିତ ଆନ୍ତର୍ଜାତୀୟ ସ୍ତରରେ ଏହାକୁ ପ୍ରଥମ ଥର ପାଇଁ ପ୍ରଦର୍ଶିତ କରିବା ସହିତ, ରହିଥିବା ଭାରତରେ କମ୍ପାନୀର ବଚ୍ଚନବଦ୍ଧାକୁ ଆହୁରି ମଜଭୁତ କରିଛି। ପୂନର୍ଜୀବିତ ଉତ୍କୃଷ୍ଟ କ୍ରୟର ଅଭିଜ୍ଞତାକୁ ପ୍ରଦାନ କରି ଏହି ଫର୍ମାଟ ରେନଲଟ ଆଉଟଲେଟର ଆଧୁନିକତମ ପରିପାଟିକୁ ନେଇ ଏକ ନୂତନ ପ୍ରସଙ୍ଗର ଉପସ୍ଥାପନ କରିଛି। ଉପଲବ୍ଧ ସ୍ଥଳୀରେ ଏହା ଯୋଜନାବଦ୍ଧ ଭାବରେ ଯାନଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ରଖିଛି ଯାହାକି ଗ୍ରାହକମାନେ ଏହାର ସମସ୍ତ ଦିଗରୁ କାର ଗୁଡ଼ିକୁ ଅନୁସନ୍ଧାନ କରିପାରିବେ। ଏହି ଅବସରରେ ମତବ୍ୟକ୍ତ କରି ଭେଙ୍କଟରାମ ଏମ, ପରିଚାଳନା ନିର୍ଦ୍ଦେଶକ ତଥା ଜାତୀୟ ସିଇଓ, ରେନଲଟ ଇଣ୍ଡିଆ କହିଛନ୍ତି, 'ଆମ୍ବାଝୁର ବ୍ୟବସାୟ ଗୋଷ୍ଠୀର ଶୁଭାରମ୍ଭ ଭାରତରେ ରେନଲଟ ଜୟଯାତ୍ରାର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ଚିହ୍ନଟ କରିପାରିଛି। ଏହା ମୂଳରେ ରହିଥିବା ପ୍ରକୃତ ସତ୍ୟଟି ହେଉଛି ଏହି ନୂତନ ଆର ଷ୍ଟୋର ଫର୍ମାଟକୁ ବାସ୍ତବତା ଦିଗରେ ପୁନଃ ଆଲୋକିତ କରିବା ପାଇଁ ରେନଲଟ ଇଣ୍ଡିଆର ଏହି ପଦକ୍ଷେପକୁ ଆଗେଇ ନେବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। ରେନଲଟ ବିଶ୍ୱସ୍ତରୀୟ ଯୋଜନାରେ ଭାରତ ଆଗ ଧାଡ଼ିର ସୈନିକ ହେବା ସହିତ ଯେତେ ସମ୍ଭବ, ଦେଶ ସମ୍ପୂର୍ଣ୍ଣ ଭାବରେ ରେନାଲଟର ପୁନରାବୃତିର ସାକ୍ଷ୍ୟ ଭାବରେ ଆଗକୁ ଆସିବା ସହିତ, ଉପଯୋଗୀ ଉତ୍ପାଦନ ଜରିଆରେ ଗ୍ରାହକମାନଙ୍କୁ ଉଚ୍ଚମାନର ଅଭିଜ୍ଞତା ପ୍ରଦାନ କରିବା ସହିତ ବିକ୍ରୟ ଅଭିଜ୍ଞତାକୁ ପୁନଃ ନିର୍ଦ୍ଧାରଣ ତଥା ବିଶ୍ୱସ୍ତରରେ ସାମଗ୍ରୀ ବିକ୍ରୟ ପର ସେବା ଯୋଗାଇ ପାରିବ। ଭାରତରେ ରେନାଲଟର ସମସ୍ତ ନୂତନ ଆଉଟଲେଟ ପ୍ରସ୍ତୁତ ରହିବ ଏହି ନୂତନ ଫର୍ମାଟକୁ ସାଙ୍ଗରେ ନେଇ ଯାହାକି ବ୍ୟବସାୟ ଗୋଷ୍ଠୀଙ୍କୁ ଅଧିକ ଆକୃଷ୍ଟ କରିପାରିବ। ଅତିରିକ୍ତ ଭାବରେ ରେନଲଟ ଭାରତରେ ଏହାର ବ୍ୟବସାୟ ଗୋଷ୍ଠୀଙ୍କୁ ଅଧିକ ଲୋକାଭିମୁଖୀ କରିପାରିଛି। ଏହି ନୂତନ ବ୍ୟବସାୟ ଗୋଷ୍ଠୀର ଫର୍ମାଟ ରେନାଲଟର ଏକ ବ୍ୟାପକ ରଣନୀତିର ଅଂଶବିଶେଷ ଭାବରେ ପ୍ରତୀୟମାନ ହୋଇଥାଏ ଯାହା ରେନାଉଲୁସନ ଭାବରେ ଜଣାଶୁଣା ଯାହାର ଲକ୍ଷ୍ୟ ରେନାଲଟର ବ୍ରାଣ୍ଡକୁ ଅପଗ୍ରେଡ଼ କରିବା ସହିତ ରେନାଲଟର ସମସ୍ତ ସମ୍ଭାରକୁ ଖେଳାଇବା ଏବଂ ଏକ ବ୍ୟାପକ ନେଟୱ୍ୱାର୍କ ରଣନୀତିକୁ କାର୍ଯ୍ୟକାରୀ କରିବା। ଏହି ପଦକ୍ଷେପ ଗୁଡ଼ିକ ରେନାଲଟର ପ୍ରତିଶ୍ରୁତିବଦ୍ଧତା ସହିତ ମୋବିଲିଟି କ୍ଷେତ୍ରରେ ନବୀକରଣ ତଥା ଦକ୍ଷତାର ପ୍ରତିଫଳନ କରୁଛି। ଆମ୍ବାଝୁର ଠାରେ ଅବସ୍ଥିତ ଏହି ରେନାଲଟର ନୂତନ ବ୍ୟବସାୟ ଗୋଷ୍ଠୀ ବ୍ରାଣ୍ଡର ବଚ୍ଚନବଦ୍ଧତାର ଏକ ପ୍ରମାଣପତ୍ର ସଦୃଶ୍ୟ ଅଟେ ତଥା ଏହା ପ୍ରିୟ ଗ୍ରାହକମାନଙ୍କୁ ରେନାଲଟ ପ୍ରତି ରହିଥିବା ବିଶ୍ୱସନୀୟତା ତଥା ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିଥାଏ। ଏହି ମାଇଲଖୁଣ୍ଟ ଭାରତରେ ରେନାଲଟର ଏକ ନୂଆ ଯୁଗ ଆରମ୍ଭକୁ ଚିହ୍ନିତ କରିବା ସହିତ ଏହାର ଭବିଷ୍ୟତର ବିକାଶ ତଥା ସଫଳତା ପାଇଁ ପଥ ପ୍ରସ୍ତୁତ କରିଛି।

## ବନ୍ଧନ ବ୍ୟାଙ୍କ ପକ୍ଷରୁ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ନୂଆଦିଲ୍ଲୀ : ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟରେ ୧୭ ପ୍ରତିଶତ ବୃଦ୍ଧି ପାଇ ୨.୭୩ ଲକ୍ଷ କୋଟି ଟଙ୍କା ହୋଇଛି। ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଭାଗ ଏବେ ପ୍ରାୟ ୬୯ ପ୍ରତିଶତ ରହିଛି। ବିତରଣରେ ସମ୍ପ୍ରସାରଣ, ବ୍ୟବସାୟରେ ଦକ୍ଷତା ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ବ୍ୟାଙ୍କ ଭାରତରେ ୬୩୦୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେ ଏହାର ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୭୮,୪୦୦ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୨୦% ବୃଦ୍ଧି ପାଇଛି। ମୋଟ ଜମା ଏବେ ୧.୪୧ ଲକ୍ଷ କୋଟି ଟଙ୍କା ରହିଛି ଏବଂ ମୋଟ ଅଗ୍ରୀମ ପରିମାଣ ୧.୩୨ ଲକ୍ଷ କୋଟି ଟଙ୍କା ହୋଇଛି। (କରେଂଟ୍) ଚଳନ୍ତୀ ଓ ସଂଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୩୨% ରହିଛି। ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର୍) ୧୬% ରହିଛି ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି। ଫଳାଫଳ ସମ୍ପର୍କରେ ବନ୍ଧନ ବାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, 'ବନ୍ଧନ ବ୍ୟାଙ୍କର ତୃତୀୟ ତୈମାସିକରେ ଦୃଢ଼ ପ୍ରଦର୍ଶନ ଗୁଣାତ୍ମକ ଅଭିବୃଦ୍ଧି ଧାରା ସହିତ ବିପଦର ଉପଯୁକ୍ତ ପରିଚାଳନା ଏବଂ ନିୟମ ପାଳନ ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଆମର ଜାରି ରହିଥିବା ସଫଳତା ଆମ ଗ୍ରାହକମାନଙ୍କ ବିଶ୍ୱାସ ଓ ଆମ କର୍ମଚାରୀଙ୍କ କଠିନ ପରିଶ୍ରମ ଉପରେ ପର୍ଯ୍ୟବେସିତ। ଏହା ସହିତ ପ୍ରଯୁକ୍ତିରେ ନବସୃଜନ, ପ୍ରକ୍ରିୟାରେ ଉନ୍ନତି ଏବଂ ଉତ୍ପାଦ ଓ ଲୋକ ଦକ୍ଷତାରେ ଉନ୍ନତି ଉପରେ ଗୁରୁତ୍ୱ ବନ୍ଧନ ବ୍ୟାଙ୍କ ୨.୦ର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବ।' ରିଟେଲ୍ ପୋର୍ଟଫୋଲିଓକୁ ବଢ଼ାଇବା ଉପରେ ସ୍ପଷ୍ଟ ଗୁରୁତ୍ୱ ସହ ସଂପତିରେ ବିବିଧତା ଆଣିବା ଲାଗି ବ୍ୟାଙ୍କ ପ୍ରତିବଦ୍ଧ ରହିଛି। ଉତ୍ପାଦକତା ଓ ଦକ୍ଷତାକୁ ସୁଦୃଢ଼ କରିବା ସହ ସାମଗ୍ରିକ ଗ୍ରାହକ ଅନୁଭୂତି ବଢ଼ାଇବା ପାଇଁ ବ୍ୟାପକ ଡିଜିଟାଲ୍‌କରଣ ହେଉଛି ଏକ ପ୍ରମୁଖ ପ୍ରାଥମିକତା।

## ରୟାଲ ଏନଫିଲ୍ଡ ହଣ୍ଟର-୩୫୦ ରେକର୍ଡ ସଂଖ୍ୟକ ବିକ୍ରି



ନୂଆଦିଲ୍ଲୀ: ମିଡସାଇଜ ମୋଟରସାଇକେଲ ସେଗମେଂଟ (୨୫୦ ସିସି-୭୫୦ସିସି)ରେ ବିଶ୍ୱସ୍ତରୀୟ ଅଗ୍ରଣୀ, ରୟାଲ ଏନଫିଲ୍ଡ ଘୋଷଣା କରିଛି ଯେ ଏହାର କମ୍ପାକ୍ଟ ଏବଂ ଷ୍ଟାଇଲିସ୍ ରୋଡଷ୍ଟର ହଂଟର-୩୫୦ ୫୦୦,୦୦୦ ବିକ୍ରି ମାଇଲଖୁଂଟ ଅତିକ୍ରମ କରିଛି। ଅଗଷ୍ଟ ୨୦୨୨ରେ ଶୁଭାରମ୍ଭ ହୋଇଥିବା ଏହି ହଂଟର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମୋଟରସାଇକେଲ ମଡେଲଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହାର ସାରା ବିଶ୍ୱରେ ୫୦ ଲକ୍ଷ ସନ୍ତୁଷ୍ଟ ମାଲିକ ରହିଛନ୍ତି। ହଂଟର ୩୫୦ର ବ୍ୟାପକ ଲୋକପ୍ରିୟତା ଉଭୟ ଭାରତ ଏବଂ ବିଶ୍ୱସ୍ତରରେ ବିଭିନ୍ନ ବଜାରରେ ଏହାର ବିସ୍ତୃତ ଆକର୍ଷଣର ଏକ ପ୍ରମାଣ। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ରୟାଲ ଏନଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, 'ହଂଟର ୩୫୦ ପ୍ରକୃତରେ ସହରାଂଚଳ ଏବଂ ଗତିଶୀଳ ପରିବେଶରେ ଯାତ୍ରା କରିବାର ଅର୍ଥକୁ ପୁନଃନିର୍ଦ୍ଧାରଣ କରିଛି। ଅଳ୍ପ ସମୟ ମଧ୍ୟରେ ୫,୦୦,୦୦୦ ବିକ୍ରି ମାଇଲଖୁଂଟରେ ପହଂଚିବା ହଂଟର ୩୫୦ ପ୍ରତି ଆମ ଗ୍ରାହକଙ୍କ ସୀମାହୀନ ଭଲପାଇବା ଏବଂ ବିଶ୍ୱାସର ପ୍ରତିଫଳନ। ହଂଟର ୩୫୦ର ଉତ୍ସାହୀ ରାଇଡରମାନଙ୍କର କ୍ରମାଗତ ଭାବରେ ବଢ଼ୁଥିବା ସମୁଦାୟ ଏହାକୁ ମିଡ-ସାଇଜ ମୋଟର ସାଇକେଲ ସେଗମେଂଟରେ ଏକ ପ୍ରତିଦ୍ୱନ୍ଦୀ କରିଛି । ହଂଟର ୩୫୦ ଗ୍ରାହକଙ୍କ ସହିତ ବିଭିନ୍ନ ଅଂଚଳରେ ରାଇଡ ଆୟୋଜନ କରି ରୟାଲ ଏନଫିଲ୍ଡ ଏହି ସଫଳତାକୁ ପାଳନ କରିବ। 'ହଂଟର ୩୫୦ର ଲୋକପ୍ରିୟତା ହେଉଛି ରୟାଲ ଏନଫିଲ୍ଡର ଅଭିନବ, ଷ୍ଟାଇଲିସ ଏବଂ ଶକ୍ତିଶାଳୀ ମୋଟରସାଇକେଲ ପ୍ରଦାନ କରିବା ମିଶନର ଏକ ପ୍ରମାଣ ।

## ଶୁଭେଚ୍ଛା



'ଓଡ଼ିଶା ଭାସ୍କର'ର ସ୍ୱନକ୍ଷତ୍ର ଅବସରରେ କରଞ୍ଜିଆ ବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ପଦ୍ମଚରଣ ହାଇବ୍ରୁ
ବିଧାୟକ, କରଞ୍ଜିଆ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । କ୍ରୀଡ଼ା ଓ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଅଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ସରୋଜ କୁମାର କରଙ୍କ ଦ୍ୱାରା ଦୀର୍ଘ ତିନିଦିନ ଧରି ପରିଚାଳିତ କ୍ରୀଡ଼ା ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ତିନିଦିନ ବ୍ୟାପୀ ବାଳକ ଓ ବାଳିକା ବର୍ଗରେ ଦୌଡ଼, ଡିଆଁ, ଫୋପଡ଼ା ଇତ୍ୟାଦି କ୍ରୀଡ଼ା ସହିତ ଝୋଟି, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଇତ୍ୟାଦି ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତା ପରିଚାଳନାରେ ଶ୍ରୀ କରଙ୍କୁ କ୍ରୀଡ଼ା ସଂସଦର ଉପସଭାପତି ଅଧ୍ୟାପିକା ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ମିନାକ୍ଷୀ ପ୍ରଧାନ, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା, ମନିଷା ମହାରଣା, ସାଶ୍ୱତୀପ୍ରଜ୍ଞା ସାହୁ, ମନିଷା ଦାସ, ତେଜସ୍ୱିନୀ, ଅପର୍ଣ୍ଣା ନାୟକ ଓ କର୍ମଚାରୀ ଶକ୍ତି ମିଶ୍ର ପ୍ରମୁଖ ସାହଯୋଗ କରିଥିଲେ । ଗତକାଲି ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବରେ ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଗିରିଜାନନ୍ଦ ନାୟକ ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀନିବାସ ଭୂୟାଁ ଯୋଗ ଦେଇଥିଲେ । ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଚାମ୍ପିଅନ୍ସ ଟ୍ରଫିକୁ ନେଇ ଗାଙ୍ଗୁଲିଙ୍କ ଭବିଷ୍ୟତବାଣୀ



ନୂଆଦିଲ୍ଲୀ: ଆଉ କେଇ ଦିନ ପରେ ଆରମ୍ଭ ହେବ ଚାମ୍ପିଅନ୍ସ ଟ୍ରଫି ୨୦୨୫ । ଏ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି । ହାଇବ୍ରିଡ ମଡେଲ୍ ଆଧାରରେ ଭାରତ ନିଜର ମ୍ୟାଚ୍ ଦୁବାଇରେ ଖେଳିବ । ତେବେ ସବୁ ଆଇସିସି ଟୁର୍ଣ୍ଣାମେଣ୍ଟ ପରି ଏଥର ଚାମ୍ପିଅନ୍ସ ଟ୍ରଫିର ସେମି ଫାଇନାଲ୍‌ରେ କେଉଁ ୪ ଦଳ ପହଞ୍ଚିବେ ତାକୁ ନେଇ ଚର୍ଚ୍ଚା ଚାଲିଛି ଏବଂ ଅନେକ ପୂର୍ବତନ ଖେଳାଳି ନିଜର ପୂର୍ବାନୁମାନ କରି ଚାଲିଛନ୍ତି । ଏହି କ୍ରମରେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଚାମ୍ପିଅନ୍ସ ଟ୍ରଫିକୁ ନେଇ ଭବିଷ୍ୟତବାଣୀ କରି ଚାରୋଟି ସେମି ଫାଇନାଲିଷ୍ଟ ଦଳର ନା କହିଛନ୍ତି । ଗାଙ୍ଗୁଲି ଯେଉଁ ୪ ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିବେ ସେଥିରେ ପାକିସ୍ତାନର ନା ସାମିଲ କରି ନାହାନ୍ତି । ପାକିସ୍ତାନ ପୁଣି ଚାମ୍ପିଅନ୍ସ ଟ୍ରଫିର ଡିଫେଣ୍ଡିଂ ଚାମ୍ପିଅନ । ପୁଣି ପାକିସ୍ତାନ ଟୁର୍ଣ୍ଣାମେଣ୍ଟର ଆୟୋଜକ । ତଥାପି ଗାଙ୍ଗୁଲି ଟପ୍-୪ ଦଳରେ ପାକିସ୍ତାନକୁ ରଖିବାକୁ ଉଚିତ୍ ମଣି ନାହାନ୍ତି । ଭାରତୀୟ ଦଳର ପୂର୍ବତନ ଅଧିନାୟକ ସ୍ପୋର୍ଟ୍ସ ତକ ସହ ଆଲୋଚନା କରି ଭବିଷ୍ୟତବାଣୀ କରିଛନ୍ତି ଯେ, ଭାରତ ସହିତ ଅନ୍ୟ ତିନି ଦଳ ଭାବେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସ ଟ୍ରଫିର ସେମି ଫାଇନାଲ୍‌ରେ ପ୍ରବେଶ କରିବେ । ସେମି ଫାଇନାଲ୍ ପାଇଁ ନ୍ୟୁଜିଲାଣ୍ଡ ଦଳକୁ ମଧ୍ୟ ଚୟନ କରି ନାହାନ୍ତି ଗାଙ୍ଗୁଲି । ତେବେ ଦେଖିବାକୁ ବାକି ରହିଲା ଗାଙ୍ଗୁଲିଙ୍କ ଭବିଷ୍ୟତବାଣୀ କେତେ ସଠିକ୍ ସାବ୍ୟସ୍ତ ହେଉଛି । ସୂଚନାଯୋଗ୍ୟ, ଚାମ୍ପିଅନ୍ସ ଟ୍ରଫି ୨୦୨୫ ଫେବୃଆରୀ ୧୯ରୁ ଆରମ୍ଭ ହେବ । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କରାଚିରେ ଖେଳାଯିବ । ଭାରତୀୟ ଦଳ ନିଜର ପ୍ରଥମ ମ୍ୟାଚ୍ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ଦୁବାଇରେ ଖେଳିବ । ଭାରତ ଓ ପାକିସ୍ତାନ ମଧ୍ୟରେ ହାଇ ଭୋଲଟେଜ୍ ମ୍ୟାଚ୍ ଫେବୃଆରୀ ୨୩ରେ ଦୁବାଇରେ ଏବଂ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ମାର୍ଚ୍ଚ ୯ ତାରିଖରେ ଖେଳାଯିବ । ତେବେ ଫାଇନାଲ୍ ମ୍ୟାଚ୍ କେଉଁଠି ଖେଳାଯିବ ଏହା ଭାରତୀୟ ଦଳର ଫାଇନାଲ୍ ପହଞ୍ଚିବା ଉପରେ ନିର୍ଭର କରେ । ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ମୋଟ୍ ୮ଟି ଦଳ ମଧ୍ୟରେ ୧୫ଟି ମ୍ୟାଚ୍ ଖେଳାଯିବ । ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି । ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଛି । ସମସ୍ତ ୮ ଦଳ ପରସ୍ପର ମଧ୍ୟରେ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ । ଏହା ପରେ ପ୍ରତି ଗ୍ରୁପରୁ ଶୀର୍ଷ ୨ ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିବେ । ପ୍ରଥମ ସେମି ଫାଇନାଲ୍ ଦୁବାଇ ଓ ଦ୍ୱିତୀୟ ସେମି ଫାଇନାଲ୍ ଲାହୋରରେ ଖେଳାଯିବ । ଏମିତିରେ ଯେଉଁ ଦଳ ଫାଇନାଲ୍‌ରେ ପହଞ୍ଚିବ ସେ ମୋଟ୍ ୫ଟି ମ୍ୟାଚ୍ ଖେଳିବ ।

# ସିକେ ନାଇଡୁ ଟ୍ରଫି: ଦୃଢ଼ ସ୍ଥିତିରେ ଓଡ଼ିଶା

## ଶଶାଙ୍କ, ଓମ୍‌ଙ୍କ ଅର୍ଦ୍ଧଶତକ, ଆଶୁତୋଷଙ୍କୁ ୩ ୱିକେଟ୍



ସମ୍ବଲପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାୟୁଡୁ ଟ୍ରଫି ମ୍ୟାଚ୍‌ରେ ଚଣ୍ଡିଗଡ଼ ବିପକ୍ଷରେ ଘରୋଇ ଓଡ଼ିଶା ଦୃଢ଼ ସ୍ଥିତିରେ ପହଞ୍ଚିଛି । ଉଭୟ ଦଳର ଏହା ୭ମ ତଥା ଅନ୍ତିମ ଲିଗ୍ ମ୍ୟାଚ୍ । ଗ୍ରୁପ୍ 'ଏ'ର ଏହି ମ୍ୟାଚ୍‌ରେ ଚଣ୍ଡିଗଡ଼ ପ୍ରଥମ ଇନିଂସରେ ୧୩୭ ରନ୍‌କରି ଅଲ୍‌ଆଉଟ୍ ହେବା ପରେ ଓଡ଼ିଶା ପ୍ରଥମ ଇନିଂସରେ ୨୬୧ ରନ୍ କରି ଅଲ୍‌ଆଉଟ୍ ହୋଇ ୧୨୪ ରନ୍ ଆଗରେ ରହିଥିଲା । ପରେ ୨ୟ ଦିନ ଶେଷରେ ଚଣ୍ଡିଗଡ଼ ୨ୟ ଇନିଂସରେ ୭୭ ରନ୍ କରି ୩ଟି ୱିକେଟ୍ ହରାଇଛି । ୭ ୱିକେଟ୍ ବାକିଥାଇ ଚଣ୍ଡିଗଡ଼ ଏବେ ୪୭ ରନ୍ ପଛରେ ରହିଛି । ପ୍ରଥମ ଦିନ ଶେଷରେ ଓଡ଼ିଶା ୧ ୱିକେଟ୍‌ରେ ୧୧୯ ରନ୍ କରିଥିଲା । ଦୁଇ ଅପରାଜିତ ବ୍ୟାଟ୍‌ସମ୍ୟାନ୍ ପି. ଶଶାଙ୍କ ଓ ଓମ୍ ଟି. ମୁଣ୍ଡେ ୨ୟ ୱିକେଟ୍ ପାଇଁ ୧୧୪ ରନ୍ ଯୋଡ଼ି ଓଡ଼ିଶାକୁ ମଜ୍‌ଭୁତ ସ୍ଥିତିରେ ପହଞ୍ଚାଇଥିଲେ । ଶଶାଙ୍କ ଶତକରୁ ବଞ୍ଚିତ ହେବା ସହ ୧୪ଟି ଚୌକା ସହ ୯୩ ରନ୍ କରି ଆଉଟ୍ ହୋଇଥିଲେ । ଓମ୍ ଟି. ମୁଣ୍ଡେ ଗୋଟିଏ ଛକା ଓ ୪ଟି ଚୌକା ସହ ୬୮ ରନ୍ କରି ଆଉଟ୍ ହୋଇଥିଲେ । ପରେ ସମ୍ବିତ ବରାଳ ଓ ଅଧିନାୟକ ସାୱନ ପାହାଡ଼ିଆ ୧୬ ରନ୍ ଲେଖାଏଁ କରିଥିବା ବେଳେ ବାଦଲ ବିଶ୍ୱାଳ ୨୨ ରନ୍ କରି ଅପରାଜିତ ଥିଲେ । ଚଣ୍ଡିଗଡ଼ର ଯଶକିରତ ସିଂହ ମେହେରା ୫ଟି ଓ ଇଭରାଜ ରାନୌତା ୨ଟି ୱିକେଟ୍ ନେଇଥିଲେ । ଚଣ୍ଡିଗଡ଼ର ୨ୟ ଇନିଂସରେ ଦୀପେନ୍ଦର କୁଶ ୩୪, ଦେବାଙ୍ଗ କୌଶିକ ୧୭ ଓ ଅର୍ଣ୍ଣବ ବଂଶଲ ୫ ରନ୍ କରି ଆଉଟ୍ ହୋଇଛନ୍ତି । ଓଡ଼ିଶାର ଆଶୁତୋଷ ଛୁରିଆ ୩ଟିଯାକ ୱିକେଟ୍ ନେଇଛନ୍ତି ।

# ପଦ୍ମଚରଣ ସାମନ୍ତସିଂହାର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ




ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ବାରବାଟୀ ମିନି ଷ୍ଟାଡ଼ିୟମ୍‌ରେ ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୧୦ମ ପଦ୍ମଚରଣ ସାମନ୍ତସିଂହାର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲରେ ପରସ୍ପରକୁ ଭେଟୁଛନ୍ତି ବଜରଙ୍ଗି ଏଫ୍.ସି. ଘାଟିକିଆ, ଭୁବନେଶ୍ୱର ଓ ଡ଼ାଇମଣ୍ଡ ଏଫ୍.ସି. ଖୋର୍ଦ୍ଧା । ୪୦ ମିନିଟ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ମଧ୍ୟରେ ତୀବ୍ର ପ୍ରତିଯୋଗୀତା ଦେଖିବାକୁ ମିଳିଥିଲା । ଆକ୍ରମଣ ଓ ପ୍ରତି ଆକ୍ରମଣ ମାଧ୍ୟମରେ ଉଭୟ ଦଳ ସୁନ୍ଦର ସୁନ୍ଦର ଖେଳ ପ୍ରଦର୍ଶନ କରିଥିବା ବେଳେ କେହି କାହାକୁ ଗୋଲ ନ ଦେଇ ଡ୍ର'ରେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଖେଳ ମଧ ତୀବ୍ର ପ୍ରତିଦ୍ୱନ୍ଦିତା ମଧ୍ୟରେ ଚାଲିବାରେ ଶେଷ ପର୍ଯ୍ୟନ୍ତ କେହି କାହାକୁ ଦେଇ ପାରିଲେ ନାହିଁ । ପେନାଲଟି ସୁଟ୍ ଆଉଟ୍‌ରେ ବଜରଙ୍ଗି ଏଫ୍.ସି. ଘାଟିକିଆ, ଭୁବନେଶ୍ୱର ୩-୨ରେ ମ୍ୟାଚ୍ ଜିତି ନେଇଛି । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ ବିଜେତା ଟିମ୍ ବଜରଙ୍ଗି ଘାଟିକିଆ ଏଫ୍.ସି.ର ଗୋଲକିପରଙ୍କୁ ଅତିଥି ସୁଶାନ୍ତ କୁମାର ରଥ ପୁରସ୍କୃତ କରିଥିଲେ । ଏହି ମ୍ୟାଚ୍‌ରେ ରେଫରି ସେକ୍ ମୋକିମ୍, ଯୋଗୀ ପଲାୟା, ଦୈତାରୀ କାଉଆ, ସମର ବରାଳ ପରିଚାଳନା କରିଥିଲା ବେଳେ ପଦ୍ମଚରଣ ପାଣିଗ୍ରାହୀ ମ୍ୟାଚ୍ କମିଶନର ରୂପେ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ଅତିଥି ରୂପେ ଧୀରେନ୍ କୁମାର ବରାଳ ପୂର୍ବତନ ଖେଳାଳୀ, ସୁଶାନ୍ତ କୁମାର ରଥ, ଏମ୍.ଡ଼ି. ଓଡ଼ିଶା ମୋଟର ଭୁବନେଶ୍ୱର, ଚକ୍ରଧର ମଳିକ ଯୋଗ ଦେଇଥିଲେ । ମଙ୍ଗଳବାର ପ୍ରଦର୍ଶନୀ ମ୍ୟାଚ୍ ନିମାପଡ଼ା ଏକାଦଶ ଓ ଆଥଲେଟିକ୍ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହେବ ।

# ମା' ରାମଚଣ୍ଡି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ: ଅଟ୍ରି ଚାମ୍ପିଅନ୍



ବୋଲଗଡ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଅଧିନସ୍ଥ କୋଦୁଅବେରେଣି ଖେଳ ପଡିଆରେ ଚାଲିଥିବା ତ୍ରୟୋଦଶ ରାଜ୍ୟସ୍ତରୀୟ ମା' ରାମଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବା ସହ ଉଦଯାପିତ ହୋଇଯାଇଛି । ଫାଇନାଲରେ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ୭ ଉଇକେଟରେ ହରାଇ ଅଟ୍ରୀର ପତିତପାବନ ୟୁଥ କ୍ଲବ ଚଳିତ ଥର ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି ।ମଞ୍ଚେଶ୍ୱର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୫୩ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ପିୱାଇସି, ଅଟ୍ରୀ ଦଳ ୧୨.୫ ଓଭର ରେ ୩ ଉଇକେଟ ବିନିମୟରେ ୨୫୭ ରନ କରି ମ୍ୟାଚ ବିଜୟଲାଭକରି ଚମ୍ପିୟାନ ହୋଇଥିଲା ।ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ,ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ବିଜେଡି ନେତା ବେଣୁଧର ପ୍ରଧାନ, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ,ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଚମ୍ପିୟାନ ଅଟ୍ରୀ ଦଳକୁ ୫ଫୁଟ ଉଚ୍ଚତାର ଟ୍ରଫି ସହ ୪୦ହଜାର ଟଙ୍କା ଏବଂ ରନରଅପ ମଞ୍ଚେଶ୍ୱର ଦଳ କୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଅବସରରେ ଙ୍କଙ୍କଙ୍କଙ୍କ ର ଶ୍ରେଷ୍ଠ ଖେଳାଳି ଭାବେ ଅଟ୍ରୀ ଦଳର ପ୍ରଦୀପ ରାଉତଙ୍କୁ ପ୍ରମାଣପତ୍ର ସହ ଏକ ୱାସିଂମେସିନ ପୁରସ୍କାର ପ୍ରଦାନ କରାଯାଇ ଥିଲା ।ଅନ୍ୟମାନଙ୍କ ମଧ୍ୟରେ ଙ୍କଙ୍କଙ୍କଙ୍କଶ୍ରେଷ୍ଠ ଫିଲ୍ଡର ଭାବେ ଅଟ୍ରୀର ସୁଶାନ୍ତ ସାହାଣୀ,ଶ୍ରେଷ୍ଠ ବୋଲର ଭାବେ ମଞ୍ଚେଶ୍ୱରର ପ୍ରଦ୍ୟୁମ୍ନ ସାହୁ ଓ ଶ୍ରେଷ୍ଠ ବ୍ୟାଷ୍ଟସମ୍ୟାନ ଭାବେ ମଞ୍ଚେଶ୍ୱରର ସୂର୍ଯ୍ୟକାନ୍ତ ବଡ଼ଜେନା ପୁରସ୍କୃତ ହୋଇଥିଲେ । ଆୟୋଜକ କ୍ଲବର୍ ପୂର୍ଣ୍ଣଚନ୍ଦ୍ର ମୁଦୁଲି,ରାଜୁ ମହାରଣା ,ବିଜୟାନନ୍ଦ ସାହୁ,ସୁଦର୍ଶନ ପ୍ରଧାନ ଓ ସଦାନନ୍ଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ମାନେ ଙ୍କଙ୍କଙ୍କ ପରିଚାଳନାରେ ସହଯୋଗ କରିଥିଲେ ।

# ଲିଜେଣ୍ଡସ କ୍ରିକେଟ: ସେକ୍ରେଟାରୀ ଏକାଦଶ ବିଜୟୀ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ଥିବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମାଲାକାନଗିରି ଜିଲ୍ଲାର ବିଭିନ୍ନ ପ୍ରାନ୍ତର ବରିଷ୍ଠ କ୍ରିକେଟରଙ୍କୁ ନେଇ ଲିଜେଣ୍ଡସ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ପଡିଆ ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପ୍ରେସିଡେଣ୍ଟ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୧୮୧ ରନ୍ କରିଥିଲା । ସେକ୍ରେଟାରୀ ଏକାଦଶ ୨୫ ଓଭରରେ ୪ ୱିକେଟ ହରାଇ ନିର୍ଦ୍ଧାରିତ ରନ୍ କରି ଏହି ମ୍ୟାଚ ବିଜୟୀ ହୋଇଛି । ଏହି ଅବସରରେ ଅୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ଏନ୍ ରାଘବ ରାଓ, ସୁରଭୀ ଭୌମିକ, ନାକା ନୁକାଲ ରାଜୁ, ଦେବେନ୍ଦ୍ର ରାଓ ଓ ଚୀନାମ ରାବିଡ଼ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ମ୍ୟାଚ ଜିଲ୍ଲା କ୍ରିକେଟ ସଂଘର ସଭାପତି ଏମ୍‌ଡି ଫାରୁକଙ୍କ ଦଳ ଓ ଅନ୍ୟପଟେ ଜିଲ୍ଲା କ୍ରିକେଟ ସଂଘର



ସମ୍ପାଦକ ତଥା ପୂର୍ବତନ ଭାରତୀୟ ଦଳର ମ୍ୟାନେଜରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଚିତ୍ରକୋଣ୍ଡା, ମାଥିଲି, ମାଲକାନଗିରି, କାଳିମେଳା ଓ ଏମଭି ୭୯ ଅଞ୍ଚଳରୁ ବରିଷ୍ଠ ଖେଳାଳୀମାନେ ଯୋଗ ଦେଇଥିଲେ । ବର୍ତ୍ତମାନ ଆଉଟ୍‌ଡୋର ଖେଳରୁ ପିଲାଙ୍କ ମୋହ କମୁଥିବା ବେଳେ ମୋବାଇଲ ମୁହାଁ ହେଉଛନ୍ତି ଓ ବରିଷ୍ଠ କ୍ରିକେଟ ଖେଳାଳୀଙ୍କ ଏଭଳି ମ୍ୟାଚ ଆୟୋଜନ ନିଶ୍ଚିତ ପ୍ରଶଂସାଯୋଗ୍ୟ ଓ ଯୁବପିଢିଙ୍କୁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମ୍ୟାଚ ଆୟୋଜନରେ ଫ୍ରଣ୍ଡସ୍ କ୍ରିକେଟ କ୍ଲବର ସଦସ୍ୟ ଓ ସ୍ଥାନୀୟ କ୍ରିକେଟ ଖେଳାଳୀ ମାନେ ସହଯୋଗ କରିଥିଲେ ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରାମେଶ୍ୱର ସ୍ପୋର୍ଟିଂ ବିଜୟୀ




ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ୩୫ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଟି ଦଳ ଭାଗ ନେଇଥିଲେ । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର, ଜୁଭେନାଇଲ କ୍ରିକେଟ କ୍ଲବ କଟକକୁ ୬୪ ରନରେ ହରାଇ ଚାମ୍ପିଅନ ହୋଇଛି । ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ୮ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା । ୧୬୪ ରନ୍ ବିଜୟ ଲକ୍ଷର ପିଛା କରି ଜୁଭେନାଇଲ କ୍ରିକେଟ କ୍ଲବ ମାତ୍ର ୯୯ ରନରେ ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା । ରାମେଶ୍ୱରର କୃଷ୍ଣଚନ୍ଦ୍ର ବାରିକ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ଜୁଭେନାଇଲର ରାମ ଚନ୍ଦ୍ର ବେହେରା ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି । ସୁବ୍ରତ ବରାଳ ଓ ସମରେଶ ମୁଦୁଲି ମ୍ୟାଚ୍ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଚାମ୍ପିଅନ ଟ୍ରଫି ସହିତ ୨୫ ହଜାର ଓ ରନର୍ସ ଅପ୍ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲାପରିଷଦ ସଭ୍ୟ ପିତବାସ ଗଛାୟତ ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ରାଜ୍ୟ ବିଜେଡ଼ି ସମ୍ପାଦକ ଦିପ୍ତିରଞ୍ଜନ କୁଅଁର, ସଭାପତି ଜ୍ୟୋତି ରଞ୍ଜନ କୁଅଁର ପ୍ରମୁଖ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାରିପଦା: (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚରେ ବିସିଏ ଦଳ ମୟୁରଭଞ୍ଜ (ଏ) କୁ ୧୪୫ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବିସିଏ ଦଳ ୪୦ ଓଭରରେ ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରୋହନ ସାହୁ ୧୨୬ ଓ ଗମ୍ଭୀର ମହାନ୍ତ ୩୧ ରନ କରିଥିଲେ । ଅନ୍ୟ ପକ୍ଷରେ ମୟୁରଭଞ୍ଜ (ଏ) ୧୮. ୧ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୧୩ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ଅଭିଷେକ ନାଏକ ୪୬ ରନ କରିଥିବାବେଳେ ବିପକ୍ଷ ଦଳର ଆୟୁଷ ଗିରି ୬ ଟି ୱିକେଟ ଅକ୍ତିଆର କରିଥିଲେ । ରୋହନ ସାହୁ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କ୍ରୀଡ଼ାବିତ ପରେଶ ଚନ୍ଦ୍ର ମହାନ୍ତ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଓ ଫୁଟବଲ ସହ ସମ୍ପାଦକ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

ଉଦ୍ୟାନ କୃଷି ବିଭାଗ ତରଫରୁ ୨୦୨୫-୨୬ ମସିହା ପାଇଁ ଉଦ୍ୟାନ ଭିତ୍ତିକ ଚାଷ ରେ ସହାୟତା

MIDH (ସମନ୍ୱିତ ଉଦ୍ୟାନ କୃଷି ଉନ୍ନୟନ ଯୋଜନା) ରେ ଆମ୍ବ, କଦଳୀ (ଟିସୁ କଲଚର), ଏବଂ ଅମୃତଭଣ୍ଡା ଅମଳ ପରବର୍ତ୍ତୀ ଯତ୍ନ ଏବଂ ସୁରକ୍ଷିତ ଚାଷ ପାଇଁ ସହାୟତା ପ୍ରଦାନ କରାଯାଉଅଛି ।

ଅଦା, ହଳଦୀ, ଲଙ୍କା, ଧନିଆ, ମେଥି, ପନିପରିବା ତଥା ପିଆଜ ଓ ଆଳୁ ଚାଷ ପାଇଁ ଉନ୍ନତ ବିହନ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି ।

PMKSY ଯୋଜନା ରେ ସିଞ୍ଚା ଜଳସେଚନ ଏବଂ ବୁନ୍ଦା ଜଳ ସେଚନପାଇଁ ବିଭିନ୍ନ ବର୍ଗର ଚାଷୀ ମାନଙ୍କ ପାଇଁ ସର୍ବାଧିକ ୬୦% ରୁ ୯୦% ରିହାତି ପ୍ରଦାନ କରାଯାଉଅଛି ।

OIIPCRA ଯୋଜନା ରେ ଚୟନ କରା ଯାଇଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (MI) ଅଞ୍ଚଳରେ ଶଙ୍କର ଜାତୀୟ ପନିପରିବା, ଛତୁ ଚାଷ, ଜିଆ ଖତ, ପ୍ୟାକିଙ୍ଗ ଗୃହ, ଶୀତଳିକରଣ ଗୃହ ଓ ସବଜିକୂଲର ଇତ୍ୟାଦି ନିମନ୍ତେ ୯୫% ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି ।

ଜାତୀୟ ଖାଦ୍ୟ ଉପଯୋଗୀ ତେଲ ମିଶନ (ତେଲ ତାଳ) ଯୋଜନା ରେ ତେଲ ତାଳ ଚାଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଅଛି ।

ସ୍ୱତନ୍ତ୍ର ଉଦ୍ୟାନ ଫସଲ ନିର୍ଦ୍ଦିଷ୍ଟ ଯୋଜନା ରେ କଦଳୀ, ଅମୃତଭଣ୍ଡା, ଆତ, ସପୁରୀ, ଷ୍ଟ୍ରବେରି ଏବଂ ବରକୋଳି ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି ।

ଯୋଗାଯୋଗ ଠିକଣା: ସହକାରୀ ଉଦ୍ୟାନ କୃଷି ଅଧିକାରୀ) ବ୍ଲକ ସ୍ତର,
ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବାରିପଦା/ଉଦଳା/କରଞ୍ଜିଆ/ରାଇରଙ୍ଗପୁର) ସବଡିଭିଜନ ସ୍ତର(
ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ବାରିପଦା, ମୟୂରଭଞ୍ଜ) ଜିଲା ସ୍ତର

# ବ୍ଲୁ କ୍ଲବ୍ସ ଲିଗ୍ ଫୁଟବଲ୍: ଗନ୍ଧଲପଦା ଓ ଯୋଡ଼ା ଚାମ୍ପିଅନ୍




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଦ୍ୱାରା ସମର୍ଥିତ ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ବ୍ଲୁ କ୍ଲବ୍ସ ଲିଗ୍‌ର ଦ୍ୱିତୀୟ ସିଜନ୍‌ର ଗ୍ରାଣ୍ଡ ଫାଇନାଲ, ଯୋଡ଼ାର କେନ୍ଦ୍ରୀୟ ପଡ଼ିଆଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ଚିତ୍ତାକର୍ଷକ ପ୍ରତିଯୋଗିତାରେ ଉତ୍କର୍ଷ ଖେଳ ପ୍ରଦର୍ଶନ କରି ୧୦ ବର୍ଷରୁ କମ୍, ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଗନ୍ଧଲପଦା ଟିମ ଚାମ୍ପିଅନ୍ ହୋଇଛି । ଯୋରିବଓର ଟିମ ପ୍ରଥମ ଦୁଇଟିରେ ଉପ ବିଜେତା ହୋଇଥିବା ବେଳେ, ୧୪ ବର୍ଷରୁ କମ୍ ବର୍ଗରେ କଳମଙ୍ଗ ଦ୍ୱିତୀୟ ସ୍ଥାନ ହାସଲ କରିଛି । ୧୪ବର୍ଷରୁ କମ୍ ବାଳିକା ବର୍ଗରେ ଯୋଡ଼ା ଚାମ୍ପିଅନ୍ ହୋଇଥିବା ବେଳେ, ଯୋରିବଓର ଉପ ବିଜେତା ହୋଇଛି । ଏହି ଲିଗ୍‌ରେ କଳମଙ୍ଗ, ଗନ୍ଧଲପଦା, ବେଣୁଆପାଣି, ଯୋରିବଓର, ବିଛାକୁଣ୍ଡି ବାଳକ, ବିଛାକୁଣ୍ଡିର ବାଳିକା, ଆଜାଦ ବସ୍ତି ଓ ଯୋଡ଼ା ଭଳି ୮ଟି ସ୍ଥାନର ୨୧୦ ଫୁଟବଲ ଖେଳାଳି ଅଂଶଗ୍ରହଣ କରିଥିଲେ । ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ଖେଳ ଅନୁଷ୍ଠିତ ହୋଇଥିଲା । ଯୋରିବଓରଠାରେ ଅନୁଷ୍ଠିତ ଏହି ଲିଗ୍ ୨୦୨୫ ଜାନୁଆରି ୧୮ରେ ଆରମ୍ଭ ହୋଇଥିଲା ଓ ଜାନୁଆରି ୧୯ରେ ମ୍ୟାଚ ପରେ ଜାନୁଆରି ୨୫ରେ ବିଛାକୁଣ୍ଡିରେ ମ୍ୟାଚ୍ ହୋଇଥିଲା । ଶେଷରେ ଯୋଡ଼ାରେ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହୋଇଥିଲା । ଏହି ଲିଗ୍ ଯୁବ ଫୁଟବଲ୍ ଖେଳାଳୀଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନର କରିବାର ଏକ ପ୍ରକୃଷ୍ଟ ସୁଯୋଗ ପ୍ରଦାନ କରିଥିଲା ଓ ସେମାନେ ମ୍ୟାଚ୍ ଖେଳିବାର ଅନୁଭବ ପାଇଥିଲେ ଯାହା କ୍ରୀଡ଼ା ମନୋଭାବକୁ ଦୃଢ଼ କରିଥିଲା । ଫାଇନାଲ୍ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ଯୋଡ଼ା ମୁଖ୍ୟ ରାଜେଶ କୁମାର ଅତିଥି ଭାବେ ଯୋଗ ଦେଇଥିବା ବେଳେ କାଉନ୍‌ସିଲର ସୌଦାମିନି ପାଣିଗ୍ରାହୀ, ରଶ୍ମିତା ପାଣିଗ୍ରାହୀ, ସୁମିତ୍ରା କାଉଆ, ଶୁଭମ ନାୟକ, ପୂଜା ସିଂହ ଆଲ୍‌ଦା ଓ ବରୁଣ ଅପାଟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଯୁବ ଖେଳାଳିମାନଙ୍କୁ ସମ୍ବୋଧିତ କରି କହିଥିଲେ, ଭବିଷ୍ୟତ ପାଇଁ ଫୁଟବଲ୍ ଖେଳାଳି ସମୃଦ୍ଧ କରିବାକୁ ହେଲେ ତୃଣମୂଳସ୍ତରରୁ ପ୍ରସ୍ତୁତି ହେବା ଜରୁରୀ । କ୍ରୀଡ଼ା ଜରିଆରେ ଯୁବ ବିକାଶକୁ ସୁଦୃଢ଼ କରିବାରେ ଟାଟା ଷ୍ଟିଲ ଫାଉଣ୍ଡେସନର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ । ତୃଣମୂଳସ୍ତରର କ୍ରୀଡ଼ା ପ୍ରତିଭାକୁ ସୁଦୃଢ଼ କରିବା ଓ ପ୍ରତିଭାବାନ ଫୁଟବଲ ତାରକାଙ୍କୁ ସମୃଦ୍ଧ କରିବା ପାଇଁ ଟାଟା ଷ୍ଟିଲ୍ ପ୍ରତିବଦ୍ଧ ରହିଛି, ଯାହା ଏଭଳି ଲିଗ୍ ଜରିଆରେ ସାମଗ୍ରିକ ଗୋଷ୍ଠୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଉଛି ।

## ଭାରତ ଓ ଇଂଲଣ୍ଡ ଦିନିକିଆ କ୍ରିକେଟ୍ ମ୍ୟାଚ

# ଟିକେଟ୍ ବିକ୍ରି ନେଇ ଓସିଏ ପକ୍ଷରୁ ସୂଚନା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା କ୍ରିକେଟ୍ ଆସୋସିଏସନର ପକ୍ଷରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବାକୁ ଦିନିକିଆ ମ୍ୟାଚର ଟିକେଟ ବିକ୍ରି ନେଇ ସୂଚନା ପ୍ରଦାନ କରାଯାଇଛି । ସୂଚନା ମୁତାବକ ରବିବାର ସକାଳ ୧୦ଟାରେ ଓସିଏ ସମ୍ମିଳନୀ ହଲରେ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା । ଏସ୍‌ବିଆଇ ଅନ୍ୟ ଅଧିକାରୀଙ୍କ ସହଭାଗୀତାରେ, ଟିକେଟ୍ ପ୍ରକ୍ରିୟା ତଦାରଖ ଏବଂ ବୈଧ କରାଯାଇଥିଲା । ସମ୍ବନ୍ଧିତ ୟୁନିଟଗୁଡ଼ିକ ପାଇଁ ଟିକେଟ୍ ବିକ୍ରି ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁ ରହିବ ।




OFFICE OF THE MUNICIPAL COUNCIL, MALKANGIRI
Odisha, Pin- 764045 Ph : 06861-230244 e-Mail :- malkangiri@ulborissa.gov.in

ନିବେଦନ

୦୧ । ସହରର ସମସ୍ତ ନାଗରିକ/ ବ୍ୟବସାୟୀ ନିଜନିଜର ଗୃହ /ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ସଂଗୃହିତ କରି ରଖିବେ ଏବଂ ତତ୍ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ ।
୦୨ । କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡିବେ ନାହିଁ ।
୦୩ । ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ ।
୦୪ । ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ ।
୦୫ । ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ ।
୦୬ । ସହରକୁ ସୁସ୍ଥ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରିଷଦକୁ ସହଯୋଗ ପ୍ରଦାନ କରନ୍ତୁ ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ।

ଉପାଧ୍ୟକ୍ଷ
ପୌର ପରିଷଦ,ମାଲକାନଗିରି

ଅଧ୍ୟକ୍ଷ
ପୌର ପରିଷଦ,ମାଲକାନଗିରି

କାର୍ଯ୍ୟ ନିର୍ବାହୀ ଅଧିକାରୀ
ପୌର ପରିଷଦ,ମାଲକାନଗିରି



ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନୁସନ୍ଧାନ ଅନୁଯାୟୀ ପିଲାଦିନରେ ନିଦ୍ରାର ଅଭାବ ହେତୁ ଅଧିକାଂଶ ପିଲାମାନଙ୍କର ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ବିଶେଷକରି ସାଇକୋସିସ୍ ହେବାର ଆଶଙ୍କା ଅଧିକ ରହିଥାଏ। ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ୧୨ହଜାର ପିଲାଙ୍କୁ ନେଇ ଏକ ରିସର୍ଚ କରାଯାଇଥିଲା। ଅନୁସନ୍ଧାନ ବେଳେ ସେମାନଙ୍କ ଶୋଇବା ଅବଧି ଉପରେ ନଜର ରଖାଯାଇଥିଲା। ଏହି ସବୁ ପିଲାଙ୍କ ଶୋଇବା ଅବଧି ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଏହାପରେ ୨୪ବର୍ଷ ପରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ କଣ ସବୁ ପ୍ରଭାବ ପଡିଛି ତାହାର ମୂଲ୍ୟାଙ୍କନ କରାଯାଇଥିଲା। ଏହି ଗବେଷଣାର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇଥିଲା। ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଯେ ଯେଉଁ ପିଲାମାନେ କ୍ରମାଗତ ଭାବରେ କମ୍ ଶୋଇଥାନ୍ତି। ସେମାନେ ବଡ ହେବା ପରେ ସାଇକୋସିସ୍ ହେବାର ଆଶଙ୍କା ଚାରି ଗୁଣା ବଢିଥାଏ। ପ୍ରତିଦିନ ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବାକୁ ଦିଅନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଜାଗ୍ରତ କରାନ୍ତୁ। ଶୋଇବା ପୂର୍ବରୁ ଟିଭି କିମ୍ବା ମୋବାଇଲ୍ ଦେଖାନ୍ତୁ ନାହିଁ। ଯଥାସମ୍ଭବ କମ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର କରନ୍ତୁ। ଶୋଇବା ପୂର୍ବରୁ ପିଲାଙ୍କ ଚାରିପାଖରେ ଏକ ଶାନ୍ତ ପରିବେଶ ସୃଷ୍ଟି କରନ୍ତୁ ଏବଂ ପ୍ରତିଦିନ ବ୍ୟାୟମ କରନ୍ତୁ। ଭଲ ନିଦ ପାଇଁ ଏସବୁ ଅତ୍ୟନ୍ତ ଜରୁରୀ।



# ନିର୍ଦ୍ଦେଶକଙ୍କ ପ୍ରେମରେ ସାମନ୍ଥା !



ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ବ୍ୟକ୍ତିଗତ ଜୀବନ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ସାମନ୍ଥା ପ୍ରଥମେ ଅଭିନେତା ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। କିନ୍ତୁ କିଛି ବର୍ଷ ପରେ ସେମାନେ ଅଲଗା ହୋଇଯାଇଥିଲେ। ଏବେ ନାଗା ଚୈତନ୍ୟ ଅଭିନେତ୍ରୀ ଶୋଭିତା ଧୂଳିପାଲାଙ୍କୁ ଦ୍ୱିତୀୟ ବିବାହ କରିସାରିଛନ୍ତି। ନାଗାଙ୍କ ବିବାହ ପରେ ସାମନ୍ଥାଙ୍କ ଜୀବନରେ କେହି ଅଛନ୍ତି କି ନାହିଁ ସେନେଇ ଚର୍ଚ୍ଚା ହେଉଥିବା ବେଳେ ଏବେ ନିର୍ଦ୍ଦେଶକଙ୍କ ସହ ତାଙ୍କ ନାମ ଯୋଡାଯାଉଛି। ଗତ ବର୍ଷ ସାମନ୍ଥା, ସିଟାଡେଲ: ହନି ବନିର ନିର୍ଦ୍ଦେଶକ ରାଜ ନିଡିମୋରୁଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିଲା। ଏବେ ଏହି ଚର୍ଚ୍ଚା ଉପରେ ମୋହର ମାରିଛି ରାଜ୍-ସାମନ୍ଥାଙ୍କ ଫଟୋ। ଫେବ୍ରୁଆରି ୧ ତାରିଖରେ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଓ୍ୱାର୍ଲ୍ଡ ପିକଲବଲ୍ ଲିଗ୍ ମ୍ୟାଚର ଅନେକ ଫଟୋ ସେୟାର କରିଥିଲେ। ଅଭିନେତ୍ରୀ ପିକଲବଲ୍ ଦଳ ଚେନ୍ନାଇ ସୁପର ଚାମ୍ପର ମାଲିକାଣୀ। ପ୍ରଥମ ଫଟୋରେ ସେ ରାଜଙ୍କ ସହିତ ଚାଲୁଥିବାର ଦେଖାଯାଇଛି। ଅନ୍ୟ ଏକ ଫଟୋରେ ସେ ତାଙ୍କ ଦଳ ପାଇଁ ଜୋରରେ ପାଟି କରି ସମର୍ଥନ କରୁଥିବା ସମୟରେ ରାଜ ତାଙ୍କୁ ଦେଖୁଥିବାର ଦେଖାଯାଇଛି। ଏହି ଫଟୋ ଭାଇରାଲ ହେବା ପରେ ଏବେ ଦୁହିଁଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦୁହେଁ ପରସ୍ପରକୁ ଡେଟ୍ କରୁଛନ୍ତି ବୋଲି ଲୋକେ କହିବା ଆରମ୍ଭ କରିଛନ୍ତି।



# ଆଲିଆଙ୍କୁ ସପୋର୍ଟ କଲେ ଜୟଦୀପ



ବଲିଉଡରେ ପ୍ରାୟତଃ ନେପୋଟିଜିମକୁ ନେଇ ଖୁବ୍ ଆଲୋଚନା ହୁଏ। ନିକଟରେ, ଅଭିନେତା ଜୟଦୀପ ଅହଲାୱତ ନେପୋଟିଜିମ୍ ଉପରେ ମତ ପ୍ରକାଶ କରିଥିଲେ। ଏକ ସାକ୍ଷାତକାରରେ, ଜୟଦୀପ ଆଲିଆ ଭଟ୍ଟଙ୍କ ବିଷୟରେ କହିଥିଲେ ଆଲିଆ ଜଣେ ଚମତ୍କାର ଅଭିନେତ୍ରୀ। ମହେଶ ଭଟ୍ଟଙ୍କ ପରିବାରରେ ଜନ୍ମ ନେବା ତାଙ୍କର ଦୋଷ ନୁହେଁ। ଜଣେ ଷ୍ଟାର କିଡ୍ ହିଁ ଫିଲ୍ମ ବୃତ୍ତି ବିଷୟରେ ଭଲ ବୁଝାମଣା ରଖିଥାନ୍ତି। ସେ ଏହା ମଧ୍ୟ କହିଥିଲେ ଯେ ଆଲିଆଙ୍କ ଦୋଷ ନୁହେଁ ଯେ ସେ ଏକ ଫିଲ୍ମି ପରିବାରରେ ଜନ୍ମ ହୋଇଥିଲେ। ଷ୍ଟାରକିଡ୍‌ମାନଙ୍କର ହୁଏତ ନିଜସ୍ୱ ସଂଘର୍ଷ ଅଛି। କିନ୍ତୁ ଆଲିଆ ଜଣେ ଚମତ୍କାର ଅଭିନେତ୍ରୀ। କଳ୍ପନା କରନ୍ତୁ କି ଯେତେବେଳେ ତାଙ୍କୁ ପ୍ରତିଦିନ ତାଙ୍କ ସୋସିଆଲ ମିଡିଆରେ 'ନେପୋ କିଡ୍, ନେପୋ କିଡ୍' ଭଳି କମେଣ୍ଟ ପଢିବାକୁ ପଡ଼େ। ସେ କେତେ ଅହସଜ ଅନୁଭବ କରୁଥିବେ ଯଦି ସେ ମହେଶ ଭଟ୍ଟଙ୍କ ଘରେ ଜନ୍ମ ହୋଇଛନ୍ତି, ତେବେ ଏହା କ'ଣ ତାଙ୍କର ଦୋଷ ? ଜୟଦୀପ ୨୦୧୮ରେ ଆଲିଆ ଭଟ୍ଟଙ୍କ ସହ ଫିଲ୍ମ ରାଜିରେ କାମ କରିଥିଲେ। ସେ ଏହି ଚଳଚ୍ଚିତ୍ରରେ ଏକ ଗୁପ୍ତଚର ତାଲିମ କେନ୍ଦ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ସମୟ ମଧ୍ୟରେ, ସେ ଅଭିନେତ୍ରୀଙ୍କ ସହିତ ଅନେକ ସିନ୍ କରିଥିଲେ ଏବଂ ତାଙ୍କ କାମ ମଧ୍ୟ ଦେଖିଥିଲେ। ଯାହା ତାଙ୍କୁ ବେଶ ପ୍ରଭାବିତ କରିଥିଲା। ଅଭିନେତା କହିଛନ୍ତି- ଆଲିଆ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସେଟକୁ ଆସନ୍ତି। ତୁମେ 'ରାଜି'ରେ ମଧ୍ୟ ସେହି ଜିନିଷ ଦେଖିପାରିବ। ଯେତେବେଳେ ଆମେ ଏକାଠି କାମ କରୁଥିଲୁ, ସେତେବେଳେ ସ୍ପଷ୍ଟ ଭାବରେ ଦେଖାଯାଉଥିଲା ଯେ ସେ ତାଙ୍କ ଚରିତ୍ର ପାଇଁ କେତେ କଠିନ ପରିଶ୍ରମ କରିଛନ୍ତି। ଆଲିଆ ତାଙ୍କ କାମ ପାଇଁ ଅନେକ ପୁରସ୍କାର ମଧ୍ୟ ପାଇଥିଲେ।

# ସିଲଭର୍ ସ୍କ୍ରିନ୍‌ରେ ପରବିନ୍ ହେବେ ତୃପ୍ତି



ସିଲଭର୍ ସ୍କ୍ରିନ୍‌ରେ ପରବିନ୍ ହେବେ ତୃପ୍ତି ବଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରିରେ ତୃପ୍ତି ଡିମ୍ରି ଜଣେ ଡିମାଣ୍ଡିଂ ଅଭିନେତ୍ରୀ । କିଛି ମାସ ପୂର୍ବେ କାର୍ତ୍ତିକ ଆର୍ଯ୍ୟନଙ୍କ ହରର କମେଡି ଚଳଚ୍ଚିତ୍ର 'ଭୁଲ ଭୁଲେୟାଁ ୩'ରେ ତୃପ୍ତିଙ୍କୁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଏକ ସୁପରହିଟ୍ ବୋଲି ପ୍ରମାଣିତ ହୋଇଥିଲା। 'ଭୁଲ ଭୁଲେୟାଁ' 'ର ସଫଳତା ପରେ ତୃପ୍ତିଙ୍କୁ ଗୋଟିଏ ପରେ ଗୋଟିଏ ଅନେକ ପ୍ରୋଜେକ୍ଟର ଅଫର ମିଳିବାରେ ଲାଗିଛି । ଖବର ଅନୁଯାୟୀ, ତୃପ୍ତି ଡିମ୍ରିଙ୍କୁ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଅନ୍ୟତମ ସୁନ୍ଦର ଅଭିନେତ୍ରୀ ପରବିନ୍ ବବିଙ୍କ ବାୟୋପିକ୍ ଅଫର କରାଯାଇଛି। ଫିଲ୍ମଫେୟାର ରିପୋର୍ଟ ଅନୁଯାୟୀ, ତୃପ୍ତି ଡିମ୍ରିଙ୍କୁ ସ୍ୱର୍ଗତ ଅଭିନେତ୍ରୀ ପରବିନ୍ ବବିଙ୍କ ବାୟୋପିକ୍ ସିରିଜ୍ ଅଫର କରାଯାଇଛି। ଏହି ଧାରାବାହିକରେ ତୃପ୍ତି ପରବିନ୍ ବବିଙ୍କ ଭୂମିକାରେ ନଜର ଆସିବେ। ରିପୋର୍ଟ ଅନୁଯାୟୀ, ନେଟଫ୍ଲିକ୍ସ ଖୁବ ଶୀଘ୍ର ଏହି ଚଳଚ୍ଚିତ୍ରର ପ୍ରଡକ୍ସନ୍ ଉପରେ କାମ ଆରମ୍ଭ କରିବାକୁ ଯାଉଛି। ଏହାର ନିର୍ଦ୍ଦେଶନା ଦେବେ 'ଦି ସ୍କାଏ ଇଜ୍ ପିଙ୍କ' ଫେମ୍ ସୋନାଲି ବୋଷ। ନିର୍ମାତାମାନେ ମଧ୍ୟ ତୃପ୍ତିଙ୍କ ଡେଟ୍ ଲକ୍ କରିଛନ୍ତି। ସୋନାଲି ବୋଷ ଏବଂ ତାଙ୍କ ଟିମ୍ ଯଥାଶୀଘ୍ର ଏହି ପ୍ରୋଜେକ୍ଟରେ କାମ ଆରମ୍ଭ କରିବାକୁ ଆଗ୍ରହୀ ଅଟନ୍ତି । ଓ୍ୱାର୍କ ଫ୍ରଣ୍ଟ ବିଷୟରେ କହିବାକୁ ଗଲେ ତୃପ୍ତି ଡିମ୍ରିଙ୍କ ରୋମାଣ୍ଟିକ ଡ୍ରାମା 'ଧଡକ ୨' ଚଳିତ ବର୍ଷ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ଚତୁର୍ବେଦୀ ନଜର ଆସିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଶାଜିଆ ଇକବାଲ। ଏହି ଚଳଚ୍ଚିତ୍ର ବ୍ୟତୀତ ତୃପ୍ତିରେ ସାହିଦ କପୁରଙ୍କ ଏକ ସିନେମା ମଧ୍ୟ ଅଛି। ଯାହାର ନିର୍ଦ୍ଦେଶନା ଦେବେ ବିଶାଲ ଭରଦ୍ୱାଜ।

## ରୁଟି ସହ ଖାଆନ୍ତୁ ରାଜସ୍ଥାନର 'ରସୁଣ ଚଟଣୀ'

ରାଜସ୍ଥାନର ଲୋକମାନେ ରସୁଣ ଏବଂ ଲଙ୍କା ଚଟଣୀ ବହୁତ ସୌଉକରେ ଖାଆନ୍ତି । ସେଠାରେ ବାଜରା ଏବଂ ରୁଟି ସହ ରସୁଣ ଲାଲ ଲଙ୍କା ଚଟଣୀ ଖାଆନ୍ତି । ତେବେ ଆସନ୍ତୁ ଆଜି ଶିଖିବା ରାଜସ୍ଥାନୀ ଶୈଳୀରେ ଲଙ୍କା ରସୁଣର ଲାଲ୍ ଚଟଣୀ କିପରି ସହଜରେ ପ୍ରସ୍ତୁତ କରାଯାଏ।

**ସାମଗ୍ରୀ:** ୨୦-୨୫ ରସୁଣ ପାଖୁଡା, ୨ଚାମଚ ଲାଲ୍ ଲଙ୍କା ଗୁଣ୍ଡ, ୨ଚାମଚ ଧନିଆ ପାଉଡର, ତେଲ, ଟିକେ ହଳଦୀ, ପାଣି -ଏକ କପ୍, ଅଧା ଚାମଚ ଜିରା, ଅଧା ଚାମଚ ସୋରିଷ, ଗୋଟିଏ ଚାମଚ ଲେମ୍ବୁ ରସ, ସ୍ୱାଦ ଅନୁଯାୟୀ ଲୁଣ, କସ୍ତୁରୀ ମେଥି, ଧନିଆ ପତ୍ର ।

**ପ୍ରଣାଳୀ:** ସର୍ବପ୍ରଥମେ, ୨୦-୨୫ ରସୁଣ ପାଖୁଡାକୁ ଭଲଭାବେ ଛେଚି ଦିଅନ୍ତୁ । ବର୍ତ୍ତମାନ ଏକ ପାତ୍ର ନେଇ ସେଥିରେ ସେହି ରସୁଣ ଛେଚା ପକାନ୍ତୁ। ବର୍ତ୍ତମାନ ସ୍ୱାଦ ଅନୁସାରେ ଲୁଣ, ୨ ଚାମଚ ଲାଲ୍ ଲଙ୍କା ଗୁଣ୍ଡ, ୨ ଚାମଚ ଧନିଆ ପାଉଡର, ଏକ ଚାମଚ ହଳଦୀ ମିଶାନ୍ତୁ । ସେଗୁଡିକୁ ଭଲ ଭାବରେ ମିଶାନ୍ତୁ ଏବଂ ତା'ପରେ ସେଥିରେ ଏକ କପ୍ ପାଣି ମିଶାନ୍ତୁ ।



ବର୍ତ୍ତମାନ ଗ୍ୟାସ୍ ଅନ୍ କରନ୍ତୁ, ଏଥିରେ ଏକ ପ୍ୟାନ ରଖନ୍ତୁ ଏବଂ ସେଥିରେ ୨ଚାମଚ ତେଲ ଢାଳନ୍ତୁ । ଯେତେବେଳେ ତେଲ ଗରମ ହୋଇଯିବ ସେଥିରେ ଅଧା ଚାମଚ ଜିରା, ଅଧା ଚାମଚ ସୋରିଷ ପକାନ୍ତୁ ଏବଂ ତା'ପରେ ସେଥିରେ ରସୁଣ ପେଷ୍ଟ ମିଶାଇ ଏକ କପ୍ ପାଣି ମିଶାଇ ମଧ୍ୟମ ନିଆଁରେ ଫୁଟାନ୍ତୁ । ଯେତେବେଳେ ଏହା ହାଲୁକା ଭାବେ ଫୁଟିବା ଆରମ୍ଭ କରିବ, ଗ୍ୟାସ୍ ବନ୍ଦ କରି ଥଣ୍ଡା ହେବାକୁ ଅପେକ୍ଷା କରନ୍ତୁ । ଶେଷରେ, ଲେମ୍ବୁ ରସ, କସ୍ତୁରୀ ମେଥି ଏବଂ ଧନିଆ ପତ୍ର କଟା ମିଶାନ୍ତୁ । ରସୁଣ ଚଟଣୀକୁ ମିଲେଟ ରୁଟି , ରୁଟି, ପରଠା ସହ ଖାଇ ପାରିବେ ।

## ଜଣେ ଛାତ୍ରୀରେ ଚାଲିଛି ବିଦ୍ୟାଳୟ



ତେଲେଙ୍ଗାନାରେ ଏକ ଛୋଟ ଗାଁ ହେଉଛି ତେନାରାପନେନିପଲେ। ଏଠାରେ ଏକ ସରକାରୀ ବିଦ୍ୟାଳୟ ଅଛି। ତେବେ ଅନ୍ୟ ସ୍କୁଲ ଠାରୁ ଏହା ଏଥିପାଇଁ ଭିନ୍ନ ଯେ, ଏହା ଜଣେ ଛାତ୍ରୀଙ୍କୁ ନେଇ ପରିଚାଳିତ। ୯ ବର୍ଷୀୟା କିରଥାନା ହେଉଛନ୍ତି ଉକ୍ତ ସ୍କୁଲର ଏକମାତ୍ର ବିଦ୍ୟାର୍ଥୀ। ତାଙ୍କୁ ପଢ଼ାଇବା ପାଇଁ ଉମା ନାୟକ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି। ସେ କିରଥାନାଙ୍କୁ ପଢ଼ାଇବା ପାଇଁ ନିତିଦିନ ସ୍କୁଲ ଆସିଥାନ୍ତି। କିରଥାନା ଚତୁର୍ଥ ଶ୍ରେଣୀର ଛାତ୍ରୀ। ସେ କହନ୍ତି, ଥରେ ଯଦି ସ୍କୁଲ ବନ୍ଦ ହୋଇଯାଉଛି, ତେବେ ଏହାକୁ ପୁଣି ଥରେ ଖୋଲିବା କଷ୍ଟକର ହୋଇପଡିବ। ତେବେ କିରଥାନାଙ୍କ ବାପା ତାଙ୍କୁ ଏହି ସ୍କୁଲରେ ପଢ଼ାଇବା ନିଷ୍ପତ୍ତି ନେଇଛନ୍ତି। କେହି ପିଲା ନଥିଲେ ବି କିରଥାନା ଉକ୍ତ ସ୍କୁଲରେ ସପ୍ତମ ଶ୍ରେଣୀ ଯାଏ ପଢ଼ିବେ ବୋଲି ତାଙ୍କ ବାପା ସ୍ଥିର କରିଛନ୍ତି। ସେହିପରି ସ୍କୁଲରେ ଜଣେ ଛାତ୍ରୀ ମଧ୍ୟ ଶିକ୍ଷାଦାନ ପ୍ରକ୍ରିୟା ସମାନ ଥିବା ଶିକ୍ଷୟିତ୍ରୀ ଉମା କହିଛନ୍ତି। ଅବଶ୍ୟ କମ୍ ପିଲା ଥିବାରୁ ଚାପ କମ୍ ରହୁଥିବା ସେ ସ୍ୱୀକାର କରିଛନ୍ତି। ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସେବା ସମବାୟ ସମିତି ତତ୍ତ୍ୱାବଧାନରେ ସୋମବାର ଡମୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସମିତିର ସମ୍ପାଦକ ବ୍ରହ୍ମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ଇଂ ସୁନୀଲ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଡ଼ିଆ ବାଡେଇ ଧାନ ମଣ୍ଡି କେନ୍ଦ୍ରକୁ ଶୁଭ ଉଦଘାଟନ କରିଥିଲେ। କ୍ୱାଲିଟ କଣ୍ଟ୍ରୋଲର ଶର୍ମିଷ୍ଠା ଦେବଯାନୀ ସେନାପତି, ଦୀପକ ନାୟକ, ବିଭୂତି ଭୂଷଣ ସାହୁ, ଧାନ ମଣ୍ଡିର ଜିଲ୍ଲା ସଦସ୍ୟ ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡମୋଳ ପଞ୍ଚାୟତକୁ ଚଳିତ ବର୍ଷ ନୂଆ ଭାବେ ମଣ୍ଡି ଖୋଲା ଯାଇଥିବାରୁ ଏହି ପଞ୍ଚାୟତ ଅଧୀନରେ ଥିବା ଡମୋଳ ଓ ଗଡଡକାଟେଣୀ ଗ୍ରାମର ଚାଷୀମାନେ ଅନ୍ତର୍ଭୁକ୍ତ ଅଟନ୍ତି। ୨୧ ଜଣ ଚାଷୀ ମଣ୍ଡିକୁ ଧାନ ଆଣି ସରକାର ଯେଉଁ ନିର୍ଦ୍ଧାରିତ ମୂଲ୍ୟ ଲାଗୁ କରିଛନ୍ତି ସେହି ମୂଲ୍ୟରେ ଧାନ ବିକ୍ରୟ କରିଥିଲେ। କାମାକ୍ଷାନଗର ବଜାର ନିୟନ୍ତ୍ରିତ କମିଟି ସୌଜନ୍ୟତାରେ ପରଜଙ୍ଗ ଭୂତିଆ ରାଇସ ମିଲ ସହାୟତାରେ ୮ଶହ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରାଯାଇଥିଲା। ଭୂତିଆ ରାଇସ ମିଲର ମ୍ୟାନେଜର ରଶ୍ମି ରଞ୍ଜନ ଗୌଡ ଓ ମାନସ ଚନ୍ଦ୍ର ପଣ୍ଡା ରହି ସମସ୍ତ ଧାନକୁ ସଠିକ୍ ଭାବେ ସଂଗ୍ରହ କରିଥିଲେ ।

# ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ




କେନ୍ଦୁଝର, (ଭାସ୍କର ନ୍ୟୁଜ): ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଏକ ଜିଲ୍ଲାସ୍ତରୀୟ ମେଗା ଶିବିର ତଥା ସହାୟତା ବଣ୍ଟନ କାର୍ଯ୍ୟକ୍ରମ କେନ୍ଦୁଝରର ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଉଦଘାଟନ କରିଥିଲେ। ଏହି ଅବସରରେ ସେ ନିର୍ମାଣ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ତେଲକୋଇ, ଡକ୍ଟର ଫକୀର ମୋହନ ନାଏକ, ମାନ୍ୟବର ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ମାନ୍ୟବର ସାଂସଦ କେନ୍ଦୁଝରଙ୍କ ପ୍ରତିନିଧି ହରିହର ମହାନ୍ତ, ମାନ୍ୟବର ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ୫୬୭ ଜଣ ଯୋଗ୍ୟ ହିତାଧିକାରୀ ଏବଂ ସେମାନଙ୍କ ନୋମିନିମାନଙ୍କୁ ମୋଟ (ଟ.୩,୦୫,୧୦,୨୦୦)ତିନି କୋଟି ପାଞ୍ଚ ଲକ୍ଷ ଦଶ ହଜାର ଦୁଇଶହ ଟଙ୍କାର ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା, ଯେଉଁଥିରେ ୧୯୮ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ଟ.୧୭,୨୫,୨୦୦, ସେହିପରି ୯୫ ଜଣଙ୍କୁ ମୃତ୍ୟୁ ସହାୟତା ବାବଦରେ ଟ.୧,୯୦,୦୦,୦୦୦, ଶବଦାହ ବାବଦରେ୭୯ଜଣଙ୍କୁ ଟ.୩,୯୫,୦୦୦ସହାୟତା, ବିବାହ ସହାୟତା ବାବଦରେ ୧୮୫ ଜଣଙ୍କୁ ଟ.୯୩,୦୦,୦୦୦ ଏବଂ ମାତୃତ୍ୱ ସହାୟତା ବାବଦରେ ୯ ଜଣଙ୍କୁ ଟ.୯୦,୦୦୦ ପ୍ରଦାନ କରାଯାଇଥିଲା। ୨୦୦ ଜଣ ଯୋଗ୍ୟ କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ସଚେତନତା ସୃଷ୍ଟି ପାଇଁ, ଶ୍ରମ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଏବଂ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪୦୦ ରୁ ଅଧିକ ଶ୍ରମିକ ଯୋଗ ଦେଇଥିଲେ।

# ଘଣ୍ଟେଶ୍ୱର ଅରୁଣ ଭାରତୀରେ ମାତୃ ସମ୍ମିଳନୀ



ତିହିଡି, (ଭାସ୍କର ନ୍ୟୁଜ୍): ପବିତ୍ର ବସନ୍ତ ପଞ୍ଚମୀ ଉପଲକ୍ଷେ ଅରୁଣ ଭାରତୀ ବିଦ୍ୟାବାଣୀ ଭବନ ପରିସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ସଂଯୁକ୍ତା ଭାରତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ମୁଖ୍ୟବକ୍ତା ଭାବେ ସାରା ଆକାଶ କ୍ଲବର ସଭାପତି ପ୍ରବଚକ ସୁଧାକର ଧନୀ, ସମ୍ମାନିତ ଅତିଥି ଭାବେ କ୍ରୀଡା ଅଧ୍ୟାପକ ରାଜକିଶୋର ଦାଶ ରୂପେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ଦାଶଙ୍କ ନିର୍ଦ୍ଦେଶନାରେ ପିଲାମାନେ ମାଙ୍କ ଉପରେ ନୃତ୍ୟ, ଗୀତ ଓ ନାଟକ ପରିବେଷଣ କରି ଉପସ୍ଥିତ ଥିବା ମା'ମାନଙ୍କୁ ଭାବପ୍ରବଣ କରିଦେଇଥିଲେ। ମା'ମାନଙ୍କ ଭିତରେ ଶଙ୍ଖ, ହୁଳହୁଳି, ସାଧାରଣଜ୍ଞାନ ଓ ଭାଗବତ ପଠନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୀଣାପାଣି ମିଶ୍ର, ପ୍ରମିଳା ସାହୁ, କନକ ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ପ୍ରକାଶ ସାମଲ, ସୁଭଦ୍ରା ବିଶ୍ୱାଳ, ରତିକାନ୍ତ ଭାରତୀ, ବିଭୀଷଣ ସାହୁ, ଖଗେଶ୍ୱର ମହାନ୍ତି, ସନ୍ଧ୍ୟାରାଣୀ, ପ୍ରଦ୍ୟୁମ୍ନ ଭଞ୍ଜ, ଶଙ୍କର୍ଷଣ ବେହେରା, ଶଶିକାନ୍ତ ମହାଳିକ, ପୁପୁଲୁ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଆଦ୍ୟ ଉଦ୍ୟୋକ୍ତା ଘଣ୍ଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାୟଗଡ଼ ଜିଲ୍ଲା ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ରାୟଗଡ଼, (ଭାସ୍କର ନ୍ୟୁଜ): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ପାରୁଲ ପାଟାଓ୍ୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ, ଚନ୍ଦ୍ରକାନ୍ତ ମାଝୀ, ଗ୍ରାମୀୟ ଜଳାଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ଇଂ ଗୋପାଳ ନାୟକ, ବିଡିଓ ରାୟଗଡ, ସୁଜିତ କୁମାରୀ ମିଶ୍ର, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୭୬ଟି ଅଭିଯୋଗ ଆସିଥିଲା ସେଥିମଧ୍ୟରୁ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୧ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ୧୦ଜଣଙ୍କୁ ଚିକିତ୍ସା ସେବା ପାଇଁ ୮୨ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ ନାୟକ, ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ, ରାମ ନାହାକ, ତହସିଲଦାର ରାୟଗଡ, ପ୍ରୟଦର୍ଶନୀ ସ୍ୱାଇଁ, ଜିଲ୍ଲା ମଙ୍ଗଳ ଅଧିକାରୀ, ମଳୟ ଚିନାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ , ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ, ଗୋପାଳ ନାୟକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ମିନତୀ ଦେଓ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଚିନ୍ମୟ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାୟଗଡ ପୁଷ୍ପାଞ୍ଜଳି ଦୀକ୍ଷିତ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲ୍ଲାକ୍ରୀଡା ଅଧିକାରୀ, ଶେଖ ଅଲେନୁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁଶ୍ରୀ ବିଚିତ୍ରା ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ,ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦେବରାଜ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ପୌର ନିର୍ବାହୀ ଅଧିକାରୀ, ରାୟଗଡ କୁଲଦୀପ କୁମାର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗଗୁଡ଼ିକର ଶୁଣାଣୀ କରିଥିଲେ।

# ଭଡ଼ାଘରୁ ସ୍କୁଲ୍ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଭଞ୍ଜନଗର, (ଭାସ୍କର ନ୍ୟୁଜ): ଘର ଭିତରୁ ସ୍କୁଲ୍ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଧାର। ଭଞ୍ଜନଗର ସହରର, ମାଲସାହି ନିକଟର ନଜରକୁ ଆସିଛି ଏଭଳି ଘଟଣା। ଛାତ୍ରୀ ଜଣକର ବେକରେ ଚୁନି ବନ୍ଧାଯାଇ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ମୃତଦେହକୁ ଉଧାର କରାଯାଇଛି। ଘଟଣା ସ୍ଥଳରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ ଏବଂ ଥାନାଧିକାରୀ କୁମର ମୁଦୁଲି ପହଞ୍ଚି ମୃତଦେହକୁ ଜବତ କରି, ବ୍ୟବଛେଦ ପାଇଁ ପଠାଇଥିଲେ। ଏନେଇ ଭଞ୍ଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ଏସଡିପିଓ ନାୟକ ସୂଚନା ଦେଇଛନ୍ତି। ଯଦିଓ ଏହା ଏକ ଆତ୍ମହତ୍ୟା ହୋଇଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି, ତଥାପି ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସହପାଠୀଙ୍କ ସହ ମିଶି, ମାଲସାହିର ଏକ ଭଡ଼ାଘରର ଉପର ମହଲାରେ ରହୁଥିଲେ ଏବଂ ନିକଟସ୍ଥ ସ୍କୁଲ୍‌ରେ ପଢୁଥିଲେ। ମୃତ ଛାତ୍ରୀଜଣକ ସୋରଡ଼ା ଥାନା ଅନ୍ତର୍ଗତ କେଶରା ଗାଁ'ର ଲଡୁ କିଶୋର ସେଠୀଙ୍କ ଝିଅ ଜ୍ୟୋତିରାଣୀ ସେଠୀ (୨୧)। ସୋମବାର ଦିନ ସ୍କୁଲ ଯିବା ସମୟରେ ଅନ୍ୟ ତିନିଜଣ ସହପାଠୀ ସ୍କୁଲକୁ ଯାଇଥିଲେ। ସେ ପରେ ଯିବି ବୋଲି ସାଙ୍ଗମାନଙ୍କୁ କହି ଘରେ ଥିଲେ। କିଛି ସମୟ ପରେ, ତାଙ୍କର ମୃତଦେହ ଝୁଲି ରହିଥିବା, ଜଣାପଡ଼ିଥିଲା।

# ଜଙ୍ଗଲ ଜମି ସୁରକ୍ଷା ଦାବିରେ ଗ୍ରାମବାସୀଙ୍କ ଧାରଣା



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଜଙ୍ଗଲ ଜମିକୁ ଶାରଦ ଦୁଇ ଦର୍ଶାଇ ଜବରଦଖଲ କରିବା ଏବଂ ଗ୍ରାମବାସୀଙ୍କୁ ଧମକ ଦେବା ଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଆମ୍ବିଳିଝରୀ ଗ୍ରାମ ନୂଆ ସାହିରେ। ସୂଚନାଥାଉକି, ଆମ୍ବିଳିଝରୀ ଗ୍ରାମର ନୂଆସାହିରେ ଥିବା ଜଙ୍ଗଲ ଜମିକୁ ହଡ଼ପ କରିବା ପାଇଁ କିଛି ଜମି ଦଲାଲ ସରକାରୀ ଅଧିକାରୀଙ୍କ ସହ ହାତବାରିସି କରି ପୋଲିସର ଧମକ ଦେଇ ଏହି ଜଙ୍ଗଲ ଜମିକୁ ଶାରଦ ଦୁଇ ଦର୍ଶାଇବା ସହ ସିମେଣ୍ଟ ଖୁଣ୍ଟ ପକାଇଛନ୍ତି। ଏହାକୁ ବିରୋଧ କରି ଗ୍ରାମରେ ବସବାସ କରୁଥିବା ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ପରିବାର ମେଳି ବାନ୍ଧି ଏହାର ତୀବ୍ର ବିରୋଧ କରିବା ସହ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବର୍ଷବର୍ଷ ଧରି ଏହି ଜଙ୍ଗଲ ଉପରେ ସେମାନେ ନିର୍ଭର କରିଆସୁଥିବା ବେଳେ ଜଙ୍ଗଲ ସେମାନଙ୍କ ପାଇଁ ସବୁକିଛି। ଏପରିକି ଆଞ୍ଚଳିକ ଆଦିବାସୀ ଜଙ୍ଗଲ ସୁରକ୍ଷା ସମିତି ଗଠନ କରାଯାଇ ସେମାନେ ଜଙ୍ଗଲ ଜମିକୁ କ୍ଷୟ କରା ନଯାଉ ଏବଂ ଜଙ୍ଗଲ ଆମର ସମ୍ପତ୍ତି ତା'ର ସୁରକ୍ଷା ଆମର ଦାୟିତ୍ୱ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ କିଛି ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀଙ୍କର ଏହି ଜମି ଉପରେ ଲୋଲୁପ ଦୃଷ୍ଟି ପଡ଼ିଥିବା ବେଳେ ଏବେ ଏହି ଜଙ୍ଗଲ ଜମିର କିସମକୁ ଶାରଦ ଦୁଇରେ କାହିଁକି ପରିବର୍ତ୍ତନ କରାଗଲା ତାହାକୁ ନେଇ ପ୍ରଶ୍ନ କରିଛନ୍ତି ଶତାଧିକ ଗ୍ରାମବାସୀ। ଏପରିକି ଯଦି ଜଙ୍ଗଲ ଜମିର ସୁରକ୍ଷା ଦେବା ପାଇଁ ସେମାନଙ୍କ ଜୀବନ ଦେବାକୁ ବି ପଡ଼ିବ ସେମାନେ ପଛଘୁଞ୍ଚା ଦେବେ ନାହିଁ ବୋଲି ତୀବ୍ର ସ୍ୱରରେ ପ୍ରକାଶ କରିଛନ୍ତି। ଏହି ଧାରଣାରେ ଗ୍ରାମର ଛୋଟଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ମହିଳା, ପୁରୁଷ ଏବଂ ବୟସ୍କ ବୃଦ୍ଧବୃଦ୍ଧା ସାମିଲ ହୋଇଥିବାର ଦେଖିବାକୁ ମିଳିଛି। ତୁରନ୍ତ ସେମାନଙ୍କୁ ନ୍ୟାୟ ପ୍ରଦାନ କରା ନଗଲେ ଆନ୍ଦୋଳନ ତୀବ୍ରରୁ ତୀବ୍ରତର ହେବ ବୋଲି ଗ୍ରାମବାସୀ ଏକସ୍ୱରରେ କହିଛନ୍ତି।

# ମିଳିତ ଜନଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସଦର ମହକୁମାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରପରିଷଦ ଟାଉନ୍ ହଲ୍‌ରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୩ ଟି ସାମୂହିକ ଏବଂ ୧୫୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏକଲକ୍ଷ ୧୦ହଜାର ଟଙ୍କା ୧୪ ଜଣ ଆବେଦନ କାରୀଙ୍କୁ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ଼କ୍ରସ୍ ପାଣ୍ଠିରୁ ୫ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ ୨୮ହଜାର ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜାଗା ପ୍ରଦାନ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ନୂତନ ରାସନକାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ନିୟମରେ ସଂଶୋଧନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ଫ୍ଲାଇ ଓଭର ନିର୍ମାଣ, ବିଦ୍ୟୁତ ଯୋଗାଣ, ବିଦ୍ୟୁତ ସଂଯୋଗୀକରଣରେ ହୋଇଥିବା ତା'ର ପରିବର୍ତ୍ତନ, ମନ୍ଦିରକୁ ସହାୟତା ରାଶି ପ୍ରଦାନ, ଶୀତଳ ଭଣ୍ଡାର ନିର୍ମାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଓ ଧାନ ସଂଗ୍ରହ ବୃଦ୍ଧି ନିମନ୍ତେ ଆଦି ଅଭିଯୋଗ ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ମାଧବାନନ୍ଦ ମନ୍ଦିରର ପ୍ରତିଷ୍ଠା ଉତ୍ସବ



କାକଟପୁର, (ଭାସ୍କର ନ୍ୟୁଜ): ପୁଣ୍ୟତୋୟା ପ୍ରାଚୀ ନଦୀର ଅବବାହିକାରେ ଥିବା ପ୍ରଭୁ ମାଧବାନନ୍ଦଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବା ସହ ପୀଠରେ ଅନୁଷ୍ଠିତ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପର୍ଣ୍ଣ ହୋଇଯାଇଛି। ଏହି ମନ୍ଦିରରେ ପଦ୍ମାସନରେ ଚତୁର୍ଭୁଜ ହୋଇ ଛିଡ଼ା ହୋଇଥିବା ବିଷ୍ଣୁମୂର୍ତ୍ତିକୁ ପ୍ରଭୁ ମାଧବାନନ୍ଦ କୁହାଯାଇଥାଏ। କଳା ମୁଗୁନି ପଥରରେ ନିର୍ମିତ ଏହି ମୂର୍ତ୍ତି ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଏଠାରେ ପୂଜା ପାଉଥିବା ମାଧବାନନ୍ଦ ମୂର୍ତ୍ତିଙ୍କ ପରି ପ୍ରସ୍ତର ମୂର୍ତ୍ତି ଅନ୍ୟ କୌଣସି ସ୍ଥାନରେ ଦେଖାଯାଏ ନାହିଁ ବୋଲି କଥିତ ଅଛି। ନୀଳକଣ୍ଠପୁର ଗ୍ରାମର ଗ୍ରାମବାସୀଙ୍କ ଉଦ୍ୟମରେ ପ୍ରଭୁ ମାଧବାନନ୍ଦଙ୍କ ପୁରୁଣା ମନ୍ଦିର ଭଙ୍ଗା ଯାଇ ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହୋଇଛି ଏକ ନୂତନ ମନ୍ଦିର। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାରିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରାରୋପଣ, କଳସଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଯଜ୍ଞ, ଧାନାଧିବାସ, ସୂର୍ଯ୍ୟପୂଜା, ମାଧବାନନ୍ଦଙ୍କ ଷୋଡ଼ଶ ଉପଚାର ପୂଜା, ଗୀତା ପାଠ, ଚଣ୍ଡୀପାଠ, ରୁଦ୍ରାଭିଷେକ, ଦେବା ଦେବୀମାନଙ୍କର ମହାସ୍ନାନ ପରେ ଧେନୁ ପୂଜା, ଦେବତା ମାନଙ୍କ ପ୍ରାଣ ପ୍ରତିଷ୍ଠା ଧ୍ୱଜ ଚକ୍ର ସ୍ଥାପନ ପରେ ଅସଂଖ୍ୟ ହରିବୋଲ ହୁଳହୁଳି ଧ୍ୱନିରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମ ଗୁଡିକ ସହିତ ପୁରୀ ଜିଲ୍ଲାର ବିଭିନ୍ନସ୍ଥାନରୁ ଭକ୍ତ ଓ ଜନସାଧାରଣଙ୍କ ସାମାବେଶ ହୋଇଥିଲା। ନୀଳକଣ୍ଠପୁର, ପଡିସାହି, ତୁଳାମାଳ, ବଣିଆ ମାଳ, ବଲରା, ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଯଜ୍ଞର ପୂର୍ଣ୍ଣାହୁତି ଦିନ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା ବେଳେ ଭକ୍ତମାନେ ଆନନ୍ଦର ସହିତ ଏହି ପ୍ରସାଦ ସେବନ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ଦିନ ମାନସିକ ଧାରୀ ମାନେ ପ୍ରଭୁ ମାଧବାନନ୍ଦଙ୍କ ପୀଠରେ ଏହି ପ୍ରସାଦକୁ ଆନନ୍ଦରେ ସେବନ କରିଥିଲେ। ସୁନ୍ଦର ବ୍ୟବସ୍ଥା ସହିତ ପାର୍କିଙ୍ଗ ଏବଂ ଗାଁ ମାନଙ୍କ ପକ୍ଷରୁ ବିଭିନ୍ନ ଉଦ୍ୟୋଗୀ ପିଲାମାନେ ନିଜ ଗାଁ' ତରଫରୁ ସାହାଯ୍ୟ ପ୍ରଦାନ କରିଥିବାରୁ ଆୟୋଜକ ମଣ୍ଡଳୀ ସାଧୁବାଦ ଜଣାଇଛନ୍ତି, ଏହି ଠାକୁରଙ୍କ ପାଖରେ ଅଧିଆ ପଡିଲେ ବହୁ ପୁରୁଣା ଶ୍ୱାସ ରୋଗ ଭଲ ହୋଇଥିବା କଥା କୁହନ୍ତି ଭକ୍ତ ମାନେ, ଏହି ଧାର୍ମିକ କାର୍ଯ୍ୟରେ ପ୍ରବଳ ଜନସାମାବେଶ ସତ୍ତ୍ୱେ ସମସ୍ତେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବାରୁ ବିଶେଷ କରି ନୀଳକଣ୍ଠପୁର ଗ୍ରାମର ଗ୍ରାମବାସୀଙ୍କ ତରଫରୁ ପ୍ରଭାକର ଖୁଣ୍ଟିଆ, ଦୀପକ ଶତପଥି, ପ୍ରକାଶ ମହାରଣା, ଅମିତ ଖୁଣ୍ଟିଆ, ସୁକାନ୍ତ ଖୁଣ୍ଟିଆ ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ବନ୍ଧୁଗାଁ, (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକର କୁମ୍ଭାରିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲୁଦ୍ର ଜାକାକାଙ୍କ ଅଧ୍ୟକ୍ଷତା ଓ ପିଓ ଅର୍ଜୁନ ଖେମୁଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭିଯୋଗ ଶୁଣାଣିରେ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ ସଭାପତିତ୍ୱ କରିଥିଲେ। ଏଥିସହ ବନ୍ଧୁଗାଁ ଥାନା ଭାର ପ୍ରାପ୍ତ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ମଙ୍ଗଳ ବିଭାଗ,ବିଏସଏସଓ, ଶିକ୍ଷା ବିଭାଗ, ପ୍ରାଣୀ ଓ ପଶୁ ସମ୍ପଦ ବିଭାଗ, ଏଇ, ଜିପିଡିଓ, ସମସ୍ତ ଯନ୍ତ୍ରୀ, ସମସ୍ତ ଅଙ୍ଗନୱାଡ଼ି ଓଏମବିକେ ଓ ସିଆରପି ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ନିଜସ୍ୱ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଅଭିଯୋଗ ଶୁଣାଣିରେ ଗୋଷ୍ଠିଗତ ଭାବେ ପିଇବା ପାଣି ୨ ଟି ଗାଁ'ରେ ଥିବାବେଳେ ଗୋଟିଏ ଗାଁ'ରେ ବିକାଶମୂଳକ କାମ ପାଇଁ ରହିଥିଲା। ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ଆବାସ ଗୃହ, ଚାଉଳ କାର୍ଡ଼ ଉପରେ ଅଭିଯୋଗ ଶୁଣାଣିରେ ଆସିଥିଲା। ଏଥିସହ ଚଳିତ ବର୍ଷରୁ ନୂତନ ଭାବେ ପ୍ରଧାନମନ୍ତ୍ରୀ ଆବାସ ଗୃହ ସର୍ଭେ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩୫୦୦ ଟଙ୍କା ଭତ୍ତା ଉପରେ ଲୋକଙ୍କୁ ସଚେତନ କରିଥିଲେ।

# କରତବସା ସାଇ ମନ୍ଦିରରେ ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ): ବାରିପଦା ସହରର କରତବସା ସ୍ଥିତ ସାଇ ମନ୍ଦିରରେ ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ମାଘ ଶୁକ୍ଳ ପଞ୍ଚମୀ ତୀଥି, ସରସ୍ୱତୀ ପୂଜା ଅର୍ଥାତ୍ ଶ୍ରୀପଞ୍ଚମୀ ଅବସରରେ ମନ୍ଦିରର ପ୍ରତିଷ୍ଠା ଦିବସ ଉପଲକ୍ଷେ ସକାଳ ଆଠ ଘଟିକା ସମୟରେ ଅଞ୍ଚଳର ନୂତନ ଜଳାଶୟରୁ ୧୫୧ କଳସ ଶୋଭାଯାତ୍ରାରେ ମହିଳା ଭକ୍ତ ମାନେ ମନ୍ଦିରକୁ କଳସ ଆଣିଥିଲେ। ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ଗ୍ରାମବାସୀ, କାଉନସିଲର ଜିତା ସିଂ, ମୟୂରଭଞ୍ଜ ଡ୍ରାଇଭର ମହାସଂଘର ସମସ୍ତ ଡ୍ରାଇଭର ଭାଇ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମେତ ମନ୍ଦିରର ପ୍ରତିଷ୍ଠାତା ରବିନ୍ଦ୍ର ଦାସ, ମୁଖ୍ୟ ସହଯୋଗୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ତଥା ମନ୍ଦିରର ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜକୁ ଏଇ ଭବ୍ୟ ଘୋଟ ଉତ୍ତଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦିବସ ବ୍ୟାପୀ ହୋମ, ଯଜ୍ଞ,ମନ୍ତ୍ର ଉଚ୍ଚାରଣର ପବିତ୍ର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିଲା। ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ହଜାରହଜାର ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ ମଧ୍ୟ ଜାରି ରହିଥିଲା। ଶାଶକ, ପ୍ରଶାସନିକ ଅଧିକାରୀ, ସାଧାରଣ ଜନତା ସମସ୍ତେ ମହା ଆନନ୍ଦରେ ପ୍ରସାଦ ସେବନ କରିଥିଲେ ଏବଂ ମନ୍ଦିର କମିଟିକୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଯଦି ପ୍ରଶାସନର ସହଯୋଗର ହାତ ମନ୍ଦିର ପ୍ରତି ରହିବ ତା'ହେଲେ ଏଇ ମନ୍ଦିର ହିନ୍ଦୁ ଧର୍ମର ସୁପ୍ରତୀକ ବହନ କରିବା ଆଧ୍ୟାତ୍ମିକ ଚେତନାର ଉତ୍ସ ହେବା ବୋଲି ଚର୍ଚ୍ଚା ହେଉଛି।

# ହିସାବ ରକ୍ଷକ, ସଂଯୋଜକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଷଷ୍ଠ ଦିନରେ



କଣାସ, (ଭାସ୍କର ନ୍ୟୁଜ): ଗତମାସ ୨୯ ତାରିଖରୁ କଣାସ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଆକାଉଣ୍ଟା, କମ ସପୋର୍ଟ, ଷ୍ଟାପ(ହିସାବ ରକ୍ଷକ) ଓ ଏମଆଇଏସ କମ ପ୍ଲାନିଙ୍ଗି କୋଅଡ଼ିନେଟର (ସଂଯୋଜକ) ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ୨୪/୨୫ ଶିକ୍ଷାବର୍ଷର ଗୁରୁତ୍ୱ ପୂର୍ଣ୍ଣ ସମୟରେ ଏହି କାର୍ଯ୍ୟ ବନ୍ଦ ଯୋଗୁଁ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ବନ୍ଦ ହୋଇଯାଇଛି। ଚଳିତ ବର୍ଷ ବିଜିଗଭ୍ ମାଧ୍ୟମରେ ସମସ୍ତ ଶିକ୍ଷାର ଅର୍ଥ ଦେଣ ନେଣ ପ୍ରକିୟା ଚାଲିଥିବାବେଳେ ହିସାବ ରକ୍ଷକଙ୍କମାନଙ୍କ ଆନ୍ଦୋଳନ ଗୁରୁତର ସମସ୍ୟା ସୃଷ୍ଟି କରିଛି। ସେମାନଙ୍କ ଅସହଯୋଗରୁ କାର୍ଯ୍ୟରତ ଶିକ୍ଷା ସହାୟକ (ସିମେଟିକ) ଓ ଗଣଶିକ୍ଷକମାନେ ଦୁଇ ମାସ ହେଲା ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟାଳୟକୁ ଆସୁଥିବା ଉନ୍ନୟନମୂଳକ ତଥା ବିଭିନ୍ନ ଯୋଜନାର ଅର୍ଥ ଖର୍ଚ୍ଚ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରାଯାଇଥିବା ବେଳେ ହିସାବ ରକ୍ଷକଙ୍କର କାର୍ଯ୍ୟବନ୍ଦ ଯୋଗୁଁ ବିଦ୍ୟାଳୟଗୁଡ଼ିକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ, ୟୁଡ଼ାଇସିରେ ସଂଶୋଧନ ଓ ସମାପ୍ତି ସୂଚକ ଆବେଦନ ପ୍ରସ୍ତୁତି ତଥା ଅନ୍ୟ ପ୍ରଶାସନିକ କାର୍ଯ୍ୟ ସଂଯୋଜକଙ୍କ ଆନ୍ଦୋଳନ ଯୋଗୁଁ ଠପ ହୋଇଯାଇଛି। ସମଗ୍ର ଶିକ୍ଷାର ସଫଳ ରୂପାୟନରେ ସଂଯୋଜକ ଓ ହିସାବ ରକ୍ଷକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ସେମାନଙ୍କର ଦାବିଗୁଡ଼ିକ ପୂରଣ ପାଇଁ ସରକାର ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଏହି ବ୍ଲକ୍ ଅଧିନ କୋରିଗାଁ ପଞ୍ଚାୟତ ଅଧୀନ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୧ତମ ବାର୍ଷିକ ଉତ୍ସବ ସରସ୍ୱତୀ ପୂଜା ଅବସରରେ ପ୍ରଧାନଶିକ୍ଷକ ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଓ ସମ୍ପାଦକ ମହେଶ୍ୱର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟଅତିଥି ଶିକ୍ଷାବିତ୍ ଘନଶ୍ୟାମ ଥାଟେଇ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବୀ ପ୍ରସନ୍ନ ମହାପାତ୍ର, ସାମ୍ବାଦିକ ବିଶ୍ୱମ୍ବର ରାଉତ, ଚିଙ୍ଗୁଡ଼ିପୁର ଆଞ୍ଚଳିକ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ପ୍ରଫୁଲ୍ଲ ନାୟକ, ଷୋଳମପୁର ସରସ୍ୱତୀ ଶିଶୁମନ୍ଦିର ସଂସ୍କୃତ ଗୁରୁଜୀ ଶରତ ବେଉରିଆ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ଶିକ୍ଷା କ୍ଷେତ୍ରରେ ଏହି ବିଦ୍ୟାଳୟର ଅବଦାନ ଅତୁଳନୀୟ ବୋଲି ମତ ପୋଷଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଦ୍ୟାଳୟକୁ ସୁଗମ୍ୟ କଂକ୍ରିଟ ସଡ଼କ ନିର୍ମାଣ କରିବାକୁ ସରପଞ୍ଚ ପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିବା ବେଳେ ଗୁରୁଜୀ ତପନ କୁମାର ନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁଜୀ ପ୍ରଫୁଲ୍ଲ ଥାଟୋଇ ଓ ଯତୀନ୍ଦ୍ର କୁମାର ନାୟକ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମାମାନେ ପରିଚାଳନା କରିଥିଲେ।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ଝୁରୁଣା ମା' ତାରେଣୀ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବାଲୁକା ଅଞ୍ଚଳ ସୁରକ୍ଷା ଅଭିଯାନ' ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ, ଜିଲ୍ଲା ପୁଲିସ ଅଧିକ୍ଷକ ସନ୍ଦିପ ସମ୍ପଦ ମାଡକର, ଉପଜିଲ୍ଲାପାଳ ବିକ୍ରମ ସୌରଭ ଚକ୍ରବର୍ତ୍ତି, ଲଘୁଖଣିଜ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳାଇ, ଖଣି ଅଧିକାରୀ ଅନିଲ କୁମାର ଦାସ, ପରିବହନ ବିଭାଗ ବରିଷ୍ଠ ଏମ.ଭି.ଆଇ. ବାମଦେବ ସାହୁ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନିଜ ପରିବେଶ, ପର୍ଯ୍ୟାବରଣ ଓ ବାଲୁକା ଭଳି ମୂଲ୍ୟବାନ ଲଘୁଖଣିଜ ଦ୍ରବ୍ୟର ସୁରକ୍ଷା ଦାଇତ୍ୱ ବହନ କରିବା ସହ ପ୍ରଶାସନକୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ବାଲି ଚୋରି ହେଉଥିବା କାର୍ଯ୍ୟକୁ ସାମୁହିକ ଭାବେ ବିରୋଧ କରିବା ସହ ନିଜ ଅଞ୍ଚଳର ସୁରକ୍ଷା ନିଜେ ବହନ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ମତ ରଖିଥିଲେ। ପ୍ରଶାସନ ପକ୍ଷରୁ ବେଆଇନ ବାଲି ଚୋରି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମାତ୍ର ତାହା ଫଳପ୍ରଦ ହେବା ପାଇଁ ଜନସହଯୋଗ ଲୋଡା ବୋଲି ସଚେତନ କରାଇଥିଲେ। ଏଥିପାଇଁ ଜନସହଯୋଗ ପାଇଁ ପ୍ରଶାସନ ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ୍): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଭୁତି ଭୂଷଣ ନାୟକ, ଓ.ପ୍ର.ସେ.ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଯୁଗ୍ମ ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି। ଏହି ଜନଶୁଣାଣୀ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଭା.ପୋ.ସେ., ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ.,(ବ), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଓ.ପ୍ର.ସେ.,(ବ), ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ଓ.ପ୍ର.ସେ.ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ଓ ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୦୨ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଏ ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ମାନ ଥିଲା। ଉକ୍ତ ୨୦୨ଗୋଟି ଅଭିଯୋଗ ମଧ୍ୟରୁ ୧୭୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୨୯ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଦେଓଝରେ ପିଲେଟ ପ୍ଲାଣ୍ଟ ସମ୍ମୁଖରେ ଟ୍ରକ ମାଲିକଙ୍କ ଆନ୍ଦୋଳନ ୮ମ ଦିନରେ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଯୋଡ଼ା ବ୍ଲକ ଅନ୍ତର୍ଗତ ଦେଓଝର୍ ଠାରେ ଥିବା ପିଲେଟ୍ ପ୍ଲାଣ୍ଟରେ ୪୦ ପ୍ରତିଶତ ସଡକପଥରେ ପରିବହନ ପ୍ରଦାନ କରିବା ଦାବିରେ ଖଣି ଅଞ୍ଚଳର ଶହ ଶହ ଗାଡି ମାଲିକ ଧାରଣା ଆଜି ୮ମ ଦିନରେ ପହଞ୍ଚିଛି। ଦୀର୍ଘଦିନ ବିତି ଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ଓ ପ୍ଲାଣ୍ଟ କର୍ତ୍ତୃପକ୍ଷ କୌଣସି ଆଲୋଚନା କରି ନାହାଁନ୍ତି। ଫଳରେ ଟ୍ରକ ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଟ୍ରକ ମାଲିକ ମାନେ ଦାବି କରିଛନ୍ତି ଯେ,ଏହି କାରଖାନାରୁ ପରିବହନ ହେଉଥିବା ପିଲେଟକୁ କମ୍ପାନୀ ରେଳ ଦ୍ୱାରା ପରିବହନ କରୁଛି। ଫଳରେ ଯୋଡ଼ା ଖଣି ଅଞ୍ଚଳର ଟ୍ରକ ଗୁଡ଼ିକ ପରିବହନରୁ ବଞ୍ଚିତ ହେଉଛନ୍ତି। ଏହି ଧାରଣାରେ ଯୋଡ଼ା ଟ୍ରକ ମାଲିକ ସଂଘ ଓ ଆଞ୍ଚଳିକ ଟ୍ରକ ମାଲିକ ସଂଘର ୧ ହଜାରରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଧାରଣାରେ ବସି ରହିଛନ୍ତି। ଯୋଡା ଖଣି ମଣ୍ଡଳରେ ଯେଉଁ କେତୋଟି ଖଣି ଓ ପ୍ଲାଣ୍ଟ ଗୁଡିକ ଚାଲୁ ରହିଛି ସେହି ସ୍ଥାନରୁ ହେଉଥିବା ପରିବହନ ଗତ କିଛି ମାସ ହେବ ସଡ଼କ ପଥରେ ନ ହୋଇ ରେଳ ଓ ପାଇପ ଯୋଗେ ହେବା ଦ୍ୱାରା ଗାଡି ମାଲିକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ଯୋଡ଼ା ଖଣି ମଣ୍ଡଳ ଅଧିନସ୍ତ ଦୁଇଟି ଟ୍ରକ ସଂଘ ଯୋଡ଼ା ଟ୍ରକ ମାଲିକ ଓ ଆଞ୍ଚଳିକ ଟ୍ରକ ମାଲିକ ସଂଘର ହଜାର ହଜାର ଗାଡି ପରିବହନ ନ ପାଇ ଗାଡି ମାଲିକ ମାନେ ଋଣଗ୍ରସ୍ତ ହେବା ସହ ବେକାର ହୋଇ ପଡିଛନ୍ତି। କାରଖାନାକୁ କଞ୍ଚାମାଲ ବୋଝେଇ ଟ୍ରକ ଗୁଡିକ ଭିତରକୁ ପ୍ରବେଶ କରିନପାରି ରାସ୍ତାରେ ଦଣ୍ଡାୟମାନ ହୋଇରହିଥିବାରୁ ଏହି କାରଖାନାଟି ଅଚଳ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ଏହି କାରଖାନାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପରିବହନ ହେଉଥିବା ପିଲେଟ ରପ୍ତାନୀ ମଧ ସମ୍ପୂର୍ଣ୍ଣ ବନ୍ଦ ରହିଛି। ତେବେ ସୂଚନା ଯୋଗ୍ୟ,ଏହି କାରଖାନାରୁ ଦୈନିକ ପ୍ରାୟ ୧୦ ହଜାର ମେଟ୍ରିକ ଟନ ପିଲେଟ ରେଳ ଯୋଗେ ନିଜସ୍ୱ ଝାରସୁଗୁଡା, ଅନୁଗୁଳ ଏବଂ ରାୟଗଡା କାରଖାନାକୁ ପରିବହନ ହୋଇଥାଏ। ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ, ଆଞ୍ଚଳିକ ଟ୍ରକ ମାଲିକ ସଂଘର ସମ୍ପାଦକ ରାଜେନ୍ଦ୍ର କୁମାର ବାରିକ ସମେତ ଦୁଇଟି ସଂଘର ସମସ୍ତ କର୍ମକର୍ତ୍ତା ଓ ଗାଡି ମାଲିକ ଧାରଣାସ୍ଥଳରେ ଧାରଣାରତ ରହିଛନ୍ତି। ଯୋଡ଼ା ଭଳି ଏକ ଖଣି ଓ ଶିଳ୍ପ ପ୍ରବଣ ଅଞ୍ଚଳରେ ପରିବହନ ଏକ ମୁଖ୍ୟ ବ୍ୟବସାୟ ହୋଇଥିବା ବେଳେ ଅନେକଗୁଡିଏ ଖଣି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନହୋଇପାରିବା, ଅନେକ ଗୁଡିଏ ଖଣି କମ୍ପାନୀ ପାଇପ ଏବଂ ରେଳ ଯୋଗେ ଲୁହାପଥର ପରିବହନ କରିବା ଯୋଗୁଁ ଟ୍ରକ ମାଲିକ ମାନେ ପରିବହନ କାର୍ଯ୍ୟ ପାଇପାରୁ ନାହାନ୍ତି। ଅନ୍ୟପକ୍ଷେ ନୂତନ ଖଣିଜ ନିୟମ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ପଥରେ ଦୁର୍ଘଟଣା ଓ ପ୍ରଦୂଷଣକୁ ରୋକିବା ପାଇଁ ରେଳପଥରେ ଓ ପାଇପ ଯୋଗେ ପରିବହନକୁ ପ୍ରୋତ୍ସାହିତ କରିଆସୁଛନ୍ତି। ଫଳରେ ଅଞ୍ଚଳର ଯୁବକମାନେ ଋଣ କରି ଖଣ୍ଡେ ଦି'ଖଣ୍ଡ ଟ୍ରକ ଚଳାଉଥିବା ବେଳେ ଏବେ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହେଉଛନ୍ତି। ପୂର୍ବରୁ ବିଭିନ୍ନ ଶିଳ୍ପ ସଂସ୍ଥାରୁ ସଡକ ପଥରେ ଅଧିକାଂଶ ପିଲେଟ ପରିବହନ ହେବା ଦ୍ୱାରା ଗାଡି ମାଲିକମାନେ ଉପକୃତ ହେଉଥିଲେ। ତେବେ ଟ୍ରକ ମାଲିକ ସଂଘ ପକ୍ଷରୁ ସଡକ ପଥରେ ୪୦ ପ୍ରତିଶତ ପିଲେଟ ପରିବହନ କରିବା ପାଇଁ କମ୍ପାନୀ ନିକଟରେ ସେମାନେ ଦାବି କରିଥିଲେ। ଗାଡ଼ିମାଲିକଙ୍କ କହିବା ଅନୁଯାୟୀ କମ୍ପାନୀ ବିଲେଇପଦା ସମେତ ଦେଓଝର ଗ୍ରାମ ପଞ୍ଚାୟତ ଅଞ୍ଚଳର ମୂଲ୍ୟବାନ ଜମିକୁ ଶାଗ ମାଛ ଦରରେ ହାତେଇବା ପରେ ସ୍ଥାନୀୟ ଅଧିବାସୀମାନଙ୍କ ସ୍ୱାର୍ଥ ପ୍ରତି ଆଖି ବୁଜି ଦେଲା। ଜମି ବାଡ଼ି ଦଖଲ କରିବା ପରେ ଜୀବନ ଧାରା ବୈତରଣୀ ନଦୀର ପାଣିକୁ ମଧ ଅକ୍ତିଆର କରିନେଇଛି। ଏହି କମ୍ପାନୀ ନିଜର ମାଲ ପରିବହନରେ ସମୟରେ ଗାଡି ଗୁଡିକରେ କମ ଅନୁପାତ ଲୌହ ପରିବହନ କରୁଥିବାରୁ ଯାହାଦ୍ୱାରା ଅନେକ ଗୁଡ଼ିଏ ଗାଡି ଲୋଡ଼ିଂ ପାଇବାରୁ ବଞ୍ଚିତ ହେଉଛନ୍ତି କ୍ଷ ଟ୍ରକ୍ ମାଲିକ ସଂଘର ଧାରଣା ସପ୍ତମ ଦିନରେ ପହଞ୍ଚିଥିଲେ ମଧ ଏଯାବତ୍ କୌଣସି କମ୍ପାନୀ ଅଧିକାରୀ ଆଲୋଚନା ପାଇଁ ନ ଆସିବା କମ୍ପାନୀର ବେଖାତିର ଓ ଦାଦାଗିରି ସ୍ୱାଭାବକୁ ପଦାରେ ପକାଉଛି। ବର୍ତ୍ତମାନ ପରିସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଏ ଧାରଣା ପ୍ରତି ଧ୍ୟାନ ନ ଦେଇ ସମାଧାନର ରାସ୍ତା ବାହାର ନ କଲେ ଏ ଧାରଣା ଏକ ଜନ ଆନ୍ଦୋଳନର ରୁପ ନେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଯୋଡା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି କମ୍ପାନୀ ପ୍ଲାଣ୍ଟରୁ ଅନୁନ୍ୟ ପିଲେଟ ପରିବହନରୁ ୪୦ ପ୍ରତିଶତ ସଡକ ପଥରେ ପରିବହନ କରିବା ପାଇଁ କମ୍ପାନୀ ଘୋଷଣା କରୁ, ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## କେନ୍ଦ୍ରାପଡ଼ା ଜିଲ୍ଲାରୁ ଏକମାତ୍ର ସଫଳ ଯୁବ ଉଦ୍ୟୋଗୀ ଦେବଜୀତା ସମ୍ବର୍ଦ୍ଧିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜାନୁଆରୀ ୨୮ ଓ ୨୯ ଦୁଇ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ବା ଶିଳ୍ପ ମହାକୁମ୍ଭ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ବା ଶିଳ୍ପ ମହାକୁମ୍ଭକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଥିଲେ। ଏଥିରେ ରାଜ୍ୟ ତଥା ଦେଶ ବିଦେଶର ବହୁ ସଂଖ୍ୟାର ବିଶିଷ୍ଟ ଶିଳ୍ପପତିମାନେ ଯୋଗଦେଇଥିଲେ। ରାଜ୍ୟର ଶିଳ୍ପଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଏହି ଶିଳ୍ପ ମହାକୁମ୍ଭରେ ସଫଳ ଉଦ୍ୟୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲେଶ୍ୱର, ଗଂଜାମ, ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୩ଜଣ ଲେଖା, ବୌଦ୍ଧ, ମାଲକାନାଗିରି, କେନ୍ଦ୍ରାପଡ଼ା, ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲାରୁ ଜଣେ ଲେଖା ଏହିପରି ୪୦ ବର୍ଷରୁ କମ୍ ବୟସର ରାଜ୍ୟର ମୋଟ୍ ୬୦ଜଣ ଯୁବ ଶିଳ୍ପଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳ ଉଦ୍ୟୋଗ ପ୍ରତିଷ୍ଠାରେ ସେମାନଙ୍କ ଉତ୍ସର୍ଗୀକୃତତା, କଠିନ ପରିଶ୍ରମକୁ ସ୍ୱୀକୃତି ଦେଇ ଏମଏସଇ ସେକ୍ଟରର ରୋଲ ମଡ଼େଲ ବା ଆଦର୍ଶ ଭାବେ ରାଜ୍ୟ ସରକାର ସମ୍ମାନିତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯେଉଁ ଜଣେ ମାତ୍ର ସଫଳ ଉଦ୍ୟୋଗୀ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି ସେ ହେଉଛନ୍ତି ଦେବଜୀତା କାନୁନଗୋ। ସେ କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତ ଜୟତଲଙ୍ଗ ଗ୍ରାମର ବରିଷ୍ଠ ସାମ୍ବାଦିକ ଦୀପ୍ତିରଞ୍ଜନ କାନୁନଗୋଙ୍କ ଝିଅ ଓ ଡେରାବିଶ ବ୍ଲକ୍ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ନଛିପୁର ଗ୍ରାମର ସମ୍ବିତ କିଶାନ ଦାସଙ୍କ ପତ୍ନୀ ତଥା ମନୋରଞ୍ଜନ ଦାସଙ୍କ ବୋହୂ। ସେ ନିଜ ଘର ନିକଟରେ ନୃସିଂହନାଥ ଆସ (ପାଉଁଶ) ଇଟା କାରଖାନା ପ୍ରତିଷ୍ଠା କରି ସଫଳତା ହାସଲ କରିଛନ୍ତି। ଦେବଜୀତା ରାଜ୍ୟ ସରକାରଙ୍କ ଦ୍ୱାରା ସଫଳ ଉଦ୍ୟୋଗୀ ଭାବେ ସମ୍ବର୍ଦ୍ଧିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

## 'ସ୍ମୃତିରେ ପ୍ରଫେସର ନିହାର ରଞ୍ଜନ ଜେନା' ଲୋକାର୍ପିତ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ମହାବିଦ୍ୟାଳୟ ଯାଜପୁର ରୋଡର ଇତିହାସ ବିଭାଗର ପତିଷ୍ଠାତା ପ୍ରାଧାପକ ପ୍ରଫେସର ନିହାର ରଞ୍ଜନ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ହୋଇଯାଇଛି। ଏହି ସଭାରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ କୁଶଚନ୍ଦ୍ର ପ୍ରଧାନ ଅଧକ୍ଷତା କରି ପ୍ରଫେସର ଜେନାଙ୍କ ବହୁମୁଖୀ ପ୍ରତିଭାକୁ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ମାନ୍ୟବର ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶୀଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ସ୍ୱର୍ଗତ ପ୍ରଫେସର ଜେନା ଜଣେ ଦରଦୀ, ପରୋପକାରୀ, ଛାତ୍ରବତ୍ସଳ, ନିର୍ଭିକ ଅଧାପକ ଥିଲେ ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ କୋରେଇର ମାନ୍ୟବର ବିଧାୟକ ଆକାଶଦାସ ନାୟକ ସ୍ୱର୍ଗତ ଜେନାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ପ୍ରାକ୍ତନ ସାଂସଦ ଐର ଖାରବେଳ ସ୍ୱାଇଁ ପ୍ରଫେସର ଜେନା ଜଣେ ସାଲିସବିହୀନ ଶିକ୍ଷକ ନେତା ଓ ଛାତ୍ରବତ୍ସଳ ଅଧାପକ ଥିଲେ ବୋଲି କହିଥିଲେ। ଅନ୍ୟ ଅତିଥି ମାଧବାନନ୍ଦ ବଳ, ଡ଼ ଦୁଷ୍ମନ୍ତ ନାୟକ ଓ ସୌରଭମୟ ଦାସ କହିଥିଲେ ଯେ, ନିହାର ରଞ୍ଜନ ଜେନା ବ୍ୟସନଗର, ଆନନ୍ଦପୁର, ପାଳିଆବିନ୍ଧା, ଭୁବନ ଓ କାମାକ୍ଷ୍ୟାନଗର ମହାବିଦ୍ୟାଳୟରେ ଅଧାପକ ଓ ଅଧକ୍ଷ ରହି ବେଶ ଖ୍ୟାତି ଅର୍ଜନ କରିଛନ୍ତି। ଏପରିକି ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟକରୀ ବହୁତ ଖ୍ୟାତି ଅର୍ଜନ କରିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ କ୍ଷ ଇତ୍ୟବସରେ ସ୍ୱର୍ଗତ ଜେନାଙ୍କ ସ୍ମୃତି ଉଦ୍ଦେଶରେ ଏକ ସ୍ମରଣିକା 'ସ୍ମୃତିରେ ପ୍ରଫେସର ନିହାର ରଞ୍ଜନ ଜେନା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ପଣ୍ଡା, ପ୍ରସନ୍ନକୁମାର ନାୟକ, ରାଇଚରଣ ମହାନ୍ତି, ଆଦିତ୍ୟନାଥ ସାହୁ ପ୍ରଦିପ କୁମାର ମହାନ୍ତି, ଶରତ ଚନ୍ଦ୍ର ରାଉତ, ସନାତନ ଦାସ, ଅମୂଲ୍ୟ କୁମାର ରାଉତ, ପ୍ରମୋଦ କୁମାର ସ୍ୱାଇଁ, ଆଦିତ୍ୟନାଥ ସାହୁ, ଗୁଣମଣି ଶା, କେଲୁଚରଣ ମହାପାତ୍ର ପ୍ରଭୃତି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ବକ୍ତବ୍ୟ ରଖିଥିଲେ। ଶେଷରେ ସ୍ୱର୍ଗତ ପ୍ରଫେସର ଜେନାଙ୍କ ପୁତ୍ର ଅଜାତଶତ୍ରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ଦାସ ସ୍ୱାଇଁ ମହାପାତ୍ରଙ୍କ ସାରଳା ମନ୍ଦିର ପରିଦର୍ଶନ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଶ୍ରୀକ୍ଷେତ୍ର ପୁରୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ଦାସ ସ୍ୱାଇଁ ମହାପାତ୍ର, ଗତ ସୋମବାର ଦିନ ମଧ୍ୟାହ୍ନରେ , ବାଣୀ କ୍ଷେତ୍ର ଝଙ୍କଡ଼ ସାରଳା ପୀଠ ରେ ପହଞ୍ଚିବା ପରେ, ତାଙ୍କୁ ମାଆଙ୍କ ପଣ୍ଡା ସେବକମାନେ, ମନ୍ଦିର ବେଢ଼ା ଭିତରକୁ ପାଛୋଟି ନେଇଥିଲେ। ମାଆଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ, ସେ ନିଜର ପରିବାରର ସଦସ୍ୟ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସହିତ ବେଢ଼ା ପରିକ୍ରମା ଓ ପାର୍ଶ୍ୱ ଦେବଦେବୀଙ୍କର ଦର୍ଶନ କରିଥିଲେ। ଏହି ଅବସରରେ, ମାଆଙ୍କ ପଣ୍ଡା ସେବକ ମାନେ ତାଙ୍କୁ ମାଆଙ୍କ ଆଜ୍ଞାମାଳ, ଉତ୍ତରୀୟ ଚନ୍ଦନ ସିନ୍ଦୁର ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ସହିତ ଏନ ଏଚ୍ ଏସ୍ ହାଇୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ସୁଶାନ୍ତ କୁମାର ମହାନ୍ତି, ସ୍ମୃତିସୁଧା ନାୟକ ଓ ବାବୁ ସେନାପତି ଙ୍କ ସମେତ ଆତ୍ମୀୟ ସ୍ୱଜନ ମାନେ ସମେତ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା। ପରେପରେ ସେ ନିକଟସ୍ଥ ପ୍ରସିଦ୍ଧ ବିଭୂତିକ୍ଷେତ୍ର ସିଦ୍ଧ ଗୋରେଖନାଥ ଙ୍କ ମଠ ଦର୍ଶନ କରି, ପୁନଃଶ୍ଚ ସାରଳା ମନ୍ଦିରକୁ ଫେରିଆସି, ଏଠାରେ ପ୍ରସାଦ ସେବନ କରିବା ସହିତ, କେତେକ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତକାରରେ କହିଲେ ଯେ, ପୂର୍ବଅପେକ୍ଷା ସମ୍ପ୍ରତି ସାରଳାପୀଠ ରେ ବହୁ ଉନ୍ନତି ହୋଇଥିବା, ଆମେ ଦେଖିବାକୁ ପାଇଲୁ। ଆଉ କିଛି ଉନ୍ନତିକରଣ କାମର ମଧ ଆବଶ୍ୟକତା ରହିଛି । ଚଳିତ ନୂଆ ସରକାର, ନିଶ୍ଚିତ ଭାବରେ ଏଥିପ୍ରତି ଯଥାର୍ଥ ଦୃଷ୍ଟିଦେବେ ବୋଲି ଆମର ଦୃଢ଼ ଆଶା ଓ ବିଶ୍ୱାସ ରହିଛି। ଏ ବିଷୟରେ ଜିଲ୍ଲାର ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ଅବଗତ କରାଇଲେ,ସେ ଜଣେ ଉଦୀୟମାନ ଯୁବକ ହୋଇଥିବାରୁ, ମା'ଙ୍କ ପୀଠର ସମ୍ପ୍ରସାରଣ ଓ ବିକାଶ କାମକୁ ତ୍ୱରାନ୍ୱିତ କରିବେ ବୋଲି ସେ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟ ପୂର୍ବଦିନ ଦାସମହାପାତ୍ର, ପାରାଦୀପର ଏକ ନବନିର୍ମିତ ଜଗନ୍ନାଥଙ୍କ ମନ୍ଦିରର ଉଦଘାଟନ ଉତ୍ସବରେ ଯୋଗ ଦେଇଥିଲେ।

## ଭିତରକନିକାରେ ଆର୍ଦ୍ରଭୂମି ଦିବସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ଓଡିଶାର ଦ୍ୱିତୀୟ ରାମ ସର୍ ମାନ୍ୟତା ପାଇଥିବା ଭିତର କନିକା ଡାଙ୍ଗମାଳ ଠାରେ, ଗତକାଲି ଏସିଏଫ ମାନସ ରଞ୍ଜନ ଦାସଙ୍କ ପୌରହିତରେ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବିଶ୍ୱ ଆର୍ଦ୍ରଭୂମୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସିଏଫ ଗଗନବିହାରି ମଲ୍ଲିକ, ଏସିଏଫ ପୁନମ ହୀରା ହାଁସଦା, ଇଡିସି ସଭାପତି ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଆର୍ଦ୍ରଭୂମୀର ଅବକ୍ଷୟ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଚିଙ୍ଗୁଡି ଚାଷର ବିଷାକ୍ତ ଜଳ ଅବକ୍ଷୟର ପ୍ରଧାନ କାରଣ ବୋଲି ମତପୋଷଣ କରିଥିଲେ। ତେଣୁ ଆର୍ଦ୍ରଭୂମୀ ସୀମା ମଧ୍ୟରେ ବସବାସ କରୁଥିବା ଲୋକମାନଙ୍କୁ ଏଦିଗରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ବିଜୟ ପାତ୍ର ଓ ସୁନିଲ ରଞ୍ଜନ ରାଉତରାୟ ସହଯୋଗ କରିଥିବା ବେଳେ ବହୁ ଇଡିସି ସଭ୍ୟ ଯୋଗ ଦେଇଥିଲେ।

## ଜଗନ୍ନାଥ ମନ୍ଦିରରେ କୁମ୍ଭଭରଣ ଅନୁଷ୍ଠିତ

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଡ଼ସାଇମରା ଗ୍ରାମ ରେ ହେଇ ଥିବା ଜଗନ୍ନାଥ ମନ୍ଦିରରେ ସୋମବାର କୁମ୍ଭଭରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ଗ୍ରାମର ବୈକୁଣ୍ଠ କୁଆଁର ଓ ତାଙ୍କ ଧର୍ମପତ୍ନୀ କୁନ୍ତଳା କୁଆଁର, ପୂଜକ ରୁପେ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗ ଦେଇଥିଲେ। ସାଲୁଜା ବିଧାୟକ ଥିବା ସମୟରେ ବିଧାୟକଙ୍କ ପାଣ୍ଠିରୁ ଏହି ମନ୍ଦିର ନିର୍ମାଣ ହୋଇଥିଲା। ସଭାପତି ଜଗଦା ଭୋଇ, ସମ୍ପାଦକ ଜଗଦୀଶ ତାଣ୍ଡି, କୋଷାଧକ୍ଷ ଦୈତାରୀ ମହାନନ୍ଦ, ହନୁମାନ ସିଂଗନିନା, ପ୍ରତପ ଭୋଇ, ରାତାନଲାଲ ଭୋଇ, ରାଜେଶ ନିନା, ବିଶ୍ୱାମିତ୍ର ଭୋଇ ଓ ଶତାଧିକ ଗ୍ରାମ ବାସୀ ଓ ଶ୍ରଦ୍ଧାଳୁ ଏହି କୁମ୍ଭ ଭରଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସି ସାଲୁଜାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ସଦର ମହକୁମାରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସୋମବାର ଦିନ ପ୍ରଧାନଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ଆବାହକତ୍ୱରେ ମାତୃ ସମିଳନୀ ଅନୁଷ୍ଟିତ ହେଇଯାଇଛି। ଏଥିରେ ୪୭ଜଣ ଅଭିଭାବକ ମା'ମାନେ ଯୋଗ ଦେଇଥିଲେ। ଏହି କାର୍ଯକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗାନ୍ଧୀ କୁମାର ସାହୁ ଓ ସମ୍ପାଦକ ରାମଚନ୍ଦ୍ର ସାହୁ ଉପସ୍ଥିତ ରହି ରାଷ୍ଟ୍ର ଗଠନରେ ଓ ଶିଶୁ ନିର୍ମାଣରେ ମା'ମାନଙ୍କ ଭୂମିକା କିପରି ଗୁରୁତ୍ୱ ପୂର୍ଣ୍ଣ ତାହା ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ମା'ମାନେ ନିଜର ପ୍ରତିଭା ପ୍ରଦର୍ଶିତ କରିଥିଲେ। ପରିଶେଷରେ ସମସ୍ତ ମା'ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରଜୀଗୁରୁମା ମାନେ ସହଯୋଗ କରି ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ରଙ୍ଗମାଟିଗୁଡା ସ୍ଥିତ ଶ୍ରୀ କଲ୍ୟାଣ ମଣ୍ଡପ ଠାରେ ଏକ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ମାଝୀ ନିଜ ବକ୍ତବ୍ୟରେ ଓଡିଶା ସରକାରଙ୍କ ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ସହାୟତା ଓ ପଞ୍ଜୀକରଣ ନିଜକୁ କିଭଳି କରିପାରିବେ ତା' ସହ ଏହାର ସୁବିଧା ସୁଯୋଗ ପାଇପାରିବେ ତାହା ଶ୍ରମିକ ଭାଇଭଉଣୀମାନଙ୍କୁ ଉଦବୋଧନ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ନିର୍ମାଣ ଶ୍ରମିକମାନଙ୍କ ପାଇଁ କିଭଳି ଅନଲାଇନରେ ନିଜର ପଞ୍ଜୀକରଣ କରି ବିଭିନ୍ନ ସହାୟତା ଉପଲବ୍ଧି କରିପାରିବେ ତାହା ଶ୍ରମିକ ଭାଇ ଭଉଣୀମାନଙ୍କୁ ବୁଝାଇଥିଲେ। ନିର୍ମାଣ ଶ୍ରମିକ ପଞ୍ଜୀକରଣ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀ ଏବଂ ସହକାରୀ ଶ୍ରମ ଅଧିକାରୀମାନଙ୍କୁ ପଞ୍ଜୀକରଣ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି। ଶିବିରରେ ଉପସ୍ଥିତ ଶ୍ରମିକ ଭାଇଭଉଣୀଙ୍କ ମଧ୍ୟରେ ଶିକ୍ଷା ସହାୟତା ରୂପେ ୫ ଜଣଙ୍କୁ, ବିବାହ ସହାୟତା ରୂପେ ୫ ଜଣଙ୍କୁ, ମାତୃତ୍ୱ ସହାୟତା ରୂପେ ୩ଜଣଙ୍କୁ, ମୃତ୍ୟୁ ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ରୂପେ ୬ ଜଣଙ୍କୁ, ଏଭଳି ମୋଟ ୧୯ଜଣଙ୍କୁ ହିତାଧିକାରୀଙ୍କୁ ଚେକ ମାଧ୍ୟମରେ ମୁଖ୍ୟ ଅତିଥି ମାଝୀ ପ୍ରଦାନ କରିଥିଲେ। ୧୯୯୮ ଜଣଙ୍କୁ ନୂତନ ଭାବେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଉଛି। ଜିଲ୍ଲା ସ୍ତରୀୟ ଶ୍ରମିକ କଲ୍ୟାଣ ସମାରୋହରେ ଆଜି ଅନଲାଇନ ମାଧ୍ୟମରେ ୯୩ ଜଣଙ୍କୁ ବିବାହ ସହାୟତା ରୂପେ ଟ.୪୬,୫୦,୦୦୦, ମାତୃତ୍ୱ ସହାୟତା ରୂପେ ୫୭ ଜଣଙ୍କୁ ଟ.୫,୭୦,୦୦୦, ଶିକ୍ଷା ସହାୟତା ରୂପେ ୩୦ ଜଣଙ୍କୁ ଟ.୨,୯୭,୦୦୦, ମୃତ୍ୟୁ କାଳୀନ ସହାୟତା ରୂପେ ୩୯ ଜଣଙ୍କୁ ଟ.୮୨,୦୦,୦୦୦, ଅନ୍ତେଷ୍ଟିକ୍ରୀୟା ସହାୟତା ରୂପେ ୩୮ ଜଣଙ୍କୁ ଟ.୧,୯୦,୦୦୦ ଏଭଳି ମୋଟ ୨୫୭ ଜଣ ହିତାଧିକାରୀଙ୍କ ଜମାଖାତାକୁ ଟ.୧,୩୯,୦୭,୦୦୦ ପ୍ରେରଣ କରାଯାଉଛି। ଶିବିରରେ ସାଂସଦ ପ୍ରତିନିଧି ଜାନକୀ ବିଶୋଇ, ପ୍ରଭା ଗୀୟ ଶ୍ରମ ଆୟୁକ୍ତ କୁବେର ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, କୁଞ୍ଜ ବିହାରୀ ଦାସ, ଶ୍ରମିକ ଟ୍ରେଡ ୟୁନିୟନ ନେତା ଓ ସଭ୍ୟ, ଶ୍ରମ କାର୍ଯ୍ୟାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଭାଇଭଉଣୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜରାଜନଗର ଠାରେ ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା। ବହୁତ ଉତ୍ସାହର ସହିତ ୩୫ଜଣ ମାଆମାନେ ଏହି ସମ୍ମିଳନୀରେ ଉପସ୍ଥିତ ହୋଇଥିଲେ। ବ୍ରଜରାଜନଗର ଗଙ୍ଗାନଗର ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ମାରୀୟମ ବାରୁ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ବିଦ୍ୟାଳୟ ର ପ୍ରଗତି ବିଷୟରେ କିଛି ଆଲୋଚନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଭଉଣୀମାନେ ଏକ ସୁନ୍ଦର ନୃତ୍ୟର ପ୍ରସ୍ତୁତି କରିଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ସତ୍ୟଭାମା ପ୍ରଧାନ ତଥା ଅନ୍ୟ ଗୁରୁମା ମାନଙ୍କ ସହ ସେବକସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ଶିକ୍ଷକନେତା ତଥା ସାହିତ୍ୟିକ ପ୍ରାଧ୍ୟାପକ ଭଗବାନ ଜେନାଙ୍କ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା ସ୍ମୃତି କମିଟି ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ପରିଚାଳନାରେ ଲ’ କଲେଜ କଲୋନୀ ସ୍ଥିତ ଶ୍ରୀ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ ପରିସରରେ ଥିବା ବିକଳ୍ପ ବିଚାର ମଞ୍ଚ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ରୂପେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ଜାତୀୟ ଶିକ୍ଷାନୀତିର ପ୍ରଚଳନ ସମୟ ଏବଂ ପ୍ରସ୍ତୁତି ଉପରେ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟ ଆଲୋଚକ ଅଧ୍ୟାପକ ତପନ କୁମାର ପତି ପ୍ରାଧ୍ୟାପକ ଜେନାଙ୍କ ଓଡିଶାର ଶିକ୍ଷା, ସମାଜ ଓ ସାଂସ୍କୃତିକ ଜଗତ ପ୍ରତି ଅବଦାନର ସ୍ମୃତିଚାରଣ କରିବା ସହ ଶିକ୍ଷା ବ୍ୟବସ୍ଥାର କ୍ରମବିକାଶ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ମୋହନ ଚରଣ ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିବା ବେଳେ ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ଡ. ଗିରୀଶ ଚନ୍ଦ୍ର ପାତ୍ର, ଶୁଭାଂଶୁ ଦାସ, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ମୁକ୍ତାର ଖାଁ, ଅବନ୍ତୀ ବେହେରା, ଅଧିକାରୀ ରାଧାକାନ୍ତ ଦାଶ, ରଣଧୀର ଜେନା, ସ୍ୱପ୍ନାଂଶୁ ଦାସ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ବିଜୟ ନାୟକ, ପଣ୍ଡିତ ପ୍ରତାପ ପତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଚାକିରି ନାଁରେ ଠକି ନେଲେ ପୋଲିସ କର୍ମଚାରୀ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ପୋଲିସ ବିଭାଗରେ କନେଷ୍ଟବଳ ଚାକିରୀ କରେଇଦେବା କଥା କହି ଜଣେ ଗରିବ ମହିଳାଙ୍କ ଠାରୁ ସାଢେ ଛଅ ଲକ୍ଷ ଟଙ୍କ ହଡପ କରିନେଲେ ଜଣେ ପୋଲିସ କର୍ମଚାରୀ। ଏପରି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ମାଲକାନଗିରି ଜିଲ୍ଲାରେ। ତେବେ ଏନେଇ ବର୍ତ୍ତମାନ ଠକେଇର ଶିକାର ହୋଇଥିବା ପରିବାର ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଦୁଇ ବର୍ଷ ପୂର୍ବେ ମାଲକାନଗିରି ସହରର କୁଞ୍ଜଲତା ମହାରଣା ନାମକ ମହିଳାଙ୍କ ପୁଅକୁ ପୋଲିସ ବିଭାଗରେ ଚାକିରି କରେଇ ଦେବା କଥା କହି ମାଲକାନଗିରି ପୋଲିସ ବିଭାଗର କାର୍ଯ୍ୟରତ ସୁନିଲ ଚୋପାଡି ନାମକ ଜଣେ କର୍ମଚାରୀ ଓ ତାଙ୍କ ପତ୍ନୀ ପ୍ରଲୋଭିତ କରିଥିଲେ। ବାରମ୍ବାର କୁଞ୍ଜଲତାଙ୍କ ଘରକୁ ଯାଇ ଉଭୟ ପ୍ରଲୋଭନ ଦେଖାଇବାରୁ ଶେଷରେ କୁଞ୍ଜଲତା ବିଶ୍ୱାସ କରି ଏବଂ ପୁଅର ଭବିଷ୍ୟତକୁ ଆଖି ଆଗରେ ରଖି ସୁଧରେ ଟଙ୍କା ଆଣି ସେମାନଙ୍କୁ ସାଢେ ଛଅ ଲକ୍ଷ ଟଙ୍କା ନଗଦ ଆକାରରେ ଦେଇଥିଲେ। ହେଲେ ଟଙ୍କା ନେବା ପରେ ଚାକିରି ହୋଇ ନଥିଲା, ଆଜି କାଲି କହି କହି ପ୍ରାୟ ଦୁଇ ବର୍ଷ ଯାଏଁ ଚାକିରି ହୋଇନଥିବା ବେଳେ କୁଞ୍ଜଲତା ନିଜ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ଓଲଟା ଧମକ ଦେଇଥିଲେ ସୁନିଲ। ଫଳରେ ନିରାସ ହୋଇ କୌଣସି ଉପାୟ ନପାଇ ଶେଷରେ ଜିଲ୍ଲା କୁଞ୍ଜଲତା ଆଇନ ସେବା ପ୍ରାଧିକରଣ ଦ୍ୱାରସ୍ଥ ହୋଇଥିଲେ। ଯେଉଁଠାରେ ସୁନୀଲ ଉକ୍ତ ଅର୍ଥକୁ କିସ୍ତି ଆକାରରେ ଫେରାଇ ଦେବା କଥା କହିଥିଲେ ଏବଂ ସମୟ ମାଗି ଥିଲେ। ତେବେ ଏହା ପରେ ମଧ୍ୟ ସୁନୀଲ କୌଣସି ଅର୍ଥ ଦେଇ ନଥିବାରୁ ପୁନଃ କୁଞ୍ଜଲତା ଏନେଇ ଆଇନ ସେବା ପ୍ରାଧିକରଣକୁ ଜଣାଇବା ପରେ ସଚିବଙ୍କ ପରାମର୍ଶ କ୍ରମେ ମାଲକାନଗିରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ବିଷୟରେ କୁଞ୍ଜଲତା ଲିଖିତ ଅଭିଯୋଗ କରିବା ସହ ମାଲକାନଗିରି ଏସପିଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ଏନେଇ ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏସପି କୁଞ୍ଜଲତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣା ପଡିଛି। ଏହି ଘଟଣାରେ କୁଞ୍ଜଲତାଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣର ମୁଖ୍ୟ ଆଇନଜୀବି ଅଶୋକ ପଟ୍ଟନାୟକ, ସହକାରୀ ଆଇନଜୀବି ରାଜେସ ପଟ୍ଟନାୟକ ଏବଂ ସହଯୋଗୀ ଆଇନଜୀବି ସାଗର ପାଣିଗ୍ରାହୀ ସମସ୍ତ ପ୍ରକାରର ସହଯୋଗ କରିଥିଲେ।

# ଜୀବନ ଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଜୀବନ ଜ୍ୟୋତି କ୍ରିକେଟ କ୍ଲବ ଚତୁର୍ଭୁଜ ପୁର ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇଲେଭେନ ଜଗନ୍ନାଥପ୍ରସାଦ ଓ ରାଇଜିଙ୍ଗ ଇଲେଭେନ ଷ୍ଟାର ସାରଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥପ୍ରସାଦ ଟସ୍ ଜିତି ୧୩.୩ ଓଭରରେ ସମସ୍ତ ଓଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲେ। ୮୯ ରନ୍ ବିଜୟ ଲକ୍ଷ ନେଇ ୧୪.୨ ଓଭରରେ ସମସ୍ତ ୱିକେଟ ହରାଇ ୬୮ ରନ୍ ସଂଗ୍ରହ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ତନ୍ମୟ ସାମଲ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଚକା ଆଖି ରାଉତ ବିବେଚିତ ହୋଇଥିଲେ। ଖେଳକୁ ଅମ୍ପାୟାର ମାନସ ଶତପଥି ଓ ଶୁଭେନ୍ଦୁ ପରିଡ଼ା ପରିଚାଳନା କରିଥିଲେ। ସ୍କୋରର ଭାବେ ଅଖଣ୍ଡ ଶତପଥୀ, ସାସ୍ୱୋତ ପଣ୍ଡା, ଭାଷ୍ୟକାର ଭାବେ ଜିତେନ୍ଦ୍ର ଶତପଥୀ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସଂଜୀବ ମଲିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ମିନତୀ ପରିଡ଼ା, ସମିତି ସଭ୍ୟା ଗୀତାଞ୍ଜଳି ସାମଲ, ଭାଗିରଥି ପରିଡ଼ା, ପ୍ରତ୍ୟୁଷ ସାମଲ, ସାମ୍ବାଦିକ ରାଜେନ୍ଦ୍ର ଶତପଥି ଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ପୁରସ୍କୃତ କରିଥିଲେ। ରବି, ଆଲୋକ, ସମ୍ବିତ, ଆକାଶ, ପପୁ, ଶିବୁ, ଦେବେନ୍ଦ୍ର ଦାଶ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ପ୍ରତିବାଦର ଶାଣିତ ସ୍ୱର ଥିଲେ ବିପ୍ଳବୀ କବି ରବି ସିଂ




କଟକ(ଭାସ୍କର ନ୍ୟୁଜ୍): ପ୍ରତିବାଦର ଶାଣିତ ସ୍ୱର ବିପ୍ଳବୀ କବି ରବି ସିଂଙ୍କ ପ୍ରତିଟି କବିତାରେ ପ୍ରତିଫଳିତ ହେବାରେ ପରିଲକ୍ଷିତ ହୁଏ। ଜୀବନବ୍ୟାପୀ ସାଧନା ଭିତରେ ଅନ୍ୟାୟ ଓ ଅତ୍ୟାଚାରକୁ ମୁଣ୍ଡପାତି ସହିଯିବା ସେ ଶିଖିନଥିଲେ ବୋଲି ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଖାନନଗରସ୍ଥିତ କାଳୀଭବନ ଆୟୋଜିତ ସ୍ମୃତିରେ ରବି ସିଂ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସନ୍ଧ୍ୟାରେ ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ରଘୁନାଥ ମହାପାତ୍ର, ମୁଖ୍ୟବକ୍ତା କବି ଓ ସାହିତ୍ୟ ସଂଗଠକ ରାଜୀବ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ମନିଷା ସିଂ ଓ କବି ଅଶ୍ୱିନୀ ସେଠୀ ପ୍ରମୁଖ ଯୋଗଦେଇ ଓଡିଆ ସାହିତ୍ୟରେ ରବି ସିଂଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏଥିରେ ଶିକ୍ଷାବିତ୍ ବିଭୁଦତ୍ତ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବ୍ୟଙ୍ଗକବି ଲକ୍ଷ୍ମୀଛଡା ସଭାକୁ ସଂଯୋଜନା କରିଥିଲେ ଓ ଶିଶୁକବି ତପନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବି ସୁନି ଦାସ, ସୁରେନ୍ଦ୍ର ମହାପାତ୍ର, ନମିତା ମହାନ୍ତି, ଅରୁଣ ଅଗ୍ରୱାଲା, ଗାଳ୍ପିକ ପ୍ରକାଶ ମହାପାତ୍ର, ପ୍ରକାଶ ସ୍ୱାଇଁ, କୁମାରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ୫ରୁ ଆରମ୍ଭ ହେବ ଅନ୍ତର୍ଜାତିୟ ଐର ଖାରବେଳ ମହୋତ୍ସବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୫ ତାରିଖରୁ ଆରମ୍ଭ ହେବ ଅନ୍ତର୍ଜାତିୟ ଐର ଖାରବେଳ ମହୋତ୍ସବ । ଯାହା ୭ ତାରିଖ ପର୍ଯ୍ୟନ୍ତ ଖଣ୍ଡଗିରି ପାଣ୍ଠିକା ମଞ୍ଚରେ ଚାଲିବା ସହ ପ୍ରଦର୍ଶିତ ହେବ ଓଡ଼ିଶୀ, ପାଇକ, ଗୀତନାଟ୍ୟ, ସମ୍ବଲପୁରୀ, ମୋଗଲ ତାମସା । ପୂର୍ବ ସରକାର ସମୟରେ ନାଁ ବଦଳାଇ ଦିଆଯାଇଥିଲା । ୨୦୨୦ ରୁ ୨୦୨୩ ପର୍ଯ୍ୟନ୍ତ ଖାରବେଳ ମହୋତ୍ସବର ନାଁ ପରିବର୍ତ୍ତନ ହୋଇ ଖଣ୍ଡଗିରି ଉଦୟଗିରି ମହୋତ୍ସବ ନାଁରେ ହେଉଥିଲା। କିନ୍ତୁ ଚଳିତ ଥର ଠାରୁ ପୁନର୍ବାର ପୁରାତନ ନାଁ ସହ ଯୋଡି ହେବ ଅନ୍ତର୍ଜାତିକ ଶବ୍ଦ । ଚଳିତ ବର୍ଷ ଠାରୁ ଏହି ମହୋତ୍ସବର ନାମ ରହିବ ଅନ୍ତର୍ଜାତିୟ ଐର ଖାରବେଳ ମହୋତ୍ସବ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଭଣଗାଁ ସରକାରୀ ଉନ୍ନିତ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୌଡ଼, କୁଦ, ଫୋପଡ଼ା, ନୃତ୍ୟ, ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ମହାରଣାଙ୍କ ଦ୍ୱାରା ପରିଚାଳିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ରାଉତ ଓ ଜ୍ୟୋତିର୍ମୟୀ ତ୍ରିପାଠୀ ସହଯୋଗ କରିଥିଲେ । ଦ୍ୱିତୀୟ ଦିନ ଖେଳ ପରେ ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ପରାଗ ବେଉରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବରେ ସରପଞ୍ଚ ସୁରେନ୍ଦ୍ର ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଏବଂ ଆମନ୍ତ୍ରିତ ଅତିଥିଭାବରେ ମଣ୍ଡଳ ସହଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ସଚିଦାନନ୍ଦ ମିଶ୍ର, ମଣ୍ଡଳ ଶିକ୍ଷା ସଂଯୋଜକ ଦେବଦତ ଶତପଥି ଏବଂ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲିକ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସହ ଶିକ୍ଷୟିତ୍ରୀ ସାଗରିକା ରାଉତ ପ୍ରାରମ୍ଭରେ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସାମଲ ଓ ସଦସ୍ୟମାନେ ପରିଚାଳନା କରିଥିଲୋ

# ଜଗୁଲେଇପଦରରୁ ୩ ଝାଡ଼ା ବାନ୍ତି ଚିହ୍ନଟ

ପୁରୀ (ଭାସ୍କର ନ୍ୟୁଜ) : କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କଣାସ ବ୍ଲକ୍‌ର ଜଗୁଲେଇପଦର ରୁ ୩ ଜଣ ଝାଡ଼ା ବାନ୍ତି ରୋଗୀ ଆସିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫ ରୁ ଆଜି ଠାରୁ ଜଗୁଲେଇପଦର ଗ୍ରାମ ରେ ଭଲନରେବଲ୍ ପିପୁଲ ମାନଙ୍କ ର ମ୍ୟାପିଂ କରାଯାଇ ସେମାନଙ୍କ ପରିବାର କୁ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ।ବସ୍ଥ। ବୁଝା ଯାଇଥିଲା। କାଲି ଠାରୁ ଜଗୁଲେଇପଦର ସ୍ୱାସ୍ଥ୍ୟ କ୍ୟାମ୍ପ ଠାରେ ଜଣେ ଲେଖାଏଁ ଡ଼ାକ୍ତର ଓ ଫାର୍ମାସିଷ୍ଟ ଙ୍କୁ ୨୪ ଘଣ୍ଟିଆ ଅବସ୍ଥାନ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ରୂପଭାନୁ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ଯାହା ଫଳରେ ଡାଇରିଆ ରୋଗୀମାନେ ସେମାନଙ୍କ ଘର ପାଖରେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ।ଏହା ଛଡ଼ା ଗଡିଶଗୋଦା ଓ ଗୋପୀନାଥ ପୁର ଅଞ୍ଚଳର ଅନ୍ୟ ଆଶ। କର୍ମୀ ମାନଙ୍କୁ ଜଗୁଲେଇପଦର ଅଞ୍ଚଳରେ ଚାଲୁଥିବା ଘରକୁ ଘର ବୁଲି ଡାଇରିଆ ରୋଗ ଚିହ୍ନଟ ଅଭିଯାନ ରେ ସାମିଲ କରାଯାଇଛି। ଯାହା ଫଳରେ ରୋଗୀ ମାନେ ଶୀଘ୍ର ଚିହ୍ନଟ ହୋଇ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

# ଯୁବତୀଙ୍କ ଆତ୍ମହତ୍ୟା

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଗାଲେରୀ ଫାଣ୍ଡି ଅନ୍ତର୍ଗତ ଗାଲେରୀ ଖଦାଳ ସାହିରେ ଅନିତା ନାୟକ (୨୦) ନାମକ ଜଣେ ଯୁବତୀ, ନିଜ ବେକରେ ରସି ଲଗାଇ ଆତ୍ମହତ୍ୟା କରିଛି । ସୋମବାର ଅପରାହ୍ନ ସମୟରେ ଏହି ଘଟଣା ଘଟିଛି । ତାରସିଂ ଥାନା ଅନ୍ତର୍ଗତ ଲେମ୍ବେଇ ଗ୍ରାମର ମହାନ୍ତି ନାୟକଙ୍କ ଝିଅ ଅନିତା ଗାଲେରୀ ଗ୍ରାମର ଆଇ ଘରେ ରହି ଆସୁଥିଲା । ହଠାତ ସେ ଘରର ଭିତରେ ନିଜ ବେକରେ ରସି ଲଗାଇ ଝୁଲି ପଡ଼ିଥିଲା । ଅନିତାର ଆତ୍ମହତ୍ୟାର କାରଣ ଜଣା ପଡିନଥିବା ବେଳେ ପୋଲିସ ସେହି ଘରୁ ଏକ ମୋବାଇଲ ଫୋନ୍ ଜବତ କରିଛି । ଏନେଇ ଥାନାଧିକାରୀ ସୂଚନା ଦେଇଛନ୍ତିୟ। ଘଟଣା ସ୍ଥଳରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ପୋଲିସ ଏହି ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି, ମୃତଦେହ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଇଛି । ବ୍ୟବଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛିୟ।

# ସୁନା ଲୁଟ୍ ଅଭିଯୋଗରେ ମହିଳା ଗିରଫ



ବାଲିମେଳା (ଭାସ୍କର ନ୍ୟୁଜ୍) : ସୁନା ମରାମତି କରିବା ନିମନ୍ତେ ଘର ଘର ବୁଲୁଥିଲେ କିଛି ମହିଳା, ଏପଟେ ସୁନା ମରାମତି ନାମରେ ନକଲି ସୁନା ଦେଇ ଅସଲି ସୁନା ନିଜେ ନେଇ ଚମ୍ପଟ ମାରିଥିଲେ କିଛି ମହିଳା ସୁନା ଲୁଟେରା। ତେବେ ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ସୋରଲୁକୋଣ୍ଡା ଗ୍ରାମରେ। ମିଳିଥିବା ସୂଚନାନୁଯାୟୀ କିଛିଦିନ ତଳେ ସୋରଲୁକୋଣ୍ଡା ଗ୍ରାମରେ ଛତିଶଗଡ଼ରୁ ଆସିଥିବା କିଛି ମହିଳା ଘର ଘର ବୁଲି ସୁନା ମରାମତି କରୁଥିବା କହିଥିଲେ। ସେହି ସମୟରେ ସୋରଲୁକୋଣ୍ଡା ଗ୍ରାମର ସିଂଗେ ସୋଡି ନାମକ ଜଣେ ମହିଳାଙ୍କ ସୁନାର ସୋରିଷ ମାଳି ଗୁନ୍ଥିବା ନିମନ୍ତେ ଉକ୍ତ ମହିଳା ଲୁଟେରା କୁ ନିଜ ସୁନା ଦେଇଥିଲେ। ତେବେ ମହିଳା ସୁନା ଲୁଟେରା ଜଣକ ଅତି ଚାଲାକର ସହ ନିଜ ପାଖରେ ଥିବା ନକଲି ସୁନା ସିଂଗେ ଙ୍କୁ ଦେଇ ଅସଲି ସୁନା ନିଜେ ନେଇ ଚମ୍ପଟ ମାରିଥିଲେ। ପରେ ସିଂଗେ ଜାଣିବା ପରେ ଓରକେଲ ଥାନା ର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିବା ବେଳେ ଗତକାଲି ଉକ୍ତ ମହିଳା ଲୁଟେରା କୁଡୁମୁଲୁଗୁମ୍ମା ଅଞ୍ଚଳରେ ବୁଲୁଥିବା ଖବର ପାଇ ତାଙ୍କୁ ଗିରଫ କରିଥିଲା। ତେବେ ୨ ଜଣ ମହିଳା ଘଟଣାରେ ସମ୍ପୃକ୍ତ ଥିବାବେଳେ ଜଣଙ୍କୁ ଆଜି ପୋଲିସ ଗିରଫ କରି ଥାନାକୁ ଆଣିଛି। ଏଥିସମେତ ଅନ୍ୟ ଜଣେ ଫେରାର ଥିବା ପୋଲିସ ସୂଚନା ଦେଇଛି। ତେବେ ଗିରଫ ହୋଇଥିବା ମହିଳା ସୁନା ଲୁଟେରା ଜଣକ ଛତିଶଗଡ଼ ରାଜ୍ୟର ବଳରାମପୁର ଜିଲ୍ଲାର ବାଗଡ଼ି ଗ୍ରାମର ଲକ୍ଷ୍ମୀବାଇ ଗିରି(୨୬) ବୋଲି ଜଣାପଡିଥିବା ବେଳେ ଆଜି ମହିଳା ଲୁଟେରା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି।

# କେନ୍ଦ୍ର ବଜେଟରେ ଓଡ଼ିଶାର ନାଁ ଗନ୍ଧ ନାହିଁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ବଜେଟ ସମ୍ବନ୍ଧରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାର ବିକାଶକୁ ଆଗକୁ ନେବାକୁ ସହାୟକ ହେବ ବୋଲି ଆଜି ଦେଇଥିବା ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ତାର ପ୍ରତିକ୍ରିୟା ଦେଇ ଏହି ବଜେଟ ଓଡିଶାବାସୀଙ୍କ ପାଇଁ ଏକ ଧୋକା ବୋଲି ଅଭିହିତ କରିବା ସହିତ କେନ୍ଦ୍ର ମନ୍ତ୍ରୀଙ୍କ ମନ୍ତବ୍ୟ କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଛି । ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ କହିଥିଲେ, କେନ୍ଦ୍ର ବଜେଟରେ କୌଣସି ଜାଗାରେ ଓଡିଶା ସମ୍ବନ୍ଧରେ ପଦଟିଏ ମଧ୍ୟ କୁହାଯାଇ ନାହିଁ । ଶ୍ରୀ ପଟ୍ଟନାୟକ କହିଥିଲେ, କେନ୍ଦ୍ର ବଜେଟରେ ଓଡ଼ିଶାର ଝାରସୁଗୁଡା ଠାରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ପ୍ରତିଷ୍ଠା ପାଇଁ ଗଞ୍ଜାମର ସୁନାଖଳା ପାଇଁ ଓଡ଼ିଶାର ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ପାଇଁ ଓଡିଶା ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ । କିନ୍ତୁ ରାଜ୍ୟ ସରକାରଙ୍କର ଏହି ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରିନାହାନ୍ତି । ତେଣୁ ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ନାରା ଏକ ଧୂଆଁବାଣରେ ପରିଣତ ହୋଇଛି । ପୁରୀ ଠାରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶାର ଦାବିକୁ ଅଗ୍ରାହ୍ୟ କରାଯାଉଛି ।

# ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ବଡ଼ଗମଡା ଚାମ୍ପିଅନ୍



ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତର ଗୁରୁଣ୍ଡା ଖେଳ ପଡିଆ ଗତ ୨୭ ତାରିଖ ଠାରୁ ଚାଲିଥିବା ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ବଡ଼ଗମଡା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଆଜାତ ଚନ୍ଦ୍ର ଶେଖର ଯୁବକ ସଂଘ ଆନୁକୂଲ୍ୟରେ ଗତ ୨୭ ତାରିଖ ଠାରୁ ଚାଲି ଥିବା ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ ବଡ଼ଗମଡା ଦଳ ଓ ଖଲିଆକ୍ଷମାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଗମଡା ଦଳ ୧/୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ଉଦ୍‌ଯାପନି ଦିବସରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ୭୭୭୭ ଟଙ୍କା ଓ ଉପ ବିଜେତା ଦଳ ୫୫୫୫ ଟଙ୍କା ପୁରସ୍କାର ରାଶି ପ୍ରଧାନ କରିଥିଲେ। ସମ୍ମାନୀୟ ଅତିଥି ଭାବରେ ଭାଜପାର ବରିଷ୍ଠ ନେତା ପୁରନ୍ଦର ବାଗ, କଣ୍ଟାବାଞ୍ଜି ନଗର କାଉନ୍ସେଲର, ନୀଳକଣ୍ଠ ଶତପଥୀ, ଗୋଇମୁଣ୍ଡା ସରପଞ୍ଚ କାଳିଆ ସରାଫ, ପଦ୍ମନାଭ ସାହୁ, ମହାଦେବ ଟାହାଣୀ, ୱାର୍ଡ ମେମ୍ବର ବିଶାଖା ଭୋଇ, ପୁଷ୍ପା ଛୁରା, ପ୍ରମୁଖ ଉପସ୍ଥିତ ରହି ଉଭୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚ ବିବଛ ମାଝୀ, ବୈଷ୍ଣବ ତାଣ୍ଡି, ନବୀନ ସରାଫ ଓ ନୀତେଶ ମାଝୀ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ରାହୁଲ ଭୋଇ ଶ୍ରେଷ୍ଠ ଡ଼ିଫେନ୍ସ, ଜୁନା ପୋଢ଼ ଶ୍ରେଷ୍ଠ ଗୋଲ କିପର. ଅଜିତ ଭୋଇକୁ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ମୁଖ୍ୟ ଆୟୋଜକ ମଧୁସୂଦନ ସରାଫ, ସଭାପତି ପଦ୍ମ ଲୋଚନ ସରାଫ, ସମ୍ପାଦକ ଦୁଲା କୃଷ୍ଣ ବେହେର. କୋଷାଧ୍ୟକ୍ଷ ମୋହନ ଲାଲ ସରାଫ, କୁମାର ବେହେରା, କୈଶାପ୍ୟ ସରାଫ, ସୁବୋଧ ସରାଫ, ମୁକେଶ ସରାଫ, କାଳିଆ ମହାନନ୍ଦ, ଦୁଲାମିନି ବେହେରା, ବୁଦୁ ଭୋଇ, ବିଚାରୁ ଭୋଇ ନିର୍ମଳ ଯାନୀ, ଝସକେତନ ସରାଫ, ଟେକ ସରାଫ, ବୀର ଭୋଇ ପ୍ରମୁଖ ସହ ଯୋଗ କରିଥିଲେ।

# ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଅଙ୍ଗନବାଡ଼ି କର୍ମୀ ଓ ସହାୟକ ସଂଘ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଲ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟକା ସଂଘର ଏକ ପ୍ରତିନିଧି ଦଳ ଆଜି ସନ୍ଧ୍ୟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାପରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ତାଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଶିଶୁବାଟିକାରେ ଅଙ୍ଗନବାଡ଼ି କର୍ମୀଙ୍କୁ ଶିକ୍ଷକ ଭାବରେ ନିଯୁକ୍ତି ଦେବା, ପଦୋନ୍ନତି ତଥା ସେମାନଙ୍କ ସରକାରୀ କର୍ମଚାରୀ ମାନ୍ୟତା ଆଦି ପ୍ରସଙ୍ଗରେ ସେମାନେ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମା ଓ ଶିଶୁମାନଙ୍କ କଲ୍ୟାଣରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଯେପରି ଗୁରୁ ଦାୟିତ୍ୱ ତୁଲାଇ ଆସୁଛନ୍ତି ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଜଣାଇବା ସହ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିନିଧିମାନଙ୍କୁ କହିଥିଲେ । ଏହି ଆଲୋଚନା ସମୟରେ ସଂଘର ଉପଦେଷ୍ଟା ସୁବାସ ସିଂ, ସଭାନେତ୍ରୀ ନନ୍ଦିନୀ ପଣ୍ଡା, ସମ୍ପାଦିକା ମଞ୍ଜୁଲତା ଦାସ, ସୁଶ୍ରୀ ସଂଗୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ବନଦୁର୍ଗା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ବାଲୁଗାଁ ଏଆରସି କ୍ଲବ ଚାମ୍ପିଅନ୍



ବାଲୁଗାଁ (ଭାସ୍କର ନ୍ୟୁଜ୍) : ବାଣପୁର ଆଙ୍କୁଲାପଦର ମା ବନଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆନୁକୂଲ୍ୟରେ ସୋମବାର ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବାଲୁଗାଁ ଚକ୍ରଧରପୁର ଏଆରସି କ୍ଲବ ଚମ୍ପିଆନ ହୋଇଥିବା ବେଳେ ଆୟୋଜକ ମା ବନଦୁର୍ଗା କ୍ରିକେଟ ଟିମ୍ ରନର୍ସ ଅପ୍ ହୋଇଥିଲା।ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଆଖପାଖ ଅଞ୍ଚଳର ୮ ଟି ଦଳ ଭାଗ ନେଇଥିଲେ।ପ୍ରତି ମ୍ୟାଚ ୧୨ ଓଭର୍ ବିଶିଷ୍ଟ ଖେଳ ହୋଇଥିବା ବେଳେ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ୧୫ ଓଭର ବିଶିଷ୍ଟ ହୋଇଥିଲା। ଫାଇନାଲ ମ୍ୟାଚରେ ଏଆରସି କ୍ଲବ ବାଲୁଗାଁ ୭ ଉଇକେଟ ହରାଇ ୧୨୬ ରନ କରିଥିବାବେଳେ ବିପକ୍ଷରେ ମା ବନଦୁର୍ଗା ଟିମ୍ ସମସ୍ତ ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା।ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଆଙ୍କୁଲାପଦର ଗ୍ରାମର ଅଧିକାରୀ ପ୍ରମୋଦ ଭାଇ , ଟୁନା ଭାଇ ପ୍ରମୁଖ ଯୋଗ ଦେଇ ଚମ୍ପିଆନ୍ ଦଳକୁ ଟ୍ରଫି ସହ ନଗଦ ୧୧୫୦୦ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୮୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।ଫାଇନାଲ ମ୍ୟାଚରେ ଅମ୍ପିଆର ଭାବେ ଟୁନା ଓ ପ୍ରମୋଦ ପରିଚାଳନା କରିଥିଲେ। ଏଆରସି କ୍ଲବର ବିଜୟ ନେଇ କ୍ଲବ ଉପଦେଷ୍ଟା ସନ୍ତୋଷ ପାଇକରାୟ, ସଭାପତି ଟିକୁ ପାଇକରାୟ, ବରିଷ୍ଠ ସଦସ୍ୟ ଲିଙ୍କନ ମିଶ୍ର,ଗୌତମ ସାହୁ,ପିଣ୍ଟୁ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

# ବିକଶିତ ଓଡିଶା ଗଠନରେ ରେଳପଥ ପ୍ରମୁଖ ଭୂମିକା ନିର୍ବାହ କରିବ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରରେ ମୋଦି ସରକାର ଶାସନକୁ ଆସିବା ପରେ ଓଡିଶାର ବିକାଶକୁ ଗତି ମିଳିଛି । ବର୍ତ୍ତମାନ ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ରେଳପଥ ସହ ସଂଯୋଗ କରାଯିବାର କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି । ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ବର୍ତ୍ତମାନ ସମସ୍ତ ବାଧାବିଘ୍ନକୁ ଦୂର କରାଯାଇ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି । ଦଶନ୍ଧି ଦଶନ୍ଧି ଧରି ବିଳମ୍ବିତ ହୋଇ ପଡି ରହିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି । ଡବଲ ଇଞ୍ଜିନ ସରକାରରେ ରେଳପଥ ନିର୍ମାଣ କାମ ବାଧାପ୍ରାପ୍ତ ହେବ ନାହିଁ । ଓଡିଶାର ସାମୁହିକ ଓ ସନ୍ତୁଳିତ ବିକାଶ ପାଇଁ ରେଳପଥ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ବିକଶିତ ଓଡ଼ିଶା ଗଠନରେ ରେଳପଥ ପ୍ରମୁଖ ଭୂମିକା ନିର୍ବାହ କରିବ । ଏହାକୁ ଉପଲକ୍ଷି କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାରେ ରେଳର ଆଧୁନିକରଣ ଏହାର ଭିତିଭୂମି ସଜାଡ଼ିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ରେଳ ବଜେଟ୍‌ରେ ପୁଣି ଥରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି । ଓଡିଶାର ରେଳ ବିକାଶ କ୍ଷେତ୍ରରେ ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ଆଜି ୧୦,୫୯୯ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ଆର୍ଥୀକ ଅନୁଦାନ ବ୍ୟୟବରାଦ ହୋଇଛି । ରେଳବାଇ ବିକାଶ କ୍ଷେତ୍ରରେ ଓଡିଶାର ସର୍ବାଙ୍ଗୀନ ଉନ୍ନତି ସକାଶେ ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତା ଓ ରେଳମନ୍ତ୍ରୀଙ୍କ ପ୍ରଚେଷ୍ଟା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ରତାଗଡ଼ ପ୍ରିମିୟର ଲିଗ୍ ସିଜିନ-୪ ଉଦ୍‌ଘାଟିତ



ବାରଙ୍ଗ (ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅନ୍ତର୍ଗତ ରତାଗଡ଼ ଖେଳପଡିଆରେ ରତାଗଡ଼ ପ୍ରିମିୟର ଲିଗ ସିଜିନ ୪ ଉଦଘାଟିତ ହୋଇଯାଇଛି ।ପ୍ରଥମ ମ୍ୟାଚ ରତାଗଡ଼ ଫାଇଟରସ ଓ ମହାକାଳ ୱାରୀୟରସ ମଧ୍ୟରେ ହୋଇଥିଲା। ମହାକାଳ ପ୍ରଥମେ ଟସ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲେ। ରତାଗଡ଼ ୧୪ ଓଭର ଖେଳି ୧୦ ୱିକେଟ ହରାଇ ୧୪୯ ରନ କରିଥିଲା ମହାକାଳ ୧୨ ଓଭର ଖେଳି ୬ ୱିକେଟ ହରାଇ ୧୫୩ ରନ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଅକ୍ଷୟ ରଞ୍ଜନ ବେହେରା ଓ ମ୍ୟାନ ଅଫ ଦି ସିରିଜ ଭବେ ଚିନ୍ତାମଣି ବେହେରା ବିବେଚିତ ହୋଇଥିଲେ। ମ୍ୟାଚ ଶେଷରେ ବାରଙ୍ଗ ବ୍ଲକର ପୂର୍ବତନ ଅଧକ୍ଷ ରମାକାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ତ୍ରୈଲୋକ୍ୟ ନାୟକ ଓ ଯୁଧିଷ୍ଠିର ନାୟକ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚକୁ ଉପେନ୍ଦ୍ର ପଣ୍ଡା, କାଳନ୍ଦୀ ବେହେରା ଅଭିମନ୍ୟୁ ପତି, ବାପି ନାୟକ, ଚିନ୍ତାମଣି ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ଟାଏକୋଣ୍ଡୋରେ ଅଂଶ ଗ୍ରହଣ କରିବେ ସ୍ନେହାଶ୍ରୀ



ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ାର ପାଂଚ ବର୍ଷର ଝିଅ ରାଜ୍ୟ ପାଇଁ ଆଣୁଛନ୍ତି ଗୌରବ। ବୟସ କମ୍ ହୋଇଥିଲେ ମଧ ଏହି ଝିଅ ଠାରେ ଅଦ୍ଭୁତ ଗୁଣ ଦେଖିବାକୁ ମିଳିଛି । ପାଠପଢ଼ାରେ ଯେପରି ନିପୁଣ ଖେଳକୁଦରେ ମଧ ପାରଙ୍ଗମା ଏହି ପିଲାର ବାପା-ମାଆ ଏପରି ଝିଅକୁ ପାଇ ନିଜକୁ ଗୌରବ ମନେ କରୁଛନ୍ତି। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍‌ର ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ତପନ କୁମାର ସ୍ୱାଇଁଙ୍କର କନ୍ୟା ସ୍ନେହାଶ୍ରୀ ସ୍ୱାଇଁ (୫) ଛତିଶଗଡ଼ର ବିଲାସପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗୀତାରେ ଭାଗ ନେବେ। ଏହି ପ୍ରତିଯୋଗୀତା ଚଳିତ ମାସ ୮ ଓ ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ସ୍ନେହାଶ୍ରୀ ବର୍ତ୍ତମାନ କଳିଙ୍ଗ ଇଂଟରନ୍ୟାସନାଲ ସ୍କୁଲରେ ଏଲ୍ କେଜିର ଛାତ୍ରୀ ଭାବେ ଅଧ୍ୟୟନ କରୁଛନ୍ତି। ସ୍ନେହାଶ୍ରୀ ନିମାପଡ଼ାର ଅମିତ ଟାଏକୋଣ୍ଡୋ ଆସୋସିଏସନ୍‌ରେ ମାଷ୍ଟର ଅମିତ କୁମାରଙ୍କ ଠାରୁ ଟ୍ରେନିଂ ନେଉଛନ୍ତି ଓ ସେ ବିଭିନ୍ନ ମ୍ୟାଚ୍ ଖେଳି ଗୌରବ ଆଣିଛନ୍ତି। ଏହି ଜାତୀୟ ସ୍ତରୀୟ ମ୍ୟାଚ୍‌ରେ ପୁଣି ଥରେ ଗୌରବ ଆଣିବା ପାଇଁ ଓଡ଼ିଶା ରୟାଲ ଟାଏକୋଣ୍ଡୋର ସଭାପତି ମିମାଂଶୁ ଶେଖର ପ୍ରଧାନ, ମୁଖ୍ୟ କୋଚ ଅମିତ କୁମାର ରାଉତ, ଯୁଗ୍ମ ସଂପାଦକ ପାର୍ଥସାରଥୀ ରାଉତ ଓ ଅନ୍ୟାନ୍ୟ କର୍ମକର୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ପାଂଚ ବର୍ଷର ଝିଅ ନିମାପଡ଼ା ସମେତ ରାଜ୍ୟ ପାଇଁ ଗୌରବ ଆଣି ପାରିଛନ୍ତି।

# ଓଡ଼ିଆ ନବ ବର୍ଷ ପୂର୍ବରୁ ସରିବ ବିଜେଡି ସାଂଗଠନିକ ନିର୍ବାଚନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ନବ ବର୍ଷ ପୂର୍ବରୁ ସରିବ ବିଜେଡି ସାଂଗଠନିକ ନିର୍ବାଚନ । ସଭାପତି ଚୟନ ବି ଏହି ସମୟରେ ସରିବ । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସମନ୍ୱୟ କମିଟି ଅଧକ୍ଷ ଦେବୀ ମିଶ୍ରଙ୍କ ଅଧକ୍ଷତାରେ ବୈଠକ ବସିଥିଲା । ଅନ୍ୟ କମିଟି ସଦସ୍ୟ ବି ବୈଠକରେ ଥିଲେ । ସମନ୍ୱୟ କମିଟିର ୧୩ ସଦସ୍ୟ ଥିଲେ । ବାକି ଭିସିରେ ଯୋଡ଼ି ଥିଲେ । ବିଜେଡି ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଛି । ସେଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଆସିଥିଲେ । ସେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଠିକ୍ ଭାବେ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ମଣ୍ଡଳୀ ନେତା ଓ ଜିଲ୍ଲା ନେତାଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଫେବୃଆରୀ ପ୍ରଥମ ସପ୍ତାହରେ ଜିଲ୍ଲା ନିର୍ବାଚନ ଅଧିକାରୀ ନିଯୁକ୍ତ ହେବେ । ତାପରେ ବିଧାନସଭା ନିର୍ବାଚନ ଅଧିକାରୀ ନିଯୁକ୍ତି ପାଇବେ । ନିର୍ବାଚନ ପ୍ରକ୍ରିୟା ଓଡ଼ିଆ ନବ ବର୍ଷ ପୂର୍ବରୁ ସରିବ । କାର୍ଯ୍ୟକାରିଣୀ କମିଟି ସଦସ୍ୟ, ଷ୍ଟେଟ କାଉନସିଲ ସଦସ୍ୟ ବି ଏହି ସମୟରେ ନିର୍ବାଚିତ ହେବେ । ଏହା ସହ ଦଳୀୟ ସଭାପତି ନିର୍ବାଚନ ହେବ । ବରିଷ୍ଠ ଓ ଯୁବଙ୍କ ସମନ୍ୱୟରେ କାର୍ଯ୍ୟକ୍ରମ ହେବ । କୌଣସି ସମସ୍ୟା ବିଜେଡିରେ ନଥିଲା କି ନାହିଁ ।



# ଆମ କଳାହାଣ୍ଡି



## ଖଣିରେ ବ୍ୟବହୃତ ଯାନ ସମ୍ପର୍କରେ ପ୍ରଶିକ୍ଷଣ ଶିବିର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍କିଲ୍ କାଉନସିଲ୍ ଫର୍ ମାଇନିଂ ସେକ୍ଟର ଏବଂ ଡିଷ୍ଟ୍ରିକ୍ଟ ମିନେରାଲ୍ ଫଣ୍ଡ୍ (ଡିଏମ୍‌ଏଫ୍) କଳାହାଣ୍ଡିଙ୍କ ମିଳିତ ଉଦ୍ୟମ କ୍ରମେ ପ୍ରଥମଥର ପାଇଁ କଳାହାଣ୍ଡି ଜିଲ୍ଲାର ଯୁବକ ମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଥୁଆମୂଳ ରାମପୁର ବ୍ଲକ ଠାରେ ଉଦ୍‌ଘାଟିତ ହୋଇଯାଇଛି। ତିନି ମାସ ଅବଧିର ଏହି ସ୍ୱଳ୍ପ କାଳୀନ ପ୍ରଶିକ୍ଷଣ ଶିବିରରେ ଖଣି ଖନନ ପାଇଁ ବ୍ୟବହୃତ ହେଉଥିବା ଭାରୀ ଯାନ ଗୁଡିକର ମରାମତି ଓ ସେ ସବୁର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡିଛି। ଥୁଆମୂଳ ରାମପୁର ଠାରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୪ ଟି ବିଭାଗ ଯଥା- ମାଇନିଂ ଉଏଲ୍ଡର, ହେଭି ଆର୍ଥ ମୁଭର୍ ମେସିନ୍ ମେକାନିକ୍, ଡମ୍ପର, ଟିପର୍ ଓ ଏସ୍କାଭେଟର୍ ଅପରେଟର୍ ଟ୍ରେନିଂ ଦିଆଯାଉଛି। ଏହି ମାଇନିଂ ଟ୍ରେନିଙ୍ଗ ପ୍ରୋଗ୍ରାମ କଳାହାଣ୍ଡି ଜିଲ୍ଲାରେ ପ୍ରଥମ କରି ଆରମ୍ଭ ହୋଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଶତ ପ୍ରତିଶତ ପିଲାମାନଙ୍କୁ ବିଭିନ୍ନ ମାଇନିଂ ସମ୍ପର୍କିତ ଚାକିରୀ ଯୋଗାଇଦେବା । ଜିଲ୍ଲା ପ୍ରଶାସନ ତରଫରୁ ଏଠାରେ ରହିବା, ଖାଇବା, ଟ୍ରେନିଂ ନେବା ସମ୍ପୂର୍ଣ୍ଣ ମାଗଣା କରାଯାଇଛି । ଏହା କେବଳ ଜିଲ୍ଲାପାଳଙ୍କ ପ୍ରଚେଷ୍ଟା ଦ୍ୱାରା ସମ୍ଭବପର ହୋଇପାରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବଚରଣ ମୁଦୁଲି ବିଡ଼ିଓ, ଥୁଆମୂଳ ରାମପୁର, ପ୍ରଶାନ୍ତ ମିଶ୍ର ଡିଏମ୍‌ଏଫ୍ ଟିମ୍ ଲିଡର କଳାହାଣ୍ଡି, ଅଜିତ କୁମାର ଉତ୍ତରାୟ, ଡିଏସ୍‌ଡିଇଓ କଳାହାଣ୍ଡି, ରାହୁଲ ନାୟକ, ନ୍ୟାସନାଲ ସ୍କିଲ୍ ହେଡ୍‌ଙ୍କ ସହ ବହୁ ଅଧିକାରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ଶିକ୍ଷା ବିକାଶ ସମିତିର ପ୍ରାଦେଶିକ କ୍ରୀଡା ସମାରୋହ ଉଦ୍‌ଯାପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାର ଠାରେ ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଓଡିଶାଙ୍କ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ୩୬ତମ ପ୍ରାଦେଶିକ କ୍ରୀଡା ସମାରୋହ ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଗତ ୩୦ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ପଡିଆରେ ଏହି ପ୍ରତିଯୋଗିତାର ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା ଓ ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର ଏବଂ ପ୍ରାନ୍ତ ଶାରୀରିକ ପ୍ରମୁଖ ଦିଲ୍ଲିପ କୁମାର ସାଥୁଆ ଏହାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ମୁଖ୍ୟବକ୍ତା ଭାବେ ଡକ୍ଟର ସରୋଜ କୁମାର ହାତୀ, ସମ୍ପାଦକ ଶିକ୍ଷାବିକାଶ ସମିତି, ଓଡିଶା, ଦକ୍ଷିଣ ସମ୍ଭାଗ ସଭାପତି ରୂପସିଂ ରାଉତ ସୁକାନ୍ତ କୁମାର ବେହେରା, ସମ୍ଭାଗ ସଂଯୋଜକ, ଦକ୍ଷିଣ ସମ୍ଭାଗ, ନକୁଳ ନାୟକ, କୋଷାଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ୯ଟି ସମ୍ଭାଗର ଶିଶୁ ପ୍ରତିଭାଗୀମାନେ ଏଥିରେ ଯୋଗ ଦେଇଥିଲେ। ସମାରୋହରେ ବ୍ରଜବିହାର ଶିଶୁଙ୍କ ଦ୍ୱାରା ବ୍ୟାୟାମ ଓ ଶାରୀରିକ ପ୍ରଦର୍ଶନ ହୋଇଥିଲା। ବ୍ରଜବିହାର ପ୍ରଧାନାଚାର୍ଯ୍ୟ ମନୋଜ କୁମାର ମୁଣ୍ଡ ଏବଂ ଖେଳ ଶିକ୍ଷକ ସୁରେଶ ସାହୁ ତଥା ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଶେଷ ହୋଇଥିଲା ବେଳେ ଫେବୃୟାରୀ ୧ତାରିଖ ଶନିବାର ଦିନ ଏହାର ଉଦ୍‌ଯାପନୀ ସମାରୋହ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଶିକ୍ଷା ବିକାଶ ସମିତିର ସମ୍ପାଦକ ଡଃ. ସରୋଜ କୁମାର ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡର ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଉପସଭାପତି ଗାୟତ୍ରୀ ବାହିନୀପତି ଏବଂ ସମ୍ମାନିତ ଅତିଥି ଭାବେ ତାରକ ଦାସ ସରକାର, ସୁକାନ୍ତ ବେହେରା, ରୂପସିଂ ରାଉତ ଦୁଷ୍ମନ୍ତ ରଥ ଉପସ୍ଥିତ ଥିଲେ। କଳାହାଣ୍ଡି ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ୯ଟି ସମ୍ଭାଗର ୧୪,୧୭ ଓ ୧୯ ବର୍ଷରୁ କମ୍ ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ କୃତୀ ଖେଳାଳୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ତିନିଦିନ ଧରି ଚାଲିଥିବା ଏହି ପ୍ରାଦେଶିକକ୍ରୀଡା ସମାରୋହଟି ଭବାନୀପାଟଣାର ତିନୋଟି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ, ଗୁରୁମାଆ, କର୍ମଚାରୀ ତଥା ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକମାନଙ୍କ ସହଯୋଗ ଫଳରେ ସଫଳ ରୂପେ ଶେଷ ହୋଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇବା ସହ ଉପସ୍ଥିତ ସମସ୍ତ ଅତିଥି, ନିମନ୍ତ୍ରିତ ଅତିଥି ଓ ଅବିଭାବକମାନଙ୍କୁ କୋଷାଧକ୍ଷ ନକୁଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସ୍ଥାନୀୟ ବ୍ରଜବିହାର ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମା’ ଅଷ୍ଟଚଣ୍ଡୀଙ୍କ ନଗର ପରିକ୍ରମା



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମାଁ ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତିପୀଠରେ ଆଗାମୀ ଚୈତ୍ର ମାସରେ ହେବାକୁ ଯାଉଛି ମାଁ ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା। ଏହି ଅବସରରେ ଶନିବାର ଓ ରବିବାର ମାଁ ଚଣ୍ଡୀଙ୍କର ଉଲଗନ ଦିଆ ତଥା ଭୂମିପୂଜା, ବାନା ପୂଜା ଆୟୋଜିତ ହୋଇଥିବାବେଳେ ସୋମବାର ପୂଜା ସମ୍ପନ୍ନ ହୋଇଛି। ଏଥିରେ ମ-ରାମପୁର କଡେଲ ଠାରୁ ମାଁ ଅଷ୍ଟଚଣ୍ଡୀଙ୍କ ବାନା, ମାଁଙ୍କ ପାଟବସ୍ତ୍ର ମାଧବ ମାଝୀ ଆଣିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଘଣ୍ଟ ଶଙ୍ଖ, ନିଶାଣ, ହୁଳହୁଳି, ବାଜା ସହ ଗ୍ରାମର ମାଁ ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତିପୀଠରୁ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ଯାତ୍ରାରେ ଚଣ୍ଡୀଙ୍କ ସମେତ ପାର୍ଶ୍ୱ ଦେବୀଙ୍କ ପରିକ୍ରମା ହୋଇ ଶିବମନ୍ଦିରଠାରୁ ପ୍ରତ୍ୟାବର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ମୁଖ୍ୟ ଦେହୁରୀ ସୁଶାନ୍ତ ମଲ୍ଲିକଙ୍କୁ କାଳିଶ୍ରୀ ଆସିଲାପରେ ମ-ରାମପୁର ନିଳମାଧବ ସିଂ ଦେଓ ରାଜାପରିବାର ସଦସ୍ୟରୁ ପାଟସେନ୍ଦୁର, ପ୍ରେରିତ ପ୍ରଥମେ ଚଣ୍ଡୀଙ୍କୁ ସମର୍ପଣ କରିଥିଲେ। ସେବାୟତ ରଞ୍ଜନ ରଣା, ହରି ବାରିକ, ହୃଦାନନ୍ଦ ମଲ୍ଲିକ, ବୃହସ୍ପତି ରଣା, ସୂର୍ଯ୍ୟମଣି ରଣା ମହେନ୍ଦ୍ର ପ୍ରଧାନୀ, ସେଷଦେବ ରଣା, ମଣ୍ଟୁ ରଣା, ମହିମା ରଣା, ପୂଜା କମିଟି ସଭାପତି କୈଳାସ କୁମୁରା, ସଂପାଦକ ସୁଶାନ୍ତ ମଲ୍ଲିକ, ଲମ୍ବଧର ରଣା ମାର୍କଣ୍ଡ ପ୍ରଧାନୀ, ଚୁନୁ ପଟନାୟକ, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଚୈତ୍ର ମାସରେ ୭ ଦିନ ବ୍ୟାପୀ ମାଁ ଅଷ୍ଟଚଣ୍ଡୀ ତାରିଣୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## କୁନି ପିଲାଙ୍କ ସରସ୍ୱତୀ ପୂଜା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କ ପୂଜା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଭବାନୀପାଟଣା ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ୨ ତାରିଖ ରବିବାର ଦିନ ବେଶ୍ ଚଳଚଞ୍ଚଳ ହୋଇ ଉଠିଥିବା ଦେଖିବାକୁ ମିଳିଥିଲା। ସହରର ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ କୃଷି ମହାବିଦ୍ୟାଳୟ, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟର ଅଗଣିତ ଛାତ୍ରଛାତ୍ରୀ ମାନେ ମାଆ ବାଗ୍‌ଦେବୀଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରି ଦେବୀ କୃପା ଭିକ୍ଷା କରିଥିଲେ। ତେବେ ଛୋଟ ଛୋଟ ପିଲାମାନଙ୍କ ପାଇଁ ସହରରେ ଏବେ ଯେଉଁ ସବୁ ପ୍ଲେ ସ୍କୁଲ, ପ୍ରି ପ୍ରାଇମେରୀ ସ୍କୁଲମାନ ପ୍ରତିଷ୍ଠିତ ହୋଇଛି ସେହି ସବୁ ବିଦ୍ୟାଳୟ ମାନଙ୍କରେ କିନ୍ତୁ ଏକ ଅଲଗା ଦୃଶ୍ୟ ଦେଖିବାକୁ ମିଳିଥିଲା। କୁନି କୁନି ପିଲାମାନେ ରଙ୍ଗ ବେରଙ୍ଗର ଭଳିକି ଭଳି ଅତ୍ୟାଧୁନିକ ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସି ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ ଖେଳରେ ମାତି ଯାଇଥିଲେ। ପରେ ସାଙ୍ଗସାଥୀଙ୍କ ସହ ପୂଜାରେ ବସିଥିଲେ। ନାଁ ଥିଲା ଭକ୍ତି ନାଁ ପ୍ରାର୍ଥନା, କେବଳ ବେଶଭୂଷାର ପ୍ରତିଯୋଗିତା ହେଲା ଭଳି ଲାଗୁଥିଲା ଅସଂଖ୍ୟ ପ୍ରଜାପତିଙ୍କ ମଧ୍ୟରେ। ଫାଷ୍ଟ କ୍ରାଏ ଇଣ୍ଟେଲିଟସ୍ ପ୍ଲେ ସ୍କୁଲ, ବୃନ୍ଦାବନ ସ୍ମାର୍ଟ ସ୍କୁଲ, କେ ଟି ପବ୍ଲିକ ସ୍କୁଲ, ଫାଷ୍ଟ ଷ୍ଟେପ୍ ପ୍ଲେ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବୋଧ ଆଦି ଶ୍ରେଣୀର ପିଲାମାନେ ବେଶ୍ ଆନନ୍ଦ ଉତ୍ସାହର ସହ ମାଆ ସରସ୍ୱତୀଙ୍କ ପୂଜାର ମଜା ନେଉଥିଲେ।

## ଶ୍ରଦ୍ଧାରେ ସର୍ବତ୍ରେ ପୂଜିତ ହେଲେ ମା’ବୀଣାଧାରିଣୀ



ନର୍ଲା, (ଭାସ୍କର ନ୍ୟୁଜ୍ ): ନର୍ଲା ଅଞ୍ଚଳର ବିଭିନ୍ନ ସ୍ଥାନରେ ମା’ ସରସ୍ୱତୀଙ୍କ ପୂଜା ମହାଆଡ଼ମ୍ବର ସହିତ ପାଳିତ ହୋଇଯାଇଛି। ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ପାଇଁ ଗାଁଠୁ ସହର ଉତ୍ସବ ମୁଖର ଥିବାବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ନର୍ଲା ଡିଗ୍ରୀ କଲେଜ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଉଣ୍ଟେନ୍ ସ୍କୁଲ୍, ସ୍ପେସିଫିକ୍ ପବ୍ଲିକ୍ ସ୍କୁଲରେ ମଧ୍ୟ ରୀତିନୀତି ଅନୁସାରେ ମା’ଙ୍କୁ ପୂଜା ଅର୍ଚ୍ଚନା କରାଯାଇଛି। ପ୍ରତିବର୍ଷ ମାଘ ଶୁକ୍ଳ ପକ୍ଷ ପଞ୍ଚମି ଅର୍ଥାତ୍ ବସନ୍ତ ପଞ୍ଚମୀରେ ମା’ ସରସ୍ୱତୀଙ୍କ ପୂଜା ହୋଇଥାଏ। ଏହି ଦିନରେ ଯେ କୌଣସି ବି କାର୍ଯ୍ୟ କଲେ ଶୁଭ ହୋଇଥାଏ ବୋଲି ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ ଥିବାରୁ ଲୋକେ ଏହି ଦିନରେ ବିବାହ, ବ୍ରତଘର ପ୍ରତିଷ୍ଠା ଇତ୍ୟାଦି କାର୍ଯ୍ୟ ମାନ କରିଥାନ୍ତି। ମା’ ସରସ୍ୱତୀଙ୍କ କରୁଣା ବିନା କୌଣସି ବି ସାଧକ ସଫଳତାର ଶିଖରରେ ପହଞ୍ଚିବା ସମ୍ଭବ ନୁହେଁ ସେଥି ପାଇଁ ବିଦ୍ୟାର୍ଥୀ, କଳାକାର, ଲେଖକ, କବି ଆଦି ମା’ ବୀଣା ଧାରିଣୀ ସରସ୍ୱତୀଙ୍କ ଉପାସନା କରିବା ସହିତ ତାଙ୍କ ଆଶିଷ ଲାଭ କରିଥାନ୍ତି।

## ଅବ୍ୟବସ୍ଥା ଘେରରେ ଅଙ୍ଗନବାଡ଼ି କେନ୍ଦ୍ର

ନର୍ଲା, (ଭାସ୍କର ନ୍ୟୁଜ୍ ) : ନାହିଁ ନାହିଁରେ ଚାଲିଛି ଅଙ୍ଗନଓ୍ୱାଡ଼ି କେନ୍ଦ୍ର। ଏଭଳି ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଅନ୍ତର୍ଗତ ଭୁର୍ଟିଗଡ ପଞ୍ଚାୟତର ମେର୍ଡୀକୁପା ଗାଁରୁ । ରାଜ୍ୟରେ ଅପପୃଷ୍ଟି ରୋକିବା ପାଇଁ ରାଜ୍ୟ ସରକାର, ପରିବାର ଓ ଶିଶୁ କଲ୍ୟାଣ ବିଭାଗ, ଦ୍ୱାରା ପରିଚାଳିତ ହେଉଥିବା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଗୁଡିକରେ ପ୍ରସୂତି ଓ ଗର୍ଭବତୀ ମହିଳା ଏବଂ କୁନି କୁନି ପିଲାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଇଥାନ୍ତି। ପ୍ରତିଦିନ ଅଙ୍ଗନଓ୍ୱାଡ଼ି ଦିଦି ଉପସ୍ଥିତ ପିଲାଙ୍କ ଅନ୍ତର୍ନିହିତ ବିକାଶ ପାଇଁ ପ୍ରଶିକ୍ଷଣ ଦେବା ସରକାରୀ ନିୟମ ଥିବାବେଳେ ଅଧିକାଂଶ ସମୟ ଅଙ୍ଗନଓ୍ୱାଡ଼ି ଦିଦି କେନ୍ଦ୍ରରେ ଅନୁପସ୍ଥିତ ରହୁଥିବାରୁ କୁନି କୁନି ପିଲା ପ୍ରଶିକ୍ଷଣରୁ ବଞ୍ଚିତ ହୋଇ କେବଳ ଭୋଜନ କରି ଘରକୁ ଫେରୁଥିବା ପ୍ରକାଶ କରିଛନ୍ତି। ପୁରୁଣା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ନୂତନ ଗୃହ ନିର୍ମାଣ ଚାଲିଛି ହେଲେ ଆଜି ଯାଏଁ ସମ୍ପୂର୍ଣ୍ଣ ହେଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ କେନ୍ଦ୍ରର ପାଚିକା ନିୟମିତ ଉପସ୍ଥିତ ରହି ରୋଷେଇ କରିବା ସହିତ ସମସ୍ତଙ୍କୁ ଭୋଜନ ପରଶୁ ଥିବାବେଳେ ଅଙ୍ଗନଓ୍ୱାଡ଼ି ଦିଦି କିନ୍ତୁ ପ୍ରାୟତଃ ଆସୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

## ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂତନ କମିଟି ଗଠିତ



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କେସିଙ୍ଗା ବ୍ଲକ, ବଗାଡ଼ ମଣ୍ଡଳ ଅନ୍ତର୍ଗତ କେସିଙ୍ଗା ଓ୍ୱାର୍ଡ଼.ନଂ-୧୧ ସ୍ଥିତ ତ୍ରୀନାଥ ମନ୍ଦିର ସଂମ୍ମୁଖରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ବୈଠକ ହୋଇଯାଇଛି। ସମାଜର ବାଳସି ମଣ୍ଡଳ ସଭାପତି ମନୋହର ସାହୁଙ୍କ ସଭାପତିତ୍ୱରେ ଦ୍ୱିତୀୟ ପର୍ଯ୍ୟାୟରେ କେସିଙ୍ଗା ଗ୍ରାମକମିଟି ଗଠନ ହୋଇଥିଲା। ଅନୁଷ୍ଠିତ ସଭାରେ ପର୍ଯ୍ୟବେକ୍ଷକ ଭାବରେ ଜିଲ୍ଲା ଉପସଭାପତି ଯୁବରାଜ ସାହୁ, ଜିଲ୍ଲା ସଂଗଠନ ସମ୍ପାଦକ ଶୁଳପାଣି ସାହୁ, ବାଲସି ମଣ୍ଡଳ ସଭାପତି ମନୋହର ସାହୁ, ଷଣ୍ଢା ବଂଶର କାର୍ଜି କିସନଲାଲ ସାହୁ, ମୁହୁନି ବଂଶର କାର୍ଜି ବିରଞ୍ଚି ସାହୁ ଓ ବାଗାଡ଼ ମଣ୍ଡଳ ସଭାପତି ବିଭୀଷଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଗଣମାଧ୍ୟମ ଶିବ ପ୍ରସାଦ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସଂଗଠନ, ରିଙ୍ଗ ସେରିମନିକୁ ନିଷେଧ, ନଡ଼ିଆ ଧରାରେ ଦେଉଥିବା ଟଙ୍କାର ପରିମାଣ ଓ ବରଯାତ୍ରୀର ସମୟ ଉପରେ ଆଲୋଚନା କରିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବରେ ସନ୍ତୋଷ କୁମାର ସାହୁଙ୍କୁ ମନୋନୀତ କରାଯାଇ ଥିବାବେଳେ ସମ୍ପାଦକ ଭାବେ ଧ୍ରୁବଲେଶ୍ୱର ସାହୁ, କୋଷାଧକ୍ଷ ଭାବେ ସୁଧାଂଶୁ ଶେଖର ସାହୁ, ଉପ -ସଭାପତି ଭାବେ ଦିନ ସାହୁ ଓ ଉପ -ସମ୍ପାଦକ ଭାବେ ଟଙ୍କଧର ସାହୁ ରହିଛନ୍ତି। ବହୁତ ସୁନ୍ଦର ଭାବରେ ସମସ୍ତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। କର୍ମକର୍ତ୍ତା ଚୟନ ପରେ ସେମାନଙ୍କୁ ଯୁବରାଜ ସାହୁ ଶପଥ ପାଠ କରାଇଥିଲେ। ଶୁଳପାଣି ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁନାଗଡ଼ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ



ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲ ଖେଳପଡିଆ ଠାରେ ଜୁନାଗଡ଼ ମହୋତ୍ସବ କମିଟି ଓ ଗଣମାଧ୍ୟମ ସଙ୍ଘ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉତ୍ସବ କମିଟିରର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହ ଅଧ୍ୟକ୍ଷ ଲଳିତ ଅଗ୍ରୱାଲ, ସମ୍ପାଦକ ହିମାଂଶୁ ଶେଖର ବରାଡ଼, ଈଶ୍ୱର ପୁଝାରି, ଅଶୋକ ପଟ୍ଟନାୟକ, ଉଦ୍ଧବ ଚରଣ ସାହୁ, ବିଘ୍ନରାଜ ବରାଡ଼, ମାନସ ସେଠି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରତିବର୍ଷ ଜୁନାଗଡ଼ ହାଇସ୍କୁଲ ଖେଳପଡିଆ ଠାରେ ଜୁନାଗଡ଼ ବ୍ଲକ ଓ ଏନ୍‌ଏସିର ଯୁଗଳବନ୍ଦିରେ ତିନି ଦିନ ଧରି କଳାହାଣ୍ଡି ଉତ୍ସବ ପାଳନ କରାଯାଇଥାଏ। ହେଲେ ଚଳିତବର୍ଷ ଏହାର ବ୍ୟତିକ୍ରମ ଦେଖା ଦେଇଥିଲା । କିଛି ଅଧିକାରୀଙ୍କ ଅରାଜକତା ଯୋଗୁଁ ବ୍ଲକ ଓ ଏନ୍‌ଏସି ଭାଗ ଭାଗ ହୋଇଗଲେ । ଚଳିତବର୍ଷ ବ୍ଲକ ନିଜେ ଏକାକି କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ କୁରୁଗୁଡା ହାଇସ୍କୁଲର ଖେଳପଡ଼ିଆ ଠାରେ କଳାହାଣ୍ଡି ଉତ୍ସବ ପାଳନ ହୋଇଥିଲା । ସେହିଭଳି ସେହିଦିନ ଏନ୍‌ଏସି ପକ୍ଷରୁ ମଧ୍ୟ ତାଙ୍କ କାର୍ଯ୍ୟାଳୟ ପରିସରରେ ଉତ୍ସବ ପାଳନ କଲେ। ଜୁନାଗଡ଼ ବାସୀଙ୍କ ଭାବାବେଗକୁ କୁଠାରଘାତ କରିଥିଲେ। ଅଧିକାରୀ ମାନଙ୍କ ଏଭଳି ମନମୁଖୀ କାର୍ଯ୍ୟ ଯୋଗୁଁ ଜୁନାଗଡ଼ର ଲୋକକଳା, ଲୋକ ସଂସ୍କୃତି ବଳି ପଡିଥିଲା । ବ୍ଲକ ଓ ଏନ୍‌ଏସିର ଲୋକେ ଚଳିତବର୍ଷ ଉତ୍ସବ ଦେଖିବାରୁ ନିରାଶ ହୋଇଥିଲେ। ଜୁନାଗଡ଼ର ମାନ, ସ୍ୱାଭିମାନ ଓ ସର୍ବୋପରି ଜୁନାଗଡ଼ର ଅସ୍ମିତାକୁ ବଞ୍ଚାଇ ରଖିବା ପାଇଁ ଜୁନାଗଡ଼ବାସୀ ପକ୍ଷରୁ ଜୁନାଗଡ଼ ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ଫେବୃଆରୀ ୧୪,୧୫ ଓ ୧୬ ତାରିଖରେ ହାଇସ୍କୁଲ ଖେଳପଡିଆ ଠାରେ ଜୁନାଗଡ଼ ମହୋତ୍ସବ ପାଳନ ହେବ । କଳାହାଣ୍ଡି ଉତ୍ସବକୁ ଆଗରୁ ଅଧିକାରୀ ମାନେ ପାଳନ କରୁଥିଲେ, ବର୍ତ୍ତମାନ ଜୁନାଗଡ଼ ମହୋତ୍ସବ ହେଉଛି ଲୋକଙ୍କ ଉତ୍ସବ,ଏହି ଉତ୍ସବକୁ ଜୁନାଗଡ଼ବାସୀ ଉତ୍ସାହ ଉଦ୍ଦୀପନାରେ ସମସ୍ତେ ପାଳନ କରିବା ପାଇଁ ଜୁନାଗଡ଼ ମହୋତ୍ସବ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ପ୍ରଚାର ଓ ପ୍ରସାର ବିଭାଗର କମିଟି ଗଠନ ହୋଇଥିଲା ଏଥିରେ ପ୍ରଚାର ପ୍ରସାର ବିଭାଗର ଅଧ୍ୟକ୍ଷ ଭାବେ ସନ୍ତୋଷ କୁମାର ସିଂହ ଦେଓ, ସହ ଅଧ୍ୟକ୍ଷ ଭାବେ ଖଗେଶ୍ୱର ଧଙ୍ଗଡ଼ାମାଝି, ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ ପ୍ରମୁଖଙ୍କୁ ମନୋନୀତ କରାଗଲା ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦେଇ ଏହି ମହୋତ୍ସବକୁ ସଫଳ କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ ।

## ରାଶିଫଳ

ମଙ୍ଗଳବାର, ୪ ଫେବୃଆରୀ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଜୀବନ ସାଥୀ ଆପଣଙ୍କ ଜୀବନରେ ଲାଭ ପାଇଁ ବାଟ ଖୋଲିବ ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ ।



**କର୍କଟ:** ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ତୁମେ ତୁମର ପ୍ରିୟଙ୍କ ସହିତ ବହୁତ କଥାବାର୍ତ୍ତା କରିବ।



**କନ୍ୟା:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନସାଥୀ କ୍ରୋଧିତ ହୋଇପାରେ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । କିଛି ବଡ ଖର୍ଚ୍ଚ ମଧ୍ୟ ହୋଇପାରେ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଅଧ୍ୟୟନରେ ଅସୁବିଧା ହେବ । ତୁମର ସ୍ୱାସ୍ଥ୍ୟ ଭଲ ରହିବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ଆପଣ ଅନ୍ୟମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବେ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ। କାର୍ଯ୍ୟ ସହିତ କଠିନ ପରିଶ୍ରମ କରିବାକୁ ଧ୍ୟାନ ଦେବାକୁ ପଡିବ ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯